# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୬/୨୦୨୨ (୧୬ ପୃଷ୍ଠା) | Bhubaneswar, Friday, August 26/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୨୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 271 | ମୂଲ୍ୟ₹୭/-





**୩ ଆତଙ୍କବାଦୀ ନିହତ**

ଜମ୍ମୁ-କଶ୍ମୀରର ଉରି ସେକ୍ଟର ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍ଓସି)ରେ ଆତଙ୍କବାଦୀମାନଙ୍କ ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷା ବଳ ପଣ୍ଡ କରିଦେଇଛି। ଯବାନମାନଙ୍କ ଗୁଳିମାଡ଼ରେ ୩ ଆତଙ୍କବାଦୀ ନିହତ ହୋଇଥିବା ପୋଲିସ କହିଛି। ବାରମୁଲ୍ଲା ଜିଲାର ଉରି ସେକ୍ଟର ଅନ୍ତର୍ଗତ ମାଡ଼ିୟାନ ନାନକ ପୋଷ୍ଟ ନିକଟରେ ଆତଙ୍କବାଦୀମାନେ ଅନୁପ୍ରବେଶ ଉଦ୍ୟମ ଚଳାଇଥିଲେ। ସେନା ଯବାନ ଓ ବାରମୁଲ୍ଲା ପୋଲିସ ସେମାନଙ୍କ ଉଦ୍ୟମକୁ ପଣ୍ଡ କରିଦେଇଥିଲେ।



## ସଂକ୍ଷେପରେ

### ଚଳଚ୍ଚିତ୍ର ନିର୍ଦ୍ଦେଶକ ସାୱନ କୁମାରଙ୍କ ପରଲୋକ



**ମୁମ୍ବାଇ,୨୫।୮:** 'ସନମ ବେୱାଫା', 'ଚାନ୍ଦ କା ଟୁକୁଡ଼ା' ଏବଂ 'ସୌତେନ' ଭଳି ଲୋକପ୍ରିୟ ବଲିଉଡ୍ ଚଳଚ୍ଚିତ୍ରର ନିର୍ଦ୍ଦେଶକ ତଥା ପ୍ରଯୋଜକ ସାୱନ କୁମାର ଟାକ୍ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ଫୁସ୍ଫୁସ୍ ସଂକ୍ରମଣ ଓ ଶ୍ୱାସକ୍ରିୟାରେ ସମସ୍ୟା ଥିବା ସାୱନଙ୍କୁ ବୁଧବାର ଗୁରୁତର ଅବସ୍ଥାରେ ମୁମ୍ବାଇର କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହୃତ୍ପିଣ୍ଡ କାମ କରିବା ବନ୍ଦ ହୋଇଯିବାରୁ ଗୁରୁବାର ଅପରାହ୍ନ ୪ଟା ୧୫ରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ପରଲୋକରେ ବଲିଉଡ୍ ଚଳଚ୍ଚିତ୍ର ଜଗତ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ୧୯୭୨ରେ 'ଗୋମତି କେ କିନାରେ' ଚଳଚ୍ଚିତ୍ର ଜରିଆରେ ସେ ନିର୍ଦ୍ଦେଶନା ଜଗତରେ ପାଦ ଥାପିଥିଲେ। ଜଣେ ସଙ୍ଗୀତକାର ଭାବେ ସେ 'ପ୍ୟାର କୀ କସଟି ମେଁ', 'ଜାନେମନ ଜାନେମନ', 'ଚାନ୍ଦ ସିତାରେ' ଭଳି ଗୀତ ରଚନା କରିଥିଲେ।

### ଦୁର୍ଘଟଣାରେ ୯ ଶ୍ରମିକ ମୃତ

**ଟୁମାକୁରୁ,୨୫।୮:** କର୍ନାଟକର ଟୁମାକୁରୁ ନିକଟ ୪୮ ନମ୍ବର ଜାତୀୟ ରାଜପଥରେ ଗୁରୁବାର ଭୋର ସମୟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨ ଶିଶୁ ଓ ୪ ମହିଳାଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୩ ଜଣ ଆହତ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଅହତମାନଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏ ସହାୟତା ଘୋଷଣା କରାଯାଇଛି। ମୃତାହତମାନଙ୍କ ଘର ରାଇଚୁର ଜିଲାର ବିଭିନ୍ନ ଗ୍ରାମରେ। ସେମାନେ ବେଙ୍ଗାଲୁରୁର ବିଭିନ୍ନ ନିର୍ମାଣ ସଂସ୍ଥାରେ କାମ ପାଇବା ପାଇଁ ଏକ କ୍ରୁଇଜର ଯୋଗେ ଯାଉଥିବାବେଳେ ଏନ୍ଏଚ୍-୪୮ରେ ବାଲେନହାଲି ଗେଟ୍ ନିକଟରେ ଏହା ଏକ ଟ୍ରକ୍କୁ ଧକ୍କା ଦେଇ ଓଲଟି ପଡ଼ିଥିଲା।

### ଟିପୁ ସୁଲ୍ତାନଙ୍କୁ ମୁସଲମାନ ଗୁଣ୍ଡା କହିଥିବା କର୍ନାଟକ ମନ୍ତ୍ରୀଙ୍କୁ ଧମକ



କେ.ଏସ୍. ଈଶ୍ୱରାପ୍ପା

**ବେଙ୍ଗାଲୁରୁ,୨୫।୮:** ଟିପୁ ସୁଲ୍ତାନଙ୍କୁ ମୁସଲମାନ ଗୁଣ୍ଡା କହିଥିବା କର୍ନାଟକ ମନ୍ତ୍ରୀ କେ.ଏସ୍. ଈଶ୍ୱରାପ୍ପାଙ୍କୁ ଏକ ଧମକପୂର୍ଣ୍ଣ ଚିଠି ମିଳିଛି। ଯଦି ସେ ଆଉ ଥରେ ଏଭଳି ମନ୍ତବ୍ୟ ଦିଅନ୍ତି, ତେବେ ତାଙ୍କ ଜିଭ କାଟିଦିଆଯିବ ବୋଲି ଉକ୍ତ ଚିଠିରେ କୁହାଯାଇଛି। ଏନେଇ ଈଶ୍ୱରାପ୍ପା ଥାନାରେ ଏତଲା ଦେଇଛନ୍ତି। କର୍ନାଟକରେ ସ୍ୱାଧୀନତା ଦିବସ ପାଳନ ବେଳେ ଟିପୁ ସୁଲତାନ ଏବଂ ହିନ୍ଦୁତ୍ୱବାଦୀ ନେତା ବିନାୟକ ଦାମୋଦର ସଭରକରଙ୍କ ଫଟୋ ଥିବା ବ୍ୟାନରକୁ ନେଇ ବିବାଦ ଦେଖାଦେଇଥିଲା। ଏହାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟି ଅନେକ ଆହତ ହୋଇଥିଲେ। ସ୍ଥିତି ନିୟନ୍ତ୍ରଣ କରିବା ଲାଗି ଶିବମୋଗାରେ କର୍ଫ୍ୟୁ ଜାରି ହୋଇଥିଲା। ସଂଖ୍ୟାଲଘୁମାନେ ଶିବମୋଗାରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରୁଥିବା ଭାଜପା ନେତା ଈଶ୍ୱରାପ୍ପା ମଙ୍ଗଳବାର ଅଭିଯୋଗ କରିଥିଲେ।

# ୧୧ ଦୋଷୀଙ୍କୁ ଛାଡ଼ିବାକୁ କହି ନ ଥିଲୁ

## ବିଲ୍କିସ୍ ବାନୋ ମାମଲା: କେନ୍ଦ୍ର, ଗୁଜରାଟ ସରକାରଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ





**ନୂଆଦିଲ୍ଲୀ,୨୫।୮**

ବହୁଚର୍ଚ୍ଚିତ ବିଲ୍କିସ୍ ବାନୋ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ୧୧ ଜଣଙ୍କ ଦଣ୍ଡ ଛାଡ଼ କରି ଗୁଜରାଟ ସରକାର ଅଗଷ୍ଟ ୧୫ରେ ସେମାନଙ୍କୁ ଜେଲରୁ ମୁକ୍ତ କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ରେମିଶନ ପଲିସି (ଉତ୍ତମ ବ୍ୟବହାର ପାଇଁ ଦଣ୍ଡ ଛାଡ଼ ନୀତି) ବଳରେ ବଳାତ୍କାରୀ ଓ ହତ୍ୟାକାରୀଙ୍କୁ ଛାଡ଼ି ଦିଆଯିବାକୁ ନେଇ ବିବାଦ ମୁଣ୍ଡ ଟେକିଛି। ଏହି ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିବାବେଳେ ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଖଣ୍ଡପୀଠ ଗୁରୁବାର ଏହା ଉପରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ନୋଟିସ କରି ଜବାବ ମାଗିଛନ୍ତି। ଖଣ୍ଡପୀଠ କହିଛନ୍ତି, ପ୍ରଶ୍ନ ହେଉଛି ଗୁଜରାଟ ସରକାରଙ୍କ ଶାସନରେ ଦୋଷୀମାନେ ଦଣ୍ଡରୁ ଛାଡ଼ ପାଇବା ପାଇଁ ହକ୍ଦାର କି ନୁହନ୍ତି? ରେମିଶନ୍ ପାଇଁ ଅନୁମତି ଦେବାବେଳେ ଉପଯୁକ୍ତ ବୁଦ୍ଧିର ପ୍ରୟୋଗ କରାଯାଇଥିଲା କି ନାହିଁ ତାହା ଆମକୁ ଦେଖିବାକୁ ପଡ଼ିବ। କାରଣ ଗୁଜରାଟ ସରକାରଙ୍କୁ ରେମିଶନ ପଲିସି ଉପରେ କେବଳ ଅନୁଧ୍ୟାନ କରିବା ପାଇଁ କୁହାଯାଇଥିଲା। ଦୋଷୀମାନଙ୍କୁ ଜେଲରୁ ଖଲାସ କରିବାକୁ ଆମେ ନିର୍ଦ୍ଦେଶ ଦେଇ ନ ଥିଲୁ।

୨୦୦୨ ଫେବୃୟାରୀ ୨୭ରେ ଗୁଜରାଟର ଗୋଧ୍ରାରେ ଦୁର୍ବୃତ୍ତମାନେ ସାବରମତି ଏକ୍ସପ୍ରେସ୍‌ରେ ନିଆଁ ଲଗାଇଦେବାରୁ ୫୯ କାରସେବକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଗୋଧ୍ରାରେ ସୃଷ୍ଟି ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗାର ନିଆଁ ସାରା ରାଜ୍ୟକୁ ବ୍ୟାପିଥିଲା। ସେତେବେଳେ ୫ ମାସର ଗର୍ଭବତୀ ଥିବା ୨୧ ବର୍ଷୀୟା ବିଲ୍କିସ୍ ୟାକୁବ୍ ରସୁଲଙ୍କ ପରିବାରର ୭ ସଦସ୍ୟଙ୍କ ସମେତ ୧୭ ଜଣ ମାର୍ଚ୍ଚ ୩ରେ ଏକ ଟ୍ରକ୍‌ରେ ସୁରକ୍ଷିତ ସ୍ଥାନକୁ ଯାଉଥିବାବେଳେ ଦଙ୍ଗାକାରୀମାନେ ଆକ୍ରମଣ କରିଥିଲେ। ସେମାନେ ବିଲ୍କିସ୍‌ଙ୍କୁ ବଳାତ୍କାର କରିବା ସହ ୧୪ ଜଣଙ୍କୁ ହତ୍ୟା କରିଥିଲେ। ୨୦୦୪ ଜାନୁୟାରୀରେ ସିବିଆଇ ଏହି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ଗତ ଅଗଷ୍ଟ ୧୫ରେ ସ୍ୱାଧୀନତାର ୭୫ତମ ବର୍ଷପୂର୍ତ୍ତି ଅବସରରେ ରାଜ୍ୟ ସରକାର ଦୋଷୀ ସାବ୍ୟସ୍ତ ହୋଇଥିବା ଯଶୱନ୍ତ ନାଇ, ଗୋବିନ୍ଦ ନାଇ, ଶୈଳେଶ ଭଟ୍ଟ, ରାଧେଶ୍ୟାମ ଭଗବାନ ଦାଶ ଶାହା, ବିପିନ ଚନ୍ଦ୍ର ଜୋଷୀ, କେଶରଭାଇ ବୋହାନିଆ, ପ୍ରଦୀପ ମୋଢ଼ଡ଼ିଆ, ବାକାଭାଇ ବୋହନିଆ, ରାଜୁଭାଇ ସୋନି, ମିତେଶ ଭଟ୍ଟ ଓ ରମେଶ ଚାନ୍ଦନାଙ୍କୁ ଗୋଧ୍ରା ସବ୍‌ଜେଲରୁ ମୁକ୍ତ କରିଥିଲେ। ସିପିଆଇଏମ୍ ସଦସ୍ୟା ଶୁଭାଶିନୀ ଅଲୀ, ସାମ୍ବାଦିକା ରେବତୀ ଲାଉଲ୍ ଏବଂ ପ୍ରଫେସର ରୂପରେଖା ବର୍ମାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଓ ଓକିଲ ଅପର୍ଣ୍ଣା ଭଟ୍ଟ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରିଥିଲେ। ଶୁକ୍ରବାର ଅବସର ନେବାକୁ ଥିବା ସିଜେଆଇ ରମନା କହିଛନ୍ତି, ଦୋଷୀମାନେ ଯେଉଁ ଅପରାଧ କରିଥିଲେ ସେଥିପାଇଁ ସେମାନଙ୍କୁ କୋର୍ଟ ଦଣ୍ଡିତ କରିଛନ୍ତି। କିନ୍ତୁ ଗୁଜରାଟ ସରକାରଙ୍କ ଯୁକ୍ତିରୁ ବୁଝାପଡୁଛି, ସତେଯେମିତି ସେମାନଙ୍କୁ ମୁକ୍ତ କରିବା ପାଇଁ ଆମେ ନିର୍ଦ୍ଦେଶ ଦେଇଥିଲୁ। ଦୁଇ ସପ୍ତାହ ପରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ।

# ରୁଷିଆ ବିରୋଧରେ ଭୋଟ ଦେଲା ଭାରତ

### ୟୁକ୍ରେନ୍ ପ୍ରସଙ୍ଗରେ ୟୁଏନ୍ଏସ୍‌ସିରେ ମତଦାନ

**ନୂଆଦିଲ୍ଲୀ,୨୫।୮**

ଗତ ଫେବୃୟାରୀରେ ରୁଷିଆ ପଡୋଶୀ ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କରିଥିଲା। ଇତିମଧ୍ୟରେ ଯୁଦ୍ଧକୁ ୬ ମାସ ବିତିଛି। ୟୁକ୍ରେନ୍ ପ୍ରସଙ୍ଗରେ ବୁଧବାର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି)ରେ ଅନୁଷ୍ଠିତ ଭୋଟରେ ଭାରତ ପ୍ରଥମ ଥର ଲାଗି ରୁଷିଆ ବିରୋଧରେ ଭୋଟ ଦେଇଛି। ପୂର୍ବରୁ ଆମେରିକା ନେତୃତ୍ୱରେ ପାଶ୍ଚାତ୍ୟ ଶକ୍ତିଗୁଡ଼ିକ ୟୁଏନ୍ଏସ୍‌ସିରେ ରୁଷିଆକୁ ବିରୋଧ କରୁଥିବାବେଳେ ଭାରତ ଭୋଟଦାନରୁ ବିରତ ରହିଆସୁଥିଲା। ଆକ୍ରମଣ ପରେ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ରୁଷିଆ ବିରୋଧରେ ଆର୍ଥିକ ଓ ଅନ୍ୟାନ୍ୟ କଟକଣା ଲଗାଇଥିଲେ। ତେବେ ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ଭାରତ ରୁଷିଆକୁ ସମାଲୋଚନା କରି ନ ଥିଲା। କୂଟନୈତିକ ମାଗରେ ଆଲୋଚନା ଜରିଆରେ ରୁଷିଆ ଓ ୟୁକ୍ରେନ୍ ବିବାଦର ସମାଧାନ କରିବା ଲାଗି ନୂଆଦିଲ୍ଲୀ ବାରମ୍ବାର ଆହ୍ୱାନ ଦେଇ ଆସୁଥିଲା। ଜାତିସଂଘ ସୁରକ୍ଷା ପରିଷଦରେ ଦୁଇ ବର୍ଷ ଲାଗି ଭାରତ ଅସ୍ଥାୟୀ ସଦସ୍ୟ ରହିଛି।

# ସୋନାଲିଙ୍କ ମୃତଦେହରେ କ୍ଷତଚିହ୍ନ

### ୨ ସହଯୋଗୀ ଗିରଫ

**ନୂଆଦିଲ୍ଲୀ,୨୫।୮**

ଭାଜପା ନେତ୍ରୀ ସୋନାଲି ଫୋଗଟ୍‌ଙ୍କ ଶରୀରରେ ଏକାଧିକ କ୍ଷତଚିହ୍ନ ରହିଥିବା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ଫଳରେ ସୋନାଲିଙ୍କ ରହସ୍ୟମୟ ମୃତ୍ୟୁ ନୂଆ ମୋଡ଼ ନେଇଛି। ଗୋଆରେ ଭାଜପା ନେତ୍ରୀଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା କୁହାଯାଇଥିଲା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ପରେ ଅଞ୍ଜୁନା ପୋଲିସ ସୋନାଲିଙ୍କ ଦୁଇ ସହଯୋଗୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିବା ସହ ସେମାନଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସୋନାଲିଙ୍କ ପିଏ ସୁଧୀର ସଗ୍ୱାନ ଏବଂ ତାଙ୍କ ବନ୍ଧୁ ସୁଖୱିନ୍ଦର ୱାସି। ସେମାନେ ଅଭିନେତ୍ରୀ ସୋନାଲିଙ୍କ ସହ ଅଗଷ୍ଟ ୨୨ରେ ଗୋଆ ଯାଇଥିଲେ। ସେଠାରେ କୌଣସି ଚଳଚ୍ଚିତ୍ର ଶୁଟିଂ କାର୍ଯ୍ୟକ୍ରମ ନ ଥିଲା। ଯୋଜନାବଦ୍ଧ ଷଡ଼ଯନ୍ତ୍ରକ୍ରମେ ଅଭିନେତ୍ରୀଙ୍କୁ ଗୋଆ ନିଆଯାଇଥିଲା ବୋଲି ତାଙ୍କ ପରିବାର କହିଛନ୍ତି।



ସୋନାଲି ଫୋଗଟ୍

# କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

### ଇଡିକୁ ଅଖଣ୍ଡ କ୍ଷମତା ରାୟର ସମୀକ୍ଷା




**ନୂଆଦିଲ୍ଲୀ,୨୫।୮**

ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କୌଣସି ଅଭିଯୁକ୍ତଙ୍କୁ ଗିରଫ କରିପାରିବ। ତାଙ୍କ ଘର ତଲାସି ସହ ସମ୍ପତ୍ତି ମଧ୍ୟ ବାଜ୍ୟାପ୍ତ କରିପାରିବ ବୋଲି ସୁପ୍ରିମକୋର୍ଟ ଦେଇଥିବା ରାୟର ପୁନଃ ସମୀକ୍ଷା କରାଯିବ। ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ) ବଳରେ ଇଡି ପକ୍ଷରୁ ନିଆଯାଉଥିବା ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ବିରୋଧରେ କଂଗ୍ରେସ ନେତା କାର୍ତ୍ତି ଚିଦାମ୍ବରମ୍‌ଙ୍କ ସମେତ ଅନେକ ଆବେଦନକାରୀ ଦାଏର କରିଥିବା ପିଟିଶନଗୁଡ଼ିକର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଗୁରୁବାର ଏହା ଉପରେ କେନ୍ଦ୍ର ସରକାରଙ୍କୁ ନୋଟିସ କରିଛନ୍ତି। ସିଜେଆଇ ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗ ଉପରେ କେନ୍ଦ୍ରର ମତାମତ ଲୋଡ଼ିଛନ୍ତି। ପ୍ରକାଶ ଯେ, ଗତ ଜୁଲାଇ ୨୭ରେ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଦୀନେଶ ମାହେଶ୍ୱରୀ ଏବଂ ସି.ଟି. ରବିକୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ପିଏମ୍ଏଲ୍ଏର ଧାରା ୫, ୮(୪), ୧୫, ୧୭ ଓ ୧୯ ଭଳି କେତେକ ନିୟମର ସାମ୍ବିଧାନିକ ବୈଧତାକୁ ବଳବତ୍ତର ରଖିଥିଲେ, ଯାହାକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ପୁଅ କାର୍ତ୍ତି ଚିଦାମ୍ବରମ୍ ଚ୍ୟାଲେଞ୍ଜ କରିଛନ୍ତି।

# ପେଗାସସ୍ ତଦନ୍ତରେ ସହଯୋଗ କରୁନି କେନ୍ଦ୍ର

**ନୂଆଦିଲ୍ଲୀ,୨୫।୮**

ଇସ୍ରାଏଲ୍‌ର ଏନ୍ଏସ୍ଓ ଗ୍ରୁପ୍ ପକ୍ଷରୁ ବିକଶିତ ପେଗାସସ୍ ସ୍ପାଏୱେର ଜରିଆରେ ଗୁପ୍ତଚରଗିରି କରାଯାଇଥିବା ନେଇ ଅଭିଯୋଗର ତଦନ୍ତ ପାଇଁ ସୁପ୍ରିମକୋର୍ଟ ଏକ କମିଟି ଗଠନ କରିଛନ୍ତି। ଏହି ବୈଷୟିକ ତଥା ଅନୁଧ୍ୟାନକାରୀ କମିଟିକୁ ତଦନ୍ତରେ କେନ୍ଦ୍ର ସରକାର ସହଯୋଗ କରୁ ନ ଥିବାରୁ ଗୁରୁବାର ସିଜେଆଇ ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ କମିଟି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ପ୍ରଧାନ ବିଚାରପତି ରମନା କହିଛନ୍ତି, ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ନିଯୁକ୍ତ କମିଟି ୨୯ଟି ମୋବାଇଲ ଫୋନ୍ ଯାଞ୍ଚ କରିଛି। ସେଥିରୁ ୫ଟି ମୋବାଇଲରେ ମାଲ୍‌ୱେର ଠାବ କରାଯାଇଛି। ଉକ୍ତ ପ୍ୟାନେଲ ତିନୋଟି ଭାଗରେ ବିସ୍ତୃତ ରିପୋର୍ଟ ଦାଖଲ କରିଛି। ନାଗରିକଙ୍କ ବ୍ୟକ୍ତିଗତ ଅନ୍ତରଙ୍ଗ ତଥ୍ୟ (ପ୍ରିଭେସି) ସୁରକ୍ଷା ଅଧିକାର ଏବଂ ଦେଶର ସାଇବର ସିକ୍ୟୁରିଟିକୁ ସୁନିଶ୍ଚିତ କରିବା ସକାଶେ ଆଇନରେ ସଂଶୋଧନ କରିବା ଲାଗି ଏହାର ଗୋଟିଏ ଭାଗରେ ପରାମର୍ଶ ଦିଆଯାଇଛି। ୪ ସପ୍ତାହ ପରେ ଏହି ପ୍ରସଙ୍ଗରେ ଶୁଣାଣି ପାଇଁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ହିମା କୋହିଲ ସାମିଲ ଥିବା ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ଦେଶର ଖବରଦାତା, ବିଚାରପତି, ମାନବାଧିକାର କର୍ମୀ ଓ ବିରୋଧୀ ନେତାମାନଙ୍କ ଗୁପ୍ତଚରଗିରି କରିବା ପାଇଁ କେନ୍ଦ୍ର ପେଗାସସ୍ ସ୍ପାଏୱେରକୁ ବ୍ୟବହାର କରିଥିବା ଅଭିଯୋଗ ଆସିବା ପରେ ଗତ ଅକ୍ଟୋବର ୨୭ରେ ସୁପ୍ରିମକୋର୍ଟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।




# କୋର୍ଟରେ ଗଡୁଛି ସିବିଆଇ ତଦନ୍ତାଧୀନ ୬,୭୦୦ ଦୁର୍ନୀତି ମାମଲା

**ନୂଆଦିଲ୍ଲୀ, ୨୫।୮**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ତଦନ୍ତ କରୁଥିବା ପ୍ରାୟ ୬,୭୦୦ ଦୁର୍ନୀତି ମାମଲା ବିଭିନ୍ନ ଅଦାଲତରେ ବିଚାରାଧୀନ ରହିଛି। ସେଥିମଧ୍ୟରୁ ୨୭୫ଟି ୨୦ ବର୍ଷ ହେଲା ପଡ଼ିରହିଛି ବୋଲି ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ (ସିଭିସି)ର ବାର୍ଷିକ ରିପୋର୍ଟରେ କୁହାଯାଇଛି। ୨୦୨୧ ଡିସେମ୍ବର ୩୧ ସୁଦ୍ଧା କୋର୍ଟରେ ଗଡୁଥିବା ଏପରି କେସ୍‌ରୁ ୧୦ରୁ ୨୦ ବର୍ଷ ପୁରୁଣା ମାମଲା ସଂଖ୍ୟା ୧,୯୩୯ ଥିବାବେଳେ ୫ରୁ ୧୦ ବର୍ଷ ହେଲା ୨,୨୭୩ କେସ୍ ଟ୍ରାଏଲ ପାଇଁ ପଡ଼ିରହିଛି। ସେହିପରି ୮୧୧ ମାମଲା ୩ରୁ ଅଧିକ ବର୍ଷର ହୋଇଥିବାବେଳେ ୧,୩୯୯ ମାମଲା ୧ରୁ ୫ ବର୍ଷ ପୁରୁଣା। ଏହାବାଦ୍ ୧୦,୯୭୪ ଅପିଲ୍ ଏବଂ ରିଭିଜନ୍ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ପଡ଼ିରହିଛି। ଅନ୍ୟପକ୍ଷରେ ପ୍ରାୟ ୬୪୫ ଦୁର୍ନୀତି ମାମଲା ସିବିଆଇ ନିକଟରେ ତଦନ୍ତ ପାଇଁ ରହିଛି। ସେଥିରୁ ୩୫ ମାମଲା ପ୍ରାୟ ୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ପୁରୁଣା। କେବଳ ୨୦୨୧ରେ ସିବିଆଇ ୫୪୯ ସରକାରୀ କର୍ମଚାରୀଙ୍କ ବିରୋଧରେ ୪୫୭ ମାମଲା ରୁଜୁ କରିଥିଲା।

# ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଥିଲେ ଏସ୍ଏସ୍‌ପି

### ଫିରୋଜପୁରରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି



**ନୂଆଦିଲ୍ଲୀ,୨୫।୮**

ଗତ ଜାନୁୟାରୀ ୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଞ୍ଜାବ ଗସ୍ତ ବେଳେ ତାଙ୍କ ସୁରକ୍ଷାରେ ବଡ଼ ଧରଣର ତ୍ରୁଟି ଦେଖିବାକୁ ମିଳିଥିଲା। ମୋଦି ସେତେବେଳେ ବଠିଣ୍ଡାରୁ ଫିରୋଜପୁରକୁ ଯାଉଥିବାବେଳେ କୃଷକମାନେ ରାସ୍ତା ଅବରୋଧ କରିଥିଲେ। ଫଳରେ ଏକ ଫ୍ଲାଏଓଭର ଉପରେ ତାଙ୍କ କାର୍‌କେଡ୍ ଫସିରହିଥିଲା। ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ୍ (ଏସ୍‌ପିଜି) ଯବାନମାନେ ପ୍ରଧାନମନ୍ତ୍ରୀଙ୍କ କାର୍‌କୁ ସୁରକ୍ଷା ଦେଇ ଦିଲ୍ଲୀ ଫେରାଇ ନେଇଥିଲେ। ଉଚ୍ଛେଦ ହୋଇଥିବା କେନ୍ଦ୍ରର ୩ ବିବାଦୀୟ କୃଷି ଆଇନକୁ ନେଇ ପଞ୍ଜାବର କୃଷକମାନେ ମୋଦିଙ୍କ ଗସ୍ତକୁ ବିରୋଧ କରିଆସୁଥିବାବେଳେ ଏଭଳି ବିଭ୍ରାଟ ଘଟିପାରେ ବୋଲି ଫିରୋଜପୁର ଏସ୍ଏସ୍‌ପି ଜାଣିପାରି ନ ଥିଲେ। ଏହାକୁ ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ତଦନ୍ତ କମିଟି କହିଛି, ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ଥିବା ସତ୍ତ୍ୱେ ଏସ୍ଏସ୍‌ପି ନିଜ ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଛନ୍ତି। ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି, ସର୍ବୋଚ୍ଚ ଅଦାଲତର ପୂର୍ବତନ ବିଚାରପତି ଜଷ୍ଟିସ୍ ଇନ୍ଦୁ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଗଠିତ ୫ ସଦସ୍ୟତା ବିଶିଷ୍ଟ କମିଟି କାର୍ଯ୍ୟାନୁଷ୍ଠାନ ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟକୁ ଉକ୍ତ ରିପୋର୍ଟ ପଠାଇବ।




ମ୍ୟାନ୍‌ମାରରୁ ଗଣପଳାୟନର ୫ ବର୍ଷ ପୂର୍ତ୍ତି ଅବସରରେ ପଡ଼ୋଶୀ ବାଂଲାଦେଶର କୁଟୁପାଲୋଙ୍ଗ୍ କ୍ୟାମ୍ପ୍‌ରେ ଆଶ୍ରୟ ନେଇଥିବା ରୋହିଙ୍ଗ୍ୟା ଶରଣାର୍ଥୀମାନେ ଗୁରୁବାର ପ୍ଲାକାର୍ଡ ଧରି ବିକ୍ଷୋଭ କରୁଛନ୍ତି। ୨୦୧୭ରେ ରଖାଇନରେ ସେନା ବର୍ବରତା ଯୋଗୁ ରୋହିଙ୍ଗ୍ୟାମାନେ ଦେଶ ଛାଡ଼ିଥିଲେ।

# ସାଙ୍ଗ ଆଙ୍ଗୁଠି ଚମଡ଼ା ନେଇ ରେଲ୍‌ୱେ ପରୀକ୍ଷା

- ତତଲା ତାୱାରେ କାଢ଼ିଥିଲେ ଉପର ଚର୍ମ
- ବାୟୋମେଟ୍ରିକ୍‌ରେ ଧରା ନ ପଡ଼ିବାକୁ ବ୍ୟବହାର କରିଥିଲେ



**ଭଦୋଦରା, ୨୫।୮**

ରେଳ ବିଭାଗରେ ଚାକିରି ପାଇବା ପାଇଁ ଜଣେ ଆଶାୟୀ ଅଜବ ଉପାୟ ବାଛିଛନ୍ତି। ଆବେଦନକାରୀଙ୍କ ସାଙ୍ଗ ଡମି କ୍ୟାଣ୍ଡିଡେଟ୍ ଭାବେ ପରୀକ୍ଷା କେନ୍ଦ୍ରକୁ ଯିବା ଏବଂ ବାୟୋମେଟ୍ରିକ୍‌ରେ ଧରା ନ ପଡ଼ିବା ପାଇଁ ଆଶାୟୀଙ୍କ ବୁଢ଼ା ଆଙ୍ଗୁଠିର ଚମଡ଼ା ନେଇଥିବା ଜଣାପଡ଼ିଛି। ପରୀକ୍ଷା କେନ୍ଦ୍ର ନିରୀକ୍ଷକ ତାଙ୍କୁ ଧରିଦେବା ପରେ ବୁଧବାର ଭଦୋଦରା ପୋଲିସ ଆଶାୟୀ ମନିଷ କୁମାର ଏବଂ ତାଙ୍କ ସାଙ୍ଗ ରାଜ୍ୟଗୁରୁ ଗୁପ୍ତାଙ୍କୁ ଗିରଫ କରିଛି।

ରିପୋର୍ଟ ଅନୁସାରେ, ରେଲୱେ ଦ୍ୱାରା ଅନୁମତିପ୍ରାପ୍ତ ଏକ ଘରୋଇ କମ୍ପାନୀ ରେଳ ବିଭାଗର ଡି' ଗ୍ରୁପ୍ ପରୀକ୍ଷା ଆୟୋଜନ କରିଥିଲା। ଗୁଜରାଟର ଭଦୋଦରା ସହରରେ ଅଗଷ୍ଟ ୨୨ରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ୬୦୦ରୁ ଅଧିକ ଆବେଦନକାରୀ ପରୀକ୍ଷା ଦେବାକୁ ଆସିଥିଲେ। କୌଣସି ଠକେଇ ରୋକିବା ପାଇଁ ବାୟୋମେଟ୍ରିକ୍‌ରେ ପରୀକ୍ଷାର୍ଥୀଙ୍କ ବୁଢ଼ା ଆଙ୍ଗୁଠି ଚିହ୍ନ ଆଧାର କାର୍ଡ ସହ ମ୍ୟାଚ କରାଇବା ବ୍ୟବସ୍ଥା ହୋଇଥିଲା। ମନିଷ ଏହି ପରୀକ୍ଷା ପାଇଁ ଆବେଦନ କରିଥିବାବେଳେ ବନ୍ଧୁ ରାଜ୍ୟଗୁରୁ ତାଙ୍କ ସ୍ଥାନରେ ଟେଷ୍ଟ ଦେବାକୁ ଯୋଜନା କରିଥିଲେ। ରାଜ୍ୟଗୁରୁ ପରୀକ୍ଷା ଦେଲେ ସେ ଉତ୍ତୀର୍ଣ୍ଣ ହୋଇଯିବେ ବୋଲି ମନିଷ ଭାବିଥିଲେ। ଏଥିପାଇଁ ତତଲା ତାୱା ବ୍ୟବହାର କରି ମନିଷ ତାଙ୍କ ବୁଢ଼ା ଆଙ୍ଗୁଠି ଚମଡ଼ା ବାହାର କରିବା ସହ ତାହାକୁ ରାଜ୍ୟଗୁରୁଙ୍କୁ ଦେଇଥିଲେ। ବାୟୋମେଟ୍ରିକରେ ରାଜ୍ୟଗୁରୁ ସେହି ଚର୍ମକୁ ବ୍ୟବହାର କରିଥିଲେ। ପରୀକ୍ଷା ଦେବାବେଳେ ନିରୀକ୍ଷକ ରାଜ୍ୟଗୁରୁଙ୍କୁ ଦେଖି ସନ୍ଦେହ କରିଥିଲେ। ସେ ତାଙ୍କ ବାମ ହାତକୁ ଲୁଚାଇବାକୁ ଚେଷ୍ଟା କରୁଥିବା ଜାଣିବାକୁ ପାଇଥିଲେ। ନିରୀକ୍ଷକ ଜଣକ ତାଙ୍କ ହାତକୁ ବାହାରକୁ ଆଣି ସେଥିରେ ସାନିଟାଇଜର ସ୍ପ୍ରେ କରିଥିଲେ। ଫଳରେ ରାଜ୍ୟଗୁରୁଙ୍କ ଆଙ୍ଗୁଠିରୁ ମନିଷଙ୍କ ଚମଡ଼ା ଖସିପଡ଼ିଥିଲା।

# ୨ ସୂର୍ଯ୍ୟ ଥିବା ଗ୍ରହ ଠାବ

- ପୃଥିବୀଠାରୁ ୭୦% ବଡ଼
- ରହିଛି ଅଧିକ ଗଭୀର ସମୁଦ୍ର



**ନୂଆଦିଲ୍ଲୀ, ୨୫।୮**

ପୃଥିବୀ ଭଳି ଜୀବଜଗତ ଉପଯୋଗୀ ଗ୍ରହ ସନ୍ଧାନରେ ବୈଜ୍ଞାନିକଙ୍କ ଉଦ୍ୟମ ଜାରିଥିବାବେଳେ ଗବେଷକମାନେ ଏକ ସୁପରଆର୍ଥ ଠାବ କରିଛନ୍ତି। ଏହି ଗ୍ରହର ନାମ ଟିଓଆଇ-୧୪୫୨ ରଖାଯାଇଛି। ଆଶ୍ଚର୍ଯ୍ୟକର କଥା ହେଉଛି, ପୃଥିବୀଠାରୁ ପ୍ରାୟ ୧୦୦ ଆଲୋକବର୍ଷ ଦୂରରେ ଥିବା ଏହି ଗ୍ରହ ୨ଟି ସୂର୍ଯ୍ୟ ବା ତାରକା ଚାରିପଟେ ଘୂରୁଛି। ଏହା ଚାରିପାଖେ ପାଣିଥିବାବେଳେ ଏଥିରେ ପୃଥିବୀଠାରୁ ଅଧିକ ଗଭୀର ସମୁଦ୍ର ରହିଥିବା ଜଣାପଡ଼ିଛି। ଆମ ଗ୍ରହଠାରୁ ଟିଓଆଇ-୧୪୫୨ ପ୍ରାୟ ୭୦% ବଡ଼ ବୋଲି ମୋନେଟ୍ରାଲ ୟୁନିଭର୍ସିଟି ଦ୍ୱାରା ହୋଇଥିବା ରିସର୍ଚ୍ଚରୁ ଗବେଷକମାନେ ଜାଣିବାକୁ ପାଇଛନ୍ତି। ଜେମ୍ସ ୱେବ୍ ଟେଲିସ୍କୋପ୍ ଦ୍ୱାରା ଏହା ଉପରେ ଅଧିକ ଅଧ୍ୟୟନ କରାଯିବ ବୋଲି କୁହାଯାଇଛି। ଦି ଆଷ୍ଟ୍ରୋନୋମିକାଲ ଜର୍ନାଲରେ ଏହି ରିପୋର୍ଟ ପ୍ରକାଶ ପାଇଛି।

ଏହି ସୁପରଆର୍ଥ ବା ମହାପୃଥିବୀରେ ମହାସାଗର ଥିବା ସଙ୍କେତ ମିଳିଥିବାରୁ ଏହାର ପରିବେଶ, ଜଳବାୟୁ ସହ ଜୀବନ ତିଷ୍ଠିବା ଉପଯୋଗୀ ବାୟୁମଣ୍ଡଳ ଆଦି ଅଛି କି ନା ତାହା ଉପରେ ଅଧିକ ଅନୁଧ୍ୟାନ କରାଯିବ। ଗୋଲ୍ଡିଲକ୍ସ ଜୋନ୍(ଅତ୍ୟଧିକ ଗରମ କିମ୍ବା ଅତ୍ୟଧିକ ଥଣ୍ଡା ପାଣିପାଗ ନ ଥିବା ସ୍ଥାନ)ରେ ଏହି ଗ୍ରହ ଥିବାବେଳେ ଏହାର ମୋଟ ଘନତ୍ୱର ୩୦% ପାଣି ବୋଲି ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି। ଆମେରିକାର ସ୍ପେସ୍ ଏଜେନ୍ସି ନାସା କହିଛି, ପରବର୍ତ୍ତୀ ଅନୁସନ୍ଧାନ ବେଶ୍ କୌତୂହଳପୂର୍ଣ୍ଣ ଏବଂ ଉପଯୋଗ ହୋଇପାରେ। ଏହି ଗ୍ରହ ଏକ'ୱାଟର ୱାର୍ଲ୍ଡ' ବା ଜଳ ଜଗତ ହୋଇଥିବାର ସମ୍ଭାବନା ଦେଖାଯାଉଛି। ପ୍ରତି ୧୧ ଦିନରେ ସୁପରଆର୍ଥ ଗୋଟିଏ ସୂର୍ଯ୍ୟ ଚାରିପଟେ ଘୂରୁଛି। ସୂର୍ଯ୍ୟଠାରୁ ପ୍ଲୁଟୋ ଗ୍ରହର ଦୂରତାର ଅଢ଼େଇ ଗୁଣ ଦୂରରେ ଏହି ଗ୍ରହ ନିଜ ନକ୍ଷତ୍ର ଚାରିପଟେ ପରିକ୍ରମା କରୁଛି। ଟ୍ରାଞ୍ଜିଟିଂ ଏକ୍ସୋପ୍ଲାନେଟ୍ ସର୍ଭେ ସାଟେଲାଇଟ୍ (ଟିଇଏସ୍ଏସ୍) ଏବଂ ଅନ୍ୟ ଟେଲିସ୍କୋପ୍ ମାଧ୍ୟମରେ ସୁପରଆର୍ଥକୁ ଠାବ କରାଯାଇଛି।

ଧରିତ୍ରୀ
DHARITRI





## 'ଲଷ୍ଟ ଷ୍ଟୋରିଜ୍' ପାଇଁ ମନା କରିଥିଲେ ମା'

ଶର୍ଟ ଫିଲ୍ମ 'ଲଷ୍ଟ ଷ୍ଟୋରିଜ୍'ରେ ଅଭିନୟ କରିବା ପାଇଁ କ୍ରୀତି ସାନନ୍‌ଙ୍କୁ ତାଙ୍କ ମା' ମନା କରିଥିଲେ ବୋଲି କଫି ଉଇଥ୍ କରନ୍‌ରେ ପ୍ରକାଶ କରିଛନ୍ତି ଚଳଚ୍ଚିତ୍ର ନିର୍ମାତା କରନ ଜୋହର।

୦୮

୧୪

## ସାନି ପ୍ରାର୍ଥୀପତ୍ର ଦାଖଲ କଲେ ଭୁଟିଆ

ସର୍ବଭାରତୀୟ ଫୁଟବଲ ସଂଘର ସଭାପତି ପଦ ପାଇଁ ସାନି ନାମାଙ୍କନ ଦାଖଲ କରିଛନ୍ତି ପୂର୍ବତନ ଅଧିନାୟକ ବାଇଚୁଙ୍ଗ ଭୁଟିଆ।





କେନ୍ଦୁଝର ଜିଲା ଜୁଡ଼ିଆ ଘାଟି ନିକଟସ୍ଥ ଓୟୁଏଟି କ୍ୟାମ୍ପସ ପରିସରରେ ଗୁରୁବାର ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ୨ ହାତୀଙ୍କ ମୃତ୍ୟୁ ଘଟିଛି। (ରିପୋର୍ଟ: ପୃଷ୍ଠା-୩)

# ଇସ୍ତଫା ଦେଇପାରନ୍ତି ହେମନ୍ତ ସୋରେନ

- ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ନିଜ ନାମରେ ଖଣି ଲିଜ୍ ନେବା ଅଭିଯୋଗ
- ନିର୍ବାଚନ କମିଶନ ବିଧାୟକ ପଦ ରଦ୍ଦ କରିଥିବା ସୂଚନା
- ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ଅପେକ୍ଷା



ରାଞ୍ଚି/ନୂଆଦିଲ୍ଲୀ,୨୫।୮

ଝାଡ଼ଖଣ୍ଡ ଖଣି ଲିଜ୍ ମାମଲାରେ ନିର୍ବାଚନ କମିଶନ (ଇସି) ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ହେମନ୍ତଙ୍କ ବିଧାୟକ ପଦ ରଦ୍ଦ କରିବା ଲାଗି ରାଜ୍ୟପାଳ ରମେଶ ବୈସଙ୍କୁ ଆୟୋଗ ସୁପାରିସ କରିଥିବା ଜଣାପଡ଼ିବା ପରେ ସେ କୌଣସି ମୁହୂର୍ତ୍ତରେ ଇସ୍ତଫା ଦେଇପାରନ୍ତି ବୋଲି କୁହାଯାଉଛି। ଅନ୍ୟପକ୍ଷେ ଲାଭଜନକ ପଦବୀ ବିବାଦରେ ଫସିଥିବା ହେମନ୍ତ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ବିରୋଧରେ ସାମ୍ବିଧାନିକ କର୍ତ୍ତୃପକ୍ଷ ଓ ସରକାରୀ ଏଜେନ୍ସିଗୁଡ଼ିକର ଦୁରୁପଯୋଗ ଅଭିଯୋଗ ଆଣିଛନ୍ତି। ଏଥିସହ ତାଙ୍କ ନିକଟକୁ ରାଜ୍ୟପାଳ କିମ୍ବା ନିର୍ବାଚନ କମିଶନଙ୍କଠାରୁ କୌଣସି ନିର୍ଦ୍ଦେଶ ଆସି ନ ଥିବା ହେମନ୍ତ କହିଛନ୍ତି।

ଝାଡ଼ଖଣ୍ଡର ଖଣି ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ନିଜ ନାମରେ ଷ୍ଟୋନ୍ ଚିପ୍ସ ମାଇନିଂ ଲିଜ୍ ନେଇଥିବା ଗତ ଫେବୃୟାରୀରେ ଭାଜପା ପକ୍ଷରୁ ଅଭିଯୋଗ ଅଣାଯାଇଥିଲା। ଜନ ପ୍ରତିନିଧି ଆଇନ,୧୯୫୨ର ଧାରା ୯ଏ ଅନୁସାରେ ବିଧାନସଭାରୁ ହେମନ୍ତଙ୍କ ସଦସ୍ୟତା ରଦ୍ଦ କରିବା ସହ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଯାଉ ବୋଲି ଭାଜପା ଦାବି କରିଥିଲା। ☞ପୃଷ୍ଠା-୨

### କେନ୍ଦ୍ରୀୟ ସଂସ୍ଥାର ଦୁରୁପଯୋଗ ଅଭିଯୋଗ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି), ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି), ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା ଓ ବିହାରରେ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ସମେତ ଅନେକ ବିରୋଧୀ ଦଳ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ବିରୋଧରେ ସରକାରୀ ଏଜେନ୍ସିଗୁଡ଼ିକର ଦୁରୁପଯୋଗ ଅଭିଯୋଗ ଆଣୁଥିବାବେଳେ ଝାଡ଼ଖଣ୍ଡ ବିଧାନସଭାରେ ହେମନ୍ତ ସୋରେନଙ୍କ ସଦସ୍ୟତାର ରଦ୍ଦ ପ୍ରସଙ୍ଗକୁ ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

ନବ ଦକ୍ଷିଣପନ୍ଥୀ ଓ ଅଧୋଗତି

# ବାପା ଆଗରେ ଭାସିଗଲେ ସାନପୁଅ

### ନାଗାବଳୀର ପ୍ରଖର ସ୍ରୋତରୁ ୨ ପୁଅଙ୍କୁ ବଞ୍ଚାଇଲେ

ରାୟଗଡ଼ା ଅଫିସ,୨୫।୮

ରାୟଗଡ଼ା ଜିଲା ଚେକାଗୁଡ଼ାଠାରେ ରହିଥିବା ଓଡ଼ିଶାର ଦ୍ୱିତୀୟ ଝୁଲାପୋଲ ନିକଟ ନାଗାବଳୀ ନଦୀରେ ଗୁରୁବାର ବଡ଼ ଅଘଟଣ ଘଟିଛି। ଆନ୍ଧ୍ରପ୍ରଦେଶରୁ ଆସିଥିବା ଏକ ପରିବାର ଝୁଲାପୋଲରେ ବୁଲିବା ସହ ନାଗାବଳୀ ନଦୀ ନିକଟକୁ ଯାଇଥିବାବେଳେ ପ୍ରଖର ସ୍ରୋତରେ ୩ ପୁଅ ଭାସିଯାଇଥିଲେ। ବାପା ନିଜ ଜୀବନକୁ ବାଜି ଲଗାଇ ୨ପୁଅଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ ମଧ୍ୟ ୬ ବର୍ଷର ପୁଅ ଏ ପର୍ଯ୍ୟନ୍ତ ନିଖୋଜ ଅଛନ୍ତି।

ସୂଚନା ଅନୁଯାୟୀ, ଆନ୍ଧ୍ର ପ୍ରଦେଶର ଏଲୁରୁ ଅଞ୍ଚଳର ଗୋପାଳକ୍ରିଷ୍ଣା ରାଓ ସ୍ତ୍ରୀ ଏବଂ ୩ ପୁଅଙ୍କ ସହ ଜିଲାର ଅଧିଷ୍ଠାତ୍ରୀ ଦେବୀ ମଝିଘରିଆଣୀଙ୍କ ଦର୍ଶନ କରିଥିଲେ। ଏହାପରେ ସମସ୍ତେ ଝୁଲାପୋଲରେ ବୁଲି ନାଗାବଳୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ନଦୀପାଣିର ମଜା ଉଠାଇବା ସମୟରେ ପ୍ରଖର ସ୍ରୋତ ୩ ପୁଅଙ୍କୁ ଟାଣି ☞ପୃଷ୍ଠା-୨




DSPL-150



ବନ୍ୟା ପରବର୍ତ୍ତୀ
ସ୍ୱାସ୍ଥ୍ୟ ସତର୍କତା

- ନଈ, ନାଳ, ଝରଣା, ପୋଖରୀ, ଗାଡିଆ, ଚୂଆ ଆଦିର ଦୂଷିତ ପାଣି ପିଅନ୍ତୁ ନାହିଁ । ବନ୍ୟା ଜଳରେ ବୁଡିଯାଇଥିବା ନଳକୂଅ କିମ୍ବା ବନ୍ୟାଜଳ ପଶିଥିବା କୂଅପାଣି ବିଶୋଧନ ନହେବା ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ ନାହିଁ।
- ବିଶୋଧିତ ପାଇପ୍ ପାଣି କିମ୍ବା ୧ ଲିଟର ପରିଷ୍କାର ପାଣିରେ ଗୋଟିଏ ହାଲାଜୋନ୍ ବଟିକା (୪ ମି.ଗ୍ରା) ପକାଇ ଅଧଘଣ୍ଟା ପରେ ପିଅନ୍ତୁ।
- ଏହି ବିଶୋଧିତ ପାଣିକୁ ଭାତ ପଖାଳିବା ଏବଂ ଚୁଡା,ମୁଢି ଇତ୍ୟାଦି ଜଳଖିଆ ଖାଇବାରେ ବ୍ୟବହାର କରନ୍ତୁ।
- ବାସି,ପଚାସଢା କିମ୍ବା ମାଛି ବସିଥିବା ଖାଦ୍ୟ ଖାଆନ୍ତୁ ନାହିଁ।
- ଖାଦ୍ୟ ପରଷିବା ଓ ଖାଇବା ପୂର୍ବରୁ ଏବଂ ଶୌଚ ପରେ ହାତକୁ ସାବୁନ୍‌ରେ ଭଲଭାବରେ ଧୁଅନ୍ତୁ।
- ତରଳ ଝାଡା ହେଲେ ଓ.ଆର.ଏସ୍ ଦ୍ରବଣ ପିଅନ୍ତୁ। ପିଲାମାନଙ୍କୁ ତରଳ ଝାଡା ହେଲେ ଆବଶ୍ୟକ ପରିମାଣର ଓ.ଆର.ଏସ୍ ଦ୍ରବଣ ସହିତ ଜିଙ୍କ୍ ବଟିକା ଦିଅନ୍ତୁ।
- ବାହାରେ ଜମି ରହିଥିବା ପାଣି କିମ୍ବା ନଦୀ /ନାଳ ପାଣିରେ ବାସନକୁସନ କିମ୍ବା ହାତମୁହଁ ଧୁଅନ୍ତୁ ନାହିଁ । କେବଳ ବିଶୋଧିତ ନଳକୂପ, କୂପ କିମ୍ବା ପାଇପ୍ ପାଣିକୁ ଏହି କାର୍ଯ୍ୟରେ ବ୍ୟବହାର କରନ୍ତୁ।
- ସାପକାମୁଡା ରୋଗୀକୁ ତୁରନ୍ତ ଡାକ୍ତରଖାନକୁ ନେଇ ଚିକିତ୍ସା କରାନ୍ତୁ।

OIPR-10003/13/0063/2223

- ତରଳଝାଡା, ଜ୍ୱର, ପରିସ୍ରା / ଆଖି ହଳଦିଆ ଦେଖାଦେଲେ ତୁରନ୍ତ ନିକଟସ୍ଥ ଆଶା,ସ୍ୱାସ୍ଥ୍ୟକର୍ମୀ କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ।
- ବନ୍ୟାଞ୍ଚଳରେ ହାଲାଜୋନ୍ ବଟିକା,ଓ.ଆର.ଏସ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଔଷଧ ଆଶା, ସ୍ୱାସ୍ଥ୍ୟକର୍ମୀ ଏବଂ ସମସ୍ତ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ବିନାମୂଲ୍ୟରେ ଉପଲବ୍ଧ।

ବନ୍ୟା ପରବର୍ତ୍ତୀ ସମୟରେ କୋଭିଡ୍ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ କଡାକଡି ପାଳନ କରନ୍ତୁ।

facebook.com/HFWOdisha
http://www.health.odisha.gov.in/
@HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

DSPL-149

Startup Odisha | MAKE IN ODISHA CONCLAVE'22

Startup Odisha Yatra 2.0



ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା 2.0
୨୬ ଅଗଷ୍ଟ - ୨୪ ଅକ୍ଟୋବର ୨୦୨୨

୩୦ ଟା ଜିଲ୍ଲା | ୩୦+ ବୁଟକ୍ୟାମ୍ପସ୍ | ୧୦୦+ କଲେଜ | ୧୦୦+ ଇଆନ୍ କ୍ୟାମ୍ପସ | ୧୦,୦୦୦+ ଆଇଡିଆଜ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା ଶୁଭାରମ୍ଭ

୨୬ ଅଗଷ୍ଟ ୨୦୨୨
ସନ୍ଧ୍ୟା ୫:୩୦

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡ଼ିଶା

OIPR-43007/13/0009/2223

**ଆଜିର ମନ୍ତବ୍ୟ**

"ପାର୍ଲାମେଣ୍ଟକୁ ଜନସାଧାରଣ ସେମାନଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତିରେ ପରିବର୍ତ୍ତନର ମାଧ୍ୟମ ଭାବେ ଦେଖିଥାନ୍ତି। ସେଥିପାଇଁ ସେମାନଙ୍କ ଆଶା ଆକାଂକ୍ଷା ଅନୁଯାୟୀ କାର୍ଯ୍ୟ କରିବା ପାର୍ଲାମେଣ୍ଟର ଦାୟିତ୍ୱ।

– ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଭୂପତି କେଶରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ମୁହାଁ, ଚୋର ମୁହାଁ,
ମାଇ ମୁହାଁ, ଭାତ ମୁହାଁ
ଏ ନୁହଁନ୍ତି କାହାଁ।**

ଘର ପ୍ରତି ଅତ୍ୟଧିକ ମୋହ ବା ଆସକ୍ତି ରଖୁଥିବା ବ୍ୟକ୍ତି, ଚୋର ପ୍ରକୃତିର ବ୍ୟକ୍ତି, ପର ସ୍ତ୍ରୀ ପ୍ରତି ଆସକ୍ତ ଭାବ ରଖୁଥିବା ବ୍ୟକ୍ତି ଏବଂ ଖାଦ୍ୟ ଲୋଭୀ ବ୍ୟକ୍ତି କେବେ ଉନ୍ନତି କରିପାରି ନ ଥାନ୍ତି। ଏହି ଧରଣର ବ୍ୟକ୍ତି ଜୀବନରେ ଅସଫଳ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରଣୀ ରୁଷା ଘୋର ବରଷା
ଚାକର ଅନ୍ଧାର କଣା
ସଞ୍ଜବୁଡ଼ ବେଳେ କୁଣିଆ ଆସିଲେ
ବୁଦ୍ଧି ହୋଇଯାଏ ବଣା।**

ଘରଣୀର ରାଗ ରୋଷ ବେଳେ ଘରକୁ କୁଣିଆ ଆସିଲେ ତାଙ୍କ ଚର୍ଚ୍ଚା କରିବାରେ ଅସୁବିଧା ଦେଖାଦିଏ। ସେହିପରି ଜୋରରେ ବର୍ଷା ହେବା ତଥା ଘର କାମ ପାଇଁ ରହିଥିବା ଭୃତ୍ୟକୁ ଅନ୍ଧାରରେ ଭଲ ନ ଦିଶିବା ସମସ୍ୟାକୁ ଆହୁରି ଜଟିଳ କରିଦିଏ। ଏପରିସ୍ଥଳେ କୁଣିଆର ଚର୍ଚ୍ଚା କରିବା ନେଇ ଗୃହସ୍ୱାମୀର ଚିନ୍ତା ବଢ଼ିଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଅଗ୍ନିଶମ ବାହିନୀ ନିଖୋଜ ଶିଶୁକୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଚଳାଇଛନ୍ତି।

ପ୍ରଥମ ପୃଷ୍ଠାରୁ...

### ବାପା ଆଗରେ...

ନେଇଥିଲା। ଏହା ଦେଖି ଗୋପାଳକ୍ରିଷ୍ଣା ସାହସର ସହ ନଦୀର ପ୍ରଖର ସ୍ରୋତ ମଧ୍ୟରୁ ୨ ପୁଅଙ୍କୁ ବଞ୍ଚାଇ ଆଣିଥିଲେ। ହେଲେ ସାନପୁଅ ଅମରେଶଙ୍କୁ ଖୋଜିବା ସମୟରେ ସେ ନିଜେ ଭାସିଯାଇଥିଲେ। ନଦୀ ମଧ୍ୟରେ ଥିବା ଏକ ପଥରକୁ ଧରି ସେ ଅଟକିଥିବାବେଳେ ୨ ଘଣ୍ଟାର ଉଦ୍ୟମ ପରେ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲା। ତେବେ ଦୀର୍ଘ ସନ୍ଧ୍ୟା ପର୍ଯ୍ୟନ୍ତ ଅମରେଶଙ୍କୁ ଖୋଜିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିନାହିଁ। ଅନ୍ୟପକ୍ଷରେ ଅଗ୍ନିଶମ କର୍ମଚାରୀ ହେମନ୍ତ ସେଠୀ ଗୋପାଳକ୍ରିଷ୍ଣାଙ୍କ ନିକଟକୁ ଯାଇ ତାଙ୍କୁ କୂଳକୁ ଫେରାଇ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ସାହସିକତା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

### ଡେଞ୍ଜର ଜୋନ୍: ୬ ବର୍ଷରେ ଗଲାଣି ୧୫ ଜୀବନ

ଝୁଲାପୋଲ ନିକଟରେ ନାଗାବଳୀ ନଦୀ ଡେଞ୍ଜର ଜୋନ୍ ପାଲଟିଛି। ପ୍ରତିବର୍ଷ ଅସାବଧାନତାବଶତଃ ଭାସିଯାଇ ଏକାଧିକ ପର୍ଯ୍ୟଟକଙ୍କ ଜୀବନ ଯାଉଛି। ୨୦୧୭ ରୁ ଏ ପର୍ଯ୍ୟନ୍ତ ଏଠାରେ ପ୍ରାୟ ୧୫ ଜଣଙ୍କ ମୃତ୍ୟୁ ଘଟିଲାଣି। ଏହି ଝୁଲାପୋଲ କଟକର ଧବଳେଶ୍ୱର ପରେ ଓଡ଼ିଶାରେ ଦ୍ୱିତୀୟ ଭାବେ ରାୟଗଡ଼ାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପାଲଟିଛି। ଏଠାକୁ ପ୍ରତିଦିନ ଜିଲା, ରାଜ୍ୟ ଏବଂ ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ପର୍ଯ୍ୟଟକ ବୁଲିବା ପାଇଁ ଆସନ୍ତି। ବିଶେଷକରି ଏଠାରେ ପୋଲଠାରୁ ୨୦୦ ଫୁଟ ତଳେ ନାଗାବଳୀ ନଦୀ ପ୍ରବାହିତ ହେଉଥିବାରୁ ଏହା ସେଲ୍‌ଫି ପଏଣ୍ଟ ରୂପେ ମଧ୍ୟ ପରିଚିତ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ନଦୀ ନିକଟରେ ଜିଲା ପ୍ରଶାସନ ପକ୍ଷରୁ ଲାଇଫ୍ ଗାର୍ଡ କିମ୍ବା ପର୍ଯ୍ୟଟକଙ୍କୁ ଗାଇଡ୍ କରିବା ପାଇଁ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଉନାହିଁ। ଝୁଲାପୋଲ ନିକଟରେ କେବଳ ଏକ ସାଇନ୍ ବୋର୍ଡ ଲଗାଇ ପ୍ରଶାସନ କାମ ସାରିଦେଇଛି। ତେଣୁ ଏହି ସ୍ଥାନ ଏବେ ବିପଦସ୍ଥଳୀ ପାଲଟିଛି। ଏଠାରେ ସୁରକ୍ଷା ବାଡ଼ କରିବା ସହ ଅନ୍ୟ ସୁରକ୍ଷା ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ଏବଂ ପର୍ଯ୍ୟଟକମାନେ ଦାବି କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବିଭିନ୍ନ ପାରିବାରିକ କାରଣକୁ ନେଇ ମାନସିକ ଅସ୍ଥିରତା ଲାଗି ରହିବ, ଯାହା ପିଲାମାନଙ୍କୁ କେନ୍ଦ୍ରକରି ସୃଷ୍ଟିହେବାର ବହୁତ ସମ୍ଭାବନା ରହିଛି। ପୁନଶ୍ଚ କୌଣସି ନୀଚଜାତିର ବ୍ୟକ୍ତିଙ୍କ ସହ କଳହର ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ କଳା, ସାହିତ୍ୟରେ ସ୍ଥିତି କେତେକାଂଶରେ ଭଲ ରହିବ।

**ବୃଷ** ପ୍ରିୟବନ୍ଧୁଙ୍କ ସହାୟତାରେ ସୌଖୀନ ଦ୍ରବ୍ୟ, କାବ୍ୟ ସାହିତ୍ୟ ଚର୍ଚ୍ଚା, କଳା, ସଙ୍ଗୀତ, କ୍ରୀଡ଼ାରେ ନୈପୁଣ୍ୟତା ପ୍ରଦାନ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ହେବ ଓ ମାନସିକ ଶାନ୍ତି ଫେରିପାଇବେ। ଦ୍ୱାଦଶସ୍ଥ ରାହୁଙ୍କ କୁପ୍ରଭାବରୁ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ।

**ମିଥୁନ** ଗତକାଲି ଯେଉଁ ବିଷୟ ଚିନ୍ତା କରୁଥିଲେ ଆଜି ତାହା କାମରେ କରି ଦେଖାଇପାରନ୍ତି। ଶନିଙ୍କ ଦୃଷ୍ଟିରେ ଶୁକ୍ର ହେତୁ ପାରିବାରିକ ଓ ଅର୍ଥ ସମ୍ପର୍କକୁ ନେଇ ଭାବପ୍ରବଣତା ବୃଦ୍ଧି ପାଇବ। ବ୍ୟବସାୟ, ପରିବହନ, ନିର୍ମାଣ କାର୍ଯ୍ୟ ଶୃଙ୍ଖଳିତ ହେବ। ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**କର୍କଟ** ବୃହସ୍ପତି ଉନ୍ନତ ଭାବନା ଜାଗ୍ରତ କରାଇବା ସମୟରେ ଶନି ପ୍ରଭାବରୁ ସ୍ୱାସ୍ଥ୍ୟ ହାନି ହେବ। କେତେକ କ୍ଷେତ୍ରରେ ଦୂରଭିଷନ୍ଧି ରଖି କାର୍ଯ୍ୟ କରିବାର ପ୍ରବୃତ୍ତି ମନରେ ସ୍ଥାନ ପାଇବ। ଅବଶ୍ୟ ଆପଣଙ୍କର ଅତି ପ୍ରିୟବନ୍ଧୁ ପାଖରୁ ପ୍ରେରଣା ଲାଭ କରିବେ। ଘରକୁ ଫେରିବା ସମୟରେ ଘରର ବରାଦ ଅନୁଯାୟୀ ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି।

**ସିଂହ** ଆଜି ଦ୍ୱାଦଶସ୍ଥ ଚନ୍ଦ୍ରଙ୍କ ପ୍ରଭାବରୁ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ପୁନଶ୍ଚ କର୍ମକ୍ଷେତ୍ରରେ କୌଣସି ସହକର୍ମୀ ବିରୁଦ୍ଧାଚରଣ କରିବା ସକାଶେ ଚେଷ୍ଟା କରିପାରନ୍ତି । ପୁରାତନ ଗୃହ, ଯାନବାହନ ମରାମତି ପାଇଁ ମନସ୍ଥ କରିପାରନ୍ତି। ସାହିତ୍ୟ ଚର୍ଚ୍ଚା, ଗବେଷଣା, ଅନୁସନ୍ଧାନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**କନ୍ୟା** ବିଭିନ୍ନ ପୁରୁଣା ସମସ୍ୟା ଲାଗି ରହିଥିବାରୁ ମାନସିକ ସୁସ୍ଥତା ରହି ନ ପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହା ସମସ୍ୟାକୁ ବଢ଼ାଇ ଦେଇପାରେ। ଆଲୋଚନା କ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ତୁଳା** ଆଜିର ଅପରାହ୍ଣ ସମୟରେ ଜଣେ ବନ୍ଧୁ ହଠାତ୍ ଆସି ଖୁସି ଖବର ସାଙ୍ଗକୁ କିଛି ଅର୍ଥ ଦେଇଯିବେ। ଅଫିସ୍‌ରେ ନାହିଁ ନାହିଁ କରୁଥିଲେ ମଧ୍ୟ ଓ ସହକର୍ମୀ ରାଗିଲେ ସୁଦ୍ଧା କାମଟି କରିଦେବେ। ସାମାଜିକସ୍ତର ତଥା ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ, କିନ୍ତୁ ବିଶେଷ ଗୁରୁତର ହେବନାହିଁ।

**ବିଛା** କର୍ମକ୍ଷେତ୍ରରେ ବହୁଦିଗରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଦୀର୍ଘଦିନରୁ ରହିଯାଇଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କିନ୍ତୁ ଶନିଙ୍କ କୁପ୍ରଭାବ କାରଣରୁ ବାଣିଜ୍ୟ ଓ ପରିବହନରେ କ୍ଷତିର ଆଶଙ୍କା ରହିଛି। ବିବାଦୀୟ ଘଟଣାର ଅବସାନ ଘଟିବ, କିନ୍ତୁ ଏଥିପାଇଁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ।

**ଧନୁ** ମନରେ ଭାବୁଥିବା କଥାଟି କାର୍ଯ୍ୟରେ ପରିଣତ କଷ୍ଟକର ମନେହେବ। ପୂର୍ବାଷାଢ଼ା ନକ୍ଷତ୍ର ପାଇଁ ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀଙ୍କ ସହଯୋଗ କାମ ହାସଲକୁ ତ୍ୱରାନ୍ୱିତ କରିବ। ଅଫିସ୍‌ରେ ଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଭୁଲ୍ ଖବରଟି ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି। ଭ୍ରମଣହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମକର** ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ବନ୍ଧୁଙ୍କ ସାହାଯ୍ୟ, ପ୍ରତିଶ୍ରୁତି ପାଇ ମନୋବଳ ବୃଦ୍ଧି ପାଇବ। ଆପଣ ସେହି କଥାକୁ ଖାତିର ନ କରି କାମ କରନ୍ତୁ, କିଛି ଅସୁବିଧା ହେବନାହିଁ। ଧନିଷ୍ଠା ନକ୍ଷତ୍ରଜାତ ବ୍ୟକ୍ତିଙ୍କର କୌଣସି ଅଭାବ ନ ଥାଇ ମଧ୍ୟ ମନ ଭଲ ରହିବନି। ଖାଦ୍ୟପେୟରେ ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**କୁମ୍ଭ** ଅଧିକାଂଶ ସମୟ ଅନ୍ୟମନସ୍କ ରହିବା କାରଣରୁ ପ୍ରକୃତ ଆନନ୍ଦକୁ ଉପଭୋଗ କରିପାରିବେ ନାହିଁ। ଅପ୍ରିୟ ସତ୍ୟ ବନ୍ଧୁଙ୍କ ମନରେ ଦୁଃଖ ଦେଇପାରେ। ବିଭିନ୍ନ ପ୍ରତିବନ୍ଧକକୁ ସାମ୍ନା କରିବାର ଧୈର୍ଯ୍ୟ ଧାରଣ କରି ମୁକାବିଲାର ସମ୍ମୁଖୀନ ହେବେ। ଶତଭିଷା ନକ୍ଷତ୍ର ପାଇଁ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବେ କିନ୍ତୁ ତରବର ହୋଇ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପାରିବାରିକ କ୍ଷେତ୍ରରେ ରହିଆସିଥିବା ସମସ୍ୟା ହେତୁ ଦୁର୍ଭାବନା ବଢ଼ିଚାଲିବ, ଫଳରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।


## classifieds Everyday 0674-2580101, 2549302

**SALE**

2011 November INNOVA in tiptop condition for sale. 7894463932. D-71354

**SALE**

**Infocity-II, Madanpur ପାଖରେ 2000sqft.କୁ 24,00,000/- ଟଙ୍କାରେ ପାଚେରି ସହ plot ବିକ୍ରିହେବ। 7978617023.** D-1270

**NH side commercial plot Niali Road, 6 Km. from Nakhara, Cuttack. 7809525452.** D-73959

Plot for immediate sale at jagatpur, Mouza- Tarola, behind Adish Hotel, 3,600 sqft., price -45 lakhs. Contact- 8249612462. D-1331

**Bhubaneswar Sum Hospital ପାଖ ଘଘଂପାଟନାରେ ସ୍ଥିତିବାନ ଗୃହୋପଯୋଗୀ ପ୍ଲଟ୍ 30' road, ଇଲେକ୍ଟ୍ରିସିଟି, ବାଉଣ୍ଡରୀ, ପୋଜେସନ ସହ ସମ୍ପୂର୍ଣ୍ଣ develop ହୋଇ ମିଳୁଛି। 9090963952.** D-73300

**Bhubaneswar Sum Hospital 6K.M. ଦୂରରେ କଣ୍ଟାବାଡ଼ଠାରେ NH-16A ରୋଡ୍‌ରୁ ୧୦୦ଫୁଟ ଛାଡ଼ି 30' ROAD, ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। 9090963952.** D-74101

Bhubaneswar Gangapada Maharaja କଲେଜକୁ ଲାଗି 1500sqft. plot-12,75,000/- ନେଇ ଘର କରନ୍ତୁ। (40 plot available). 9938016295. D-73298

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

**GENERAL SALE**

Duberman 6 Puppy for sale (Jungle Camp) Contact: 9438118029, 9348839474. D-1355

**to-let**

**3 Bed room apartment for rent at Vivekanand Marg, Owner: 7852929225.** D-1352

Tolet for Shop infront of Biju Pattanaik College, Mob.- 9938511622. D-1356

**healthcare**

Newly open full body massage 1099 free massage one. Mo: 9583808247. D-1164

Newly open full body massage ladies and gents. 8327740003, 8093860513. D-73958

**Relax, Refresh your body, Mind at Saikrupa Spa with best therapies. 8984068077.** D-1248

Newly open SPA positively health benefit with expert. Contact: 7749976301. D-73859

Newly open full body massage, ladies and gents. 7846923244. D-73956

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73957

**astrology**

ଘରେ କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି? ବିଳମ୍ବ ନକରି ଯୋଗାଯୋଗ "ଆଷ୍ଟ୍ରୋବାସ୍ତୁ ସମାଧାନ।" 7978736177. D-68297

**AFFIDAVIT**

Consequent upon my marriage with Dr. Aurobindo Das resident of Plot No. - 511/3077, Kanan Vihar, Phase-2 Area, Patia, Bhubaneswar, I Puspanjali Nayak, D/o- Ajay Kumar Nayak has been recorded as Puspanjali Das in all my documents according to Hindu rites, rituals and customs. I have also sworn an affidavit before the Notary Public, Bhubaneswar on 01.08.2020 to this effect. Hence, I am now Puspanjali Das for all purposes. D-1347

**LOST**

I, Sanjay Kumar Agarwal, R/o. Village- Bhulia Sikuan, Dist. Nuapada declared that the original sale deed vide Regd. No.1572/2006 of land under Khata No.113, Plot No. 220, 221, area Ac.0.40 dec. of Mouza- Bhojpur and sale deed bearing document No.11431000l223 dt.15.07.2010 has been lost somewhere near Block Chowk, Khariar on 16.08.22. Inspite of my best efforts I could not trace out the same. D-1354


### ନିରୁଦ୍ଦିଷ୍ଟ



**ଦିଗମ୍ବର ଭୋଇ**

**ବୟସ-୭୨**, ଗ୍ରାମ- କେଶୁରା, (କାମେନା), ପୋଷ୍ଟ- ବାଙ୍କୁଆଳ, ଥାନା- ସହିଦ ନଗର। ସେ ଗତ ୨୦ ତାରିଖରୁ ପାଖ ବଜାରକୁ ଯାଇ ନିଖୋଜ ହୋଇଯାଇଛନ୍ତି। ସନ୍ଧାନ ପାଇଲେ 7853840154 କୁ ଯୋଗାଯୋଗ କରିବାକୁ ପୁଅ ଦିବ୍ୟସିଂହ ଅନୁରୋଧ କରିଛନ୍ତି ।

ଧ-୭୧୨୧୪



**ରମେଶ ଚନ୍ଦ୍ର ସେଠୀ**

ବୟସ- ୭୬, ଶ୍ୟାମଳ ବର୍ଣ୍ଣ, ପତଳା ସ୍ୱାସ୍ଥ୍ୟ, ଗତ ୨୨ ତାରିଖରୁ କିଶନ ନଗର ଥାନା ସୋମପୁରର ତେଲଦିଆ ଗ୍ରାମରୁ ନିଖୋଜ ହୋଇଯାଇଛନ୍ତି। ସେ ଘରୁ ସାଇକେଲରେ ଯିବା ସମୟରେ ଧଳା ସାର୍ଟ ଓ ଧୋତି ପିନ୍ଧିଥିଲେ । ତାଙ୍କର ସନ୍ଧାନ ପାଇଲେ 9778178243, 7008432249, 7788943478 ରେ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ ।

ଧ-୭୧୨୧୫


**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your classified advertisement published in Dharitri will be listed free in Dharitri online edition : **dharitriepaper.in**


### ଇସ୍ତଫା ଦେଇପାରନ୍ତି...

ଲାଭଜନକ ପଦବୀ ନେଇ ଭାଜପାର ଅଭିଯୋଗ ଉପରେ ରାଜ୍ୟପାଳ ରମେଶ ବୈସ ଏହି ମାମଲା ନିର୍ବାଚନ କମିଶନ(ଇସି)ଙ୍କ ନିକଟକୁ ପଠାଇଥିଲେ। ଏଥିସହ ଝାଡ଼ଖଣ୍ଡ ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀ ହେମନ୍ତଙ୍କୁ ନୋଟିସ କରି ଖଣି ଲିଜ୍ ସମ୍ପର୍କିତ ଦସ୍ତାବିଜ ମଗାଇଥିଲେ। ଗତ ୧୮ ତାରିଖରେ ଏହି ପ୍ରସଙ୍ଗରେ ଶୁଣାଣି ବେଳେ ଭାଜପା ଏବଂ ହେମନ୍ତଙ୍କ ଓକିଲ ନିଜ ନିଜ ପକ୍ଷ ରଖିଥିଲେ। ନିର୍ବାଚନ ଆୟୋଗ ସୋମବାର ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ମଙ୍ଗଳବାର ସକାଳେ ନିଜ ମତାମତ ସମ୍ପର୍କିତ ରିପୋର୍ଟ ଏକ ବନ୍ଦ ଲଫାପାରେ ରାଜଭବନକୁ ପଠାଇଦେଇଥିଲେ। ରାଜ୍ୟପାଳ ରମେଶ ବୈସ ଅପରାହ୍ଣରେ ଦିଲ୍ଲୀରୁ ରାଞ୍ଚିରେ ପହଞ୍ଚିବା ପରେ କହିଛନ୍ତି, ଇସିଙ୍କ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ନିଷ୍ପତ୍ତି ନିଆଯିବ। ଭାଜପା ବିଧାୟକ ନିଶିକାନ୍ତ ଦୁବେ କହିଛନ୍ତି, ହେମନ୍ତ ଖଣି ମନ୍ତ୍ରୀ ଥାଇ ନିଜ ନାମରେ ଷ୍ଟୋନ୍ ଚିପ୍ସ ଖନନ ଠିକା ନେଇଛନ୍ତି। ସେ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ପାଇଁ ପ୍ରସ୍ତୁତ ହେବା ଉଚିତ। ବିଧାନସଭାକୁ ତୁରନ୍ତ ଭଙ୍ଗକରି ସମସ୍ତ ୮୧ ଆସନରେ ନିର୍ବାଚନ କରାଯାଉ ବୋଲି ଦାବି କରିଛନ୍ତି। ଅନ୍ୟପକ୍ଷେ ଭାଜପା ନେତାମାନେ, ଜଣେ ଏମ୍‌ପି ଏବଂ ତାଙ୍କ ଦ୍ୱାରା ପରିଚାଳିତ କେତେଜଣ ଖବରଦାତା ନିର୍ବାଚନ କମିଶନଙ୍କ ପାଇଁ ରିପୋର୍ଟ ଡ୍ରାଫ୍ଟ କରିଛନ୍ତି। ଭାଜପା ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ସିନା କିଣିନେବ, ଜନ ସମର୍ଥନ କିପରି କିଣିବ ବୋଲି ହେମନ୍ତ ଟୁଇଟ୍ କରିଛନ୍ତି। ପ୍ରକାଶ ଯେ, ସମ୍ବିଧାନର ଅନୁଚ୍ଛେଦ ୧୯୨ ଅନୁସାରେ ବିଧାନସଭାର କୌଣସି ସଦସ୍ୟଙ୍କ ଅଯୋଗ୍ୟତା ସମ୍ପର୍କିତ ପ୍ରଶ୍ନ ଉଠିଲେ ତାହା ଉପରେ ରାଜ୍ୟପାଳଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ବୋଲି ଧରାଯାଇଥାଏ।

### କେନ୍ଦ୍ରୀୟ ସଂସ୍ଥାର...

ନେଇ ଜାତୀୟ ରାଜନୀତି ସରଗରମ ହୋଇଛି। ଏହା ପୂର୍ବରୁ ଜୁଲାଇ ୩୧ରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର ୩ ବିଧାୟକ ପଡ଼ୋଶୀ ପଶ୍ଚିମବଙ୍ଗର ହାଓ୍ୱଡ଼ା ଜିଲାରେ ୫୦ ଲକ୍ଷ ଟଙ୍କା ସହ ଧରାପଡ଼ିଥିଲେ। ଭାଜପା ଝାଡ଼ଖଣ୍ଡ ସରକାରକୁ ଭାଙ୍ଗିଦେବା ଭାଜପା ପାଇଁ ଷଡ଼ଯନ୍ତ୍ର ରଚିଥିବା ସେତେବେଳେ ଜେଏମ୍‌ଏମ୍ ଏବଂ ଏହାର ମେଣ୍ଟ କଂଗ୍ରେସ ପକ୍ଷରୁ ଅଭିଯୋଗ ଅଣାଯାଇଥିଲା।

## ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଗିରଫ

### ଖଲଣା ଗୁଳିକାଣ୍ଡ ଘଟଣା



**ଆନନ୍ଦପୁର,୨୫।୮(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଧୀନ ଖଲଣା ଗୁଳିକାଣ୍ଡ ତଥା ସୁନନ୍ଦ ସେଠୀ ହତ୍ୟା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଅକ୍ଷୟ ଘୋଷ ଓ ତାଙ୍କ ଭାଇ ଗିରିଧାରୀ ଘୋଷ। ବୁଧବାର ରାତିରେ ରାମଚନ୍ଦ୍ରପୁର ପୋଲିସ ପାଟଣା ଥାନା ଅଧିକାରୀଙ୍କ ସହାୟତାରେ ସାହାରପଡ଼ା ଅଞ୍ଚଳରୁ ସେମାନଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ପୂର୍ବରୁ ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଥିଲା।

ସୂଚନାଯୋଗ୍ୟ, ଗତ ଜୁଲାଇ ୧୪ ଅପରାହ୍ଣରେ ଖଲଣା ଗ୍ରାମର ସୁନନ୍ଦ ଓ ତାଙ୍କ ଦୁଇ ସହଯୋଗୀ ବାଇକ୍‌ରେ ଘରକୁ ଫେରୁଥିଲେ। ମଙ୍ଗଳାଶାଳ ନିକଟରେ ସୁନନ୍ଦଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏଥିରେ ତାଙ୍କ ସହଯୋଗୀ ଚନ୍ଦନ କୁମାର ବେହେରା ଗୁରୁତର ହୋଇଥିଲେ। ପଞ୍ଚାୟତ ନିର୍ବାଚନକୁ କେନ୍ଦ୍ରକରି ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ମୃତକ ସୁନନ୍ଦଙ୍କ ଭାଇ ମନ୍ମଥ ସେଠୀଙ୍କ ଅଭିଯୋଗ ଆଧାରରେ ରାମଚନ୍ଦ୍ରପୁର ପୋଲିସ ଏକ ମାମଲା (ନଂ.୧୫୧/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଜୁଲାଇ ୨୫ରେ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଖଲଣା ଗ୍ରାମର ଅଜୁ ସାହୁ ଓ କରୁଣାକର ସାଙ୍କୁ ଗିରଫ କରିଥିଲା। ସେହିପରି ଚଳିତମାସ ୧ ତାରିଖରେ କୋଇଲି ଘୋଷ ନାମ୍ନୀ ଜଣେ ମହିଳାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗତ ୧୫ ତାରିଖରେ ଅଭିଯୁକ୍ତ ଗୋପୀନାଥ ଦଳେଇ ଓ ସୁଧାଂଶୁ ଶେଖର ରାଉତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆନନ୍ଦପୁର ଏସ୍‌ଡିପିଓ ଅମୂଲ୍ୟ କୁମାର ବେଉରିଆ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୩୭,୪୮,୧୮୦ | ୬୪,୮୧,୩୨୨ | ୫୭,୮୬,୧୫,୪୦୨ |
| ଭାରତ | ୪,୪୩,୭୮,୯୨୦ | ୫,୨୭,୪୮୮ | ୪,୩୭,୫୭,୩୮୫ |
| ଓଡ଼ିଶା | ୧୩,୨୬,୧୨୧ | ୯୧୬୮(+୫୩) | ୧୩,୧୫,୧୭୩ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



ଝାରସୁଗୁଡ଼ା ଜିଲା ବନ୍ଧବାହାଲ ଶିଳ୍ପାଞ୍ଚଳର ସ୍ୱାଧୀନ କମ୍ପ୍ଲେକ୍ସ ଛକରେ ଗୁରୁବାର ଟାୟାର ଜାଳି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ ।

# ଅଭିଯୁକ୍ତଙ୍କ ମାଂସଦୋକାନ ଭାଙ୍ଗିଲେ

**ଛେଳି ମୁଣ୍ଡରେ ଜାତୀୟ ପତାକା ପ୍ରସଙ୍ଗ**

ଝାରସୁଗୁଡ଼ା ଅଫିସ,୨୫।୮

ଝାରସୁଗୁଡ଼ା ଜିଲା ବନ୍ଧବାହାଲ ଶିଳ୍ପାଞ୍ଚଳର ମାଂସ ଦୋକାନୀ ମହମ୍ମଦ ସାହାଜାଦ ବୁଧବାର କଟା ଛେଳିମୁଣ୍ଡକୁ ଜାତୀୟ ପତାକାରେ ଢାଙ୍କି ଅସମ୍ମାନ କରିଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ଗୁରୁବାର ବନ୍ଧବାହାଲ ବନ୍ଦ ଡାକରା ଦେଇଥିଲେ। ସକାଳୁ ଦୋକାନ ବଜାର ବନ୍ଦ ରହିଥିବାବେଳେ ଶତାଧିକ ଆନ୍ଦୋଳନକାରୀ ସ୍ଥାନୀୟ ସ୍ୱାଧୀନ କମ୍ପ୍ଲେକ୍ସ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଇବ୍ ଥର୍ମାଲ-ବେଲପାହାଡ଼, ବନ୍ଧବାହାଲ-ଦଲଗାଁ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ହେଲେ ଉତ୍ତ୍ୟକ୍ତ ଲୋକେ ସରକାରୀ ଜମିରେ ନିର୍ମାଣ ହୋଇଥିବା ଅଭିଯୁକ୍ତଙ୍କ ମାଂସ ଦୋକାନ ଭାଙ୍ଗିବା ଆରମ୍ଭ କରିଦେଇଥିଲେ। ଏହାକୁ ପୋଲିସ ବିରୋଧ କରିଥିଲା। ଫଳରେ ପୋଲିସ୍ ଓ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଥିଲେ। ଏହାକୁ ନେଇ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇ ଉଠିଥିଲା। ସାମ୍ପ୍ରଦାୟିକ ସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ତରଫରୁ ମାଜିଷ୍ଟ୍ରେଟ୍ ଉପଜିଲାପାଳ ଦୟାମୟ ପାଢ଼ୀ, ଅତିରିକ୍ତ ଏସ୍‌ପି କେଶବ ଚନ୍ଦ୍ର ବେହେରା, ଡିଏସ୍‌ପି ବୈକୁଣ୍ଠ ବିହାରୀ ଶେଠ୍, ଲଖନପୁର ଥାନା ଆଇଆଇସି ଇଗ୍ନେଶ ବାର୍ଲା, ଓରିଏଣ୍ଟ ଥାନା ଆଇଆଇସି କଲ୍ୟାଣୀ ବେହେରା ଓ ବନ୍ଧବାହାଲ ଫାଣ୍ଡି ଅଧିକାରୀ ରବିଶଙ୍କର ଭଇଁସାଲଙ୍କ ସମେତ ୩ ପ୍ଲାଟୁନ୍ ସଶସ୍ତ୍ର ପୋଲିସ୍ ଫୋର୍ସ ମୁତୟନ ହୋଇ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ଲଖନପୁର ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ସରକାରୀ ଜମି ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ଗତ ସପ୍ତାହରେ ନୋଟିସ୍ ଜାରି ହୋଇଛି। ଆସନ୍ତା ୨୦ ତାରିଖରେ ଉଚ୍ଛେଦ କରାଯିବ ବୋଲି ଉପଜିଲାପାଳ ପାଢ଼ୀ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏଭଳି ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନକାରୀ ରାସ୍ତାରୋକୋରୁ ହଟିଥିଲେ। ଏସ୍‌ପି ରାହୁଲ ଜୈନ ବନ୍ଧବାହାଲରେ ପହଞ୍ଚି ଘଟଣା ସମ୍ପର୍କରେ ପୋଲିସ୍ ଅଧିକାରୀଙ୍କ ସହିତ ଆଲୋଚନା କରି ଫେରିଛନ୍ତି। ପୋଲିସ ଗିରଫ ଅଭିଯୁକ୍ତ ସାହାଜାଦଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶରେ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ବନହରପାଲି ଥାନାରେ ଏକ ମାମଲା (ନଂ.୧୮୩/୨୨) ରୁଜୁ ହୋଇଛି।

## ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶକ୍ରମେ ଡିଏସ୍‌ପି ବୈକୁଣ୍ଠ ବିହାରୀ ଶେଠ୍‌ଙ୍କ ନେତୃତ୍ୱରେ ପୋଲିସ୍ ତରଫରୁ ବନ୍ଧବାହାଲ ଶିଳ୍ପାଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଏଥିରେ ଡିଏସ୍‌ପି ବିବି ସେଠ୍, ବ୍ରଜରାଜନଗର ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ, ଲଖନପୁର ଥାନା ଆଇଆଇସି ଇଗ୍ନେଶ ବାର୍ଲା, ବନ୍ଧବାହାଲ ଫାଣ୍ଡି ଅଧିକାରୀ ରବିଶଙ୍କର ଭଇଁସାଲ, ସବ୍‌ଇନ୍ସପେକ୍ଟର ବିନିତା ଟପ୍ପୋଙ୍କ ସମେତ ୨ ପ୍ଲାଟୁନ୍ ସଶସ୍ତ୍ର ବାହିନୀ ସାମିଲ ଥିଲେ।

# ମୁକୁଳା ବିଦ୍ୟୁତ୍ ତାର ନେଲା ୨ ହାତୀ ଜୀବନ

## ଖାଦ୍ୟ ଅନ୍ୱେଷଣରେ ଆସିଥିଲେ

କେନ୍ଦୁଝର, ୨୫।୮(ସ୍ୱ.ପ୍ର./ଡି.ଏନ.ଏ.

ରାଜ୍ୟରେ ଐତିହ୍ୟ ପ୍ରାଣୀ ହାତୀଙ୍କ ଅସ୍ତିତ୍ୱ ସଙ୍କଟରେ ପଡ଼ିଛି। ଗଜରାଜଙ୍କ ସୁରକ୍ଷା ଲାଗି ଏକାଧିକ ପାଇଲଟ୍ ପ୍ରକଳ୍ପ ହାତକୁ ନିଆଯାଇଥିବାବେଳେ ଯାବତୀୟ ବ୍ୟବସ୍ଥା ଫେଲ୍ ମାରୁଛି। ବିଭାଗ ମଧ୍ୟରେ ସମନ୍ୱୟ ଅଭାବ, ହାତୀପ୍ରବଣ ଅଞ୍ଚଳରେ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ହସ୍ତୀ ଭଳି ବିଶାଳକାୟ ପ୍ରାଣୀଙ୍କ ଜୀବନ ଅକାଳରେ ଚାଲିଯାଉଛି। ଏକ ଅଭାବନୀୟ ଘଟଣାକ୍ରମେ କେନ୍ଦୁଝର ଜିଲାରେ ମୁକୁଳା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ ମାଈ ହାତୀଙ୍କ ମୃତ୍ୟୁ ଘଟିଛି। ସଦର ରେଞ୍ଜ ସିଦ୍ଧମଠ ବିଟ୍ ଅନ୍ତର୍ଗତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସରରେ ଗୁରୁବାର ସକାଳେ ଘଟିଥିବା ଏହି ଦୁଃଖଦ ଘଟଣା ପ୍ରାଣୀପ୍ରେମୀଙ୍କୁ ବ୍ୟଥିତ କରିଛି।

ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା କଥା, କିଛିଦିନ ହେଲା ଜୁଡ଼ିଆ ଜଙ୍ଗଲରେ ୨ ଦନ୍ତା, ୫ ମାଈ ହାତୀ ଓ ୨ ଛୁଆ ଡେରା ପକାଇଥିଲେ। ଗୁରୁବାର ଭୋର୍ ସମୟରେ ଉକ୍ତ ହାତୀପଲ ଓୟୁଏଟି ପରିସରରେ ପଶିଥିଲେ। ପରିତ୍ୟକ୍ତ ଷ୍ଟାଫ୍ କ୍ୱାର୍ଟର୍ସ ନିକଟ ମାଳିଗାଁକୁ ସଂଯୋଗ କରୁଥିବା ପାଦଚଲା ରାସ୍ତାରେ ଥିବା ଲୋ-ଟ୍ରାନ୍ସମିଶନ (ଏଲଟି) ଲାଇନ୍ ତାରରେ ଲଟା ମାଳିଥିବାବେଳେ ହାତୀପଲ ଏହାକୁ ଶୁଣ୍ଢରେ ଟାଣିଦେଇଥିଲେ। ତେବେ ମୁକୁଳା ବିଦ୍ୟୁତ୍ ତାରରେ ଶୁଣ୍ଢ ଛନ୍ଦି ହୋଇଯିବାରୁ ଘଟଣାସ୍ଥଳରେ ୨ ମାଈ ହାତୀଙ୍କ ମୃତ୍ୟୁ ଘଟିଥିଲା। ୨ ଦନ୍ତା ସମେତ ଅନ୍ୟ ୭ ହାତୀ ବର୍ତ୍ତିଯାଇଛନ୍ତି। ସେମାନେ ସାନଘାଗରା ଡିପିଏଫ୍ ଜଙ୍ଗଲକୁ ପଳାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଧାରାବାହିକ ଭାବେ ହେଉଥିବା ହାତୀ ମୃତ୍ୟୁକୁ ନେଇ ଜାତୀୟସ୍ତରରେ ଦୁର୍ନାମ ମୁଣ୍ଡାଇଛି ଓଡ଼ିଶା। ସଂରକ୍ଷିତ ଜଙ୍ଗଲରେ ଶିକାରୀ ଏବଂ ଜଙ୍ଗଲ ତଳି ଅଞ୍ଚଳରେ ମୁକୁଳା ବିଦ୍ୟୁତ୍ ତାର ଏହି ବିଶାଳକାୟ ସ୍ତନ୍ୟପାୟୀ ପ୍ରାଣୀଙ୍କ ଜୀବନକୁ ବିପଦରେ ପକାଇଛି। ହାତୀବହୁଳ ଅଞ୍ଚଳରେ ବିଦ୍ୟୁତ୍ ତାରକୁ କେବୁଲ୍ କରିବା ଦିଗରେ ପଦକ୍ଷେପ ନେବାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ତାହା ହେଉନାହିଁ। ମାଳିଗାଁ ଅଞ୍ଚଳ ଦେଇ ଟଣାଯାଇଥିବା ୧୧ କେଭି କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ତାର କେବୁଲ ହୋଇଛି। ତେବେ ମାଳିଗାଁ ଯାଇଥିବା ୫୫ ମିଟର ଏଲ୍‌ଟି ଲାଇନ ମୁକୁଳା ବିଦ୍ୟୁତ୍ ତାର ପାଇଁ ଏଭଳି ଅଘଟଣ ଘଟିଥିବା ରେଞ୍ଜ୍ ଅଧିକାରୀ ବିଜୟ କୁମାର ମହାନ୍ତ କହିଛନ୍ତି। ଏଲ୍‌ଟି ଲାଇନ ଉଚ୍ଚତା କମ୍ ଥିବା ବେଳେ ଡାଳପତ୍ର ମଧ୍ୟରେ ବିଦ୍ୟୁତ୍ ତାର ଲୁଚି ଯାଇଛି। ଏହାକୁ ସଫେଇ କରିବା ଦିଗରେ ବିଦ୍ୟୁତ୍ ବିଭାଗ କିମ୍ବା ବନ ବିଭାଗ ପଦକ୍ଷେପ ନେଉନାହିଁ। ତେଣୁ ଆଗକୁ ଏଭଳି ଅଘଟଣ ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ ବୋଲି ବନ୍ୟପ୍ରାଣୀ ପ୍ରେମୀମାନେ କହିଛନ୍ତି। ଅନ୍ୟପଟେ ବିଦ୍ୟୁତ୍ ଆଘାତରେ ୨ ହାତୀଙ୍କ ମୃତ୍ୟୁ ଘଟିଥିବା ଡିଏଫ୍‌ଓ ଧନରାଜ ଏଚ.ଡି. ସ୍ପଷ୍ଟ କରିଛନ୍ତି।

### ମୃତ ହାତୀ ମଧ୍ୟରୁ ଗୋଟିଏ ଗର୍ଭବତୀ

ମୃତ ଦୁଇ ହାତୀଙ୍କ ଆନୁମାନିକ ବୟସ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ। ତନ୍ମଧ୍ୟରୁ ଗୋଟିଏ ହାତୀ କିଛି ମାସ ତଳେ ଏକ ଶାବକ ଜନ୍ମ ଦେଇଥିଲା। ଅନ୍ୟ ଏକ ହାତୀ ଗର୍ଭବତୀ ଥିବା ବ୍ୟବଚ୍ଛେଦ ସମୟରେ ଜଣାପଡ଼ିଛି। ଡବ୍ଲ୍ୟୁଟିଆଇ କେନ୍ଦୁଝର ମୋବାଇଲ ଭିଏସ୍ ଡା. ବ୍ରଜରାଜ ସିଂ ଯାଦବ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଳୟ ଉପନିର୍ଦ୍ଦେଶକ ଡା. କୈଳାସ ଚନ୍ଦ୍ର ମଲ୍ଲିକ, ବାଂଶପାଳ ବ୍ଲକ ଭେଟେରିନାରି ଅଫିସର ଆଶିଷ କୁମାର ଦାସ ବ୍ୟବଚ୍ଛେଦ କରିବା ପରେ ହାତୀ ମୃତଦେହ ପୋତି ଦିଆଯାଇଛି।

### କେନ୍ଦୁଝର ଡିଭିଜନ ହାତୀଙ୍କ କବରସ୍ଥଳ

ବିଭିନ୍ନ କାରଣରୁ କେନ୍ଦୁଝର ଡିଭିଜନରେ ଗତ ୩ ବର୍ଷ ମଧ୍ୟରେ ୨୦ ହାତୀଙ୍କ ମୃତ୍ୟୁ ଘଟିଲାଣି। ଗତ ୨ ବର୍ଷ ମଧ୍ୟରେ କେବଳ ବିଦ୍ୟୁତ୍ ଆଘାତରେ ୪ ହାତୀଙ୍କ ଜୀବନ ଯାଇଛି। ଖଣି ପ୍ରଭାବିତ କେନ୍ଦୁଝର ଏବେ ହାତୀଙ୍କ କବରସ୍ଥଳ ପାଲଟିଥିବା ବନ୍ୟପ୍ରାଣୀ ବିଶେଷଜ୍ଞ କହିଛନ୍ତି। ପରିବେଶବିତ୍ ଡ. ବିଦ୍ୟାଧର ବେହେରା କହିଛନ୍ତି, ଏହା ଅତ୍ୟନ୍ତ ଦୁଃଖଦ ଘଟଣା। କେନ୍ଦୁଝର ବନଖଣ୍ଡରେ ବାରମ୍ବାର ଏପରି ଘଟଣା ଘଟୁଛି। ଟ୍ରାକିଂ ଏବଂ ମନିଟରିଂ ଅଭାବରୁ ଅକାଳରେ ହାତୀଙ୍କ ଜୀବନ ଯାଉଛି। ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସେମାନେ ଦୋଷ କରି ସହଜରେ ଖସିଯାଉଛନ୍ତି। ଏଭଳି ଦାୟିତ୍ୱହୀନତା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ। ରାଉରକେଲା ଆର୍‌ସିସିଏଫ୍ ଡ. ଅରୁଣ ମିଶ୍ର କହିଛନ୍ତି, ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ୍‌ରେ ଯୁଦ୍ଧକାଳୀନ ଭିତ୍ତିରେ କମ ଉଚ୍ଚତାରେ ଥିବା ବିଦ୍ୟୁତ୍ ତାରକୁ ଅଧିକ ଉଚ୍ଚ କରିବା ଏବଂ କେବୁଲ ଟାଣିବା ପାଇଁ କୁହାଯାଇଛି। ଅନେକ ସ୍ଥାନରେ ଏହି କାମ ଶେଷ ହୋଇଛି। ଅବଶିଷ୍ଟ କାମ ମାସେ ମଧ୍ୟରେ ସାରିବାକୁ ଟାଟା ପାୱାରକୁ ନିର୍ଦ୍ଦେଶ ଦିଆଯାଇଛି।

# ଅକ୍ଟୋବର ୧୨ ସୁଦ୍ଧା ୫ଜି

ନୂଆଦିଲ୍ଲୀ,୨୫।୮

ଆସନ୍ତା ଅକ୍ଟୋବର ୧୨ ସୁଦ୍ଧା ଭାରତରେ ୫ଜି ସେବା ଶୁଭାରମ୍ଭ ହେବାକୁ ଯାଉଛି। କେନ୍ଦ୍ର ସୂଚନା ପ୍ରଯୁକ୍ତି (ଆଇଟି) ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ଏହି ସୂଚନା ଦେଇଛନ୍ତି। ପରେ ଏହା ବିଭିନ୍ନ ମହାନଗର ଓ ସହରକୁ ସମ୍ପ୍ରସାରଣ କରାଯିବ। ତୁରନ୍ତ ୫ଜି ସେବା ଲଞ୍ଚ ନେଇ ଯୋଜନା ହୋଇଛି ଓ ଟେଲିକମ୍ ଅପରେଟରମାନେ ଏଦିଗରେ କାମ ଚଳାଇଛନ୍ତି। ୫ଜି ସେବା ଦର ଯଥାସମ୍ଭବ କମ୍ ରଖିବା ଲାଗି ଟେଲିସେବା ଯୋଗାଉଥିବା କମ୍ପାନୀଗୁଡ଼ିକୁ କୁହାଯାଇଥିବା ଅଶ୍ୱିନୀ କହିଛନ୍ତି। ଆଗାମୀ ୨ରୁ ୩ ବର୍ଷ ମଧ୍ୟରେ ଦେଶର କୋଣ ଅନୁକୋଣରେ ୫ଜି ସେବା ପହଞ୍ଚାଇବା ପାଇଁ ସରକାର ଆଶା ରଖିଛନ୍ତି। ଲୋକଙ୍କ ପକେଟକୁ ସୁହାଇବା ଭଳି ଦର ରହିବ। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ଫୋକସ୍‌ରେ ରଖାଯାଇଥିବା ଆଇଟି ମନ୍ତ୍ରୀ କହିଛନ୍ତି। ନିକଟରେ ହୋଇଥିବା ନିଲାମରେ ଭାରତୀ ଏୟାରଟେଲ, ରିଲାଏନ୍ସ ଜିଓ, ଆଦାନୀ ଡାଟା ନେଟୱର୍କ ଏବଂ ଭୋଡାଫୋନ୍ ଆଇଡିଆ ଭାଗ ନେଇ ୫ଜି ସେବା ପାଇଁ ସ୍ପେକ୍ଟ୍ରମ କିଣିବା ନିମନ୍ତେ ଟେଲିକମ୍ ବିଭାଗ ନିକଟରେ ୧୭,୮୭୬ କୋଟି ଟଙ୍କା ଜମା କରିଛନ୍ତି। ମୋଟ ୧.୫ ଲକ୍ଷ କୋଟି ଟଙ୍କା ମୂଲ୍ୟର ସ୍ପେକ୍ଟ୍ରମ୍ ବିକ୍ରି ପାଇଁ ଟେଲିକମ୍ ବିଭାଗ ବିଡ୍ ପାଇଥିବାବେଳେ ସେଥିରୁ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଜିଓ ସର୍ବାଧିକ ୮୭,୯୪୬.୯୩ କୋଟି ଟଙ୍କାର ଏୟାରୱେଭ୍ କିଣିବା ପାଇଁ ବିଡ୍ ଦାଖଲ କରିଛି। ୫ଜି ସେବାରେ ଆଗରେ ରହିବା ଲାଗି ମୁଖ୍ୟତଃ ମୁକେଶଙ୍କ ରିଲାଏନ୍ସ ଜିଓ ଏବଂ ସୁନୀଲ ମିତ୍ତଲଙ୍କ ଏୟାରଟେଲ୍ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଅନ୍ୟପକ୍ଷରେ ଟେଲିକମ୍ ସେକ୍ଟରରେ ହଠାତ୍ ଗୌତମ ଆଦାନୀଙ୍କ ପ୍ରବେଶ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

୫ଜି ସେବା ଯୋଗାଣକୁ ତ୍ୱରାନ୍ୱିତ କରିବା ଲାଗି ଟେଲିକମ୍ ବିଭାଗ ସ୍ପେକ୍ଟ୍ରମ ନିଲାମ ଦିନ ସଫଳ ବିଡରମାନଙ୍କୁ ଆସାଇନ୍‌ମେଣ୍ଟ ଲେଟର ଇସ୍ୟୁ କରିଥିଲା। ମିଳିଥିବା ଏକ ଖବର ଅନୁଯାୟୀ ୫ଜି ସେବା ପର୍ଯ୍ୟାୟକ୍ରମେ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ନିର୍ଦ୍ଦିଷ୍ଟ ୧୩ଟି ମହାନଗର ଦ୍ରୁତ ଇଣ୍ଟରନେଟ ସେବା ପାଇବାକୁ ଯାଉଛି। ସେହି ମହାନଗରଗୁଡ଼ିକ ହେଲେ ଅହମଦାବାଦ, ବେଙ୍ଗାଲୁରୁ, ଚଣ୍ଡିଗଡ଼, ଚେନ୍ନାଇ, ଦିଲ୍ଲୀ, ଗାନ୍ଧୀନଗର, ଗୁରୁଗ୍ରାମ, ହାଇଦ୍ରାବାଦ, ଜାମନଗର, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ ଏବଂ ପୁଣେ।

# ଜଏଣ୍ଟ ଟାସ୍କଫୋର୍ସ ଦ୍ୱାରା ତଦନ୍ତ ହେବ

କଟକ ଅଫିସ,୨୫।୮

ରାଜ୍ୟରେ ହାତୀମୃତ୍ୟୁ ଘଟଣା ରୋକିବା ନିମନ୍ତେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ପୋଲିସ ଓ ବନ ବିଭାଗର ଏକ ମିଳିତ ଟାସ୍କଫୋର୍ସ ବା ଜଏଣ୍ଟ ଟାସ୍କଫୋର୍ସ ଗଠନ କରାଯିବ। ଏସମ୍ପର୍କରେ ପୋଲିସ ଡିଜି ଗୁରୁବାର ସତ୍ୟପାଠ ମାଧ୍ୟମରେ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ତେବେ ଗୁରୁବାର ଭୋର ସମୟରେ କେନ୍ଦୁଝର ସିଦ୍ଧମଠ ରେଞ୍ଜ ଜୁଡ଼ିଆଘାଟି ନିକଟସ୍ଥ ଓୟୁଏଟି କ୍ୟାମ୍ପସରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ୨ଟି ହାତୀ ସମ୍ପର୍କିତ ତଥ୍ୟ ସତ୍ୟପାଠ ମାଧ୍ୟମରେ ଅଦାଲତଙ୍କୁ ଅବଗତ କରାଇବା ପାଇଁ ଆଡ୍‌ଭୋକେଟ୍ ଜେନେରାଲଙ୍କୁ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୭କୁ ସ୍ଥିର ହୋଇଛି।

## ହାଇକୋର୍ଟରେ ହାତୀ ମୃତ୍ୟୁ ମାମଲା

- ସତ୍ୟପାଠ ଦାଖଲ କଲେ ପୋଲିସ ଡିଜି
- ପୋଲିସ-ବନ ବିଭାଗ କରିବେ ମିଳିତ ତଦନ୍ତ

ପ୍ରକାଶ ଯେ, ରାଜ୍ୟରେ ହାତୀ ମୃତ୍ୟୁ ଘଟଣା ସମ୍ପର୍କରେ ଗୀତା ରାଉତଙ୍କ ପକ୍ଷରୁ ଦାଏର ଜନସ୍ୱାର୍ଥ ମାମଲାର ବିଚାର ପରିପ୍ରେକ୍ଷୀରେ ଗତ ୬ ତାରିଖରେ ମୁଖ୍ୟ ବନ ସଂରକ୍ଷକ ଶଶୀ ପଲ୍ ଗତ ୫ ବର୍ଷ ମଧ୍ୟରେ ବେଆଇନ ହାତୀ ଶିକାର ଓ ମୃତ୍ୟୁ ସଂକ୍ରାନ୍ତୀୟ ୧୭ ପୃଷ୍ଠା ସମ୍ବଳିତ ସତ୍ୟପାଠ ହାଇକୋର୍ଟରେ ଦାଖଲ କରିଥିଲେ। ୮ ତାରିଖରେ ଏହି ମାମଲାର ଶୁଣାଣି ବେଳେ ମୁଖ୍ୟ ବନ ସଂରକ୍ଷକ ପଲ୍ ଭର୍ଚୁଆଲ ଜରିଆରେ ଅଦାଲତଙ୍କ ନିକଟରେ ହାଜର ହୋଇ ନିଜର ପକ୍ଷ ରଖିଥିଲେ। ବନ ବିଭାଗ ପକ୍ଷରୁ ରୁଜୁ ହୋଇଥିବା ୧୪ଟି ମାମଲା ମଧ୍ୟରୁ ମାତ୍ର ଗୋଟିଏ ମାମଲାର ବିଚାର ହୋଇଥିବା ବେଳେ ଅନ୍ୟଗୁଡ଼ିକ ବିଚାର ଅପେକ୍ଷାରେ ପଡ଼ିରହିବାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ମାମଲାଗୁଡ଼ିକର ଅଗ୍ରଗତି କାହିଁକି ହୋଇପାରି ନାହିଁ ବୋଲି ମୁଖ୍ୟ ବନ ସଂରକ୍ଷକଙ୍କୁ ତାଗିଦ୍ କରିଥିଲେ। ଏଥିସହ ବିଭିନ୍ନ ଘଟଣାରେ ଗୁଳିଗୋଳା ଜବତ ହେଉଥିଲେ ବି କୌଣସି ମାମଲାରେ କାହିଁକି ଆର୍ମସ ଆକ୍ଟର ଦଫା ଲାଗୁ କରାଯାଇନାହିଁ ବୋଲି ହାଇକୋର୍ଟ ପଚାରିଥିଲେ। ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ କ'ଣସବୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହା ଦର୍ଶାଇବାକୁ ମଧ୍ୟ ଅଦାଲତ ନିର୍ଦ୍ଦିଷ୍ଟ ଭାବେ ଗୁରୁତ୍ୱ ଦେଇଥିଲେ। ତେବେ ମାମଲାଗୁଡ଼ିକର ତଦନ୍ତ କ୍ରାଇମ ବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ(ଏସ୍‌ଟିଏଫ୍) ଅଧୀନରେ ରହୁଥିବାରୁ ବନ ବିଭାଗର କିଛି କର୍ତ୍ତୃତ୍ୱ ରହୁନାହିଁ। ଏଥିସହ କ୍ରାଇମ୍ ବ୍ରାଞ୍ଚ ନିକଟରେ ବନ ବିଭାଗର ମାମଲା ବ୍ୟତୀତ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲା ରହିବା ଏବଂ ଅଧିକାରୀଙ୍କ କମ୍ ହେବା କାରଣରୁ ହାତୀମୃତ୍ୟୁ ସଂକ୍ରାନ୍ତୀୟ ମାମଲାଗୁଡ଼ିକ ବିଳମ୍ବିତ ହେଉଥିବା ମୁଖ୍ୟ ବନ ସଂରକ୍ଷକ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ଫଳରେ ହାଇକୋର୍ଟ ପୋଲିସ ଡିଜିଙ୍କୁ ମାମଲାଗୁଡ଼ିକର ତଦନ୍ତ ସ୍ଥିତି ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଆଡ୍‌ଭୋକେଟ ଜେନେରାଲ ଶୁଣାଣିରେ ଉପସ୍ଥିତ ରହି ସହଯୋଗ କରିବାକୁ ଅଦାଲତ କହିଥିଲେ।

ଭାରତୀୟ ଖାଦ୍ୟ ନିଗମ | FOOD CORPORATION OF INDIA
୧୬-୨୦, ବାରାଖମ୍ବା ଲେନ୍, ନୂଆଦିଲ୍ଲୀ - ୧୧୦୦୦୧
Azadi Ka Amrit Mahotsav

**ନିଯୁକ୍ତି ବିଜ୍ଞପ୍ତି**

ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ), ରାଷ୍ଟ୍ରର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରୁଥିବା ଅନ୍ୟତମ ସର୍ବବୃହତ୍ ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ, ସାରା ଦେଶରେ ବ୍ୟାପ୍ତ ଏହାର ଡିପୋ ଓ କାର୍ଯ୍ୟାଳୟଗୁଡ଼ିକରେ **ମ୍ୟାନେଜମେଣ୍ଟ ଟ୍ରେନି/ମ୍ୟାନେଜର**ଙ୍କ କ୍ଷେତ୍ର-ୱାରି ନିଯୁକ୍ତି ପାଇଁ ନିର୍ଦ୍ଧାରିତ ଯୋଗ୍ୟତା, ବୟସ, ଅଭିଜ୍ଞତା ଆଦି ମାନଦଣ୍ଡ ପୂରଣ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ କେବଳ **ଅନ୍‌ଲାଇନ୍ ଦରଖାସ୍ତ** ଆହ୍ୱାନ କରୁଛି ।

୧. ପ୍ରାର୍ଥୀମାନେ ଏଫ୍‌ସିଆଇ ୱେବ୍‌ସାଇଟ୍ **https://fci.gov.in** ମାଧ୍ୟମରେ ଅନ୍‌ଲାଇନ୍‌ରେ ଏଫ୍‌ସିଆଇ ୱେବ୍‌ସାଇଟ୍‌ର ମୁଖ୍ୟ ପୃଷ୍ଠାର ''ଚଳିତ ନିଯୁକ୍ତି'' ଶୀର୍ଷକ ଅଧୀନରେ ଆବେଦନ କରିପାରନ୍ତି ।
୨. ଯୋଗ୍ୟତା ମାନଦଣ୍ଡ, ସଂରକ୍ଷଣ, ବୟସ ଇତ୍ୟାଦି ସମ୍ବନ୍ଧୀୟ ବିବରଣୀ ପାଇଁ ପ୍ରାର୍ଥୀମାନେ ଦୟାକରି 'ଏମ୍ପ୍ଲୟମେଣ୍ଟ ନ୍ୟୁଜ୍/ରୋଜଗାର ସମାଚାର'ରେ ତା୦୩।୦୯।୨୦୨୨ରିଖରେ ପ୍ରକାଶିତ ହେବାକୁ ଯାଉଥିବା ସବିଶେଷ ବିଜ୍ଞାପନ ଅଥବା ଏଫ୍‌ସିଆଇ ୱେବ୍‌ସାଇଟ୍ **https://fci.gov.in** ଦେଖିପାରନ୍ତି ।
୩. ଅନ୍‌ଲାଇନ୍ ଆବେଦନ ଫର୍ମ ଦାଖଲ **ତା୨୭।୦୮।୨୦୨୨ରିଖ, ୧୦.୦୦ ଘଣ୍ଟିକାରୁ** ଆରମ୍ଭ ହେବ । ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ ହେଉଛି **ତା୨୬।୦୯।୨୦୨୨ରିଖ, ୧୬.୦୦ ଘଣ୍ଟିକା** ।

ରାଷ୍ଟ୍ରର ଖାଦ୍ୟ ସୁରକ୍ଷାର ପ୍ରହରୀ

# ଉଚ୍ଚଶିକ୍ଷାକୁ ସମ୍ବଳ ନାହିଁ

- ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଅନାଥ ସୁଭଦ୍ରା
- ୩ବର୍ଷ ହେଲା ପରପାରିରେ ପାଳିତ ମା'ବାପା
- ଦଦରା ଘରେ ବିତୁଛି ଦିନ, ଲାଗୁଛନ୍ତି ମଜୁରି

ପାଟଣା, ୨୫।୮(ସ୍ୱ.ପ୍ର.)

ମାତ୍ର ଅଢ଼େଇ ମାସର ହୋଇଥିବାବେଳେ ତାଙ୍କୁ କୋଳାଇ ନେଇଥିଲେ ନିଃସନ୍ତାନ ଦମ୍ପତି। ହେଲେ ଦଇବ ସାଧିଲା ଦାଉ। ୩ ବର୍ଷ ତଳେ ହାତ ଧରାଧରି ପରପାରିର ଯାତ୍ରୀ ସାଜିଲେ ମା'ବାପା। ଅସୁମାରୀ ସ୍ୱପ୍ନ ଭାଙ୍ଗିଗଲା କ୍ଷଣିକରେ। ତଥାପି ସେ ହାର୍ ମାନିଲେନି। କଅଁଳ ବୟସରେ ମୂଲ ମଜୁରି ଲାଗି ମାଟ୍ରିକ୍ ପାସ୍ କଲେ। ହେଲେ ଉଚ୍ଚଶିକ୍ଷାର ସ୍ୱପ୍ନ ଆଗରେ ଏବେ ପାଚେରି ହୋଇ ଛିଡ଼ା ହୋଇଛି ଦାରିଦ୍ର୍ୟ। ଭଙ୍ଗାଦଦରା ଘରେ କଟୁଛି ଦିନ। ଦେୟ ପୈଠ କରିପାରୁ ନ ଥିବାରୁ ବିଜୁଳି ଶକ୍ତି ବିଚ୍ଛିନ୍ନ କରିଦେଇଛି ବିଦ୍ୟୁତ୍ ବିଭାଗ। ଜୀବନ ପ୍ରତି ବିପଦ ଥିବାରୁ ପଡ଼ୋଶୀ ଘରେ ରାତିରେ ମୁଣ୍ଡ ଗୁଞ୍ଜିବାକୁ ବାଧ ହେଉଛନ୍ତି। କଅଁଳ ବୟସରେ ଜୀବନ ସଂଘର୍ଷକୁ ନେଇ ଥକି ପଡ଼ିଥିବା ବେଳେ ସହାୟତାର ହାତ ବଢ଼ାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବୁଧବାର ଚିଠି ଲେଖି ନିବେଦନ କରିଛନ୍ତି କେନ୍ଦୁଝର ଜିଲା ପାଟଣା ବ୍ଲକ ମୂଷାଖରି ପଞ୍ଚାୟତ ମଲ୍ଲୀପଶି ଗ୍ରାମର ଛେଉଣ୍ଡ ନାବାଳିକା ସୁଭଦ୍ରା ନାଏକ।



ସୁଭଦ୍ରା ନାଏକ

ମାତ୍ର ଅଢ଼େଇ ମାସର ହୋଇଥିବାବେଳେ ସୁଭଦ୍ରାଙ୍କୁ କୋଳାଇ ନେଇଥିଲେ ମଲ୍ଲିପଶି ଗ୍ରାମର ନିଃସନ୍ତାନ ଦମ୍ପତି ବିଜୟ ନାଏକ ଏବଂ ସ୍ତ୍ରୀ ରମି ନାଏକ। ସେମାନେ ନିକଟବର୍ତ୍ତୀ ଏକ ଗ୍ରାମରୁ ତାଙ୍କୁ ପୋଷ୍ୟ ଗ୍ରହଣ କରିଥିଲେ। ଗରିବ ହୋଇଥିଲେ ବି ଝିଅଙ୍କୁ ବଡ଼ ଯତ୍ନର ସହ ଲାଳନପାଳନ କରୁଥିଲେ। ହେଲେ ବିଧିର ବିଧାନ ଥିଲା ଅଲଗା। ୩ବର୍ଷ ତଳେ ପାଳିତ ମା'ବାପାଙ୍କ ଆଗପଛ ହୋଇ ମୃତ୍ୟୁ ଘଟିଲା। ଏହାପରେ ସୁଭଦ୍ରାଙ୍କ ମୁଣ୍ଡରେ ଛିଣ୍ଡିପଡ଼ିଲା ଦୁଃଖର ପାହାଡ଼। ପେଟପାଟଣା ପାଇଁ ସେ ପରଘରେ କାମ କଲେ। ବିଲବାଡ଼ିରେ ମଜୁରି ଖଟିଲେ। ନିଜ ଉପାର୍ଜନରେ ମଲ୍ଲିପଶିସ୍ଥିତ ଜନତା ଉଚ୍ଚ ବିଦ୍ୟାଳୟରେ ପାଠ ପଢ଼ି ମାଟ୍ରିକ ପରୀକ୍ଷାରେ ପାସ୍ ମଧ୍ୟ କରିଛନ୍ତି। ହେଲେ ଅର୍ଥାଭାବ ଏବେ ତାଙ୍କ ଉଚ୍ଚ ଶିକ୍ଷାରେ ପ୍ରତିବନ୍ଧକ ସାଜିଛି। ସମସ୍ତେ ତାଙ୍କ ଦୁରାବସ୍ଥା ବିଷୟରେ ଜାଣିଥିଲେ ମଧ୍ୟ କେହି ତାଙ୍କୁ ସହଯୋଗର ହାତ ବଢ଼ାଇନାହାନ୍ତି। ତେଣୁ ପ୍ରତିକୂଳ ପରିସ୍ଥିତିରେ ଭବିଷ୍ୟତକୁ ନେଇ ସନ୍ଦିହାନ ହୋଇପଡ଼ିଥିବା ସୁଭଦ୍ରା ନିପଟ ପଲ୍ଲୀରୁ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କିମ୍ବା କୌଣସି ବଦାନ୍ୟ ବ୍ୟକ୍ତି ଅଥବା ଅନୁଷ୍ଠାନ ସହାୟତାର ହାତ ବଢାଇଲେ ସୁଭଦ୍ରାଙ୍କ ମୁହଁରେ ପୁଣି ହସ ଫୁଟି ପାରିବ ବୋଲି ପୂର୍ବତନ ସରପଞ୍ଚ ଅନାଦି ମହାନ୍ତ କହିଛନ୍ତି।



ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର- ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। -ଶ୍ରୀଅରବିନ୍ଦ



# ନବ ଦକ୍ଷିଣପନ୍ଥୀ ଓ ଅଧୋଗତି



ସାଲ୍‌ଭୋଜ ଜିଜେକ୍

ନିକଟରେ ଉତ୍ତର କୋସୋଭୋରେ ସଙ୍କଟ ପ୍ରକାଶ ପାଇ ଶୀଘ୍ର ଶେଷ ହୋଇଗଲା। ଏହା ପଛର କାରଣ ହେଉଛି, ଏହାକୁ କେହି ବଢ଼ାଇଲେ ନାହିଁ। କିନ୍ତୁ ରୁଷିଆ ବାଲକନ୍ ପ୍ରଚ୍ଛଦରେ ରହି ଏହାକୁ ସଞ୍ଚାଳନ କରି ଉତ୍ତେଜନା ସୃଷ୍ଟି କରି ତାହାକୁ ବଢ଼ାଇବାକୁ ଚାହୁଁଥିବାରୁ ଏହି ସଙ୍କଟ ପୁଣି ଫେରିବ। କିନ୍ତୁ କ୍ଷୀଣ ଅଗ୍ନିଶିଖା କିଭଳି ପବନରେ ଏକ ବିଧ୍ୱଂସକ ଅଗ୍ନି ବଳୟରେ ପରିଣତ ହୋଇପାରେ ତାହା ଉକ୍ତ ମାମୁଲି ସଙ୍କଟର ପ୍ରାରମ୍ଭରୁ ଜଣାପଡୁଛି। କୋସୋଭୋ ସରକାର ଉତ୍ତର କୋସୋଭୋରେ ରହୁଥିବା ସର୍ବୀୟପାଇଁ ସର୍ବିୟାନ ନମ୍ବର ପ୍ଲେଟ୍ ବଦଳରେ ସ୍ଥାନୀୟ ନମ୍ବର ପ୍ଲେଟ୍ ପାଇଁ ଆବେଦନ କରିବା ଏକ ପ୍ରମୁଖ ଆବଶ୍ୟକତା ବୋଲି ଘୋଷଣା କରିଥିଲା। ସର୍ବୀୟମାନେ ଏହା ବିରୋଧରେ ପ୍ରତିବାଦ ଓ ରାସ୍ତା ଅବରୋଧ କରିଥିଲେ। ଫଳରେ ପରବର୍ତ୍ତୀ ଆଲୋଚନା ପର୍ଯ୍ୟନ୍ତ କୋସୋଭୋ ସରକାର ନମ୍ବର ପ୍ଲେଟ ଉପରେ ପଦକ୍ଷେପ ଗ୍ରହଣ କରିବା କାର୍ଯ୍ୟକୁ ଏକ ମାସ ପର୍ଯ୍ୟନ୍ତ ବିଳମ୍ବ କରିବାକୁ କହିଛନ୍ତି। ସର୍ବିୟାରେ ଥିବା କୋସୋଭୋ ଲାଇସେନ୍ସ ପ୍ଲେଟ୍ ରଖିଥିବା କୋସୋଭୋ ଲୋକଙ୍କ ଲାଗି ମଧ୍ୟ ଦୀର୍ଘଦିନରୁ ସମାନ ପ୍ରକାର ନିୟମ ରହିଥିଲା ଏବଂ କୋସୋଭୋ ସମାନ ପ୍ରକାର ମାନଦଣ୍ଡ ଲାଗୁ କରିବାକୁ ଚେଷ୍ଟା କରୁଥିଲା। ଏବେ ତାହା କଲା । କିନ୍ତୁ ସମସ୍ୟା ହେଉଛି କୋସୋଭୋକୁ ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ସର୍ବିୟା ସ୍ୱୀକୃତି ଦେଇନାହିଁ। ଏପରିକି, ବିଶ୍ୱରେ ଆମେରିକା ସହ ଅନ୍ୟ ୧୦୦ ଦେଶ ଏହାକୁ ଏଭଳି ସ୍ୱୀକୃତି ପ୍ରଦାନ କରିନାହାନ୍ତି। ଏହା ଏକ ସମ୍ପୂର୍ଣ୍ଣ ସ୍ଥାନୀୟ ସମସ୍ୟା ହେଲେ ବି ୟୁକ୍ରେନ୍ ବିରୋଧରେ ଆରମ୍ଭ ହୋଇଥିବା ଯୁଦ୍ଧଜନିତ ଉତ୍ତେଜନା ସହ ଏହାର ଭୂ ରାଜନୈତିକ ଗତିଶୀଳତା ସମ୍ପର୍କ ରହିଛି। କିନ୍ତୁ ସର୍ବିୟାର ଶାସକ ଦଳ ସର୍ବିୟାନ ପ୍ରୋଗ୍ରେସିଭ ପାର୍ଟିର ଜଣେ ସାଂସଦ ଭ୍ଲାଡିମିର ଡୁକାନୋଭିକ୍ ୟୁକ୍ରେନ୍‌କୁ ଲୁଣ୍ଠନ କରିବା ପାଇଁ ରୁଷିଆର ମନୋଭାବକୁ ଲୋକଙ୍କ ନିକଟରେ ପହଞ୍ଚାଉଛନ୍ତି । ନିକଟରେ ସେ କହିଛନ୍ତି ଯେ ବାଲକାନ୍ ଅଞ୍ଚଳରେ ଥିବା ଲୋକମାନଙ୍କୁ ଅସ୍ୱୀକାର କରିବା ଲାଗି କାର୍ଯ୍ୟରେ ସମ୍ପୃକ୍ତ ହେବାକୁ ସର୍ବିୟାକୁ ନିଶ୍ଚିତ ଭାବେ ଚାପ ପକାଯାଇଛି। ସମ୍ପୃକ୍ତ ହେବା ଲାଗି ଚାପ ପକାଯାଉଛି କୁହାଯିବା ରୁଷିଆ ଲାଗି ହାସ୍ୟାସ୍ପଦ। ଏହା ୟୁକ୍ରେନ୍ ଆକ୍ରମଣ ପ୍ରତି ପ୍ରକାଶ ପାଇଥିବା ନଟୋର ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟକୁ ଦୋହରାଉଛି। ଏଥିରୁ ବୁଝାପଡୁଛି, ସମଗ୍ର ୟୁରୋପ ପତନ ବା ଅଧୋଗତି ଭଉଁରୀ (ଏଲଜିବିଟି ପ୍ଲସ୍, ସମଲଙ୍ଗୀ ବିବାହ, ସ୍ୱଷ୍ଟ ଲିଙ୍ଗ ନିର୍ଦ୍ଧାରଣ ପ୍ରକ୍ରିୟାର ଅଭାବ ଓ ଏହି ଭଳି ଅନେକ ସମସ୍ୟା)ରେ ପଡ଼ିଛି। ଭ୍ଲାଡିମିର ପୁଟିନ୍‌ଙ୍କ କୋର୍ଟ ଫିଲୋସଫର ଆଲେକ୍‌ଜାଣ୍ଡ୍ର ଡୁଗିନଙ୍କ ମତରେ, ପାଶ୍ଚାତ୍ୟ ସଭ୍ୟତାରେ ରହିଥିବା ବାସ୍ତବ ଶତ୍ରୁ ସହ ଆମେ ଲଢେଇ କରୁଛୁ ଏବଂ ୟୁକ୍ରେନୀୟ ନାଜିବାଦରେ ଥିବା ଏହାର ଉଦାର-ବହୁବାଦୀ ନେତୃତ୍ୱ ବିପକ୍ଷରେ ବି ସଂଗ୍ରାମ କରାଯାଉଛି। ଏହି ସଂସ୍କୃତି ଯୁଦ୍ଧରେ ଅଗ୍ର ନେତୃତ୍ୱ ନେଇ ରୁଷିଆ ଲଗାତର ହସ୍ତକ୍ଷେପ କରିଆସୁଛି। କୋସୋଭୋ ଏବଂ ବୋସ୍‌ନିଆରେ ଏହା ଛାୟାଯୁଦ୍ଧ ଚଳାଉଛି, ଯାହା ନାଟୋ ସଦସ୍ୟମାନଙ୍କୁ ସତର୍କ ରହିବାକୁ ବାଧ୍ୟ କରିଛି। ଦୁର୍ଭାଗ୍ୟବଶତଃ ପାଶ୍ଚାତ୍ୟ ବାମବାଦୀମାନେ ଶାନ୍ତିବାଦୀ ଭାବେ ପୁଟିନଙ୍କ ‘ ନାଜିକରଣ ମୁକ୍ତ ଯୋଜନାର ଭୂରାଜନୈତିକ ଦିଗକୁ ଅଣଦେଖା ବା ଦୂର କରିବାକୁ ଚାହିଁଛନ୍ତି। ବ୍ରିଟିଶ ଲେବର ପାର୍ଟିର ପୂର୍ବତନ ନେତା ଜେରିମ କୋର୍‌ବିନ ନିକଟରେ ପ୍ରକାଶ କରିଛନ୍ତି ଯେ, ୟୁକ୍ରେନ୍‌କୁ ଅସ୍ତ୍ରଶସ୍ତ୍ର ଅଜାଡ଼ି ଦେଲେ ସମାଧାନର ପନ୍ଥା ବାହାରିବ ନାହିଁ ବରଂ ଏହି ଯୁଦ୍ଧ ଦୀର୍ଘଦିନ ଲାଗି ରହିବ ଓ ଚଳିତ ବର୍ଷ ଏହା ଅଧିକ ହେବ। ଏପରି କି ଆମେ ୟୁକ୍ରେନ୍ ଯୁଦ୍ଧସ୍ଥିତିରେ ବର୍ଷବର୍ଷ ଧରି ରହିବା।

ଏହି ସ୍ଥିତିରେ ଶାନ୍ତିବାଦୀଙ୍କ ମତରୁ ଏହା ସ୍ୱଷ୍ଟ ଯେ, ପାଶ୍ଚାତ୍ୟ ସରକାରଗୁଡ଼ିକ ରୁଷିଆକୁ ୟୁକ୍ରେନ୍ ସହଜରେ ଦଖଲ କରିବାକୁ ଛାଡିଦେବା ଦରକାର। ତଥାପି ଏବେ ଏକ ଭିନ୍ନ ପ୍ରକାର ଶାନ୍ତିବାଦ ଆକ୍ରମଣକାରୀଙ୍କ ପରିବର୍ତ୍ତେ ପୀଡ଼ିତ ଓ ଏହାର ସମର୍ଥକଙ୍କ ଉପରେ ଚାପ ପକାଉଛି। ପୁଟିନ୍‌ଙ୍କୁ ଶତ୍ରୁ ଭାବେ ଚିତ୍ରଣ କରିବା କିମ୍ବା ସମାଲୋଚନା କରିବା କଥା ନୁହେଁ ବୋଲି ପାଶ୍ଚାତ୍ୟା ଶାନ୍ତିବାଦୀମାନେ ଜୋର୍‌ରେ କହୁଛନ୍ତି।




ସେଥିପାଇଁ ଏବେ ହେଉ କିମ୍ବା ଭବିଷ୍ୟତରେ କିଛି ଚୁକ୍ତି କରିବା ଦରକାର, ଯାହାଦ୍ୱାରା ଆମେ ଭବିଷ୍ୟତର ଅଂଶୀଦାର ଭାବେ ତାହାକୁ ବ୍ୟବହାର କରିପାରିବ। ଅବଶ୍ୟ ଆମେ ଏହାର ବିପରୀତ କରୁଛୁ ଏବଂ ୟୁକ୍ରେନ୍ ଆକ୍ରମଣରେ ପୁଟିନଙ୍କୁ କଡ଼ା ସମାଲୋଚନା କରୁଛୁ, ଶତ୍ରୁ ଭାବେ ଦେଖୁଛୁ। କେବଳ ବ୍ୟକ୍ତିଗତ ଭାବେ ନୁହେଁ ବରଂ ଏକ ବିପଜ୍ଜନକ ଭୂ-ରାଜନୈତିକ ଏବଂ ବିଚାରଗତ ଦିଗରୁ ଜଣେ ସମର୍ଥକ ଭାବେ ପ୍ରତିପାଦିତ କରୁଛୁ। ଏହାବାଦ୍ ଯଥେଷ୍ଟ ପ୍ରମାଣ ରହିଛି ଯେ,ଏବକାର ପାଶ୍ଚାତ୍ୟ ଦେଶଗୁଡ଼ିକର ବିଦେଶୀ ନାଗରିକମାନଙ୍କୁ ଚରମ ସାମାଜିକ ଓ ରାଜନୈତିକ ବ୍ୟବହାର ପ୍ରଦର୍ଶନ କରାଯାଉଛି। ରୁଷିଆର ଏଭଳି ଏକ ଭିନ୍ନ ପରିବର୍ତ୍ତନ ଦେଖାଯାଉଛି।

ତେବେ ଏବେ ଦେଖାଯାଇଥିବା ନବ ଦକ୍ଷିଣପନ୍ଥୀର ମୁଖ୍ୟ ବିଚାରଧାରର ଲକ୍ଷ୍ୟ ହେଉଛି ପାଶ୍ଚାତ୍ୟର ପତନ। ମଜଭୁତ ଶାସନ, ଅଶ୍ଳୀଳ ଭାଷାର ଆଚରଣ ପ୍ରତି ଏହାର ଆକର୍ଷଣ ଅଧିକ। ଆରିଜୋନାରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ରିପବ୍ଲିକାନ ପାର୍ଟି ପ୍ରାର୍ଥୀ କାରି ଲେକ୍ ନିକଟରେ ଏକ ପ୍ରଚାର ସଭାରେ ତାଙ୍କ ସାଥୀ ରିପବ୍ଲିକାନ ଡୋନାଲ୍ଡ ଟ୍ରମ୍ପ ଏବଂ ଫ୍ଲୋରିଡା ଗଭର୍ନର ରୋନ ଡିସାଣ୍ଟିସ ପ୍ରଶଂସା କଲା ଭଳି ମନ୍ତବ୍ୟ ଦେଇଥିଲେ , ଯେଉଁଥିରେ ଅଶ୍ଳୀଳତା ବା ଅଶୋଭନୀୟତା ରହିଥିଲା। ଅଧିକ ସମର୍ଥକଙ୍କୁ ଆକର୍ଷିତ କରିବା ଲାଗି ଏହାର ନେତାମାନଙ୍କୁ ଏଭଳି ଅଧିକ ଅଶ୍ଳୀଳତାର ମନୋରଞ୍ଜନ ଯୋଗାଇବା ଦରକାର ପଡୁଛି। ଏହା ଏକ ବିଚାରଧାରା ଯାହା ସେମାନଙ୍କ ଖରାପ ଆବେଗ ସହ କାର୍ଯ୍ୟ କରିବାକୁ ଅନେକ ଲକ୍ଷ ସମର୍ଥନଙ୍କୁ ଏକାଠି କରାଯାଇପାରୁଛି। ଆଉ ଏକ ଦୃଷ୍ଟାନ୍ତ। ୨୦୧୨ରେ ମିଶୌରିରୁ ଆମେରିକାର ରିପବ୍ଲିକାନ ସିନେଟ ନେମିନ ଟୋଡ ଆକିନ୍ ‘ଲେଜିଟିମେଟ ରେପ୍’ ବା ବୈଧ ବଳାତ୍କାର ଉପରେ ଯାହା କହିଥିଲେ ୟୁକ୍ରେନ୍‌ରେ କାର୍ଯ୍ୟ କରୁଥିବା ରୁଷିଆର ‘ପିସ୍‌କିପିଂ ମିଲିଟାରି ଇଣ୍ଟରଭେନସନ’ ଦୃଷ୍ଟିରେ ତାହା ନୁହେଁ। ସେ ବୈଧ ବଳାତ୍କାର ଉପରେ ଯାହା କହିଥିଲେ ତାହାକୁ ନେଇ ପ୍ରତିବାଦ ହେବା ଫଳରେ ପରେ ସେ ଭୁଲ୍‌ରେ ଏହା କହିଥିବା ସ୍ୱୀକାର କରିଥିଲେ ଓ ଏହାର ଅର୍ଥ ମଧ୍ୟ ବୁଝାଇଥିଲେ। କିନ୍ତୁ ତାଙ୍କ ମୂଳ ବାର୍ତ୍ତା ସେଭଳି ଅର୍ଥ ସହ ରହିଗଲା। ସମାନ ପ୍ରକାରେ ପୁଟିନ ୟୁକ୍ରେନ୍‌କୁ ସୂଚିତ କରିଛନ୍ତି। ଫେବୃୟାରୀ ୭ରେ ଏକ ପ୍ରେସ୍ କନ୍‌ଫରେନ୍ସରେ ସେ ମିନ୍‌ସ୍କ ଚୁକ୍ତିକୁ ୟୁକ୍ରେନ୍ ସରକାରଙ୍କ ବିରୋଧକୁ ନେଇ ସେ ଉପହାସ କରିଥିଲେ। ‘ଏହାକୁ ଭଲପାଅ କି ନ ପାଅ. ମୋ ପ୍ରିୟେ ଏହା ହିଁ ତୁମ କର୍ତ୍ତବ୍ୟ ’ବୋଲି କହିଥିଲେ। ଏହି ବାକ୍ୟର ଯୌନ ସମ୍ବନ୍ଧ ସମ୍ପର୍କରେ ରୁଷୀୟ ଓ ୟୁକେନୀମାନଙ୍କୁ ଭଲ ଭାବେ ଜଣା। ଏହା ‘ସ୍ଲିପିଂ ବିଉଟି ଇନ୍ ଏ କଫିନ୍’ରୁ ଆସିଛି। ବୁଝାପଡୁଛି ଯେ, ଏକ ଦେଶର ବଳାତ୍କାର ବେଳେବେଳେ ନ୍ୟାୟସଙ୍ଗତ ହୋଇଯାଉଛି। ପୀଡ଼ିତ ଏହା ପାଇଁ ଜବାବ ମାଗୁଛନ୍ତି, ମୁହଁ ଖୋଲୁଛନ୍ତି। ବଳାତ୍କାରରେ ପ୍ରେମର ମାନେ ଯେମିତି କିଛି ନାହିଁ, ଠିକ୍ ସେମିତି ନବ ଦକ୍ଷିଣପନ୍ଥୀଙ୍କୁ ଯାହା ପ୍ରେରିତ କରୁଛି ତାହା ପ୍ରେମ ନୁହେଁ, ତାହା ହେଉଛି ଦମନ ଓ ପ୍ରଭୁତ୍ୱ।

**ଫିଲୋସୋଫି ପ୍ରଫେସର୍, ୟୁରୋପିଆନ୍ ଗ୍ରାଜୁଏଟ୍ ସ୍କୁଲ**

# ସ୍ୱାବଲମ୍ବୀର ପଥ



ଇପ୍ସିତା ମହାନ୍ତି

ଆମ ଦେଶରେ ଗାଈ ଏକ ଆର୍ଥିକ ଜୀବରେ ପରିଗଣିତ ହେଉଛି। ଗ୍ରାମାଞ୍ଚଳ ଅର୍ଥନୀତିରେ ଗୋସମ୍ପଦର ଭୂମିକା ଅତି ମୂଲ୍ୟବାନ ସାବ୍ୟସ୍ତ ହୋଇଛି। ଏହା ବିନା ଗ୍ରାମାଞ୍ଚଳରେ ବସବାସ କରୁଥିବା ପରିବାରର ଜୀବନଜୀବିକାରେ ଭଙ୍ଗା ପଡ଼ିଯିବ। ଦେଶର ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଗାଈ ହେଉଛି କାମଧେନୁ ସଦୃଶ। ଚାଷୀ, ଗୋପାଳକ ଓ ମିଠା ବ୍ୟବସାୟୀଙ୍କ ସହ ଅନ୍ୟ କେତେକ ବ୍ୟବସାୟୀଙ୍କ ଆୟ ବୃଦ୍ଧିରେ ଗାଈ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ଏକ ହିସାବ ଅନୁଯାୟୀ ବିଗତ ୫ବର୍ଷରେ ଆମ ଦେଶର ଦୁଗ୍ଧ ଉତ୍ପାଦନ ୭୬ପ୍ରତିଶତ ବୃଦ୍ଧି ଘଟିଛି। ଗାଈ ଯୋଗୁ ଗରିବ ଶ୍ରେଣୀର ଲୋକଙ୍କ ସହ ଚାଷୀ ଓ ଗୋପାଳକଙ୍କ ଆୟ ୧୩% ବୃଦ୍ଧି ଘଟିଥିବା ସରକାରୀ ତଥ୍ୟ କହୁଛି। ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଥରେ କହିଥିଲେ, ନିଜ ଜୀବନକାଳରେ ଗୋଟିଏ ଗାଈ ୪ ଲକ୍ଷ ଲୋକଙ୍କୁ ଗୋଟିଏ ଓଳାର ଖାଦ୍ୟ ଯୋଗାଇଥାଏ। ଏସବୁ ଦୃଷ୍ଟିରୁ ଗାଈର ମହତ୍ତ୍ୱପୂର୍ଣ୍ଣ ଭୂମିକାକୁ ବୁଝିବାକୁ ହେଲେ ଆମକୁ ପ୍ରଥମେ ତା’ର ଆର୍ଥିକ ଦିଗକୁ ଦୃଷ୍ଟି ଦେବାକୁ ପଡ଼ିବ। ଯାହାକୁ ଆମେ ଗାଈର ଅର୍ଥଶାସ୍ତ୍ର ବୋଲି କହିପାରିବା।

୨୦୧୨ର ପଶୁଧନ ଗଣନା ଅନୁଯାୟୀ ଭାରତର କୃଷିକ୍ଷେତ୍ରରେ ବ୍ୟବହୃତ ୫୧ କୋଟି ପ୍ରାଣୀଙ୍କ ମଧ୍ୟରୁ ୧୧ କୋଟି ହେଉଛନ୍ତି ଗୋ ଜାତୀୟ। ସାରା ଦୁନିଆରେ ଦୁଗ୍ଧ ଉତ୍ପାଦନ କରୁଥିବା ଦେଶଗୁଡ଼ିକ ମଧ୍ୟରେ ଭାରତର ସ୍ଥାନ ପ୍ରଥମ। ଏଠାରେ ପ୍ରତିଦିନ ପ୍ରାୟ ୧୮କୋଟି ଟନ୍ ଦୁଗ୍ଧ ଉତ୍ପାଦିତ ହେଉଛି। ପୃଥିବୀର ଶତକଡା ୨୦ ଭାଗ ଦୁଗ୍ଧ ଭାରତରେ ଉତ୍ପାଦିତ ହୋଇଥାଏ। ହିସାବ ଅନୁଯାୟୀ ଭାରତରେ ୬ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁଗ୍ଧଜାତ ଉଦ୍ୟୋଗ ପ୍ରତିଷ୍ଠା ହୋଇଛି। ଦେଶର ମୋଟ ଜିଡିପିରେ ଏହାର ଯୋଗଦାନ ୪ ପ୍ରତିଶତ। ଆତ୍ମନିର୍ଭର ଓ ରୋଜଗାର କ୍ଷେତ୍ରରେ ଏସବୁ ଦୁଗ୍ଧ ଉତ୍ପାଦକ ଉଦ୍ୟୋଗ ଏକ ବଡ ସମ୍ଭାବନା ସୃଷ୍ଟି କରିଛନ୍ତି। ସାରା ଦେଶର ୨୫ କୋଟି ଲୋକଙ୍କୁ ଏହା ରୋଜଗାର ଯୋଗାଉଛି। ଆସନ୍ତା ଏକ ଦଶନ୍ଧି ମଧ୍ୟରେ ବାର୍ଷିକ ୨କୋଟିରୁ ଊର୍ଦ୍ଧ୍ୱ ଯୁବଗୋଷ୍ଠୀଙ୍କୁ ଏହି କ୍ଷେତ୍ର ରୋଜଗାର ଯୋଗାଇପାରିବ ବୋଲି ଆକଳନ କରାଯାଉଛି।

ପ୍ରତିବର୍ଷ ଗାଈଙ୍କଠାରୁ ୧୦କୋଟି ଟନ୍ ଓଜନର ଗୋବର ମିଳେ, ଯାହାର ଏକ ବଡ ଅଂଶ ଇନ୍ଧନ ରୂପେ ବ୍ୟବହୃତ ହେଉଛି। ଆକଳନ ଅନୁଯାୟୀ ଏହି ଇନ୍ଧନର ମୂଲ୍ୟ ପ୍ରାୟ ୫ହଜାର କୋଟିଟଙ୍କା ହେବ। ଏଥିଯୋଗୁ ପ୍ରତିବର୍ଷ ୫କୋଟିଟନ୍ ଜାଳେଣି କାଠ ସଞ୍ଚିତ ହେଉଛି। ଯାହା ପରୋକ୍ଷରେ ଜଙ୍ଗଲର ସଂରକ୍ଷଣ କରୁଛି। ଏଥିସହ ଧୂଆଁ ଦାଉରୁ ବାୟୁମଣ୍ଡଳକୁ ସୁରକ୍ଷା ମିଳୁଛି। ରାସାୟନିକ ସାର ବଦଳରେ ଗୋବରରୁ ସୃଷ୍ଟି ପ୍ରାକୃତିକ ତଥା ଜୈବିକ ଖତ ଜମି ପାଇଁ ବେଶ୍ ଉପଯୋଗୀ। ଏହାର ପ୍ରୟୋଗ ଦାରା ଜମିର ଉର୍ବରତା ୫୦ପ୍ରତିଶତ ବଢ଼ିଯାଏ। ଗୋବରରୁ ତିଆରି ଚିପ୍ ମୋବାଇଲରୁ ନିର୍ଗତ ବିକିରଣ (ରାଡିଏଶନ) ଓ ଅନେକ ରୋଗ ଦାଉରୁ ସୁରକ୍ଷା ଦେବ ବୋଲି ନିକଟ ଅତୀତରେ ରାଷ୍ଟ୍ରୀୟ କାମଧେନୁ ଆୟୋଗର ଅଧ୍ୟକ୍ଷ ବଲ୍ଲଭଭାଇ କଠରିଆ କହିଥିଲେ। ବୈଜ୍ଞାନିକ ଦୃଷ୍ଟି କୋଣରୁ ଏ କଥାର ସତ୍ୟତା କେତେ, ତାହା ସମୟ କହିବ।

ଅଧିକ ଦୁଗ୍ଧ ଉତ୍ପାଦନ ପାଇଁ ୧୯୬୮ରୁ ଓଡ଼ିଶାରେ ଆରମ୍ଭ ହୋଇଥିବା ସଙ୍କର ଗୋ-ପ୍ରଜନନ କାର୍ଯ୍ୟକ୍ରମରେ କ୍ରମଶଃ ଶିଥିଳତା ଆସିଛି। ଅର୍ଥନୈତିକ ଅଭିବୃଦ୍ଧି ପାଇଁ ୧୯୮୦ରେ ଓଡ଼ିଶାରେ ଦୁଗ୍ଧବନ୍ୟା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସମୟକ୍ରମେ ଗୋରୁଙ୍କ ସ୍ୱାସ୍ଥ୍ୟର ଯତ୍ନ ପାଇଁ ଭ୍ରାମ୍ୟମାଣ ଚିକିତ୍ସା ଆରମ୍ଭ ହୋଇଛି। ଅଥଚ ରାଜ୍ୟରେ ଗୋସମ୍ପଦ ସ୍ଥିତିରେ ସେଭଳି ଆଖିଦୃଶିଆ ସୁଧାର ଆସିନାହିଁ। ଏଥିପାଇଁ ସରକାରଙ୍କୁ ଦୋଷ ଦେଇ ଆମେ ଚୁପ ରହିବା ଯୁକ୍ତିସଙ୍ଗତ ନୁହେଁ। ଗୁଜରାଟ, ହରିୟାଣା, ଆନ୍ଧ୍ରପ୍ରଦେଶ ଭଳି ଆମ ରାଜ୍ୟର ଜଳବାୟୁ ଗୋରୁଙ୍କ ପାଇଁ ଅନୁକୂଳ ନୁହେଁ। ଏ ଦୃଷ୍ଟିରୁ ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟର ଗୋରୁଙ୍କ ଶାରୀରିକ ଦକ୍ଷତା କିମ୍ବା ସ୍ୱାସ୍ଥ୍ୟ ଉନ୍ନତତର ହୋଇ ନ ପାରେ। ତେଣୁ ଆମ ରାଜ୍ୟର ଗାଈଙ୍କଠାରୁ ଅଧିକ ଦୁଗ୍ଧ ଉତ୍ପାଦନର ଆଶା କରାଯାଇ ନ ପାରେ। କିନ୍ତୁ ଚିକିତ୍ସା ବିଜ୍ଞାନର ଅଗ୍ରଗତି ଯୋଗୁ ଏ କଥା ଆଜି ଅସମ୍ଭବ ହୋଇ ରହିନାହିଁ। ରାଜ୍ୟରେ ଆବଶ୍ୟକ ସଂଖ୍ୟକ ଦୁଗ୍ଧ ଉତ୍ପାଦନ କେନ୍ଦ୍ର ଓ ଦୁଗ୍ଧ ଶୀତଳୀକରଣ ଭଣ୍ଡାର ପ୍ରତିଷ୍ଠା ସହ ତୃଣମୂଳ ସ୍ତରରେ ଗୋରୁଙ୍କ ପାଇଁ ଉନ୍ନତମାନର ଚିକିତ୍ସା ଯୋଗାଇ ଦେବାକୁ ରାଜ୍ୟ ସରକାର ଯଦି ପ୍ରାଥମିକତା ଦିଅନ୍ତେ, ତେବେ ଗ୍ରାମାଞ୍ଚଳର ବହୁ ଲୋକ ଗୋପାଳନ ପାଇଁ ଆଗ୍ରହୀ ହେବେ,ଯାହାର ସୁପ୍ରଭାବ ଆମ ଅର୍ଥନୀତି ଉପରେ ପଡ଼ିବ।

ଗୋଟିଏ ଗାଈ ୩ଥର ବାଛୁରି ଜନ୍ମ କଲା ପରେ ତା’ର ମାତୃତ୍ୱ ଧାରଣ କ୍ଷମତା ହ୍ରାସପାଏ। ଏପରିକି କେତେକ ଗାଈ ଜନ୍ମ ପାଇଁ ସକ୍ଷମ ହୋଇ ନ ଥାନ୍ତି। ଏଭଳି ସ୍ଥିତିରେ ଏହି ଶ୍ରେଣୀୟ ଗାଈଙ୍କୁ ନେଇ ଗୋମୂତ୍ର ଉଦ୍ୟୋଗ ପ୍ରତିଷ୍ଠା କରିହେବ। ପ୍ରାକୃତିକ ଭାବେ ମୃତ୍ୟୁବରଣ କରୁଥିବା ଗୋରୁଙ୍କ ଚମଡା, ଶିଙ୍ଗ, ଅସ୍ଥିକୁ ନେଇ ଶିଳ୍ପ ପ୍ରତିଷ୍ଠାର ବ୍ୟବସ୍ଥା ହେଲେ ତାହା ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ। ଆମ ଅର୍ଥନୀତିକୁ ୫ ଟ୍ରିଲିୟନ ଅର୍ଥନୀତିରେ ପରିଣତ କରି ଆମେରିକୀୟ ଅର୍ଥନୀତି ସହ ସମକକ୍ଷ ହେବାକୁ ଆମେ ସ୍ୱପ୍ନ ଦେଖୁଛେ। କିନ୍ତୁ ଗାଈ ପାଳି ତା’ର ଯତ୍ନ ନେବାକୁ କୁହାଗଲେ ଆଜିର ଶିକ୍ଷିତ ଯୁବକଙ୍କୁ ଅଡୁଆ ଲାଗେ। କେହିକେହି ଏଭଳି କାର୍ଯ୍ୟକୁ ସମ୍ମାନବୋଧ ମନେକରନ୍ତି ନାହିଁ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ -୬୩୭୦୬୭୯୪୦୫**

## ଏଇ ଭାରତରେ

ଆଜି ମଧ୍ୟ ଦେଶର ଅନେକ ଲୋକ ଦିନକୁ ଦୁଇବେଳା ପେଟପୂରା ଖାଇବାକୁ ପାଉନାହାନ୍ତି। ଏମାନଙ୍କ ଭୋକ ଦୂର କରିବା ଲାଗି ବି ବହୁ ବ୍ୟକ୍ତି ସେମାନଙ୍କ ସ୍ତରରେ ଚେଷ୍ଟା କରୁଛନ୍ତି ଓ ଏମାନଙ୍କ ମଧ୍ୟରୁ ଗୁଜରାଟ ଜାମନଗରର ଲାଓଜୀ ଭାଇ ପଟେଲ ଅନ୍ୟତମ। ସେ ଅଶୀ ଦଶକରୁ ସରକାରୀ ହସ୍ପିଟାଲ ନିକଟରେ ରୋଗୀଙ୍କ ସମ୍ପର୍କୀୟଙ୍କୁ ମାଗଣାରେ ଖାଇବାକୁ ଦେବା ଆରମ୍ଭ କରିଥିଲେ। ତାଙ୍କ ଦେହାନ୍ତ ପେର ବି ଏହା ଚାଲିଛି। ୧୫ଶହ ଲୋକଙ୍କୁ ଦିନକୁ ଦୁଇବେଳା ଖାଇବାକୁ ଦିଆଯାଉଛି ତାଙ୍କ ଭଣଜାଙ୍କ ତତ୍ତ୍ୱାବଧାନରେ। ଲାଓଜୀ ଭାଇ ଖାଦ୍ୟ ସାମଗ୍ରୀ ବ୍ୟବସାୟ କରୁଥିଲେ ଓ ଏହି ଖାଦ୍ୟ ସେବା ଚଳାଉଥିଲେ। ଅଧିକ ଲୋକଙ୍କ ପାଇଁ ଖାଦ୍ୟ ଯୋଗାଇବା ସହ ଅନ୍ୟ ସବୁ ମେଡିକାଲ ସହାୟତା ଯୋଗାଇ ଦେବା ଲାଗି ସେ ଗଙ୍ଗମାତା ଟ୍ରଷ୍ଟ ଗଠନ କରିଥିଲେ।୨୦୧୧ରେ ତାଙ୍କ ଦେହାନ୍ତ ପରେ ଭଣଜା ଚନ୍ଦ୍ରେଶ ଭାଇ ଟ୍ରଷ୍ଟ ଦାୟିତ୍ୱ ନେଇଛନ୍ତି। ଲୋକଙ୍କୁ ଖାଦ୍ୟ ଦେବାରେ ପ୍ରତି ମାସରେ ୨୫ ହଜାର ଟଙ୍କାରୁ ଅଧିକ ବ୍ୟୟ ହେଉଛି ବୋଲି ସେ କହନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

**୨୬ ଅଗଷ୍ଟ ୧୯୯୭**

- ଗ୍ରାଣ୍ଡପ୍ରିକ୍ସରେ କେନିୟା ଜନ୍ମିତ ଡେନ୍ ୱିଲସନ କିପ୍‌କେଟରଙ୍କ ପୁରୁଷ ବିଭାଗ ୮୦୦ ମିଟର ଇଭେଣ୍ଟରେ ନୂତନ ବିଶ୍ୱରେକର୍ଡ ସ୍ଥାପନ।
- ମାନବ ଅଧିକାର ସଂଗ୍ରାମ ସମିତି (ମାସ) ଅଧ୍ୟକ୍ଷ ତଥା ଅସମିୟା ଭାଷାର ଦୈନିକ ଖବରକାଗଜର ସମ୍ପାଦକ ଅଜିତ କୁମାର ଭୂୟାଁ ବେଆଇନ କାର୍ଯ୍ୟକଳାପ ନିରୋଧ ଆଇନ ବଳରେ ଗିରଫ।
- ଲଘୁଚାପଜନିତ ବର୍ଷା, ତୋଫାନ ଯୋଗୁ ପାରାଦୀପରୁ ନିଖୋଜ ହୋଇଥିବା ୩୦ରୁ ଊର୍ଦ୍ଧ୍ୱ ଧୀବରଙ୍କ ମଧ୍ୟରୁ ୧୦ ଜଣଙ୍କ ମୃତଦେହ ସମୁଦ୍ରରୁ ଉଦ୍ଧାର।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | 8 | | | 9 | | 1 | |
| 9 | | | 3 | | | | | |
| | | 3 | | 6 | | | | 5 |
| 3 | | | | 8 | 7 | | | |
| | 7 | | | 9 | | | | 4 |
| | | 2 | | | | | | 6 |
| 5 | | | | | | 6 | | 3 |
| | | 7 | | 4 | | 8 | | |
| | | | | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 2 | 4 | 8 | 5 | 7 | 9 | 3 |
| 7 | 5 | 4 | 3 | 6 | 9 | 8 | 2 | 1 |
| 3 | 8 | 9 | 1 | 7 | 2 | 6 | 5 | 4 |
| 9 | 7 | 8 | 5 | 2 | 1 | 4 | 3 | 6 |
| 5 | 6 | 3 | 9 | 4 | 7 | 1 | 8 | 2 |
| 4 | 2 | 1 | 6 | 3 | 8 | 5 | 7 | 9 |
| 8 | 4 | 7 | 2 | 1 | 3 | 9 | 6 | 5 |
| 1 | 3 | 5 | 7 | 9 | 6 | 2 | 4 | 8 |
| 2 | 9 | 6 | 8 | 5 | 4 | 3 | 1 | 7 |

ଗତକାଲିର ଉତ୍ତର

# ଭିକାରିମୁକ୍ତ ଅଭିଯାନ



ସୁବାସ କୁମାର ତାରଣିଆଁ

ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଏକ ଜରୁରୀ କାମରେ ମୋର ଜଣେ ବନ୍ଧୁଙ୍କୁ ଅପେକ୍ଷା କରିଥାଏ। ଏହି ସମୟରେ ନଜର ପଡ଼ିଲା ଜଣେ ୭/୮ ବର୍ଷର ବାଳକ ଉପରେ, ଯିଏକି ସେହି ବାଟ ଦେଇ ଯାଉଥିବା ଲୋକମାନଙ୍କୁ କହୁଥାଏ, ଆଜ୍ଞା! ଦୁଇଦିନ ହେଲା କିଛି ଖାଇନାହିଁ, କିଛି ସାହାଯ୍ୟ ମିଳୁ। ପିଲାଟିର କଥା ଶୁଣି ଯିଏ ଯୁଆଡ଼େ ବାଟ ଭାଙ୍ଗି ଚାଲିଯାଉଥାନ୍ତି। ହେଲେ ଜଣେ ଭଦ୍ରବ୍ୟକ୍ତି କାର୍‌ରୁ ଓହ୍ଲାଇ ନିକଟସ୍ଥ ଦୋକାନକୁ କିଛି କିଣିବାକୁ ଯାଉଥିବା ବେଳେ ବାଳକଟି ଆଜ୍ଞା ! କିଛି ସାହାଯ୍ୟ ମିଳୁ କହିବା କ୍ଷଣି ଭଦ୍ରବ୍ୟକ୍ତି ଜଣକ ପକେଟରୁ ୧୦୦ ଟଙ୍କିଆ ନୋଟ୍‌ଟିଏ ବାହାର କରି ତା’ହାତକୁ ବଢ଼େଇଦେଲେ। ୧୦୦ ଟଙ୍କା ନୋଟ୍‌କୁ ପାଖରେ ରଖିଥିବା ଜରି ଭିତରେ ପୂରାଇ, ଅନ୍ୟ ଲୋକମାନଙ୍କୁ କହୁଥାଏ, ଆଜ୍ଞା! କିଛି ସାହାଯ୍ୟ ମିଳୁ, ଦୁଇଦିନ ହେଲା କିଛି ଖାଇନାହିଁ। ମନେ ମନେ ଭାବିଲି ଏ ବୟସରେ ପାଠ ନ ପଢ଼ି କ’ଣ ପାଇଁ ପିଲାଟି ଭିକ ମାଗୁଛି। ଦ୍ୱିତୀୟ କଥା ହେଲା, ସେହି ଭଦ୍ରବ୍ୟକ୍ତି ପିଲାଟିର ଦୁଃଖକୁ ହୃଦୟଙ୍ଗମ କରି ୧୦୦ ଟଙ୍କା ବଢ଼ାଇଦେଇ ଚାଲିଗଲେ, ହେଲେ ଆମଭଳି ସାଧାରଣ ଲୋକମାନେ କ’ଣ ୧୦୦ ଟଙ୍କା ଦେଇପାରିବା, ଯଦିବା ଦେବା, କେତେଜଣଙ୍କୁ ଦେଇପାରିବା! କଥିତ ଅଛି, ‘ଅର୍ଥ ଦାନ ମହା ପୁଣ୍ୟ’। ଏହାକୁ ବିଶ୍ୱାସ କରି ସାଧାରଣ ଲୋକେ ପୂଜା କରିବାକୁ ମନ୍ଦିର ଗଲେ, ସେଠାରେ ଥିବା ଭିକାରିମାନଙ୍କୁ ଦକ୍ଷିଣା ଦେଇ ପୁଣ୍ୟ ଅର୍ଜନ କରିଥାନ୍ତି। କିନ୍ତୁ ଏବେ ଭିକାରିଙ୍କର ଭିକ ମାଗିବା ଶୈଳୀ ମଧ୍ୟ ବଦଳିଯାଇଛି। ଜଣେ ଲୋକ ମନ୍ଦିରକୁ ପୂଜା କରିବାକୁ ଗଲେ ପ୍ରଥମେ ଭିକାରିଙ୍କ ରୋଷର ଶିକାର ହେବାକୁ ପଡ଼ିବ। ଜଣେ ଭିକାରିକୁ ଦାନ କଲେ ଅନ୍ୟ ଭିକାରିମାନେ ଏକ୍‌ଜୁଟ ହୋଇ ପ୍ରତିବାଦ କରୁଛନ୍ତି, ଲୋକଙ୍କୁ ଜୋରଜବରଦସ୍ତ ଟଙ୍କା ମାଗୁଛନ୍ତି, ଦାନ ନ ଦେଲେ କଟୁ ମନ୍ତବ୍ୟ ଦେବାକୁ ମଧ୍ୟ ଭୁଲୁନାହାନ୍ତି।

ରାଜଧାନୀକୁ ସ୍ୱଚ୍ଛ ଓ ସ୍ମାର୍ଟସିଟିରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଥିବା ବେଳେ ଭୁବନେଶ୍ୱରକୁ ଭିକାରିମୁକ୍ତ କରିବା ଲାଗି ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି। ଯୋଜନା ଅନୁସାରେ ରାଜଧାନୀର ବିଭିନ୍ନ ମନ୍ଦିର, ରେଳଷ୍ଟେଶନ, ବସ୍‌ଷ୍ଟାଣ୍ଡ ଓ ଟ୍ରାଫିକ୍ ପୋଷ୍ଟ ନିକଟରେ ଭିକ୍ଷାବୃତ୍ତି କରୁଥିବା ଭିକାରିମାନଙ୍କୁ ଏକ ସ୍ୱତନ୍ତ୍ର ଆଶ୍ରୟ କେନ୍ଦ୍ରରେ ଥଇଥାନ କରାଯିବା ସହ ସେମାନଙ୍କ ଖାଇବା, ପିଇବାର ବ୍ୟବସ୍ଥା କରାଯାଇଛି। ମହାମାରୀ କରୋନା ସମୟରେ ତାଲାବନ୍ଦ ଘୋଷଣା କରାଯାଇଥିବା ବେଳେ ରାଜଧାନୀରେ ଥିବା ଭିକାରିମାନେ ଖାଇବାକୁ ନ ପାଇ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେମାନଙ୍କୁ କିଛି ସ୍ୱେଚ୍ଛାସେବୀ ସଂଗଠନ ଓ ବଦାନ୍ୟ ବ୍ୟକ୍ତି ନିୟମିତ ଖାଇବାକୁ ଦେଉଥିଲେ। ଏହି ଖବର ଲୋକଲୋଚନକୁ ଆସିବା ପରେ ବିଏମ୍‌ସି ତରଫରୁ ତତ୍ପରତା ପ୍ରକାଶ ପାଇଥିଲା ଏବଂ ବିଭିନ୍ନ ସ୍ଥାନରେ ଭିକାରିମାନଙ୍କ ପାଇଁ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଇଥିଲା। କିଛିଦିନ ପାଇଁ ମନ୍ଦିରଠାରୁ ଆରମ୍ଭ କରି ବସ୍‌ଷ୍ଟାଣ୍ଡ ଓ ବିଭିନ୍ନ ଛକ ସବୁଠି ଭିକାରିଶୂନ୍ୟ ହୋଇଗଲା।

ସାଧାରଣତଃ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କର ଶିକ୍ଷାଗତ ଯୋଗ୍ୟତା କମ୍ ଥିବାରୁ କୌଣସି କର୍ମନିଯୁକ୍ତି ନ ପାଇ ଭିକ୍ଷାବୃତ୍ତିକୁ ଆପଣାଇ ଥାଆନ୍ତି। ଅବଶ୍ୟ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ଲୋକମାନେ ଭିକ୍ଷାବୃତ୍ତି କରନ୍ତି ନାହିଁ। ଯେଉଁମାନଙ୍କର ଆତ୍ମସମ୍ମାନ ଅଛି, ସ୍ୱାଭିମାନ ସହ ବଞ୍ଚିବାକୁ ଚାହାନ୍ତି ସେମାନେ ଭିକ୍ଷାବୃତ୍ତି କରିବାକୁ ପସନ୍ଦ କରନ୍ତିନାହିଁ। ଏପରି ଲୋକ ଦରିଦ୍ର ହେଲେ ମଧ୍ୟ ନିଜେ ପରିଶ୍ରମ କରନ୍ତି ଏବଂ ସେଥିରୁ ଯାହା ମିଳିଲା ପରିବାର ପ୍ରତିପୋଷଣ କରନ୍ତି। କିନ୍ତୁ ଯେଉଁମାନଙ୍କର ଆତ୍ମସମ୍ମାନ ନ ଥାଏ, ସ୍ୱାଭିମାନ କ’ଣ ଜାଣନ୍ତି ନାହିଁ, ସେହିମାନେ ଅର୍ଥଲୋଭରେ ଅଧିକ ଅର୍ଥ ଠୁଳ କରିବା ନିମନ୍ତେ ଭିକ ମାଗନ୍ତି।



ଏବେ ରାଜଧାନୀରେ ଅଣଓଡ଼ିଆ ଭିକାରି ମାଳ ମାଳ ହୋଇ ବୁଲୁଥିବାର ଦେଖିବାକୁ ମିଳୁଛି। ୨୦୧୯ରୁ ବାହାର ରାଜ୍ୟରୁ ବ୍ୟବସାୟ ଲକ୍ଷ୍ୟରେ ଆସୁଥିବା ବଞ୍ଜାରାମାନେ ରାଜଧାନୀର ପ୍ରମୁଖ ଚଲାପଥ, ଓଭରବ୍ରିଜ୍ ଓ ବିଭିନ୍ନ ଛକ ଆଦି ସ୍ଥାନରେ ଅସ୍ଥାୟୀ ଗୃହ ନିର୍ମାଣ କରି ସହରର ବିଭିନ୍ନ ମନ୍ଦିର ଓ ବସ୍‌ଷ୍ଟାଣ୍ଡରେ ଭିକ୍ଷାବୃତ୍ତି କରୁଛନ୍ତି। ରାଜଧାନୀର ପ୍ରମୁଖ ଛକଗୁଡ଼ିକରେ ଗାଡ଼ି ଅଟକିଯିବା ମାତ୍ରେ ୫ରୁ ୧୫ ବର୍ଷର କିଶୋରୀ କିଶୋର ଗାଡ଼ି ପାଖରେ ପହଞ୍ଚିଯାଆନ୍ତି। କିଏ ଗାଡ଼ି କାଚ ଠକ୍ ଠକ୍ କରି କଲମ, ଖେଳନା ସାମଗ୍ରୀ, ସେଲ୍‌ଫି ଷ୍ଟିକ୍ ନେବାକୁ ବାଧ୍ୟ କରୁଛି ତ ଆଉ କିଏ କିଛି ଖାଇନୁ କହି ଟଙ୍କା ପାଇଁ ଜୋର ଜବରଦସ୍ତ ହାତକୁ ଭିଡ଼ି ନେଉଛି। କିଛି ଦୂରରେ ଥାଇ ସେମାନଙ୍କ ସର୍ଦ୍ଦାର ବୋଲାଉଥିବା କିଛି ମହିଳା କାଖରେ ଛୁଆକୁ ଧରି ଏସବୁ ଦୃଶ୍ୟ ଉପରେ ତୀକ୍ଷ୍ଣ ନଜର ରଖିଥାନ୍ତି। ଏମାନଙ୍କ ମଧ୍ୟରୁ କିଛି ଘର ଘର ବୁଲି ଭିକ ମାଗନ୍ତି। ଭିକ ମାଗିବା ସମୟରେ ଘରର ଗତିବିଧି ଉପରେ ନଜର ପକାନ୍ତି ଏବଂ ରାତିରେ ସେହି ଘରେ ପଶି ଦାମୀ ସାମଗ୍ରୀ ଓ ମୋବାଇଲ ଆଦି ଲୁଟିନେଉଛନ୍ତି। କିଛିଦିନ ତଳେ ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ମୋବାଇଲ ଚୋରି କରିବା ଅଭିଯୋଗରେ ଜଣେ ମା’ ଓ ପୁଅକୁ ଗିରଫ କରିଥିଲା ପୋଲିସ।

ଖାଲି ଚୋରି ନୁହେଁ, ଏମାନେ ଚୋରା ନିଶା କାରବାରରେ ମଧ୍ୟ ସମ୍ପୃକ୍ତ ରହୁଛନ୍ତି। ରାଜଧାନୀରୁ ବାହାର ରାଜ୍ୟକୁ ଏମାନଙ୍କର ନିଶା କାରବାରର ଚେର ଲମ୍ବିଛି। ଏମାନେ ସାଧାରଣତଃ ଭିକାରି ଶ୍ରେଣୀର ଓ ମହିଳା ହୋଇଥିବାରୁ ଏମାନଙ୍କୁ କେହି ବିଶ୍ୱାସକୁ ନିଅନ୍ତି ନାହିଁ। ଏହାର ସୁଯୋଗ ନେଇ ରାଜଧାନୀରେ ଚୋରା ନିଶା ସାମଗ୍ରୀର ପସରା ମେଲାଉଛନ୍ତି। ଅନେକ ସମୟରେ ଭିକାରିମାନଙ୍କ ପାଇଁ ରାଜଧାନୀରେ ଛୋଟମୋଟ ଦୁର୍ଘଟଣା ଘଟୁଛି। ଏବେ କିଛି ଭିକାରି ରାଜଧାନୀର କିଛି ଅଞ୍ଚଳକୁ ଠିକାରେ ନେବାଭଳି ଅନୁଭୂତ ହେଉଛି। କାରଣ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଭିକ ମାଗି ଗଲେ ଲୋକମାନେ ଭିକ ଦେବା ପାଇଁ ଟିକେ କୁଣ୍ଠାବୋଧ କରିବେ। ସେଥିପାଇଁ ସେମାନେ ବାର ଦେଖି ଗୋଟିଏ ଗୋଟିଏ ଅଞ୍ଚଳ ବୁଲି ଭିକ ମାଗୁଛନ୍ତି। ବାସ୍ତବରେ ବିଏମ୍‌ସିର ଭିକାରିମୁକ୍ତ ଅଭିଯାନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଶୁଣିବାକୁ ଖୁସି ଲାଗେ, ଏବେ ଅନେକ ରାଜ୍ୟ ଓ ଦେଶରେ ଭିକ୍ଷାବୃତ୍ତିକୁ ନିଷେଧ କରାଯାଇଛି। କାରଣ ସେମାନେ ପ୍ରକୃତରେ ସ୍ୱାଭିମାନୀ ଶ୍ରେଣୀର ଲୋକ। ବିନା କାରଣରେ କିମ୍ବା ବିନା ପରିଶ୍ରମରେ କାହା ପାଖରେ ହାତ ପତେଇବାକୁ ସେମାନେ ପସନ୍ଦ କରନ୍ତି ନାହିଁ, ବରଂ ନିଜେ ପରିଶ୍ରମ କରି ଜୀବନ ଜିଇବାକୁ ସେମାନେ ପସନ୍ଦ କରନ୍ତି। କିନ୍ତୁ ସେହି ଭଦ୍ରବ୍ୟକ୍ତି ଯିଏକି ୧୦୦ ଟଙ୍କିଆ ନୋଟ୍‌ଟିଏ ପିଲାଟିର ହାତକୁ ବଢ଼ାଇଦେଇ ଚାଲିଗଲେ, ତାଙ୍କ ଉଦାହରଣ ଯଦି ନେବା ତେବେ ଭିକାରିମୁକ୍ତ ଅଭିଯାନ ସଫଳ ହେବ ତ!!!

**କଣ୍ଟି, ବାହାରଣା, ବାଲିକୁଦା, ଜଗତ୍‌ସିଂହପୁର,**
**ମୋ : ୮୩୨୮୮୪୦୨୧୪**

## ପାଠକ ଶ୍ରେଷ୍ଠ ବିଚାରକ

### ଖାଦ୍ୟ ସୁରକ୍ଷା ଯୋଜନାର ତ୍ରୁଟିପୂର୍ଣ୍ଣ ବଣ୍ଟନ ନୀତି

ମହାଶୟ,

ବିଭିନ୍ନ ରାଜ୍ୟର ସରକାର ଖାଦ୍ୟ ସୁରକ୍ଷା ବଣ୍ଟନ ଯୋଜନାରେ ଗରିବ ଓ ବିପିଏଲ୍ ବର୍ଗର ଲୋକମାନଙ୍କୁ ୧ଟଙ୍କାରେ ଚାଉଳ, ଗହମ ଯୋଗଇ ଆସୁଛନ୍ତି। ମୁଷ୍ଟିମେୟ ବିପିଏଲ୍ ଶ୍ରେଣୀର ଲୋକମାନେ ଏଥିରେ ଉପକୃତ ହେଉଥିବା ସ୍ଥଳେ ଏପିଏଲ୍ ଲୋକଙ୍କ ପାଇଁ ଏହି ଯୋଜନାରେ କୌଣସି ବ୍ୟବସ୍ଥା ନାହିଁ। ସରକାରୀ ଯୋଜନାର ସୁଫଳ ସବୁ ବର୍ଗର ଲୋକଙ୍କ ପାଖରେ ନ ପହଞ୍ଚିଲେ ତାକୁ ଏକ ଜନମଙ୍ଗଳକାରୀ ରାଷ୍ଟ୍ର ହିସାବରେ ବିବେଚନା କରାଯିବ ନାହିଁ। ତେଣୁ ସରକାର ଉକ୍ତ ଯୋଜନା ମାଧ୍ୟମରେ ଏପିଏଲ୍‌ମାନଙ୍କୁ ଅନ୍ତତଃପକ୍ଷେ ୧୦ କିଲୋ ଗହମ ୧୦ ଟଙ୍କା ଦରରେ ଯୋଗାଇ ଦେବାର ବ୍ୟବସ୍ଥା କରନ୍ତୁ।

**-ସନାତନ ସାହୁ, ଶିକ୍ଷକ, ଜଟଣୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆପେ ଶିଖି ଯେବେ ଫେରାଇବୁ ତୋର ମୁଖ
ବାଜିବ ଏ ବୁକେ ତିଳେକ ଦାରୁଣ ଦୁଃଖ
କିଛି ନୁହେ ବୋଲି ପୋଛିଦେବି ମୋର ଲୁହ
ନିମେଷକ ଲାଗି ହେବ ଏ ବଦନ ମୂକ।

-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସଂକ୍ଷେପରେ**

## ସୁଶୀଲ ପୋପଲି ନୂଆ ପିସିସିଏଫ୍

**ଭୁବନେଶ୍ୱର,୨୫ା୮(ବ୍ୟୁରୋ):** ରାଜ୍ୟ ସରକାର ୧୯୮୭ ବ୍ୟାଚ୍ ଆଇଏଫ୍ଏସ୍ ଅଫିସର ସୁଶୀଲ କୁମାର ପୋପଲିଙ୍କୁ ପ୍ରଧାନ ମୁଖ୍ୟ ବନ୍ୟ ସଂରକ୍ଷକ(ପିସିସିଏଫ୍) (ବନ୍ୟଜନ୍ତୁ) ଏବଂ ସିଡବ୍ଲ୍ୟୁଏଲ୍ଡବ୍ଲ୍ୟୁ ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେ ଆସନ୍ତା ସେପ୍ଟେମ୍ବର ପହିଲାରୁ ଦାୟିତ୍ୱ ଗ୍ରହଣ କରିବେ। ପୋପଲି ଏବେ ପିସିସିଏଫ୍ (କେନ୍ଦୁପତ୍ର) ଦାୟିତ୍ୱରେ ଅଛନ୍ତି। ପିସିସିଏଫ୍(ବନ୍ୟଜନ୍ତୁ) ଥିବା ୧୯୮୮ ବ୍ୟାଚ୍ ଆଇଏଫ୍ଏସ୍ ଅଫିସର ଶଶୀ ପଲ୍ ଅଗଷ୍ଟ ୩୧ ତାରିଖରେ ଚାକିରିରୁ ଅବସର ନେବେ। ପୋପଲି ପିସିସିଏଫ୍(ବନ୍ୟଜନ୍ତୁ) ଦାୟିତ୍ୱ ତୁଲାଇବେ। ସେହିପରି ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର (ଆର୍‌ପିଆର୍‌ସି) ମୁଖ୍ୟ କାର୍ଯ୍ୟନିର୍ବାହୀ ୧୯୮୮ ବ୍ୟାଚ୍ ଆଇଏଫ୍ଏସ୍ ଅଫିସର ପୁଷା ଝୁଲେ ମେକ୍ରୋଙ୍କୁ ପିସିସିଏଫ୍ (କେନ୍ଦୁପତ୍ର) ଭାବେ ବଦଳି କରାଯାଇଛି। ଏଥିସହିତ ସେ ଆର୍‌ପିଆର୍‌ସି ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

# ଉତ୍କର୍ଷ କେନ୍ଦ୍ର ହେବ ଭିସୁଟ୍

- ଖର୍ଚ୍ଚ ହେବ ୧ ହଜାର କୋଟି
- ୧୫ ଦିନରେ ପ୍ରସ୍ତୁତ ହେବ ମାଷ୍ଟରପ୍ଲାନ୍
- ମା’ ସମଲେଶ୍ୱରୀ ମନ୍ଦିର ଉନ୍ନୟନ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର,୨୫ା୮(ବ୍ୟୁରୋ)/ସମ୍ବଲପୁର,(ବ୍ୟୁରୋ)

ସମ୍ବଲପୁର ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)କୁ ଦେଶର ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ ବିକଶିତ କରାଯିବ। ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୧ ହଜାର କୋଟି ଟଙ୍କା ବ୍ୟୟ କରାଯିବ। ଗୁରୁବାର ସମ୍ବଲପୁର ଗସ୍ତରେ ଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଏଥିପାଇଁ ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯିବ। ଆଗାମୀ ୧୫ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏହାକୁ ଉପସ୍ଥାପନ କରାଯିବ। ଛାତ୍ର, ଶିକ୍ଷକ, ଶିଳ୍ପାନୁଷ୍ଠାନ, ପୁରାତନ ଛାତ୍ରୀଛାତ୍ର ତଥା ସ୍ଥାନୀୟ ପ୍ରଶାସନ ସହିତ ବ୍ୟାପକ ଆଲୋଚନା କରାଯାଇ ଏହି ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯିବ। ଭିସୁଟ୍‌କୁ ଜାତୀୟସ୍ତରରେ ଥିବା ଆଇଆଇଟି ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ଭଳି ମାଷ୍ଟରପ୍ଲାନ୍‌ରେ ବ୍ୟବସ୍ଥା ରହିବ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପ୍ରମୁଖ ସଚିବ ହେମନ୍ତ ଶର୍ମା ଗୁରୁବାର ସମ୍ବଲପୁର ଗସ୍ତରେ ଯାଇ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ମା’ ସମଲେଶ୍ୱରୀ ମନ୍ଦିର ଓ ଅନ୍ୟାନ୍ୟ ରୂପାନ୍ତର କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ।


ଭିସୁଟ୍ ପରିସରରେ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ଜିଲାପାଳ, କୁଳପତି ଓ ଅନ୍ୟମାନେ।

ଭିସୁଟ୍ ରାଜ୍ୟର ଏକ ଅଗ୍ରଣୀ ଇଞ୍ଜିନିୟରିଂ କଲେଜ ଏବଂ ସାରା ଦେଶରେ ଏହାର ସୁଖ୍ୟାତି ରହିଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପ୍ରମୁଖ ସଚିବ ଭିସୁଟ୍ ଯାଇ ବିଶ୍ୱବିଦ୍ୟାଳୟର ଏକାଡେମିକ ବ୍ଲକ୍‌ରେ ଥିବା ଶ୍ରେଣୀ ଗୃହ ଓ ପରୀକ୍ଷାଗାର, ବିଶ୍ୱେଶ୍ୱରାୟା ଅଡିଟୋରିୟମ, ପୁଲହ ଓ ବଶିଷ୍ଠ ହଲ୍ ପରିଦର୍ଶନ କରି ବିଶ୍ୱବିଦ୍ୟାଳୟର କୁଳପତି, ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ସହିତ ସେମାନଙ୍କର ବିଭିନ୍ନ ସମସ୍ୟା, ମିଳୁଥିବା ସୁବିଧା ତଥା ଭବିଷ୍ୟତ ବିକାଶ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।

ମୁଖ୍ୟ ଶାସନ ସଚିବ ଓ ଅନ୍ୟ ଅଧିକାରୀମାନେ ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଜମାଦାରପାଲି ଏୟାରଷ୍ଟ୍ରିପ୍‌ରେ ପହଞ୍ଚିବା ପରେ ପ୍ରଥମେ ଭିସୁଟ୍‌କୁ ଯାଇଥିଲେ। ସେଠାରେ କୁଳପତି ପ୍ରଫେସର ବଂଶୀଧର ମାଝି ଓ ବିଭିନ୍ନ ବିଭାଗର ଅଧ୍ୟାପକ, ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଏହି ଅନୁଷ୍ଠାନକୁ ଉତ୍କର୍ଷ କେନ୍ଦ୍ର ଭାବେ କିଭଳି ପରିଣତ କରାଯିବ ସେ ନେଇ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଭିସୁଟ୍‌ରେ ୫ ହଜାର ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ନବକଳେବର ହେବା ପରେ ସିଟ୍ ସଂଖ୍ୟା ଦ୍ୱିଗୁଣିତ ହୋଇ ୧୦ ହଜାରକୁ ବୃଦ୍ଧି ପାଇବ। ଭିସୁଟ୍ ଅଧୀନରେ ପ୍ରାୟ ୪୫ ଏକର ଜମି ଥିବାବେଳେ କ୍ୟାମ୍ପସକୁ ଲାଗି ଜଳସମ୍ପଦ ବିଭାଗର ଆଉ ୮୦ ଏକର ଜମି ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ଏହି ଜମି ହସ୍ତାନ୍ତର ପ୍ରକ୍ରିୟା କରାଯାଇ ଭିସୁଟ୍ ନାମରେ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ମୁଖ୍ୟ ଶାସନ ସଚିବ ମହାପାତ୍ରଙ୍କ ସହିତ ଟିମ୍ ସଦସ୍ୟ ବୈଜାମୁଣ୍ଡାସ୍ଥିତ ରାଜ୍ୟର ପ୍ରଥମ ବହୁମୁଖୀ ଆଶ୍ରୟସ୍ଥଳ ପରିଦର୍ଶନ କରିଥିଲେ। ସେଠାରେ ନିର୍ମାଣ କରାଯାଇଥିବା ଭିତ୍ତିଭୂମିରେ ଆଗକୁ କିପରି ଅଧିକ ଅସହାୟଙ୍କୁ ରଖାଯିବ ସେ ନେଇ ଆଲୋଚନା କରିଥିଲେ। ସେହିପରି ୫-ଟି ସ୍କୁଲ ଅଧୀନରେ ଆସୁଥିବା ଲେଡି ଲୁଇସ ଗାର୍ଲ୍ସ ହାଇସ୍କୁଲ ପରିଦର୍ଶନ କରି ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ମା’ ସମଲେଶ୍ୱରୀଙ୍କୁ ଦର୍ଶନ କରି ସମଲେଇ ଯୋଜନାର ସମୀକ୍ଷା କରିଥିଲେ। ବିସ୍ଥାପନ ଓ ଥଇଥାନରେ କିଛିଟା ସମସ୍ୟା ଯୋଗୁ ନିର୍ମାଣ କାମ ବିଳମ୍ବ ହୋଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୦ ପରିବାରକୁ ବାଦ୍ ଦେଇ ଅନ୍ୟ ସମସ୍ତଙ୍କୁ ସ୍ଥାନାନ୍ତର କରାଯାଇଛି। ଯୋଜନା ଅନୁସାରେ କାମ ଆରମ୍ଭ ହୋଇଛି। ଡିଜାଇନରେ କିଛିଟା ପରିବର୍ତ୍ତନ କରାଯାଇଥିଲେ ସୁଦ୍ଧା ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ମହାପାତ୍ର କହିଥିଲେ। ଏହି ଟିମ୍ ସହ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳେଇ, ଜିଲାପାଳ ଅନନ୍ୟା ଦାଶ, ଏସ୍‌ପି ବାତୁଲା ଗଙ୍ଗାଧର ପ୍ରମୁଖ ସାମିଲ ଥିଲେ।

## ଛାତ୍ରଙ୍କୁ ମାଡ଼ ଘଟଣାରେ ଅଧ୍ୟକ୍ଷ ନିଲମ୍ବିତ

ହାଟଡିହି,୨୫ା୮(ଡି.ଏନ.ଏ.)

ପ୍ରଶ୍ନର ଉତ୍ତର ନ ଦେବାରୁ ଜଣେ ଛାତ୍ରଙ୍କୁ ମାଡ଼ ମାରିବା ଘଟଣାରେ କେନ୍ଦୁଝର ଜିଲା ହାଟଡିହି ବ୍ଲକ ସୁନ୍ଦରାପାଳ ସ୍ଥିତ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ନିତ୍ୟାନନ୍ଦ ବାରିକ ନିଲମ୍ବିତ ହୋଇଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ଚିଠି (ନଂ.୫୦୯୭/୨୫।୮।୨୦୨୨)ରେ ନିଲମ୍ବନ ନିର୍ଦ୍ଦେଶ ଜାରି କରାଯାଇଛି। ଏଥିସହ ଅଧ୍ୟକ୍ଷ ବାରିକଙ୍କୁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗଦେବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଜଣେ ଷଷ୍ଠ ଶ୍ରେଣୀ ଛାତ୍ର ପ୍ରଶ୍ନର ଉତ୍ତର ଦେଇ ନ ପାରିବାରୁ ଅଧ୍ୟକ୍ଷ ବାରିକ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ହେବା ପରେ ଆନନ୍ଦପୁର ଉପଜିଲାପାଳ ଅନିଲ କୁମାର ସେଠି ଏବଂ ହାଟଡିହି ବିଡିଓ ଉକ୍ତ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲେ। ଏ ସମ୍ପର୍କରେ ଅଧ୍ୟକ୍ଷ ବାରିକ କହିଛନ୍ତି, ନିଲମ୍ବନ ଚିଠି ପାଇଥିବା ବେଳେ ତାଙ୍କ ବିରୋଧରେ ଏହା ଏକ ଚକ୍ରାନ୍ତ। ଏଥିସହ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଜଣେ ନେତା ତାଙ୍କୁ ଅର୍ଥ ମାଗିଥିଲେ। ସେ ନ ଦେବାରୁ ନେତା ଜଣଙ୍କ ଏପରି ମିଥ୍ୟା ଘଟଣାରେ ତାଙ୍କୁ ଫସାଇଛନ୍ତି।

# ୪ ସାଙ୍ଗଙ୍କଠାରୁ ମିଳିବ ତଥ୍ୟ

**ସଫ୍ଟୱେର ଇଞ୍ଜିନିୟର ଶ୍ୱେତା ଆତ୍ମହତ୍ୟା ଘଟଣା**

- ଡିସିପିଙ୍କୁ ଭେଟି ନ୍ୟାୟ ଦାବି କଲେ ପରିବାର

ଭୁବନେଶ୍ୱର,(ବ୍ୟୁରୋ)୨୫ା୮

ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାରସ୍ଥିତ ଇନ୍‌ଫୋସିଟି ଗ୍ରୀନ୍ ଆପାର୍ଟମେଣ୍ଟରେ ରହୁଥିବା ସଫ୍ଟୱେର ଇଞ୍ଜିନିୟର ଶ୍ୱେତା ଉତ୍କଳ କୁମାରୀ(୨୬)ଙ୍କ ଆତ୍ମହତ୍ୟା ଘଟଣାକୁ ୮ ଦିନ ବିତିଛି। ହେଲେ ପୋଲିସ କିଛି ଠୋସ୍ ପ୍ରମାଣ ନ ପାଇବାରୁ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଇପାରୁନାହିଁ। ଏପରି ସ୍ଥିତିରେ ଶ୍ୱେତାଙ୍କ ପରିବାର ଲୋକ ଗୁରୁବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କୁ ଭେଟି ନ୍ୟାୟ ଦାବି କରିବା ସହ ତଦନ୍ତରେ ସହାୟକ ହେବା ପାଇଁ କିଛି ବଳିଷ୍ଠ ତଥ୍ୟ ମଧ୍ୟ ଦେଇଛନ୍ତି। ଶ୍ୱେତାଙ୍କ ବାପା ସୁଶାନ୍ତ ଦାଶ, ଭାଇ ପାଟ୍ରିଅଟ୍ ସେର୍ ଏବଂ ମା’ ମଧ୍ୟାହ୍ନରେ ଡିସିପି ଅଫିସ ଯାଇଥିଲେ। ସେଠାରେ ସେମାନେ ଶ୍ୱେତାଙ୍କ ୪ଘନିଷ୍ଠ ସାଙ୍ଗଙ୍କ ପରିଚୟ, ଫୋନ ନମ୍ବର ଏବଂ ସେମାନଙ୍କ ଠିକଣା ଦେଇଛନ୍ତି। ଉପରୋକ୍ତ ସାଙ୍ଗଙ୍କୁ ପଚରାଉଚରା କଲାପରେ ଶ୍ୱେତାଙ୍କୁ ସୌମ୍ୟଜିତ୍ ବ୍ଲାକମେଲ କରୁଥିବା ସମ୍ପର୍କରେ କିଛି ପ୍ରମାଣ ମିଳିବ ବୋଲି ସେମାନେ କହିଛନ୍ତି। ଏଥିସହ ଶ୍ୱେତାଙ୍କ ଲାପଟପ୍ ଓ ମୋବାଇଲରେ ଥିବା ତଥ୍ୟକୁ ଆଧାର କରି ତଦନ୍ତ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ତେବେ ଏନେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି ପ୍ରତିଶ୍ରୁତି ଦେଇଥିବା ଶ୍ୱେତାଙ୍କ ଭାଇ ପାଟ୍ରିଅଟ୍ ସେର୍ ଦାଶ କହିଛନ୍ତି।

**ଏମ୍‌ବିଏ କଲାପରେ ଅଣଦେଖା କରିଥିଲେ: ଶ୍ୱେତାଙ୍କ ସାଙ୍ଗ**

ଘଟଣାକୁ ନେଇ ଶ୍ୱେତାଙ୍କ ବନ୍ଧୁ ପ୍ରୀତିଶ ନାୟକ



ଗଣମାଧ୍ୟମକୁ କହିଛନ୍ତି, ଗତ ୬ ମାସ ତଳେ ଉଭୟଙ୍କ ସମ୍ପର୍କରେ କିଛି ତିକ୍ତତା ରହୁଥିଲା। ଏନେଇ ଶ୍ୱେତା ତାଙ୍କ ମା’ବାପାଙ୍କୁ ମଧ୍ୟ ଜଣାଇଥିଲେ। ଏହାପରେ ଶ୍ୱେତାଙ୍କ ପିରବାର ଲୋକ ସମ୍ବଲପୁରସ୍ଥିତ ସୌମ୍ୟଜିତ୍‌ଙ୍କ ଘରକୁ ଯାଇ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥିଲେ। କିଛି ସମସ୍ୟାର ମଧ୍ୟ ସମାଧାନ ହୋଇଯାଇଥିଲା। ହେଲେ ଅଗଷ୍ଟ ପ୍ରଥମ ସପ୍ତାହରେ ଶ୍ୱେତାଙ୍କ ସହ ଶେଷକଥା ହେବା ବେଳେ ସେ ବିବାହକୁ ନେଇ ଚିନ୍ତାରେ ଥିବା ଜଣାପଡ଼ିଥିଲା। ବିବାହ ସର୍ତ୍ତରେ ସୌମ୍ୟଜିତଙ୍କ ସହ ଶ୍ୱେତା ପ୍ରେମ ସମ୍ପର୍କ ରଖିଥିଲେ। ହେଲେ ସୌମ୍ୟଜିତ୍ ଏମ୍‌ବିଏ ପଢ଼ିବାକୁ ଏକ୍ସଆଇଏମ୍‌ବି ଗଲାପରେ ଶ୍ୱେତାଙ୍କୁ ଅଣଦେଖା କରିବା ଆରମ୍ଭ କରିଥିଲେ ବୋଲି ସେ କହିଛନ୍ତି।

**ହାତ ଲେଖା ଡାଏରୀରେ ପ୍ରେମ ବଞ୍ଚାଇବାର ଲେଖା**

ଶ୍ୱେତା ମୃତ୍ୟୁ ଘଟଣାକୁ ନେଇ ଚର୍ଚ୍ଚା ଲାଗି ରହିଥିବାବେଳେ ତାଙ୍କ ଡାଏରୀରେ ଇଂଲିଶରେ ଲେଖାଥିବା ଏକ ପୃଷ୍ଠା ଏବେ ଭାଇରାଲ ହେବାରେ ଲାଗିଛି। ସେଥିରେ ଲେଖାଯାଇଛି, ସେ ମୋତେ ତାଙ୍କ ପତ୍ନୀ ଭାବେ ଗ୍ରହଣ କରୁଛନ୍ତି। ସେ ନମ୍ରଭାବ ପ୍ରଦର୍ଶନ କରିବା ସହ ମୋତେ ଏବଂ ମୋ ବାପା, ମା’ଙ୍କୁ ସମ୍ମାନ ଜଣାଉଛନ୍ତି। ହେ ପ୍ରଭୁ ଆମ ସମ୍ପର୍କ ଯେଭଳି ଆହୁରି ପ୍ରେମମୟ ହୋଇଉଠିବ ଏବଂ ମଜଭୁତ ହେବ, ସେଥିପାଇଁ ସବୁବେଳେ ଆଶୀର୍ବାଦ କରୁଥାନ୍ତୁ। ଦିନକୁ ଦିନ ସୌମ୍ୟଜିତ ମହାପାତ୍ର ମତେ ଅଧିକ ଭଲ ପାଉଛନ୍ତି ଏବଂ ଆମ ସମ୍ପର୍କର ବନ୍ଧନ ଆହୁରି ଦୃଢ଼ ହେବାକୁ ଯାଉଛି। ହେ ପ୍ରଭୁ ଆମର ପ୍ରତ୍ୟେକଟି ସମସ୍ୟାର ସମାଧାନ ଦିଗରେ ସହାୟ ହୁଅନ୍ତୁ।"ସୌମ୍ୟଜିତ୍ ଲଭ୍ସ ଶ୍ୱେତା" ତେବେ ଏହି ଲେଖା କେବେର ଜଣାପଡ଼ି ନ ଥିବା ବେଳେ ଶ୍ୱେତା କିନ୍ତୁ ସୌମ୍ୟଜିତଙ୍କୁ ସତ ପ୍ରେମ କରୁଥିଲେ ଏବଂ ତାଙ୍କ ପ୍ରେମ ସମ୍ପର୍କକୁ ବଞ୍ଚାଇ ରଖିବାକୁ ଚାହୁଁଥିଲେ ବୋଲି ଏଥିରୁ ଜଣାପଡୁଛି।

**ଭାଇରାଲ ହେଉଛି ଶ୍ୱେତା ପଠାଇଥିବା ହ୍ୱାଟ୍ସଆପ୍ ମେସେଜ୍**

ମୃତ୍ୟୁ ପୂର୍ବରୁ ସୌମ୍ୟଜିତଙ୍କ ମା’ଙ୍କୁ ଶ୍ୱେତା ହ୍ୱାଟ୍ସଆପ୍‌ରେ ପଠାଇଥିବା ମେସେଜ୍‌ର ଏକ ସ୍କ୍ରିନ୍‌ଶଟ୍ ମଧ୍ୟ ଭାଇରାଲ ହେଉଛି। ସୌମ୍ୟଜିତ ତାଙ୍କୁ ପ୍ରେମ ବିଚ୍ଛେଦ କରିଥିବାରୁ ତାଙ୍କ ପାଇଁ ଖର୍ଚ୍ଚ କରିଥିବା ଟଙ୍କା ଫେରାଇବାକୁ ମା’ଙ୍କୁ ଶ୍ୱେତା କହୁଛନ୍ତି। ଏଥିସହ କିଛି ଫଟୋ ଭାଇରାଲ କରିଦେବାର ସୌମ୍ୟଜିତ କାହିଁକି ଧମକ ଦେଉଛି ବୋଲି ଶ୍ୱେତା ପ୍ରଶ୍ନ କରିଛନ୍ତି।

# ରାଧେଶ୍ୟାମ, ଗୋବିନ୍ଦଙ୍କ ବିରୋଧରେ ହେଲା ଚାର୍ଜଫ୍ରେମ୍

**ମମିତା ମେହେର ହତ୍ୟା ମାମଲା**

- କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ହାଜର ହେଲେ ୨ ଅଭିଯୁକ୍ତ
- ସେପ୍ଟେମ୍ବର ୮ ଓ ୯ରେ ହେବ ପରବର୍ତ୍ତୀ ଶୁଣାଣି

ବଲାଙ୍ଗୀର ଅଫିସ, ୨୫ା୮

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ଦୁଇ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ସହଯୋଗୀ ରାଧେଶ୍ୟାମ ଚଣ୍ଡୀଙ୍କ ବିରୋଧରେ ଗୁରୁବାର ଚାର୍ଜଫ୍ରେମ୍ ହୋଇଛି। ଦୁଇ ଅଭିଯୁକ୍ତଙ୍କ ବିରେଧରେ ଆଇପିସି ଧାରା ୩୬୩, ୩୦୨, ୧୨୦ (ବି) ଓ ୩୪ରେ ଚାର୍ଜଫ୍ରେମ ହୋଇଛି। କଣ୍ଟାବାଞ୍ଜି ଅତିରିକ୍ତ ଦୌରାଜଜ୍‌ଙ୍କ କୋର୍ଟରେ ଗୋବିନ୍ଦ ଓ ରାଧେଶ୍ୟାମଙ୍କୁ ହାଜର କରାଯାଇଥିଲା। ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଓକିଲ ଚାର୍ଜଫ୍ରେମ ନ କରିବାକୁ କୋର୍ଟଙ୍କୁ ଅନୁରୋଧ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ କରାଯାଇଥିବା ଅଭିଯୋଗ ଭିତ୍ତିହୀନ ବୋଲି ଦର୍ଶାଇ ଡିସ୍‌ଚାର୍ଜ ପାଇଁ କୋର୍ଟଙ୍କୁ ଅନୁରୋଧ କରିଥିଲେ। ସ୍ପେଶାଲ ପିପି ଚାର୍ଜଫ୍ରେମ ପାଇଁ ଯୁକ୍ତି ଉପସ୍ଥାପନ କରିଥିଲେ। ଚାର୍ଜଫ୍ରେମ୍ ପରେ ଆସନ୍ତା ସେପ୍ଟେମ୍ବର ୮ ଓ ୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ ବୋଲି କୋର୍ଟ ଦିନ ଧାର୍ଯ୍ୟ କରିଥିବା ଜଣାପଡ଼ିଛି।



କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ଗତବର୍ଷ ଅକ୍ଟୋବର ୮ ତାରିଖରୁ ନିଖୋଜ ହୋଇଯାଇଥିଲେ। ଘଟଣା ସଂକ୍ରାନ୍ତରେ ତାଙ୍କ ପରିବାରବର୍ଗ ପ୍ରଥମେ କଳାହାଣ୍ଡି ଜିଲା କେଗାଁ ଥାନାରେ ଅଭିଯୋଗ କରିଥିଲେ। ତେବେ ପୋଲିସ ଥାନାଧିକାରୀ ଅଭିଯୋଗ ପତ୍ର ନ ରଖି ମମିତାଙ୍କ ପରିବାର ଲୋକଙ୍କୁ ଫେରାଇ ଦେଇଥିଲେ। ଏହାପରେ ପରିବାର ଲୋକେ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁଙ୍କୁ ଉଠାଇ ଆଣିଥିଲା। ଅକ୍ଟୋବର ୮ ତାରିଖରେ ମମିତା ମେହେରଙ୍କୁ ଗୋବିନ୍ଦ ନିଜ କାରରେ ଚାନ୍ଦୋତରା ଛକରୁ ଅପହରଣ କରିନେଇ ତଣ୍ଟିଚିପି ହତ୍ୟା କରିବା ଏବଂ ମହାଲିଙ୍ଗସ୍ଥିତ ନିର୍ମାଣାଧୀନ ଷ୍ଟାଡିୟମରେ ଗାତ ଖୋଳି ପୋତି ଦେଇଥିବା ଜଣାପଡିଥିଲା। ଅଭିଯୁକ୍ତ ଗୋବିନ୍ଦଙ୍କୁ ଟିଟିଲାଗଡ଼ ପୋଲିସ ବାରାକ୍‌ରେ ଅଟକ ରଖିଥିବାବେଳେ ଅକ୍ଟୋବର ୧୭ ତାରିଖରେ ପୋଲିସକୁ ଚକ୍‌ମା ଦେଇ ଅଭିଯୁକ୍ତ ବାରାକ୍‌ରୁ ଫେରାର ହୋଇଯାଇଥିଲେ। ୧୯ ତାରିଖରେ ପୋଲିସ ଟିମ୍ ବଙ୍ଗୋମୁଣ୍ଡା ଥାନା ବୁଢ଼ୀପଦର ଗାଁର ଏକ ଆଖୁ କିଆରିରୁ ଗୋବିନ୍ଦଙ୍କୁ ଗିରଫ କରିଥିଲେ। ହତ୍ୟାକାଣ୍ଡରେ ଗୋବିନ୍ଦଙ୍କ ସହଯୋଗୀ ରାଧେଶ୍ୟାମଙ୍କ ସମ୍ପୃକ୍ତି ଜଣାପଡିବା ପରେ ତାଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା।

# ପଦ୍ମଶ୍ରୀ କମଳା ପୂଜାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର


ଏସ୍‌ସିବି ମେଡିକାଲରେ ଭାଜପା ପ୍ରତିନିଧିମାନେ ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ଭେଟୁଛନ୍ତି।

କଟକ ଅଫିସ,୨୫ା୮

କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ପଦ୍ମଶ୍ରୀ କମଳା ପୂଜାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତାଙ୍କ ଚିକିତ୍ସା ପାଇଁ ଭେଷଜ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ୪ ଜଣିଆ ଡାକ୍ତରୀ ଟିମ୍ ଗଠନ କରାଯାଇଛି। ଏଥିରେ ଭେଷଜ ବିଭାଗ ପ୍ରଫେସର ଡା. ବିଜୟ କୁମାର ବେହେରା, ପଲମୋନାରି ମେଡିସିନ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଜ୍ୟୋତି ପଟ୍ଟନାୟକ ଓ ନେଫ୍ରୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ଡା. ଅରୁଣ ଆଚାର୍ଯ୍ୟ ସାମିଲ ଅଛନ୍ତି। ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି, ଗତ ରବିବାର କମଳା ଅସୁସ୍ଥ ହେବା ପରେ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା। କିନ୍ତୁ ସେ କିଡ୍‌ନୀ ରୋଗରେ ପୀଡିତ ଥିବା ଜଣାପଡିବା ପରେ ସେଠାରୁ ବୁଧବାର ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏବେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏଥିସହ ତାଙ୍କର ବିଭିନ୍ନ ପରୀକ୍ଷାନିରୀକ୍ଷା କରାଯାଉଛି। ସବୁ ରିପୋର୍ଟ ହସ୍ତଗତ ହେବା ପରେ ଡାକ୍ତରୀ ଟିମ୍ ପରବର୍ତ୍ତୀ ନିଷ୍ପତ୍ତି ନେବ ବୋଲି ଭୁବନାନନ୍ଦ କହିଛନ୍ତି।

**ଏସ୍‌ସିବିରେ ଚିକିତ୍ସା ପାଇଁ ୪ ଜଣିଆ ଡାକ୍ତର ଟିମ୍ ଗଠିତ**

କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଗୁରୁବାର ଏସ୍‌ସିବି ମେଡିକାଲରେ କମଳାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ କଥା ହୋଇ ଉତ୍ତମ ଚିକିତ୍ସା ଯୋଗାଇ ଦେବା ଉପରେ ମେୟର ଗୁରୁତ୍ୱାରୋପ କରିଛନ୍ତି। ସେହିପରି ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମଧ୍ୟ କମଳାଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ଭାଜପା ନେତା ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କମଳାଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହାବାଦ୍ ଅନେକ ବିଶିଷ୍ଟ ବ୍ୟକ୍ତି କମଳାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିବା ଜଣାପଡିଛି। ସୂଚନାଯୋଗ୍ୟ, କୋରାପୁଟ ଜିଲା ପାତ୍ରପୁଟର ବାସିନ୍ଦା କମଳା ୩୦୦ରୁ ଊର୍ଦ୍ଧ୍ୱ ପାରମ୍ପରିକ ଧାନ ବିହନ ସଂରକ୍ଷଣ କରି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ।

# ବାଗ୍‌ଚୀଙ୍କୁ ଭେଟିଲେ ଆମେରିକା କନ୍‌ସୁଲେଟ



ଭୁବନେଶ୍ୱର,୨୫ା୮(ବ୍ୟୁରୋ)

ହାଇଦ୍ରାବାଦରେ ଅବସ୍ଥାପିତ ଯୁକ୍ତରାଷ୍ଟ୍ର ଆମେରିକା କନ୍‌ସୁଲେଟ୍‌ର ରାଜନୈତିକ ଓ ଅର୍ଥନୈତିକ ଅଧିକାରୀ ସିନ୍ ରୁଥ୍ ଗୁରୁବାର ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ରୁଥ୍‌ଙ୍କ ସହ ରାଜନୈତିକ ଓ ଅର୍ଥନୈତିକ ବିଶେଷଜ୍ଞ ଶିବପ୍ରସାଦ ତ୍ରିପାଠୀ ଉପସ୍ଥିତ ଥିଲେ। ରୁଥ୍ ଏବଂ ତାଙ୍କ ସହଯୋଗୀମାନେ ବାଗ୍‌ଚୀଙ୍କ ସହ ଯୁବବର୍ଗଙ୍କ ଦକ୍ଷତା ବିକାଶ ସମେତ ରାଜ୍ୟର ବୃହତ୍ତର ଅର୍ଥନୈତିକ ଓ ରାଜନୈତିକ ବିଷୟ ନେଇ ଦୀର୍ଘ ୧ ଘଣ୍ଟା ଆଲୋଚନା କରିଛନ୍ତି। ବାଗ୍‌ଚୀ ଏହି ଅବସରରେ ଅତିଥିମାନଙ୍କୁ ଓଡ଼ିଶା ପରିଦର୍ଶନ ନେଇ ଧନ୍ୟବାଦ ଜ୍ଞାପନ କରିବା ସହ ଭବିଷ୍ୟତରେ ଯୁକ୍ତରାଷ୍ଟ୍ର ଆମେରିକା କନ୍‌ସୁଲେଟ୍ ସହ ସମସ୍ତ ସ୍ତରରେ ଅଧିକ ସହଯୋଗ ଏବଂ ଭାବ ବିନିମୟ ଜାରି ରହିବ ବୋଲି ଆଶା ପ୍ରକାଶ କରିଛନ୍ତି। ବାଗ୍‌ଚୀଙ୍କ ତରଫରୁ ରୁଥ୍‌ଙ୍କୁ ଓଡ଼ିଶାର ଏକ ପଟ୍ଟଚିତ୍ର ଉପହାର ଦିଆଯାଇଛି।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

ଜେନାପୁର,୨୫।୮(ଡି.ଏନ.ଏ.): ଜେନାପୁର ଥାନା ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତ ବିଛାଖଣ୍ଡି ଗ୍ରାମର ମଳୟ ପୁରୀଙ୍କ ସ୍ତ୍ରୀ ଗୀତା ପୁରୀ(୨୪) ଗୁରୁବାର ବେଳରେ ଶାଢ଼ି ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମାନସିକ ବିକୃତ ଗୀତା ତାଙ୍କ ଶାଶୁ ଘର ଦୁଆର ମୁହଁ ବନ୍ଦରେ ଆତ୍ମହତ୍ୟା କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ମେଡିକାଲକୁ ପଠାଇଛି। ଏ ସଂକ୍ରାନ୍ତରେ ଗୀତାଙ୍କ ବାପା ଏହି ଥାନା ଅନ୍ତର୍ଗତ କଲାଣ୍ଡ ଗ୍ରାମର ଟୁକୁନା ସାହୁ ତାଙ୍କ ଝିଅ ମାନସିକ ବିକୃତ ପାଇଁ ଆତ୍ମହତ୍ୟା କରିଥିବା ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ.୧୯/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

### ନେଉଳପୁର ବଜାରରୁ ଏଟିଏମ୍ ଲୁଟ୍




ଧର୍ମଶାଳା,୨୫।୮(ଡି.ଏନ.ଏ.): ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥିତ ନେଉଳପୁର ବଜାରରେ ଥିବା ଏସ୍‌ବିଆଇ ଏଟିଏମ୍‌କୁ ବୁଧବାର ରାତିରେ କେହି ଦୁର୍ବୃତ୍ତ ଲୁଟି ନେଇଥିବା ଜଣାପଡିଛି। ଗୁରୁବାର ସକାଳେ ସ୍ଥାନୀୟ ଅଞ୍ଚଳର ଦୋକାନୀ ଆନନ୍ଦ ସାହୁ ଦୋକାନ ଖୋଲିବା ପାଇଁ ସେଠାକୁ ଆସିଥିବା ବେଳେ ଏଟିଏମ ଘରର ସଟର ତାଲା ଭଙ୍ଗା ହୋଇପଡିଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଘରର ମାଲିକଙ୍କୁ ଜଣାଇବା ପରେ ଘରମାଲିକ ପହଞ୍ଚି ସଟର ଉଠାଇ ଦେଖନ୍ତିତ କାଉଣ୍ଟରରୁ ଏଟିଏମ ଲୁଟ ହୋଇଯାଇଛି। ତେଣୁ ସେ ତୁରନ୍ତ ଧର୍ମଶାଳା ଥାନାକୁ ଖବର ଦେବାସହ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ଖବର ପାଇ ଧର୍ମଶାଳା ଥାନା ଏସ୍‌ଆଇ ବିଭୂତି ମହାପାତ୍ର ସହକର୍ମୀଙ୍କ ସହ ପହଞ୍ଚି ତଦନ୍ତ କରିଥିଲେ। ଏଟିଏମ୍ ପରିଚାଳନା କରୁଥିବା ସିଏନ୍‌ସି କଟକ ଶାଖା ପକ୍ଷରୁ ପରିଚାଳକ ବିନୋଦ ସାହୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଲୁଟ ଏଟିଏମରେ ୫ଲକ୍ଷ ୬୭ ହଜାର ୫ଶହ ଟଙ୍କା ଥିବା ଏତଲାରେ ଦର୍ଶାଯାଇଛି। ଏନେଇ ପୋଲିସ ନଂ.୪୮୫/୨୨ରେ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଚଳାଇଛି ବୋଲି ଏସ୍‌ଆଇ ମହାପାତ୍ର ସୂଚନା ଦେଇଛନ୍ତି।

# ସାଟେଲାଇଟ୍ ଧରିବ କଳାପଥର ଲୁଟ୍

ଯାଜପୁର ଅଫିସ,୨୫।୮

ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି-୨୦୧୬ ଓ ରିହାତି (ସଂଶୋଧନ)-୨୦୧୭ ଓ ୨୦୧୮ ଆଇନ ଅନୁଯାୟୀ ଅନୁମୋଦନ ପରିମାଣଠାରୁ ଅଧିକ ଲୁଟ୍ ଉପରେ ଗତ ମାର୍ଚ୍ଚରେ ବିଧାନସଭାରେ ପ୍ରଶ୍ନ ହେବା ପରେ ଯାଜପୁର ଜିଲା ଧର୍ମଶାଳା ତହସିଲ ପକ୍ଷରୁ ଦୃଢ଼ ପଦକ୍ଷେପ ଆରମ୍ଭ ହୋଇଛି। ଏହି କ୍ରମରେ ଧର୍ମଶାଳା ତହସିଲଦାର ୨।୬।୨୦୨୨ରେ ଲିଜ୍ ଖାଦାନଗୁଡିକର ସାଟେଲାଇଟ୍ ମାପଚୁପ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ। ଏଥିରେ ମାଇଁ ୱାର୍ଲ୍ଡ ଜିଓଲୋଜି କମ୍ପାନୀ ଟେଣ୍ଡର ପାଇଥିବା ସୂଚନା ମିଳିଛି। ଏହାପରେ ୨୦୧୫ରୁ ୨୦୧୭ ମଧ୍ୟରେ ଲିଜ୍ ପାଇଥିବା ୨୦ରୁ ଊର୍ଦ୍ଧ୍ୱ ଲିଜ୍‌ଧାରୀଙ୍କ ମଧ୍ୟରେ ଛନକା ପଶିଛି। ଏଥିରେ ଶାସକ ଦଳର କେତେଜଣ ସମର୍ଥକ ରହିଥିବାରୁ ଠିକ ତଦନ୍ତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଇତିମଧ୍ୟରେ ଅଭିଯୋଗ ଅନୁସାରେ, ୫ ଜଣଙ୍କ ନାମରେ ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଥିଲେ ହେଁ ମାପଚୁପରେ ବ୍ୟାପକ ଚଞ୍ଚକତା ହୋଇଥିବା ଅଭିଯୋଗ ହୋଇଛି। ଫଳରେ ରାଜ୍ୟ ସରକାର ପ୍ରାୟ ୭୦୦ କୋଟି ଟଙ୍କା ରାଜସ୍ୱ ହରାଇବେ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।



ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ, ଅନୁମୋଦନ ପରିମାଣଠାରୁ ଅଧିକ ଲୁଟ, ବିନା ଟ୍ରାନ୍‌ଜିଟ ଫର୍ମରେ ଖଣିଜ ପରିବହନ ଓ ବିକ୍ରି ମାମଲାରେ ଯାଜପୁର ଜିଲା ବହୁ ଆଗରେ ରହିଛି। ଏନେଇ ହାଇକୋର୍ଟ, ଲୋକାୟୁକ୍ତ, ଏନ୍‌ଜିଟିରେ ଏକାଧିକ ମାମଲା ବିଚାରାଧୀନ ରହିଛି। ଏହାବାଦ୍ ନିକଟରେ ସାଟେଲାଇଟ୍ ତଦନ୍ତ କରି ୪ ଜଣ ଲିଜ୍‌ଧାରୀଙ୍କ ଠାରୁ ୧୦୫ କୋଟି ୮୭ ଲକ୍ଷ ଜରିମାନା ଆଦାୟ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଡିମାଣ୍ଡ ନୋଟିସ ଜାରି କରିଛନ୍ତି।

ସୂଚନା ଅନୁଯାୟୀ, ୨୦୧୭-୧୮ରେ ଜ୍ୟୋତ୍ସ୍ନା ଜେନା, ରଞ୍ଜନ ଜେନା, ଶ୍ରୀବାସ ଜେନା, ରଶ୍ମିରଞ୍ଜନ ପଣ୍ଡା ଓ ମହେନ୍ଦ୍ର ସ୍ୱାଇଁ ଡଙ୍କାରୀ ପାହାଡ଼ର ୪ ଖାଦାନ ଲିଜ୍ ସୂତ୍ରରେ ପାଇଥିଲେ। ଦୀର୍ଘମିଆଦୀ ୫ ବର୍ଷ ପାଇଁ ଏହି ଲିଜ୍ ଅବଧି ରହିଥିବାବେଳେ ତାହା ୨୦୨୧-୨୨ରେ ସରିବା କଥା। କିନ୍ତୁ କଳାପଥର ଉତ୍ତୋଳନରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେବା ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲାପାଳ ୨୦୧୯ରେ ସେମାନଙ୍କ ଚୁକ୍ତି ବାତିଲ କରିଥିଲେ। ଏହାପରେ ଲିଜ୍‌ଧାରୀ ରଞ୍ଜନ ଜେନା ଉକ୍ତ ନିର୍ଦ୍ଦେଶ ପ୍ରତିବାଦରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ପୁଣି ଲିଜ୍ କାର୍ଯ୍ୟକାରୀ କରିବାକୁ ଅନୁମତି ମିଳିଥିଲା। ଏହାପରେ ସେ ପୁଣି ଏକ ପରିବର୍ତ୍ତିତ ମାଇନିଂ ପ୍ଲାନ ତିଆରି କରି ପରିବେଶଗତ ଅନୁମତି ହାସଲ କରି କଳାପଥର ଉତ୍ତୋଳନ କରିଥିଲେ। ପୂର୍ବ ଏବଂ ପରବର୍ତ୍ତୀ ମାଇନିଂ ପ୍ଲାନ ଉପରେ ସାଟେଲାଇଟ୍ ତଦନ୍ତ ହୋଇଥିଲେ ନିକଟରେ ରଞ୍ଜନ ଜେନାଙ୍କ ନାମରେ ହୋଇଥିବା ଜରିମାନା ୨୩.୩୨ କୋଟି ଟଙ୍କା ବଦଳରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହୋଇଥାନ୍ତା ବୋଲି ସ୍ଥାନୀୟ ମହଲରେ ମତପ୍ରକାଶ ପାଇଛି। ଅନୁରୂପ ଭାବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବାକି ରହିଥିବା ୨ ବର୍ଷର ଲିଜ୍ ନେବା ବଦଳରେ ଲିଜ୍‌ଧାରୀ ଜ୍ୟୋତ୍ସ୍ନା ଜେନା ଚଞ୍ଚକତା କରି ପୁଣି ୫ ବର୍ଷର ଲିଜ୍ ନେଇଥିବା ସୂଚନା ମିଳିଛି। ସେହିପରି ୨୦୨୧ରେ ଆରୁହା ପାହାଡ଼ର ୩ଟି ସୈରାତରୁ ଉତ୍ତୋଳନ ପାଇଁ ମନୋଜ ସାମଲଙ୍କୁ ଲିଜ୍ ପ୍ରଦାନ କରାଯାଇଛି। ଏଥିରେ ବାର୍ଷିକ ୪୩୦୦୦ କ୍ୟୁବିକ ମିଟର ଉତ୍ତୋଳନ କରିବାକୁ ନିର୍ଦ୍ଧାରଣ ହୋଇଥିଲା। ତଦନୁସାରେ ବର୍ଷକୁ ପ୍ରାୟ ୫ କୋଟି ଟଙ୍କା ରାଜସ୍ୱ ମିଳିଥାନ୍ତା। କିନ୍ତୁ ସେ ବର୍ଷକୁ ପ୍ରାୟ ୫୦ ଲକ୍ଷ ଟଙ୍କାରେ ରାଜସ୍ୱ ଦାଖଲ ସୀମିତ ରଖିବାକୁ ଉତ୍ତୋଳନ ପରିମାଣ ହ୍ରାସ କରି ବର୍ଷକୁ ୧୪୦୦୦ କ୍ୟୁବିକ ମିଟର ଅନୁସାରେ ପୁଣି ଏକ ମାଇନିଂ ପ୍ଲାନ ତିଆରି କଲେ। ଏଥିଯୋଗୁ ରାଜ୍ୟ ସରକାର ବର୍ଷକୁ ପ୍ରାୟ ସାଢେ ୪ କୋଟି ଟଙ୍କା ରାଜସ୍ୱ ହରାଇବେ। ଇତିମଧ୍ୟରେ ସେ ୩ ମାସ ହେଲା ନିର୍ଦ୍ଧାରିତ ପରିମାଣଠାରୁ ବହୁ ଗୁଣରେ କଳାପଥର ଉତ୍ତୋଳନ କରି ସାରିଛନ୍ତି। ଏଥିରେ ୪ ପ୍ରୋକଲିନ, ୨୦ ହାଇୱା, ହାଇଟେକ୍ନୋଲୋଜି ବିସ୍ଫୋରକ ସାମଗ୍ରୀ ବ୍ୟବହାର କରାଯାଉଛି। ଫଳରେ ଜାବରାତଳି, ପାଖର, ମୁରାରୀପୁର, ଯୋଗଡା, ବାଟିଜଙ୍ଗା, ଆରୁହା, ନାନପୁର ଗ୍ରାମ ଥରି ଉଠୁଥିବା ଅଭିଯୋଗ ହୋଇଛି। ଜାଭରତଳି ଉଚ୍ଚ ପ୍ରାଥମିକ ସ୍କୁଲ ୩୦୦ ମିଟର ଦୂରରେ ରହିଥିବାରୁ ବିସ୍ଫୋରକ ଯୋଗୁ ଛାତ୍ରୀଛାତ୍ରମାନେ ଚମକି ପଡୁଛନ୍ତି। ଏଭଳି ଅନେକ ଅନିୟମିତତା ଉପରେ ସାଟେଲାଇଟ ତଦନ୍ତ କେତେଦୂର ସକ୍ଷମ ହୋଇପାରିବ ସେ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ଉପୁଜିଛି।

■ ମାଇଁ ୱାର୍ଲ୍ଡ ଜିଓଲୋଜି କମ୍ପାନୀକୁ ଦାୟିତ୍ୱ
■ ରାଜସ୍ୱ ଆଦାୟରେ ଚଞ୍ଚକତା
■ ଗୋଟିଏ ଖାଦାନରେ ୨ଥର ମାଇନିଂ ପ୍ଲାନ ପ୍ରସ୍ତୁତ
■ ବିସ୍ଫୋରଣରେ ଥରୁଛି ଗ୍ରାମ, ବିଦ୍ୟାଳୟ

ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ଆଇନ ଅନୁସାରେ ସାଟେଲାଇଟ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଗାନ୍ଧୀ ମଣିଷ ବୀରବର ରଥଙ୍କ ଜୟନ୍ତୀ

ବରୀ,୨୫।୮(ଡି.ଏନ.ଏ.)

ବରୀ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧୀ ବିନୋବା ବିଚାରର ମଣିଷ ସ୍ୱର୍ଗତ ବୀରବର ରଥ ୧୯୧୫ରେ ଗାନ୍ଧିଜୀଙ୍କ ଆହ୍ୱାନରେ ବିଦ୍ୟାଳୟ ପରିତ୍ୟାଗ କରି ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରି ଦୁଇ ଦୁଇ ଥର ଜେଲ ଯାଇଥିଲେ। ପରବର୍ତ୍ତୀ ସମୟରେ ଗାନ୍ଧୀ ବିଚାରକୁ ଜୀବନର ଶେଷ ପର୍ଯ୍ୟନ୍ତ ବଜାୟ ରଖିଥିଲେ। ଏହି ମହାନ୍ ବ୍ୟକ୍ତିଙ୍କ ୧୦୭ ତମ ଜୟନ୍ତୀ ଗୋପବନ୍ଧୁ-ରମାଦେବୀ ଆଶ୍ରମ ଆନୁକୂଲ୍ୟରେ ଧାରପୁରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳରେ ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଆଶ୍ରମ ସମ୍ପାଦକ ନିମାଇଁ ରାୟ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହ ସ୍ୱର୍ଗତ ରଥଙ୍କ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ।

ମୁଖ୍ୟ ଅତିଥି ଭାବେ ସର୍ବୋଦୟ ବିଚାରଧାରାର ବ୍ୟକ୍ତି ପ୍ରଶାନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ସାରସ୍ୱତ ସାଧକ ନିକୁଞ୍ଜ ବିହାରୀ ଭଞ୍ଜ, ପଣ୍ଡିତ ବେଣୁଧର ପତି ଓ ଶିକ୍ଷକନେତା ଲୋକନାଥ ଦାସ ନିଜ ନିଜ ବକ୍ତବ୍ୟରେ ବୀରବରଙ୍କ ସମାଜ ପ୍ରତି ଥିବା ଅବଦାନ ବିଷୟରେ ଧାରଣା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପବନ୍ଧୁ ଦାସ, ଡ. ନିରଞ୍ଜନ ସାହୁ, ଜିଲା ପରିଷଦସଭ୍ୟ ଅଶୋକ ସାମଲ, ଗୀତିକାର ଦିଲୀପ ଜେନା, ସମୀର ପାଣି, ମକର ଚରଣ ଘଡ଼ାଇ, ପ୍ରଧାନଶିକ୍ଷୟିତ୍ରୀ ରେଣୁବାଳା ପ୍ରଧାନ, ଶରତ କୁମାର ଜେନା, ସୀତାରାଣୀ ଦେଓ, ଇନ୍ଦୁମତି ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବସନ୍ତ ଭୂୟାଁ, ବିଜୟ ଜେନା, ଅଭିରାମ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସର୍ବୋଦୟ କର୍ମୀ ରମାକାନ୍ତ ମଣ୍ଡଳ ଧନ୍ୟବାଦ ଦେଇଥିଲେ।



ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି।

## ରସୁଲପୁର ବ୍ଲକ୍ ଅଞ୍ଚଳ ବୁଲିଲେ ୪୨ ସରପଞ୍ଚ



ବିଭିନ୍ନ ସ୍ଥାନ ପରିଦର୍ଶନରେ ଆସିଥିବା ସରପଞ୍ଚଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରସୁଲପୁର,୨୫।୮(ଡି.ଏନ.ଏ.)

ବଡ଼ଚଣା ବ୍ଲକର ୪୨ଜଣ ସରପଞ୍ଚ ଗୁରୁବାର ରସୁଲପୁର ବ୍ଲକ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବ୍ଲକ ଅଧୀନ ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁରସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଉକ୍ତ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ଦୁର୍ଗା ଦାସଙ୍କ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଉକ୍ତ ପଞ୍ଚାୟତର ସ୍ୱୟଂସହାୟିକା ଗୋଷ୍ଠୀ ମହିଳାଙ୍କ ଦ୍ୱାରା ଅତିଥି ସରପଞ୍ଚଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ପରେ ସରପଞ୍ଚମାନେ ଗୋପାଳପୁର ଟସରବସ୍ତ୍ର କାରଖାନାମାନ ବୁଲି ଦେଖିଥିଲେ। ଏହି ପରିଦର୍ଶନ ସମୟରେ ରସୁଲପୁର ବିଡିଓ ଅବନିକାନ୍ତ ସାହୁ, ଏବିଡିଓ ଦିବ୍ୟକାନ୍ତି ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, ସହକାରୀ ଯନ୍ତ୍ରୀ ଅନିଲ ବିଶ୍ୱାଳ, ପ୍ରଶିକ୍ଷକ ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ଲୁଗାବୁଣା କାରଖାନା ସମ୍ପର୍କରେ ସରପଞ୍ଚମାନଙ୍କୁ ବୁଝାଇ କହିବା ସହ ଟସରବସ୍ତ୍ର ପ୍ରସ୍ତୁତିଠାରୁ ଲୁଗା ବିକ୍ରି ପର୍ଯ୍ୟନ୍ତ କଳାକୌଶଳ ସମ୍ପର୍କରେ ଜଣାଇଥିଲେ। ଏ ସବୁ ପ୍ରକ୍ରିୟାକୁ ଦେଖି ସରପଞ୍ଚମାନେ ଖୁସିବ୍ୟକ୍ତ କରିଥିଲେ। ଏଥିସହ ରାହାମ୍ଭା ପଞ୍ଚାୟତର କୋଳଥଳସ୍ଥିତ କ୍ଷେତ୍ରପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଅଡିଟୋରିୟମକୁ ସରପଞ୍ଚମାନେ ବୁଲି ଦେଖିଥିଲେ। ବିଦ୍ୟାଳୟ ରୂପାନ୍ତରଣ ଅର୍ଥରେ ଅଡିଟୋରିୟମ କିଭଳି ସମ୍ଭବପର ହେଲା ସେ ଦିଗରେ ଅବଗତ ହୋଇଥିଲେ। ଏହାପରେ ସରପଞ୍ଚମାନେ ଶ୍ରୀବନ୍ତପୁର ପଞ୍ଚାୟତ କାଣ୍ଡସରା ଗ୍ରାମର ଆଦର୍ଶ ପୁଷ୍କରିଣୀ, ଜାବରା ୫-ଟିସ୍କୁଲ ପରିଦର୍ଶନ କରିଥିଲେ। ଶ୍ରୀବନ୍ତପୁର ପଞ୍ଚାୟତର ସର୍ବକନିଷ୍ଠ ସମିତିସଭ୍ୟା ସୌଦାମିନୀ ସାମଲଙ୍କ ପକ୍ଷରୁ ସରପଞ୍ଚମାନଙ୍କୁ ସମ୍ମାନିତ କରାଯାଇଥିଲା। ପରେ ପରିଦର୍ଶନ କାର୍ଯ୍ୟ ଶେଷ ହୋଇଥିଲା। ନଠୁଆବର ପଞ୍ଚାୟତର ଆଦମପୁର ସ୍ଥିତ ମର୍ତ୍ତ୍ୟବୈକୁଣ୍ଠ ଧାମରେ ସରପଞ୍ଚମାନଙ୍କୁ ପ୍ରଶାସନ ପକ୍ଷରୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରାଯାଇଥିଲା।

■ ଟସରବସ୍ତ୍ର ପ୍ରସ୍ତୁତି ସମ୍ପର୍କରେ ଜାଣିଲେ
■ ଅନ୍ୟ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଲେ

## ଗୋରୁ ଗାଡ଼ି ଅଟକବେଳେ ଫାଙ୍କା ଗୁଳିଚାଳନା

କଳିଙ୍ଗନଗର,୨୫।୮(ଡି.ଏନ.ଏ.)

ଯାଜପୁର ରୋଡ୍ ବଜରଙ୍ଗ ଦଳ ପକ୍ଷରୁ ବେଆଇନ ଗୋରୁ ବୋଝେଇ ଏକ ଆଇଚର ଗାଡ଼ିକୁ ଯାଜପୁର ରୋଡ୍ ଫାୟାର ଷ୍ଟେଶନ ଛକରେ ଅଟକ ରଖାଯିବାବେଳେ ଫାଙ୍କା ଗୁଳିଚାଳନା କରାଯାଇଛି। ବଜରଙ୍ଗ ଦଳ କର୍ମକର୍ତ୍ତାଙ୍କୁ ଭୟଭୀତ କରିବା ପାଇଁ ଦୁର୍ବୃତ୍ତଙ୍କ ଦ୍ୱାରା ଏପରି କରାଯାଇଥିବା ସୂଚନା ମିଳିଛି। ପୋଲିସ ଗାଡ଼ି ଡ୍ରାଇଭର ବାଲେଶ୍ୱର ଜିଲା ଝାଡେଶ୍ୱରପୁରର ଏସ କେ ବାବୁ ଅଲ୍ଲି, ମେଦିନିପୁର ଜିଲା ଦାନ୍ତୁଲା ଥାନା ଅନ୍ତର୍ଗତ ବାହାରାଜା ଗ୍ରାମର ଭଗବାନ ନାୟକ(୪୫) ଓ ସାତଷଣ୍ଡା ଗ୍ରାମର ମନୋରଞ୍ଜନ ନାୟକ(୪୭)ଙ୍କୁ ଅଟକ ରଖି ପଚାରାଉଚରା ଚଳାଇଛି।

ସୁକିନ୍ଦା ଥାନା ଅନ୍ତର୍ଗତ ହରିପୁର ହାଟରୁ ପଶ୍ଚିମବଙ୍ଗର ମେଦିନାପୁରର ଲକ୍ଷ୍ମଣନାଥ ବର୍ଡର ପାଖରେ ଥିବା ସୁନାଖଣି ହାଟକୁ ଏକ ଜାଲ ନଂ. ଆଇଚର ଗାଡି (ଓଡି ୨୨-ଡି-୦୧୮୮) ଯୋଗେ ୨୫ଟି ଗୋରୁଙ୍କୁ ଚାଲାଣ କରାଯାଉଥିଲା। ବୁଧବାର ରାତି ପ୍ରାୟ ୩ଟାରେ କୌଣସି ସୂତ୍ରରୁ ଖବର ପାଇ ସ୍ଥାନୀୟ ବଜରଙ୍ଗ ଦଳର ସଦସ୍ୟମାନେ ଗାଡିଟିକୁ ଅଟକାଇଥିଲେ। ଏହି ସମୟରେ ୨ ସ୍କର୍ପିଓ ଏବଂ ଏକ ହୋଣ୍ଡା ସିଟିରେ ପ୍ରାୟ ୧୬ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ଆସି ଗୋରୁ ଗାଡି ଛଡାଇ ନେବା ଉଦ୍ଦେଶ୍ୟରେ ୨ ରାଉଣ୍ଡ ଗୁଳି ଚାଳନା କରିଥିଲେ। କୋରେଇ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ସଦଳବଳ ପହଞ୍ଚି ଗୋରୁ ଗାଡିକୁ ଜବତ କରି ଥାନାକୁ ଆଣିଥିଲେ। ଏ ନେଇ ବ୍ୟାସନଗର ବଜରଙ୍ଗ ଦଳ ସହ ସଂଯୋଜକ ସୁବ୍ରତ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୬୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି ଗାଡି ନମ୍ବର ଆଗରେ ଓଡି-୨୨-ବି-୦୧୮୮ଲେଖା ହୋଇଥିବା ବେଳେ ପଛରେ ଓଡି-୨୨-ବି-୦୧୩୮ ନମ୍ବରପ୍ଲେଟ ଲାଗିଛି। ଏହି ଗାଡି ମାଲିକ ବାଲେଶ୍ୱର ଜିଲା ରେମୁଣା ବଜାରର ଶେଖ୍ ମୁନା ବୋଲି ସୂଚନା ମିଳିଛି। ଜବତ ଗୋରୁଙ୍କୁ ବ୍ୟାସନଗର ଗୋଶାଳାରେ ରଖାଯାଇଥିବା ବେଳେ ସେଥିରୁ ଗୋଟିଏ ଗୋରୁ ମୃତ ଥିବା ଜଣାଯାଇଛି। ଗୋରୁଗୁଡ଼ିକୁ ସୁକିନ୍ଦା ହରିପୁର ହାଟର ଦୁଇ ଭାଇ ସନିଆ ଓ ଆମ୍ଭୋ ଚାଲାଣ କରୁଥିଲେ ବୋଲି ସୂଚନା ମିଳିଛି। ଗୋରୁଗାଡି ଅଟକାଇବାରେ ବ୍ୟାସନଗର ବଜରଙ୍ଗ ଦଳର ସଂଯୋଜକ ସୁଶୀଳ କୁମାର ମଲ୍ଲିକ, ଆଖଡା ପ୍ରମୁଖ ରାଜା ନାୟକ, କୋରେଇ ସଂଯୋଜକ ଭୂପତି ଭୂଷଣ ଦାସ, ସହ ସଂଯୋଜକ ବଙ୍ଗନ ଖିଲାର, କୋରେଇ ଆଖାଡା ପ୍ରମୁଖ ଅନୀଲ ଦାସଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

■ ଗାଡ଼ିରେ ଲାଗିଥିଲା ଜାଲ୍ ନମ୍ବର ପ୍ଲେଟ୍
■ ୩ ଅଟକ, ତଦନ୍ତ ଜାରି



ଟ୍ରକ୍‌ରେ ଭର୍ତ୍ତିହୋଇଥିବା ଗୋରୁ।

## କୃତୀ ସ୍ନାତକ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବିଞ୍ଝାରପୁର,୨୫।୮(ଡି.ଏନ.ଏ.)

ଯାଜପୁର ଜିଲା ଅରେଇସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବରୁଣେଶ୍ୱର ମହାବିଦ୍ୟାଳୟର କଳା, ବାଣିଜ୍ୟ, ବିଜ୍ଞାନ ବିଭାଗର କୃତୀ ସ୍ନାତକ ଛାତ୍ରୀଛାତ୍ରଙ୍କୁ ଗୁରୁବାର ଏକ ବିଶେଷ ଉତ୍ସବରେ ସମ୍ବର୍ଦ୍ଧନା ଦିଆଯାଇଛି। ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଯାଜପୁର ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ସମ୍ମାନିତ ଅତିଥି ମହାବିଦ୍ୟାଳୟ ପରିଚାଳନା ପରିଷଦ ଅଧ୍ୟକ୍ଷ ଅଶୋକ କୁମାର ପଣ୍ଡା, ୨୬ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ ପ୍ରମୁଖ ଯୋଗଦେଇ କଠିନ ପରିଶ୍ରମ ଓ ଏକାଗ୍ରତା ହିଁ ସଫଳତା ଆଣିଦେଇଥାଏ। ଏହି ସଫଳତାକୁ ସମାଜର ଉନ୍ନତିରେ ବିନିଯୋଗ କରିବା ଉଚିତ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ପରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ସ୍ନାତକ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।




କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବାଇପାସ ପାଲଟିଛି ବସଷ୍ଟାଣ୍ଡ

ପଟ୍ଟାମୁଣ୍ଡାଇ,୨୫।୮(ସ୍ୱ.ପ୍ର.)

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସବୁଠି ବିକାଶ ଲାଗି ବିଭିନ୍ନ ଯୋଜନାରେ ଅର୍ଥ ବ୍ୟୟ କରି ଚାଲିଛନ୍ତି। ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହରରେ ଦୀର୍ଘବର୍ଷ ହେଲା ବସ୍‌ଷ୍ଟାଣ୍ଡର ଆବଶ୍ୟକତା ନେଇ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ଏଥିପାଇଁ ରାଜନେତାମାନେ ବାରମ୍ବାର ଭିତ୍ତିପ୍ରସ୍ତର ସ୍ଥାପନ କରି ଜନସାଧାରଣଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି। କେବଳ ବସ୍‌ଷ୍ଟାଣ୍ଡ ପାଇଁ ଫଳକ ଲଗା ଚାଲିଛି। ଏଥିପାଇଁ ପଟ୍ଟମୁଣ୍ଡାଇ ପୌରାଞ୍ଚଳର ବାଇପାସ୍ ବସ୍‌ଷ୍ଟାଣ୍ଡ ପାଲଟିଛି। ୨୦୦୫ଠାରୁ ଏଠାରେ ଥିବା ବସ୍‌ଷ୍ଟାଣ୍ଡଟି ଅଚଳ ହୋଇପଡିଛି। ହେଲେ ଏଥିପ୍ରତି ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ସବୁ ଜାଣି ନ ଜାଣିବାବାର ବାହାନ କରି ଚାଲିଛନ୍ତି। ଏହାକୁ ଲୋକମାନେ ହୃଦୟଙ୍ଗମ କରି ସାରିଲେଣି। ଏହାର ଉଚିତ ଜବାବ ଆଗାମୀ ଦିନରେ ଦିଆଯିବ ବୋଲି କହୁଛନ୍ତି।

ସାମାଜିକ କର୍ମୀ ବିଜୟ ସ୍ୱାଇଁ କୁହନ୍ତି, ପଟ୍ଟାମୁଣ୍ଡାଇକୁ ପୌରାଞ୍ଚଳର ମାନ୍ୟତା ମିଳିବା ଦୀର୍ଘ ୩୩ ବର୍ଷ ବିତିଗଲାଣି। କିନ୍ତୁ ଏଠି ବସ୍‌ଷ୍ଟାଣ୍ଡ ନାହିଁ। ପୁରୁଣା ବସ୍‌ଷ୍ଟାଣ୍ଡ ଅଚଳ ହୋଇ ପଡିଥିବାରୁ ଏବେ ବାଇପାସ ଛକ ବସ୍‌ଷ୍ଟାଣ୍ଡ ପାଲଟିଛି। ୧୯୮୮ ମସିହା ଡିସେମ୍ବର ୬ରେ ପଟ୍ଟାମୁଣ୍ଡାଇକୁ ଏନ୍‌ଏସିର ମାନ୍ୟତା ମିଳିଲା। ପରେ ୨୦୧୪ ଫେବୃୟାରୀ ୨୪ରେ ପଟ୍ଟାମୁଣ୍ଡାଇ ଏନ୍‌ଏସିକୁ ରାଜ୍ୟ ସରକାର ମ୍ୟୁନିସିପାଲିଟିର ମାନ୍ୟତା ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ ବଜାରରେ ଏକ ସରକାରୀ ବସ୍‌ଷ୍ଟାଣ୍ଡ ଥିଲା। ରାଉରକେଲା, କଟକ, ଭୁବନେଶ୍ୱର ଓ କୋଲକତା ପ୍ରଭୃତି ଅଞ୍ଚଳକୁ ସରକାରୀ, ବେସରକାରୀ ବସ ଯିବା ଆସିବା କରୁଥିଲା। ୨୦୦୫ଠାରୁ ଏହି ବସ୍‌ଷ୍ଟାଣ୍ଡଟି ଆଚଳ ହୋଇପଡିଛି। ଫଳରେ ଏଠାକୁ କୌଣସି ସରକାରୀ ବସ୍ କି ଘରୋଇ ବସ୍ ଆସୁନାହାନ୍ତି। ଏହାଦ୍ୱାରା ପଟ୍ଟାମୁଣ୍ଡାଇର ଲୋକମାନେ କଟକ, ଭୁବନେଶ୍ୱର ଆଦି ଅଞ୍ଚଳ ଯିବା ଆସିବା କରିବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ଲୋକ କଟକ ଓ ଭୁବନେଶ୍ୱରରେ ଚାକିରି କରିଥିବାରୁ ଘରୋଇ ଗାଡିରେ ଅଧିକ ଟଙ୍କା ଖର୍ଚ୍ଚ କରି ଯାଆ ଆସ କରୁଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳରୁ ସକାଳ ୫ଟା ଓ ୬ଟା ବେଳେ ୨ଟି ବସ୍ କଟକ ଯାଉଛି। କିନ୍ତୁ ଏହା ପରେ ଆଉ କୌଣସି ବସ୍ ନ ଥିବାରୁ ଲୋକମାନେ ହଇରାଣ ହେଉଛନ୍ତି। ବସ୍‌ଷ୍ଟାଣ୍ଡ ନ ଥିବାରୁ ଲୋକମାନେ ଖରା, ବର୍ଷାରେ ରାସ୍ତା କଡରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଠିଆ ହୋଇ ବସ୍‌କୁ ଅପେକ୍ଷା କରୁଛନ୍ତି। ପଟ୍ଟାମୁଣ୍ଡାଇ ଦେଇ ରାଜକନିକା, ଆଳି, କେରଡାଗଡ଼, ଜରିମୂଳ, ତାଳଚୁଆ, ବାବର ପ୍ରଭୃତି ଅଞ୍ଚଳରୁ ପ୍ରାୟ ୬୦ ଟି ବସ୍ କଟକ ଓ ଭୁବନେଶ୍ୱର ଚଳାଚଳ କରୁଛି। ସେହିପରି କଟକ ଓ ଭୁବନେଶ୍ୱରରୁ ମଧ୍ୟ ୧୫ଟିରୁ ଅଧିକ ବସ୍ ପଟ୍ଟାମୁଣ୍ଡାଇ ଦେଇ ଆଳି, ରାଜନଗର, ଜଗରଜୋର, ରାଜକନିକା ପ୍ରଭୃତି ଅଞ୍ଚଳକୁ ମଧ୍ୟ ଯାଉଛି। ହେଲେ ସକାଳ ପ୍ରାୟ ୧୦ଟା ମଧ୍ୟରେ ପଟ୍ଟାମୁଣ୍ଡାଇରୁ ସିଧାସଳଖ କଟକ ଓ ଭୁବନେଶ୍ୱର ଯିବା ପାଇଁ ବସ୍ ମିଳୁନାହିଁ। ଅନ୍ୟପକ୍ଷରେ ୨୦୦୫ ରେ ପଟ୍ଟାମୁଣ୍ଡାଇ ବସଷ୍ଟାଣ୍ଡ ମାତ୍ର ୯୦ ଡିସିମିଲ ଜମି ରଖାଯାଇ ଅବଶିଷ୍ଟ ଜମିକୁ ସରକାର ତଥା ରାଜ୍ୟ ସଡ଼କ ଓ ପରିବହନ ବିଭାଗ ଲିଜ୍ ଆକାରରେ ଏକ ଘରୋଇ ସଂସ୍ଥାକୁ ପ୍ରଦାନ କରିଥିଲେ। ଏହାଦ୍ୱାରା ବସ୍‌ଷ୍ଟାଣ୍ଡ ପାଇଁ ଜାଗା ସଂକୀର୍ଣ୍ଣ ହୋଇଯିବାରୁ ଏହା ବନ୍ଦ ହୋଇପଡିଛି। ୨୦୧୯ ସେପ୍ଟେମ୍ବର ୨୯ରେ ପଞ୍ଚାୟତିରାଜ ଓ ଆଇନମନ୍ତ୍ରୀ ପ୍ରତାପ ଜେନା ବସ୍‌ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହା ଭିତରେ ପ୍ରାୟ ୩ ବର୍ଷ ବିତି ଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟ ହୋଇନାହିଁ। ପଟ୍ଟାମୁଣ୍ଡାଇ ବସ୍‌ଷ୍ଟାଣ୍ଡକୁ ସମସ୍ତ ବସ୍ ଆସିବା ଏବଂ ସକାଳ ସାଢ଼େ ୧୦ ଭିତରେ ପଟ୍ଟାମୁଣ୍ଡାଇରୁ କଟକ, ଭୁବନେଶ୍ୱର ଓ ପୁରୀକୁ ବସ୍ ଚଳାଚଳ ପାଇଁ ପୂର୍ବରୁ ବହୁଥର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ପ୍ରଶାସନିକ ସ୍ତରରେ ଏଥିପ୍ରତି କୌଣସି ଦୃଷ୍ଟି ଦିଆଯାଇ ନାହିଁ। ତୁରନ୍ତ ଏହାର ସମାଧାନ ପାଇଁ ରାଜ୍ୟ ସଡ଼କ ଓ ପରିବହନ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।



ବସ୍‌ଷ୍ଟାଣ୍ଡ ନ ଥିବାରୁ ପଟ୍ଟାମୁଣ୍ଡାଇ ବାଇପାସ୍ ରାସ୍ତାରେ ବସ୍ ରହୁଛି।

**୨୦୦୫ ଠାରୁ ଅଚଳ ହୋଇପଡିଛି ବସଷ୍ଟାଣ୍ଡ**

# ସମାଲୋଚକ ଦେବେନ୍ଦ୍ର କୁମାର ଦାଶଙ୍କ ପରଲୋକ

ଭୁବନେଶ୍ୱର, ୨୫।୮ (ବ୍ୟୁରୋ)

ସାହିତ୍ୟିକ, ସମାଲୋଚକ ଓ ଗବେଷକ ଦେବେନ୍ଦ୍ର କୁମାର ଦାଶଙ୍କ ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ସେ ସ୍ଥାନୀୟ ଶାସ୍ତ୍ରୀନଗରରେ ପରିବାର ସହ ରହୁଥିଲେ। କିଛିଦିନ ହେବ ଅସୁସ୍ଥ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିଲା। ଦେବେନ୍ଦ୍ର ଜଗତ୍‌ସିଂହପୁର ଜିଲା ମାଛଗାଁ ନିକଟବର୍ତ୍ତୀ ବୀରନରସିଂହପୁର ଶାସନରେ ୧୯୫୪ ଜୁଲାଇ ୨୮ରେ ଜନ୍ମଗ୍ରହଣ କରିଥିଲେ। ଗାଁ ସ୍କୁଲରୁ ପ୍ରାଥମିକ ଶିକ୍ଷା, ଓଟିଣ୍ଡା ଉଚ୍ଚବିଦ୍ୟାଳୟରୁ ମାଟ୍ରିକ, ଗଙ୍ଗାଧର ମେହେର ମହାବିଦ୍ୟାଳୟରୁ ସ୍ନାତକ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷାଲାଭ କରିଥିଲେ। ପରେ ସେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅଧ୍ୟାପନା ବୃତ୍ତିରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ବିଭିନ୍ନ ମହାବିଦ୍ୟାଳୟରେ ଶିକ୍ଷାଦାନ କରି ପ୍ରାଧ୍ୟାପକ ପଦରୁ ସେବାନିବୃତ୍ତ ହୋଇଥିଲେ। ଜଣେ ନିରଳସ ସାରସ୍ୱତ ସାଧକ ଭାବରେ ସେ ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟକୁ ମୂଲ୍ୟବାନ ଅବଦାନ ପାଇଁ ୨୦୨୦ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ସମ୍ପାଦନାରେ ରାଧାନାଥ, ଫକୀରମୋହନ, ଗୋପବନ୍ଧୁ ଓ ମଧୁସୂଦନ ଗ୍ରନ୍ଥାବଳୀ ପ୍ରକାଶ ପାଇଥିଲା। ଜଣେ କୃତବିଦ୍ୟ ଗବେଷକ ଭାବରେ ତାଙ୍କର ସୁନାମ ରହିଥିଲା। ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ଦ୍ୱାରା ସେ ଅନେକ ସମ୍ମାନରେ ସମ୍ମାନିତ ହୋଇଥିଲେ। ତାଙ୍କ ଅବର୍ତ୍ତମାନରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗୁରୁବାର ଏକ ଶୋକସଭା ଆୟୋଜିତ ହୋଇଥିଲା। ସ୍ୱର୍ଗତ ଦାଶଙ୍କ ବିୟୋଗରେ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା, ସଚିବ ପ୍ରବୋଧ କୁମାର ରାଉତ, ସେଣ୍ଟର ଫର୍ ଜୁଡିସିଆଲ ଆର୍କାଇଭ୍ କଟକର ନିର୍ଦ୍ଦେଶକ ତଥା ବିଶେଷ କାର୍ଯ୍ୟରତ ଅଧିକାରୀ ଲଲାଟେନ୍ଦୁ ଦାଶମହାପାତ୍ର ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସେହିପରି ସ୍ୱର୍ଗତ ଦାଶଙ୍କ ଦେହାନ୍ତ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷା ପରାମର୍ଶ ପରିଷଦ ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ, ସାହିତ୍ୟିକ ଡ. ପ୍ରଦୀପ କୁମାର ପଣ୍ଡା, ଗୀତିକବି ସାମାଜ ସଭାପତି ମନୋଜ ପଟ୍ଟନାୟକ ପ୍ରମୁଖ କହିଛନ୍ତି।

**ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି**



# ରାତିରେ ଭୋଜି, ସକାଳେ ମିଳିଲା ମୃତଦେହ

ଭୁବନେଶ୍ୱର,୨୫।୮(ବ୍ୟୁରୋ):

ବୁଧବାର ରାତିରେ ପଡୋଶୀଙ୍କ ଘରେ ହୋଇଥିଲା ଭୋଜି। ସ୍ୱାମୀ, ସ୍ତ୍ରୀ ଓ ଛୋଟ ପୁଅ ଭୋଜି ଖାଇବା ସହ ସେହିଠାରେ ଶୋଇପଡିଥିଲେ। ଗୁରବାର ଭୋର୍ ସମୟରେ ଘରକୁ ଆସିଥିଲେ ସ୍ତ୍ରୀ। ଆଉ ତା'ପରେ ମିଳିଲା ତାଙ୍କର ଝୁଲନ୍ତା ମୃତଦେହ। ପୋଲିସ ପହଞ୍ଚିବାବେଳକୁ କବାଟ ଭଙ୍ଗା ହୋଇସାରିଥିଲା। ପଡ଼ି ରହିଥିଲା ମୃତଦେହ। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ଼ ଭାଗବତ ସନ୍ଧାନ କଲୋନୀରେ ଘଟିଥିବା ଏହି ସନ୍ଦେହଜନକ ମୃତ୍ୟୁକୁ ନେଇ ନାନା ଚର୍ଚ୍ଚା ଚାଲିଛି। ମୃତ ମହିଳା ଜଣକ ହେଲେ ପ୍ରଜ୍ଞା ପାରମିତା ଧଳ। ଏହା ଆତ୍ମହତ୍ୟା ନା ହତ୍ୟା, ପୋଲିସ ତାହାର ଖୋଳତାଡ଼ କରୁଛି। ଯଦି ଆତ୍ମହତ୍ୟା, ତେବେ ଏହା ପଛରେ ପାରିବାରିକ ଅଶାନ୍ତି ନା ଆଉ କିଛି? ଭୋଜି ରାତିରେ ହସଖୁସି ଭିତରେ କ'ଣ ଘଟିଲା ଯେ, ପ୍ରଜ୍ଞା ଏଭଳି ଚରମ ନିଷ୍ପତ୍ତି ନେଲେ? ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୮୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ପ୍ରଜ୍ଞାଙ୍କ ମୋବାଇଲ୍ ଫୋନ୍‌କୁ ଜବତ କରି ଅଧିକ ତଥ୍ୟ ହାସଲ ପାଇଁ ଉଦ୍ୟମ ଚଳାଇଛି।

ସୂଚନାନୁସାରେ, ପ୍ରଜ୍ଞାଙ୍କ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳରେ। ସେ ଭୁବନେଶ୍ୱରରେ ରହି ଏମ୍‌ବିଏ ପଢୁଥିଲେ। ୭ବର୍ଷ ତଳେ ଭଦ୍ରକ ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବେଲଗାଡ଼ିଆ ଅଞ୍ଚଳର ସତ୍ୟନାରାୟଣ କରଙ୍କୁ ବିବାହ କରିଥିଲେ। ସତ୍ୟନାରାୟଣ ପଟିଆସ୍ଥିତ ଏକ କାର୍ ଶୋ'ରୁମ୍‌ରେ ଚାକିରି କରନ୍ତି। ସ୍ୱାମୀ ଓ ଶିଶୁପୁତ୍ର ସହ ପ୍ରଜ୍ଞା ଭାଗବତ ସନ୍ଧାନ କଲୋନୀରେ ରହୁଥିଲେ। ଉକ୍ତ କୋଠାର ଉପରମହଲାରେ ପ୍ରଜ୍ଞାଙ୍କ ଭାଇ ରହୁଥିଲେ। ବୁଧବାର ଉଭୟ ସ୍ୱାମୀ, ସ୍ତ୍ରୀ ପୁଅକୁ ଧରି ସାମ୍ନା ପଡୋଶୀଙ୍କ ଘରେ ଭୋଜି କରି ଖାଇପିଇ ରାତିରେ ଶୋଇଥିଲେ। ସ୍ୱାମୀ ସତ୍ୟନାରାୟଣଙ୍କ କହିବାନୁସାରେ, ଭୋର୍ ସମୟରେ ପ୍ରଜ୍ଞା ଫ୍ରେସ ହୋଇ ଆସିବାକୁ କହି ଘରକୁ ଯାଇଥିଲେ। ଆସିବା ବିଳମ୍ବ ହେବାରୁ ପଡୋଶୀ ଘରର ମହିଳା ଜଣକ ତାଙ୍କୁ ଡାକିବାକୁ ତାଙ୍କ ଘରକୁ ଯାଇଥିଲେ। ହେଲେ କବାଟ ବନ୍ଦ ଥିବାରୁ ଡାକିଥିଲେ ମଧ୍ୟ କିଛି ଜବାବ ଆସି ନ ଥିଲା। ତେଣୁ ସେ ଝରକା ପଟେ ଡାକିବାକୁ ଯିବାବେଳେ ପ୍ରଜ୍ଞା ଲୁଗା ସାହାଯ୍ୟରେ ଫ୍ୟାନରେ ଝୁଲି ପଡିଥିବା ଦେଖି ଚିତ୍କାର କରିଥିଲେ। ପରେ ପ୍ରଜ୍ଞାଙ୍କ ସ୍ୱାମୀ ପହଞ୍ଚି କବାଟ ଭାଙ୍ଗି ତାଙ୍କୁ ତଳକୁ ଓହ୍ଲାଇବା ସହ ପୋଲିସକୁ ଖବର ଦେଇଥିଲେ। ହେଲେ ପୋଲିସ ପହଞ୍ଚିବାବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।



**ମହିଳାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଚର୍ଚ୍ଚା**

- ଝୁଲୁଥିଲା ମୃତଦେହ, ପାରିବାରିକ ଅଶାନ୍ତି ନା ଆଉ କିଛି
- ମୋବାଇଲ ଜବତ କରି ପୋଲିସର ତଦନ୍ତ ଆରମ୍ଭ

# ସାମର୍ଥ୍ୟ ଶିବିରରେ ୨୦୪୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଶିବିରରେ ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଡାକ୍ତରୀ ପରୀକ୍ଷା ଚାଲିଛି।

କେନ୍ଦ୍ରାପଡ଼ା ଅଫିସ,୨୫।୮

ରାଜ୍ୟ ସରକାରଙ୍କ ଆଦେଶ ଅନୁଯାୟୀ ୟୁଡିଆଇଡି ସାର୍ଟିଫିକେଟ ନ ଥିବା ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସୋମବାରଠାରୁ ଆରମ୍ଭ ହୋଇଥିଲା। ଶିବିର ଗୁରୁବାର ସମାପ୍ତ ହୋଇଛି। ଜିଲା ସାମାଜିକ ସଶକ୍ତୀକରଣ ବିଭାଗ ପକ୍ଷରୁ ଟାଉନ ହଲଠାରେ ଆରମ୍ଭ ହୋଇଥିବା ଶିବିର ପ୍ରଥମ ଦିନରେ ମୋଟ ୩୭୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ସେହିପରି ଦ୍ୱିତୀୟ ଦିନରେ ୪୭୭, ତୃତୀୟ ଦିନରେ ୫୪୮ ଓ ଶେଷ ଦିନରେ ୬୪୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏ ସମ୍ପର୍କରେ ସାମାଜିକ ସଶକ୍ତ ବିଭାଗ ଜିଲା ଅଧିକାରୀ ପ୍ରଭାସ ଦାସ କହିଛନ୍ତି, ଆସନ୍ତା ସେପ୍ଟେମ୍ବର ୧୦ରୁ ପୁରୁଣା ଭିନ୍ନକ୍ଷମ ସାର୍ଟିଫିକେଟରେ ଆଉ କୌଣସି ସରକାରୀ ସୁବିଧା ଭିନ୍ନକ୍ଷମମାନେ ପାଇପାରିବେ ନାହିଁ। ପୁରୁଣା ପ୍ରମାଣପତ୍ର ଥିବା ଭିନ୍ନକ୍ଷମମାନେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ପୋର୍ଟାଲରେ ଅନ୍‌ଲାଇନରେ ଦରଖାସ୍ତ କରି ୟୁଡିଆଇଡି ସାର୍ଟିଫିକେଟ ହାସଲ କରିବା ନିତ୍ୟାନ୍ତ ଆବଶ୍ୟକ। ଏଥିପାଇଁ ଏହି ଶିବିରରେ ଆୟୋଜନ କରାଯାଇଥିଲା। ଏଥିରେ ଜିଲାର ଶ୍ରବଣ ବିଭାଗର ୧୩୩୨ ଜଣ, ଚକ୍ଷୁ ବିଭାଗର ୩୪୬ ଜଣ, ଅସ୍ଥିଶଲ୍ୟ ଓ ଅନ୍ୟାନ୍ୟ ବିଭାଗର ମୋଟ ୩୬୬ ଜଣ ଭିନ୍ନକ୍ଷମଙ୍କୁ ପରୀକ୍ଷା କରାଯାଇଥିଲା। ଶଲ୍ୟ ବିଭାଗର ଡା. ବୀରେନ୍ଦ୍ର କୁମାର ଦାସ ଓ ଡା. ଶ୍ରୀକାନ୍ତ କୁମାର ସ୍ୱାଇଁ, ଶ୍ରବଣ ବିଭାଗର ଡା. ବିଜୟ କୁମାର ଦାସ, ଚକ୍ଷୁ ବିଭାଗର ଡା. ଅଜୟ କୁମାର ସାହୁ, ଶିଶୁ ବିଭାଗର ଡା. କିଶୋର ଚନ୍ଦ୍ର ମିଶ୍ର ଓ ସହାୟକ ଭାବେ ଚନ୍ଦନ ବେହେରା, ସ୍ୱପ୍ନାମଞ୍ଜରୀ ଦାସ, ସତ୍ୟବ୍ରତ ଜେନା, ହେମନ୍ତ କୁମାର ନାୟକ, ଅଧିକାରୀ ରମାକାନ୍ତ ଦାଶ ପ୍ରମୁଖ ଶିବିରରେ ପରୀକ୍ଷା କରିଥିଲେ। ଏଥିରେ ଜିଲା ପ୍ରଶାସନର ଏଡିଏମ୍ ପୀତାମ୍ବର ସାମଲ, ଏଡିଏମ୍ ଦୁର୍ଗାଚରଣ ମହାରଣା, ଉପଜିଲାପାଳ ନିରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ।


**ପୂର୍ବ ତଟ ରେଳପଥ**

ଫାଇଲ ନଂ. DRM/Engg/KUR/22-23/E-Tender/65, ତା: 22.08.2022

**1.ଟେଣ୍ଡର ବିଜ୍ଞପ୍ତି ସଂ. eTender-East-KUR-166-2022, ତା:12.08.2022**

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/କଟକ ଅଧୀନସ୍ଥ ନିର୍ଗୁଣ୍ଡି-ବାରଙ୍ଗ ଷ୍ଟେସନ ମଧ୍ୟରେ କି.ମି.399.20 ଠାରୁ କି.ମି.418.363 ଏବଂ ଟାଇ ଲାଇନର କି.ମି.397.30 ଠାରୁ କି.ମି.410.37 ପର୍ଯ୍ୟନ୍ତ 30.09.2023 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 169.82 ଲକ୍ଷ, EMD (ଟଙ୍କାରେ) : ₹2,34,900/-

**2.ଟେଣ୍ଡର ବିଜ୍ଞପ୍ତି ସଂ. eTender-East-KUR-167-2022, ତା:12.08.2022**

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଧାନମଣ୍ଡଳ ଅଧୀନସ୍ଥ ଜେନାପୁର-ନିର୍ଗୁଣ୍ଡି ଏବଂ କପିଳାସ ରୋଡ଼ - ସାଳଗାଁ ସେକ୍ସନ ମଧ୍ୟରେ କି.ମି.353.724 ଠାରୁ କି.ମି.399.10 ପର୍ଯ୍ୟନ୍ତ 30.09.2023 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 149.46 ଲକ୍ଷ, EMD (ଟଙ୍କାରେ) : ₹2,24,700/-

**3.ଟେଣ୍ଡର ବିଜ୍ଞପ୍ତି ସଂ. eTender-East-KUR-168-2022, ତା:12.08.2022**

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/କନ୍ଦରପୁର ଅଧୀନସ୍ଥ କଟକ-ଗୋରଖନାଥ ସେକ୍ସନ ମଧ୍ୟରେ କି.ମି.409.70 ଠାରୁ କି.ମି.447.90 ପର୍ଯ୍ୟନ୍ତ 30.09.2023 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 135.89 ଲକ୍ଷ, EMD (ଟଙ୍କାରେ) : ₹2,18,000/-

**4.ଟେଣ୍ଡର ବିଜ୍ଞପ୍ତି ସଂ. eTender-East-KUR-172-2022, ତା:12.08.2022**

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଗୋରଖନାଥ ଅଧୀନସ୍ଥ ରଘୁନାଥପୁର-ପାରାଦୀପ ସେକ୍ସନ ମଧ୍ୟରେ କି.ମି.447.90 ଠାରୁ କି.ମି.491.66 ପର୍ଯ୍ୟନ୍ତ 30.09.2023 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 133.25 ଲକ୍ଷ, EMD (ଟଙ୍କାରେ) : ₹2,16,600/-

ଶେଷ ହେବା ଅବଧି (ସମସ୍ତ ଟେଣ୍ଡର ନିମନ୍ତେ): 12(ବାର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ): ତା.02.09.2022 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-415/N/22-23



GOVERNMENT OF ODISHA
**OFFICE OF THE SUPERINTENDING ENGINEER JHARSUGUDA (R&B) DIVISION, JHARSUGUDA**
ଓଡ଼ିଶା ସରକାର
**'e' Procurement Notice**
**Bid Identification No-EE-R&B-JSG-10 of 2022-23**
E-mail ID:eepwdjsg2014@gmail.com, Telephone:06645-271242
No.B-501: Kalimandir Road, Jharsuguda, 768202

| | | | |
|---|---|---|---|
| 1 | The Executive Engineer, Jharsuguda (R&B) Division on behalf of Governor of Odisha inviting percentage rate bid in Single Cover system on ONLINE mode from eligible contractors for Construction of Buildings (Civil+EI+PH) Work as detailed in DTCN. | | |
| 2. | Nature of Work | :- | Buildings (Civil+EI+PH) Works |
| 3. | Estimated Cost | :- | Rs.34.50 Lakhs |
| 4. | No. of Work | :- | 01 (One) No. |
| 5. | Tender Cost | :- | Rs.6000/- (as pe DTCN) |
| 6. | Class of Contractor | :- | "C" & "B" |
| 7. | Availability of bid document in the website | :- | 10.00 A.M. of Dt.26.08.2022 to 5.00 P.M. of Dt.05.09.2022 |
| 8. | Date of Opening of Technical Bid (Cover-I) | :- | 11.30 A.M. on Dt.06.09.2022 |
| 9. | The bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website. | | |

Sd./- Executive Engineer
Jharsuguda (R&B) Division
OIPR-34094/11/0008/2223



**STATE INSTITUTE FOR DEVELOPMENT OF ARTS & CRAFTS (SIDAC)**
SIDAC Handlooms, Textiles & Handicrafts Department, Government of Odisha

**EXPRESSION OF INTEREST** No. PP-34

Expression of Interest (EOI) in sealed cover are invited from interested **Architect/ Architectural firms** having required eligibility and expertise in relevant field to provide end to end service for organizing **17th Toshali National Crafts Mela** to be held from 15th to 27th December 2022 at Janata Maidan, Bhubaneswar. The last date of submission of sealed offers in the office of SIDAC, Handicrafts Complex, Gandamunda, Khandagiri, Bhubaneswar- 751030, Ph: 0674-2350318 is **upto 2.00 PM** on **14-09-2022**. For details of EOI documents plz visit the websites www.sidacodisha.org.in, www.odisha.gov.in/textiles & www.crafts.odisha.gov.in . The bid documents will be available w.e.f, **26-08-2022**.

Sd/-
Member Secretary
OIPR-31036/11/0007/2223



GOVERNMENT OF ODISHA
**OFFICE OF THE EXECUTIVE ENGINEER, R.W.S.&S. DIVISION, BHADRAK**
E.mail- rwssdivisionbhadrak@gmail.com
**"e" PROCUREMENT NOTICE**
**Bid Identification No. RWSS (BDK): 21/2022-23**

No.O-876:- 1. Name of the work: Execution of 32 Nos. of different RPWS scheme under Dhamnagar/ Bhadrak / Bhandaripokhari / Tihidi / Bonth Block. 2. Total number of work: 09 Nos. (Three) clubbed up. 3. Estimated cost: Rs.339.70 to 439.36 lakhs. 4. Class of contractor : A & Special. 5. Period of completion: 11 months.

| Procurement Officer | Bid identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer RWSS Division, Bhadrak | RWSS (BDK): 21/2022-23 | 02.09.2022 (From 10.00 A.M.) | 17.09.2022 upto 17.00 P.M. |

Further details can be seen from the e-procurement portal "www.tendersodisha.gov.in".
Subsequent corrigendum if required shall be appeared in the website only.

Sd./- Executive Engineer, R.W.S.&S. Division, Bhadrak
OIPR- 25020/11/0006/2223



**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA**
E-Mail ID: serwcbaripada@gmail.com, Ph-No-06792-261343/261344 Gangraj, Baripada
**"e" Procurement Notice for Bridge Work**
**Identification No.- Online Tender- Bridge N.C.B. No. 243 for 2022-23.**
**Letter No. 3169/ Date 25.8.22**

**No.O-892:**1.Name of the work:- Construction of H.L. Bridge over Local Nallah at 1st km on Baidyanathpur to Galusahi Road in the District of Mayurbhanj under B.S.Y. 2. Total No. of work:- 01 No. (One). 3. Estimated Cost :-Rs.485.17 lakhs (Approximately). 4. Eligible Class of Contractor : 'A' Class & 'Special' Class. 5.Period of Completion :-15 Calendar Months. 6. Other details :-

| Procurement Officer | Bid Identification No. | Availability of tender On-line for bidding | | Last date & time of seeking tender clarification | Date & Time of Opening of Tender in O/O C.C.E.R.W., Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Bridge Online N.C.B. No.243 | Dt.29.08.2022 at 11.00 A.M. | Dt.12.09.2022 upto 5.00 P.M. | Dt.09.09.2022 upto 5.00 P.M. | Dt.13.09.2022 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in.
- Any Corrigendum/Addendum will be displayed in the above e_tender website only.

Sd./- Chief Construction Engineer, R.W.Circle, Baripada
OIPR-25181/11/0039/2223



GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA-JAJPUR**
AT/PO- NAYABAZAR, CUTTACK -753004, Tel No. 0671-2444488, Email-serw_kpd@yahoo.com
No. Tender_Online_RCK-24/22, Letter No. Date:
**e-Procurement Notice**

**No.O-885:**1. Name of the work : Tender for the Bridge work under BSY in the Dist. of Kendrapara-Jajpur for the year 2022-23. 2. Class of contractor : a) Estimated cost more than Rs.6.00 Crore & upto Rs.15.00 Crore : Special Class & Super Class (of Odisha PWD) & relevant class of other licensing authorities. b) Estimated cost more than Rs.3.00 Crore & upto Rs.6.00 Crore : A & Special Class (of Odisha PWD) & relevant class of other licensing authorities. c) Estimated cost more than Rs. 40.00 Lakh & upto Rs.3.00 Crore : B & A Class (of Odisha PWD) & relevant class of other licensing authorities. 3. Time for Completion : As specified in the Column-6 of the Annexure. 4. Detail Projects : As per Annexure attached. 5. Other details:

| Procurement Officer | Bid Identification No. | Availability of Tender Online for bidding | | Last date & time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construcion Enginer, Rural Works Circle, Kendrapara-Jajpur | Tender Online RCK-24/22 | 30.08.2022 at 11.00 A.M. | 19.09.2022 to 05.00 P.M. | 19.09.2022 upto 01.00 P.M. | 20.09.2022 at 11.30 A.M. | Will be intimated later |

Further details can be seen from the website www.tendersorissa.gov.in.

Sd./- Chief Construction Engineer, Rural Works Circle, Kendrapara-Jajpur
OIPR-25129/11/0025/2223



idco Your power to grow | ODISHA NEW OPPORTUNITIES — No. CAD-1625

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**
Tender Call Notice No. IDCO/H.O./P&C/EST/E-1979/03/2022/21634 Date: 24.08.2022
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. **Name of the Work** :- Construction of SFRC Pre-cast, Pre-tensioned Compound Wall at Industrial Estate Kilasama, Rengali, Sambalpur, Odisha.
2. **Estimated Cost** :- Rs.151.43 Lakhs
3. **Period of Completion** :- 03 (Three) Calendar months.
4. **Other details** :

| Procurement Officer | Bid ID/Tender reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/ EST/E-56/ 2022- 23 | 02.09.2022 at 17.00 Hrs. | 16.09.2022 up to 17.00 Hrs. |

Further details can be seen from the e-Procurement Portal www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tendersodisha.gov.in and www.idco.in.

Sd./- Chief General Manager (P&C),
IDCO, Bhubaneswar
OIPR-14003/11/0125/2223



GOVERNMENT OF ODISHA — No.C-1061:
**OFFICE OF THE ADDITIONAL CHIEF ENGINEER P.H. CIRCLE, NAYABAZAR, CUTTACK-753004**
Ph.-0671-2440841, Fax- 0671-2440841, E-mail: sephctc@gmail.com
**NATIONAL COMPETITIVE BIDDING THROUGH e-Procurement**
**Invitation For Bids (IFB) No.ACEPHCTC-05/2022-23 Dtd.22.08.2022**

| Sl. No. | Name of the work | Estimated cost (Approx) |
|---|---|---|
| 1 | Augmentation of water supply at Kunjakanta (W. No.3), Talabania (W. No.-) Backside of R.P. Line, Back side of Vigilance Office, Backside of Hospital, Backside of Gopal Sagar, Bajirout Chhaka to Railway line etc. of Dhenkanal Municipality. | Rs.243.42 lakh |
| 2 | Augmentation of water supply at different locations like Naba Mishra Colony, Badadanda Sahi Block Colony, Surya Nagar, Sarathi Vihar and Biradarpada Areas of Talcher Municipality. | Rs.420.30 lakh |
| 3 | Augmentation of rising main from Rekula to Alutuma in Kamakhyanagar NAC under AMRUT 2.0 for the year 2022-23. | Rs.386.59 lakh |
| 4 | Augmentation of water supply of Badadanda Sahi, Bandha Sahi, Rameswarpatna, Charigharia Sahi, Pathana Sahi, Manikpathar, Nua Sahi, Bangala Sahi & Rajabati to Baragaon at Athamallik NAC under Special Central Assistance for the Fy 2022-23. | Rs.355.97 lakh |
| 5 | Construction of 3 lakh ltr capacity RCC ESR of 25 mtr staging at I.B. Pump House & 3 lakh ltr capacity RCC ESR of 20 mtr staging with ancillary works over Hill-ock at Nua Bhuban for improvement of water supply to Bhuban NAC. | Rs.165.53 lakh |

1.Date & time of availability of bid document in the portal - 11.00 Hrs. of dt.30.08.2022 to 17.30 Hrs. of dt. 14.09.2022. 2. Last date / time of receipt of bids in the portal : 14.09.2022 upto 17.30 Hrs. 3. Date & time of opening of bids : 15.09.2022 at 12.30 Hrs. 4. Name and address of the Officer Inviting Bid : The Additional Chief Engineer, P.H. Circle, Nayabazar, Cuttack-753004, Odisha, Ph.(0671)2440841, email:sephctc@gmail.com.
Further details can be seen from the website www.tendersorissa.gov.in.

Sd./- Addl.Chief Engineer, P.H.Circle, Cuttack
OIPR-13029/11/0008/2223


See Career Appointment on every Wednesday & Saturday

## ଖସିଲା ଶେୟାର ବଜାର କାରବାର

**ନୂଆଦିଲ୍ଲୀ:** ଗତ କିଛିଦିନ ହେଲା ଷ୍ଟକ୍ ବଜାରର କାରବାର ଲାଭ କ୍ଷତିରେ ଚାଲିଛି। ଏପରିକି କିଛିଦିନ ସବୁଜ ରଙ୍ଗରେ କାରବାର ବନ୍ଦ ହେଉଥିବା ବେଳେ ଆଉ କିଛିଦିନ ଲାଲ ରଙ୍ଗରେ ଶେଷ ହେଉଛି। ଗୁରୁବାର ଶେୟାର ବଜାରର କାରବାର ଆରମ୍ଭରୁ ହିଁ ଉପର ତଳ ହୋଇ ଶେଷରେ ଲାଲ ରଙ୍ଗରେ କାରବାର ବନ୍ଦ କରିଥିଲା। ଫଳରେ ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ନିବେଶକମାନେ ଏକ ବଡ ଧରଣର କ୍ଷତି ସହିଥିବା ଜଣାପଡିଛି। ଗୁରୁବାର ସେନ୍‌ସେକ୍ସ ୩୧୧ (୩୧୦.୭୧) ପଏଣ୍ଟ ଖସି ୫୮,୭୭୫ (୫୮,୭୭୪.୭୨) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ ୮୨ (୮୨.୫୦) ପଏଣ୍ଟ ହ୍ରାସ ଘଟି ୧୭,୫୨୨ (୧୭,୫୨୨.୪୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଆନୁଷଙ୍ଗିକ ଶିଳ୍ପ ବିକାଶକୁ ଓଡ଼ିଶା ସରକାରଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୨୫।୮**




- ଇଡ୍‌କୋ ୨୩ ନୂଆ ଶିଳ୍ପ ପାର୍କ ସ୍ଥାପନ କରିବ, ୩ ବର୍ଷରେ ୬୦୦ କୋଟି ଖର୍ଚ୍ଚ ହେବ
- ଶିଳ୍ପସଂସ୍ଥାଙ୍କ ପାଇଁ ବିଦ୍ୟୁତ୍ ଡିସ୍‌କମ୍ ସ୍ୱତନ୍ତ୍ର ଏମ୍‌ଏସ୍‌ଏମ୍‌ଇ ସେଲ୍ ସ୍ଥାପନ କରିବେ
- ଓସ୍‌ମି ପକ୍ଷରୁ ପ୍ରୋପ୍ୟାକ୍ ଓଡ଼ିଶା, ଏମ୍‌ଏସ୍‌ଏମ୍‌ଇ ମିଟ୍-୨୦୨୨ର ଉଦ୍‌ଘାଟନ ସହ ୩୬ତମ ପ୍ରତିଷ୍ଠା ଦିବସ ପାଳନ

ଲୋକମାନଙ୍କ ଭିତରେ ନିଯୁକ୍ତି ହାସଲ କରିବାର କ୍ଷମତା ବଢ଼ାଇବା ଓ ରାଜ୍ୟର ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଓଡ଼ିଶା ସରକାର ଆନୁଷଙ୍ଗିକ ଶିଳ୍ପ ପ୍ରତି ନିଜର ପ୍ରତିବଦ୍ଧତା ଓ ଗୁରୁତ୍ୱକୁ ଦୋହରାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀ ଗୁରୁବାର ଓଡ଼ିଶା ଆସେମ୍ବ୍ଲି ଫର୍ ସ୍ମଲ୍ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍ (ଓସ୍‌ମି) ପକ୍ଷରୁ ଆୟୋଜିତ ପ୍ରୋପ୍ୟାକ୍ ଓଡ଼ିଶା-୨୦୨୨ର ଶୁଭାରମ୍ଭ ଅବସରରେ ଯୋଗଦେଇ ଏଭଳି କିଛି ମତବ୍ୟକ୍ତ କରିଛନ୍ତି। ସେହିଭଳି ଏହି ଲକ୍ଷ୍ୟ ହାସଲ କରିବା ଲାଗି ନାଲ୍‌କୋ ଓ ବେଦାନ୍ତ ସହଯୋଗରେ ରାଜ୍ୟ ସରକାର ଯଥାକ୍ରମେ ଅନୁଗୋଳ ଓ ଝାରସୁଗୁଡ଼ାରେ ଆଲୁମିନିୟମ ପାର୍କ ସ୍ଥାପନ କରୁଛନ୍ତି, ଯାହାର କାମ ଦ୍ରୁତଗତିରେ ଜାରି ରହିଛି। ଏହା ବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରେ ୨୩ ଶିଳ୍ପ ପାର୍କ ସ୍ଥାପନ କରିବା ପାଇଁ ଇଡ୍‌କୋକୁ ଆସନ୍ତା ୩ବର୍ଷରେ ୬୦୦ କୋଟି ଟଙ୍କା ଆବଣ୍ଟନ କରାଯିବ। ସେହିପରି ଜିଲାସ୍ତରରେ ଶିଳ୍ପର ବିକାଶ ପାଇଁ ଜିଲା ଶିଳ୍ପ ବିକାଶ ଏଜେନ୍ସି ଜିଲାପାଳଙ୍କ ଅଧ୍ୟକ୍ଷତାରେ କାମ କରୁଥିବା ତ୍ରିପାଠୀ କହିଛନ୍ତି। ଏପରିକି ଓସ୍‌ମିର ୩୬ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ଥାନୀୟ ଜନତା ମଇଦାନଠାରେ ଆରମ୍ଭ ହୋଇଥିବା ପ୍ରୋପ୍ୟାକ୍ ଓଡ଼ିଶା ଏବଂ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ମିଟ୍-୨୦୨୨ର ଉଦ୍‌ଘାଟନୀ ସମାରୋହକୁ ସମ୍ବୋଧିତ କରି ଅସିତ କହିଥିଲେ, ଶିଳ୍ପ ପାର୍କ ପ୍ରତିଷ୍ଠା ବ୍ୟତୀତ ରାଉରକେଲା ଓ ମାଲକାନଗିରିକୁ ଯୋଡୁଥିବା ବିଜୁ ଏକ୍ସପ୍ରେସ୍ ୱେର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଇଡ୍‌କୋ ପକ୍ଷରୁ ୧୧ଟି ଶିଳ୍ପ କରିଡର ମଧ୍ୟ ସ୍ଥାପନ କରାଯାଉଛି। ଅନୁନ୍ନତ ଅଞ୍ଚଳରେ ଶିଳ୍ପର ବିକାଶ ଲାଗି ରାଜ୍ୟ ସରକାର ଖୁବ୍‌ଶୀଘ୍ର ଏକ ପ୍ରୋତ୍ସାହନ ଯୋଜନା ଘୋଷଣା କରିବା ଉପରେ ବିଚାର କରୁଛନ୍ତି ବୋଲି ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରୁଥିବା ତ୍ରିପାଠୀ ଏଭଳି ମତବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଭାଗୀୟ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା କହିଛନ୍ତି, ଶିଳ୍ପସଂସ୍ଥାଗୁଡ଼ିକର ବିଦ୍ୟୁତ୍ ସମ୍ପର୍କିତ ସମସ୍ୟାକୁ ଶୁଣିବା ଲାଗି ରାଜ୍ୟର ସବୁ ବିଦ୍ୟୁତ୍ ବିତରଣକାରୀ କମ୍ପାନୀ (ଡିସ୍‌କମ୍) ଗୁଡ଼ିକୁ ସ୍ୱତନ୍ତ୍ର ଏମ୍‌ଏସ୍‌ଏମ୍‌ଇ ସେଲ୍ ସ୍ଥାପନ କରିବାକୁ କୁହାଯାଇଛି। ଫଳରେ ଶିଳ୍ପସଂସ୍ଥାଗୁଡ଼ିକର ବିଭିନ୍ନ ସମସ୍ୟା ଗୋଟିଏ ସ୍ଥାନରେ ସମାଧାନ ହୋଇଯିବ। ଏହି ସମସ୍ୟା ସମ୍ପର୍କରେ ଆମେ ଯାଜପୁରର କଳିଙ୍ଗନଗରଠାରେ ଆୟୋଜନ କରାଯାଇଥିବା ଇଣ୍ଡଷ୍ଟ୍ରି କେୟାର ବୈଠକ ବେଳେ ଜାଣିବାକୁ ପାଇଥିଲୁ। ଏଭଳି ଅନେକ ପ୍ରକାର ପଦକ୍ଷେପ ଜରିଆରେ ସରକାର ସବୁ ଜିଲାର ପ୍ରମୁଖ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥା ସହ ସମ୍ପର୍କରେ ରହିଛନ୍ତି ବୋଲି ରଞ୍ଜନା କହିଥିଲେ। ଓଡ଼ିଶାରେ ପ୍ରାୟ ୯୫% ସଂସ୍ଥା ଅଣୁ ସ୍ତରରେ ରହିଛନ୍ତି, ଯେଉଁମାନଙ୍କ ନିଯୁକ୍ତି ସୃଷ୍ଟି ପ୍ରତି ଯୋଗଦାନ ଆଦୌ ଉତ୍ସାହଜନକ ନୁହେଁ। ସେମାନେ କିଭଳି ଅତିକମ୍‌ରେ କ୍ଷୁଦ୍ର ସଂସ୍ଥାରେ ରୂପାନ୍ତରିତ ହେବେ ତାହା ସରକାର ଚାହୁଁଛନ୍ତି ଓ ସେଥିପାଇଁ ଦରକାର ସବୁ ପ୍ରକାର ସୁବିଧା ସୁଯୋଗ ଯଥା ପାଣି, ମାର୍କେଟିଂ ସୁବିଧା ଆଦି ପ୍ରଦାନ କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ଚୋପ୍ରା ମତ ପ୍ରକାଶ କରିଛନ୍ତି। ସେହିପରି ଓସ୍‌ମିର ମହାସଚିବ ସାତ୍ୱିକ ସ୍ୱାଇଁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସହ ସଂଘର ବାର୍ଷିକ କାର୍ଯ୍ୟକ୍ରମ ସମ୍ପର୍କରେ ମଧ ସୂଚନା ଦେଇଥିଲେ। କଟକର ଚୌଦ୍ୱାରରେ ୩୦କୋଟି ଟଙ୍କା ନିବେଶରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗରେ ଆମେ ପୂର୍ବ ଭାରତର ସର୍ବବୃହତ୍ ଇଞ୍ଜିନିୟରିଂ କମନ ଫାସିଲିଟି ସେଣ୍ଟର ସ୍ଥାପନ କରିବାକୁ ଯାଉଛୁ, ଯେଉଁଥିପାଇଁ ସରକାର ଆମକୁ ୬ ଏକର ଜମି ଦେଇଛନ୍ତି। ଏହା ବ୍ୟତୀତ ଇରାନ ସହ ଦ୍ୱିପାକ୍ଷିକ କାରବାର ବଢ଼ାଇବା ଲାଗି ଓସ୍‌ମି କାର୍ଯ୍ୟାଳୟରେ କିଛି ମାସ ପୂର୍ବରୁ ଇଣ୍ଡୋ-ଇରାନ ଟ୍ରେଡ୍ ସେଣ୍ଟର ମଧ୍ୟ ଖୋଲାଯାଇଥିବା ସ୍ୱାଇଁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓସ୍‌ମିର ଅଧ୍ୟକ୍ଷ ଗୌରୀ ଶଙ୍କର ଦାଶ, କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡ. ଶରତ କୁମାର ସାହୁ, ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ର, ପି.କେ. ଗୁପ୍ତା, ଜଏଂଟ ଡାଇରେକ୍ଟର ଏବଂ ଏଚ୍‌ଓଓ, ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ, ଭାରତ ସରକାର, କଟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପରିଶେଷରେ ଉପସ୍ଥିତ ଅତିଥିମାନେ ବିଜେତାମାନଙ୍କୁ ଓସ୍‌ମି ପୁରସ୍କାର ପ୍ରଦାନ କରିଥିଲେ ଏବଂ ଓସ୍‌ମି ସ୍ମରଣିକା-୨୦୨୨କୁ ମଧ ଉନ୍ମୋଚନ କରିଥିଲେ। ଜାତୀୟ ସ୍ତରର ପ୍ରଦର୍ଶନୀ ପ୍ରୋପ୍ୟାକ୍ ଓଡ଼ିଶା-୨୦୨୨ ଚଳିତ ମାସ ୨୮ ତାରିଖ ପର୍ଯ୍ୟନ୍ତ ଜନତା ମଇଦାନରେ ଚାଲିବ। ଏଥିରେ ସାରା ଭାରତର ପ୍ୟାକେଜିଂ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ୪୦ରୁ ଅଧିକ ସଂସ୍ଥା ଅଂଶଗ୍ରହଣ କରିଛନ୍ତି। ଏକ ବହୁଦେଶୀୟ କମ୍ପାନୀ ମଧ୍ୟ ଏଥିରେ ଯୋଡ଼ିହୋଇଛି। ଓଡ଼ିଶାରୁ ୧୦୦ରୁ ଅଧିକ ଏସ୍‌ଏମ୍‌ଇ ମଧ୍ୟ ଏହି ପ୍ରଦର୍ଶନରେ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମର ୨ ପର୍ଯ୍ୟାୟରେ ବିଭିନ୍ନ ବିଷୟରେ କର୍ମଶାଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ଉମରକୋଟରେ ସୁପ୍ରିମ୍‌ର ଏକ୍ସକ୍ଲୁସିଭ ଶୋ'ରୁମ୍



**ଉମରକୋଟ,୨୫।୮(ସ୍ୱ.ପ୍ର.)**

ଦେଶର ପ୍ରମୁଖ ପ୍ଲାଷ୍ଟିକ ସାମଗ୍ରୀ ଉତ୍ପାଦକ 'ସୁପ୍ରିମ୍ ଇଣ୍ଡଷ୍ଟ୍ରି ଲିମିଟେଡ୍ (ଏସ୍‌ଆଇଏଲ୍) ଫର୍ନିଚର ଡିଭିଜନ ପକ୍ଷରୁ ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଗୁରୁବାର ନବରଙ୍ଗପୁର ଜିଲାର ଉମରକୋଟ, ପୋଲିସ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟସ୍ଥ ବିଏନ୍‌ଏମ୍ ଫର୍ନିଚର ଆନୁକୂଲ୍ୟରେ ମୋଲ୍‌ଡେଡ୍ ଫର୍ନିଚର ବ୍ରାଣ୍ଡ ସୁପ୍ରିମ୍ ଫର୍ନିଚରର ନୂତନ ଶୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏସ୍‌ଆଇଏଲ୍‌ର (ଫର୍ନିଚର ଡିଭିଜନ) ରାଜ୍ୟ ମୁଖ୍ୟ ତ୍ରିନାଥ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏନ୍‌ଏମ୍ ଫର୍ନିଚର ସ୍ୱତ୍ୱାଧିକାରୀ (ପ୍ରୋପ୍ରାଇଟର) ରାହୁଲ ମଣ୍ଡଳ, ଏସ୍‌ଆଇଏଲ୍‌ର ଏରିଆ ମ୍ୟାନେଜର କାଳିପ୍ରସାଦ ବେହେରାଙ୍କ ସମେତ କୋରାପୁଟ, ଜୟପୁର ଏବଂ ସେମିଳିଗୁଡାର ସୁପ୍ରିମ୍ ଫର୍ନିଚର ଦୋକାନ ମାଲିକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି କମ୍ପାନୀର ଏହା ୫ମ ଏକ୍ସକ୍ଲୁସିଭ ଷ୍ଟୋର ହୋଇଥିବା ବେଳେ ନବରଙ୍ଗପୁର ଜିଲାରେ ଏହା ପ୍ରଥମ ଏକ୍ସକ୍ଲୁସିଭ ଶୋ'ରୁମ୍ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଉଦ୍‌ଘାଟନୀ ଅବସରରେ ପ୍ରତ୍ୟେକ ଗ୍ରାହକଙ୍କୁ ସୁପ୍ରିମ୍‌ର ପ୍ରତି ସାମଗ୍ରୀର ଏମ୍‌ଆର୍‌ପି ଉପରେ ୩୦% ରିହାତି ରହିଥିବା କମ୍ପାନୀର ଦକ୍ଷିଣ ଓଡ଼ିଶା ସେଲ୍‌ସ ନିର୍ବାହୀ ଅଧିକାରୀ କାଳି ପ୍ରସାଦ ବେହେରା କହିଛନ୍ତି। ସେହିଭଳି ଏଠାରେ ମାସିକ ୩ ଲକ୍ଷ ଟଙ୍କାର ବ୍ୟବସାୟ ସାଙ୍ଗକୁ ଆଗାମୀ ପାର୍ବଣରେ ମଧ ବ୍ୟବସାୟ ଅଧିକ ହେବା ଆଶା ରହିଛି ବୋଲି ରାହୁଲ ମତବ୍ୟକ୍ତ କରିଛନ୍ତି।

# ଟାଟା ମୋଟର୍ସର ୮ମ ବାର୍ଷିକ ସିଏସ୍‌ଆର୍ ରିପୋର୍ଟ

**ନୂଆଦିଲ୍ଲୀ,୨୫।୮**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସ ପକ୍ଷରୁ ୮ମ ବାର୍ଷିକ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ରିପୋର୍ଟ ନିକଟରେ ପ୍ରକାଶ କରାଯାଇଛି, ଯାହାକି ୨୦୨୨ ଆର୍ଥିକ ବର୍ଷରେ ସାମାଜିକ ତଥା ପରିବେଶ ଆହ୍ୱାନର ମୁକାବିଲା ପାଇଁ କମ୍ପାନୀର ବ୍ୟାପକ ପ୍ରୟାସକୁ ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏପରିକି କମ୍ପାନୀର ଇନ୍‌କ୍ଲୁସିଭ୍ ଗ୍ରୋଥ୍ ଦ୍ୱାରା ଦୀର୍ଘସ୍ଥାୟୀ ବିକାଶ ଏବଂ ରାଷ୍ଟ୍ର ନିର୍ମାଣ କ୍ଷେତ୍ରକୁ ବେଶ୍ ପ୍ରଭାବିତ କରିଛି। ହାରାହାରି ଭାବେ କମ୍ପାନୀର ପ୍ରୟାସ ଦ୍ୱାରା ବର୍ଷରେ ୭.୯ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଛି। ସେଥିମଧ୍ୟରେ ୪୦% ରୁ ଅଧିକ ହିତାଧିକାରୀ ଏସ୍‌ସି ଏବଂ ଏସ୍‌ଟି ସମ୍ପ୍ରଦାୟର ରହିଛନ୍ତି। ଚଳିତ ବର୍ଷ ଟାଟା ମୋଟର୍ସ ଏହାର ପ୍ରତ୍ୟେକ ପଦକ୍ଷେପ ମାଧ୍ୟମରେ ପାନ୍-ଇଣ୍ଡିଆରେ ପହଞ୍ଚିବା ପାଇଁ ଡିଜିଟାଇଜେଶନ ଏବଂ ବୈଷୟିକ ଏକୀକରଣର ସୁବିଧା ଦ୍ୱାରା ସରକାରୀ ସଂସ୍ଥା ସହିତ ସ୍ଥାନୀୟ କର୍ତ୍ତୃପକ୍ଷ, କାର୍ଯ୍ୟକାରୀ ସହଭାଗୀ ଏବଂ ହିତାଧିକାରୀଙ୍କ ସମେତ ସମସ୍ତ ସମ୍ପୃକ୍ତ ହିତାଧିକାରୀଙ୍କ ସାମୂହିକ ସାମର୍ଥ୍ୟକୁ ଏକତ୍ର କରିଛି। ଏହାର ସହଯୋଗୀ ପ୍ରୟାସ ମାଧ୍ୟମରେ କମ୍ପାନୀ ସାମାଜିକ କଲ୍ୟାଣ ତଥା ରାଷ୍ଟ୍ର ନିର୍ମାଣରେ ଲକ୍ଷ୍ୟ ଦିଗରେ କାର୍ଯ୍ୟ କରି ସାରା ଦେଶରେ ନିରନ୍ତର ଦୀର୍ଘସ୍ଥାୟୀ, ଅନୁକରଣୀୟ, ଦକ୍ଷ ଏବଂ ଭବିଷ୍ୟତ-ପ୍ରସ୍ତୁତି ଯୋଗ୍ୟ ଫଳାଫଳ ହାସଲ କରିପାରିଛି। ଟାଟା ମୋଟର୍ସର ଚିଫ୍ ସଷ୍ଟେନବିଲିଟି ଅଫିସର ଏସ୍.ଜେ.ଆର୍. କୁଟ୍ଟି କହିଛନ୍ତି, ଗୋଷ୍ଠୀର କଲ୍ୟାଣ ଆମର ଦର୍ଶନର ମୂଳ ଲକ୍ଷ୍ୟ। ଏହା ନିରନ୍ତର ସମାଜର ଦୁର୍ବଳବର୍ଗଙ୍କ ଦୀର୍ଘସ୍ଥାୟୀ ବିକାଶ କରିବା ଲାଗି ମାର୍ଗଦର୍ଶିକା ସାଜିଛି ଏବଂ ଏଭଳି ବର୍ଗଙ୍କ ଜୀବନଶୈଳୀରେ ଉନ୍ନତି ଆଣିବାକୁ ମଡେଲଗୁଡିକ ଦ୍ୱାରା ପ୍ରୟାସ କରାଯାଉଛି।

## ଖୋଲିବ ୧୦,୦୦୦ ନୂଆ ଡାକଘର

**ନୂଆଦିଲ୍ଲୀ,୨୫।୮**

ଚଳିତ ବର୍ଷ ଶେଷ ସୁଦ୍ଧା ଭାରତୀୟ ଡାକ ବିଭାଗ ପକ୍ଷରୁ ଆଉ ୧୦,୦୦୦ ନୂଆ ଡାକ ଘର ଖୋଲାଯିବ ବୋଲି ବିଭାଗୀୟ ସଚିବ ଅମନ ଶର୍ମା ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଏଭଳି କିଛି ସୂଚନା ଦେଇଛନ୍ତି। ବିଭାଗୀୟ ସେବାକୁ ସବୁ ବର୍ଗଙ୍କ ନିକଟରେ ପହଞ୍ଚାଇବାକୁ ଅଧିକ ଡାକ ଘର ଖୋଲିବାକୁ ସରକାର ଯୋଜନା କରୁଥିବା ସେ ମତ ବ୍ୟକ୍ତ କରିଛନ୍ତି। ଏପରିକି ଅତିରିକ୍ତ ୧୦,୦୦୦ ନୂଆ ଡାକ ଘର ଖୋଲିବାକୁ ସରକାର ବିଭାଗକୁ ସ୍ୱୀକୃତି ଦେଇଥିବା ମଧ ସେ କହିଛନ୍ତି। ସେହିଭଳି ଲୋକଙ୍କୁ ସେମାନଙ୍କ ଘରର ୫ କିଲୋମିଟର ଭିତରେ ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ ସେବା ଉପଲବ୍ଧ କରାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଅମନ ସୂଚନା ଦେଇଛନ୍ତି। ଡାକ ଘରର ଆଧୁନିକରଣ ପାଇଁ ସରକାର ପ୍ରାୟ ୫,୨୦୦ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ଅମନ ଶର୍ମା କହିଛନ୍ତି। ଲୋକଙ୍କୁ ଡାକ ଘର ଆସିବା ପରିବର୍ତ୍ତେ ଟେକ୍ନୋଲଜି ସାହାଯ୍ୟରେ ତାଙ୍କ ଘର ପାଖରେ ସେବା ପହଞ୍ଚାଇବା ନେଇ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ନୂଆ ଡାକ ଘର ଗୁଡ଼ିକ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଖୋଲିବ ବୋଲି ଆକଳନ କରାଯାଇଛି।

## ଫୁରସତ

# ଲାଇବ୍ରେରି ଖୋଲିଲେ ଆଫ୍‌ଗାନ ମହିଳା



**କାବୁଲ:** ଆଫଗାନିସ୍ତାନର ତାଲିବାନ୍ ଶାସନରେ ମହିଳାମାନେ ଶିକ୍ଷା ଓ ସାର୍ବଜନୀନ ଜୀବନରୁ ଦୂରେଇ ଯାଇଛନ୍ତି। ନାରୀ ସ୍ୱାଧୀନତା ଉପରେ ଅଙ୍କୁଶ ଲାଗିଥିବାରୁ ସେମାନେ ନିଃସଙ୍ଗ ହୋଇପଡ଼ିଛନ୍ତି। ନିଃସଙ୍ଗତା ଦୂର ସହ ଜ୍ଞାନ ଆହରଣ ତଥା ଉଚିତ୍ ଢଙ୍ଗରେ ସମୟ ଅତିବାହିତ କରିବା ପାଇଁ ଆଫ୍‌ଗାନର ମହିଳା ଅଧିକାର କର୍ମୀମାନେ ନିଜସ୍ୱ ଉଦ୍ୟମରେ କାବୁଲରେ ବୁଧବାର ଏକ ଲାଇବ୍ରେରି ଖୋଲିଛନ୍ତି। ଏହାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

୨୦୨୦ ଅଗଷ୍ଟ ୧୫ରେ ଇସ୍‌ଲାମିକ ତାଲିବାନ୍ ଆଫଗାନିସ୍ତାନ ଦଖଲ ପରେ ମହିଳାଙ୍କ ସ୍ୱାଧୀନତା ଛଡ଼ାଇ ନେଇଥିଲା। ମହିଳାମାନେ ଆପାଦମସ୍ତକ ପୋଷାକ ପରିଧାନ କରି କେବଳ ଜଣେ ପୁରୁଷ ସମ୍ପର୍କୀୟଙ୍କ ସହ ପଦାକୁ ଗୋଡ଼ କାଢ଼ିପାରିବେ ବୋଲି ତାଲିବାନ୍ ଫତୱା ଜାରି କରିଥିଲା। ତାଲିବାନ୍ ଶାସକ ଗତ ମାର୍ଚ୍ଚରେ ଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ସ୍କୁଲ ଖୋଲାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନିଜ ପ୍ରତିଶ୍ରୁତିରୁ ଓହରିଯିବା ପରେ ସବୁ ଉଚ୍ଚ ବିଦ୍ୟାଳୟରେ ତାଲା ଝୁଲୁଛି। ଏସବୁକୁ ଦୃଷ୍ଟିରେ ରଖି କେତେଜଣ ମହିଳା ନିଜସ୍ୱ ଉଦ୍ୟମରେ ପାଠାଗାର ଆରମ୍ଭ କରିଛନ୍ତି। ଲାଇବ୍ରେରୀରେ ଉପନ୍ୟାସ, ଛବିଳ ବହି, ରାଜନୀତି, ଅର୍ଥନୀତି, ବିଜ୍ଞାନ ଆଦି ଉପରେ ୧ ହଜାରରୁ ଉର୍ଦ୍ଧ୍ୱ ପୁସ୍ତକ ରହିଛି। ବହିଗୁଡ଼ିକରୁ ଅଧିକାଂଶ ଶିକ୍ଷକ, କବି ଓ ଲେଖକମାନେ କ୍ରିଷ୍ଟାଲ ବାୟାତ୍ ଫାଉଣ୍ଡେଶନକୁ ଦାନ କରିଛନ୍ତି। ଆଫ୍‌ଗାନ ମହିଳାଙ୍କ ଅଧିକାର ପାଇଁ ଲଢ଼େଇ କରୁଥିବା ଏହି ସଙ୍ଗଠନର ଅନ୍ୟତମ ସଦସ୍ୟା ତଥା ଲାଇବ୍ରେରି ପ୍ରତିଷ୍ଠାତା ଝୁଲିଆ ପାର୍ସୀ କହିଛନ୍ତି, ଦୁଇଟି ଉଦ୍ଦେଶ୍ୟ ରଖି ଆମେ ପାଠାଗାର ଖୋଲିଛୁ। ପ୍ରଥମତଃ ଯେଉଁ ଝିଅମାନେ ସ୍କୁଲ ଯାଇପାରୁନାହାନ୍ତି ସେମାନେ ଏଠାକୁ ଆସି ବିଭିନ୍ନ ବିଷୟରେ ଅଧ୍ୟୟନ କରିପାରିବେ। ଦ୍ୱିତୀୟତଃ ତାଲିବାନ୍ ସରକାରର ବର୍ବରତା ଭୟରେ ଚାକିରି ଛାଡ଼ି ଘରେ ବିରକ୍ତିବୋଧ ଅନୁଭବ କରୁଥିବା ମହିଳାମାନେ ମଧ ପଠନର ସୁଯୋଗ ପାଇପାରିବେ।



# 'ଲଷ୍ଟ ଷ୍ଟୋରିଜ୍' ପାଇଁ ମନା କରିଥିଲେ ମା'



କ୍ରୀତି ସାନନ୍

**ମୁମ୍ବାଇ:** ୨୦୧୮ରେ ନେଟ୍‌ଫ୍ଲିକ୍ସରେ ମୁକ୍ତିଲାଭ କରିଥିବା 'ଲଷ୍ଟ ଷ୍ଟୋରିଜ୍' ଶର୍ଟ ଫିଲ୍ମରେ ଚଳଚ୍ଚିତ୍ର ନିର୍ମାତା କରନ୍ ଜୋହର ଅଭିନେତ୍ରୀ କିଆରା ଆଡଭାନୀଙ୍କ ଚରିତ୍ର ପାଇଁ ଉପଯୁକ୍ତ ଆକ୍ଟ୍ରେସ୍ ଖୋଜୁଥିଲେ। ଏଥିପାଇଁ କରନ ପ୍ରଥମେ କ୍ରୀତି ସାନନ୍‌ଙ୍କୁ ବାଛିଥିଲେ। ହେଲେ କ୍ରୀତି 'ଲଷ୍ଟ ଷ୍ଟୋରିଜ୍'ରେ କାମ କରିବା ପାଇଁ ମନା କରିଥିଲେ। କ୍ରୀତିଙ୍କ ମା' ଏହି ରୋଲ୍ କରିବାକୁ ଅନୁମତି ଦେଇ ନ ଥିଲେ ବୋଲି ଅଭିନେତ୍ରୀ ଜଣକ କରନଙ୍କୁ କହିଥିଲେ। ହଟ୍‌ଷ୍ଟାର୍‌ରେ ରିଲିଜ ହୋଇଥିବା 'କଫି ଉଇଥ୍ କରନ୍'ର ସଦ୍ୟ ଏପିସୋଡ୍‌ରେ କରନ୍ ଜୋହର ଏହା ପ୍ରକାଶ କରିଛନ୍ତି। ବାସ୍ତବରେ ଲଷ୍ଟ ଷ୍ଟୋରିଜ୍ ମହିଳାଙ୍କ ସେକ୍ସୁଆଲ ପ୍ଲେଜର(ଯୌନ ସୁଖ) ଅଧିକାର ଉପରେ ଆଧାରିତ ଏବଂ ଏକ ସଶକ୍ତୀକରଣ କାହାଣୀ ବୋଲି କରନ୍ କହିଥିଲେ। କିଆରାଙ୍କୁ ମନୀଷ ମାଲ୍‌ହୋତ୍ରାଙ୍କ ଘରେ କରନ୍ ଭେଟିବା ପରେ ତାଙ୍କୁ ଏହି ଶର୍ଟ ଫିଲ୍ମରେ ଅଭିନୟ କରିବାକୁ ଅଫର ଦେଇଥିଲେ। କିଆରା କରନ୍‌ଙ୍କୁ ପଚାରିଥିଲେ 'କ'ଣ ଆପଣ ଏହାର ନିର୍ଦ୍ଦେଶନା ଦେଉଛନ୍ତି'। କରନ୍ ହଁ କହିବା ପରେ କିଆରା ଅଭିନୟ କରିବା ପାଇଁ ରାଜି ହୋଇଯାଇଥିଲେ ବୋଲି ଫିଲ୍ମ ନିର୍ମାତା ଜଣକ ଉକ୍ତ ଏପିସୋଡ୍‌ରେ କହିଛନ୍ତି। କିଆରା ଲଷ୍ଟ ଷ୍ଟୋରିଜ୍‌ରେ ମେଘା ଚରିତ୍ରରେ ଅଛନ୍ତି। ମେଘା ଜଣେ ନବବିବାହିତା ହୋଇଥିବାବେଳେ ସ୍ୱାମୀ ପାରସ୍ (ଭିକି କୌଶଲ) ସେକ୍ସୁଆଲ ପ୍ଲେଜର ଦେବାରେ ଅସମର୍ଥ ହେଉଛନ୍ତି। ଏଥିପାଇଁ ମେଘା ବିକଳ୍ପ ବାଛିବା ଉପରେ କାହାଣୀ ଗତିଶୀଳ ହୋଇଛି।

# କାଲିଫର୍ନିଆରେ ସ୍ୱସ୍ତିକକୁ ସ୍ୱୀକୃତି

**ୱାଶିଂଟନ୍:** ଆମେରିକାର କାଲିଫର୍ନିଆ ବିଧାନସଭା ରାଜ୍ୟର ଦଣ୍ଡବିଧି ଆଇନରେ ପବିତ୍ର ସ୍ୱସ୍ତିକ ଚିହ୍ନକୁ ସ୍ଥାନିତ କରିବା ପାଇଁ ସ୍ୱୀକୃତି ଦେଇଛି। ଏଥିସହ ଜର୍ମାନୀର ଏକଚ୍ଛତ୍ରବାଦୀ ଶାସକ ଆଡଲ୍ଫ ହିଟ୍‌ଲରଙ୍କ ସ୍ୱସ୍ତିକ ଚିହ୍ନ 'ହ୍ୟାକେନ୍‌କ୍ରେୟୁଜ୍'କୁ ଏକ ଘୃଣ୍ୟ ପ୍ରତୀକ ରୂପେ ବିବେଚନା ଲାଗି ମଧ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି। କାଲିଫର୍ନିଆ ହେଉଛି ସର୍ବାଧିକ ଭାରତୀୟ ବଂଶୋଦ୍ଭବ ବସବାସ କରୁଥିବା ଏକ ଆମେରିକୀୟ ରାଜ୍ୟ। ସେଠାକାର ଭାରତୀୟମାନେ ଦୀର୍ଘବର୍ଷ ଧରି ସ୍ୱସ୍ତିକ ଚିହ୍ନକୁ ନେଇ ଆଇନ ଆଣିବା ପାଇଁ ଦାବି କରିଆସୁଥିଲେ। ଗତ ସପ୍ତାହରେ ଗୃହୀତ ହୋଇଥିବା ବିଲ୍ ଏବେ ଗଭର୍ନର ଗଭିନ୍ ନ୍ୟୁଜୋମ୍‌ଙ୍କ ଟେବୁଲକୁ ଯାଇଛି। ଏଥିରେ ସେ ସ୍ୱାକ୍ଷର କରିବା ପରେ ସ୍ୱସ୍ତିକ ଚିହ୍ନକୁ ଆଇନତଃ ବୈଧ ଘୋଷଣା କରିବାରେ କାଲିଫର୍ନିଆ ହେବ ଆମେରିକାର ପ୍ରଥମ ରାଜ୍ୟ। ଉଲ୍ଲେଖଯୋଗ୍ୟ, ଗତ ସପ୍ତାହରେ ହିନ୍ଦୁ, ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀଙ୍କୁ ନେଇ ଗଠିତ ଏକ ଆନ୍ତଃ ଧର୍ମୀୟ ମେଣ୍ଟର ନେତାମାନେ କାଲିଫର୍ନିଆ ଷ୍ଟେଟ୍ ସିନେଟ୍‌ର ସଂଖ୍ୟାଗରିଷ୍ଠ ନେତା ବପ୍ ହର୍ଜବର୍ଗଙ୍କୁ ପତ୍ର ଲେଖି ସ୍ୱସ୍ତିକ ଚିହ୍ନର ବୈଧୀକରଣ ପ୍ରତି ନିଜ ସମର୍ଥନ ଘୋଷଣା କରିଥିଲେ। ସେଠାର ହିନ୍ଦୁ ଆମେରିକାନ୍ ଫାଉଣ୍ଡେଶନ(ଏଚ୍‌ଏଏଫ୍) ଏହି ପଦକ୍ଷେପକୁ ପ୍ରଶଂସା କରିଛି। ଏଚ୍‌ଏଏଫ୍‌ର ପରିଚାଳନା ନିର୍ଦ୍ଦେଶକ ସମୀର କଲ୍‌ରା କହିଛନ୍ତି, ଏବି୨୨୮୨ ବିଧେୟକ ଗୃହରେ ପାରିତ ହେବା ପରେ କାଲିଫର୍ନିଆରେ ସ୍ୱସ୍ତିକ ଚିହ୍ନ ଅପରାଧମୁକ୍ତ ହେବାକୁ ଯାଉଛି। ଏହି ଐତିହାସିକ ପଦକ୍ଷେପକୁ ଗଭର୍ନରଙ୍କ ଅନୁମୋଦନ ମିଳିଲେ ହିନ୍ଦୁ, ବୌଦ୍ଧ, ଜୈନଧର୍ମର ଲୋକେ ଆଶ୍ୱସ୍ତି ଲାଭ କରିବେ। ଏହା ପୂର୍ବରୁ ନାଜି ଶାସକ ଆଡଲ୍ଫ ହିଟ୍‌ଲର ନିଜ ସେନାରେ ସ୍ୱସ୍ତିକ ଚିହ୍ନକୁ ବହୁଳ ଭାବେ ବ୍ୟବହାର କରୁଥିଲେ। ହିଟ୍‌ଲରଙ୍କ ସ୍ୱସ୍ତିକକୁ ଆମେରିକୀୟମାନେ ନାଜି ହ୍ୟାକେନ୍‌କ୍ରେୟୁଜ୍ ନାମ ଦେଇ ଘୃଣାର ପ୍ରତୀକ ରୂପେ ବିବେଚନା କରିଥାନ୍ତି। ନୂଆ ଆଇନ ବଳରେ ନାଜିଙ୍କ ସ୍ୱସ୍ତିକ ଓ ହିନ୍ଦୁଙ୍କ ସ୍ୱସ୍ତିକ ମଧ୍ୟରେ ରହିଥିବା ପ୍ରଭେଦକୁ ସ୍ପଷ୍ଟ କରାଯାଇଛି।



ହିଟ୍‌ଲରଙ୍କ ସ୍ୱସ୍ତିକ     ହିନ୍ଦୁଙ୍କ ସ୍ୱସ୍ତିକ

# ଏକସଙ୍ଗେ କୋଭିଡ୍, ମଙ୍କିପକ୍ସ, ଏଚ୍‌ଆଇଭିରେ ସଂକ୍ରମିତ




**ରୋମ:** ଇଟାଲୀର ଜଣେ ୩୬ ବର୍ଷୀୟ ଯୁବକ ଏକ ସଙ୍ଗେ କୋଭିଡ୍-୧୯, ମଙ୍କିପକ୍ସ ଏବଂ ଏଚ୍‌ଆଇଭିରେ ସଂକ୍ରମିତ ହୋଇଛନ୍ତି। ଯୁବକ ଜଣକ ଜୁନ୍‌ରେ ସ୍ପେନ୍ ଯାଇଥିଲେ। ସେଠାରୁ ଫେରିବା ପରେ ତାଙ୍କ ଗଳା ବ୍ୟଥା ହେବା ସହ ଥକ୍କା ଲାଗିବା, ଥଣ୍ଡା, ମୁଣ୍ଡବିନ୍ଧା ଆଦି ଲକ୍ଷଣ ଦେଖାଦେଇଥିଲା। ଜୁଲାଇ ୨ରେ ତାଙ୍କ କୋଭିଡ୍ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିଥିଲା। ସେ ଗତ ଜାନୁୟାରୀରେ ମଧ କରୋନାରେ ସଂକ୍ରମିତ ହୋଇଥିଲେ। ପରେ ତାଙ୍କ ଦେହରେ ଫୋଟକା ହେବା ସହ ଦାଗ ପଡ଼ିଯାଇଥିଲା। ଫଳରେ ତାଙ୍କ ନମୁନା ପୁଣି ଟେଷ୍ଟ ପାଇଁ ଯାଇଥିଲା। ଏଥିରୁ ସେ ଉଭୟ ମଙ୍କିପକ୍ସ ଏବଂ ଏଚ୍‌ଆଇଭିରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ସ୍ପେନ୍‌ରେ ଥିବାବେଳେ ସେ କୌଣସି ପୁରୁଷଙ୍କ ସହ ଅସୁରକ୍ଷିତ ଯୌନ ସମ୍ପର୍କ ରଖିଥିବା ଜଣାପଡ଼ିଛି। ତାଙ୍କଠାରେ ପଶ୍ଚିମ ଆଫ୍ରିକାର ମଙ୍କିପକ୍ସ ଭୂତାଣୁ କ୍ଲେଡ୍ ଠାବ ହୋଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୬ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ୧୧୫ ଲିଟର ମଦ ଜବତ, ୩ ଗିରଫ

ଜଗତ୍‌ସିଂହପୁର ଅଫିସ/ ବାଲିଆ (ସ୍ୱ.ପ୍ର.) ୨୫।୮: ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ବଣିଆସାହିଗଡ଼ା ଓ କାଠିଆପଡ଼ା ଗାଁରେ ଚଢ଼ାଉ କରାଯାଇ ପାଖାପାଖି ୧୦୦ ଲିଟର ମଦ ଗୁରୁବାର ଜବତ କରାଯାପୃଥକ ମାମଲା (ନଂ. ୫୫୭/୨୨, ୫୫୯/୨୨)ରେ ୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଥାନା ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି, ଓଡ଼ିଶୋ ବଣିଆସାହିଗଡ଼ା ନିକଟରେ ଚଢ଼ାଉ ପରେ ଏହି ଗ୍ରାମର ଅର୍ଜୁନ ପାଳ (୬୨)ଙ୍କ ନିକଟରୁ ୨୫ ଲିଟର ମଦ ଜବତ ହୋଇଥିଲା। ସେହିପରି କାଠିଆପଡ଼ା ଗାଁରେ ଚଢ଼ାଉ କରାଯାଇ ପିତବାସ ମହାନ୍ତି (୬୨)ଙ୍କୁ ଗିରଫ କରାଯାଇଥିଲା। ତାଙ୍କ ନିକଟରୁ ୮୫.୯୬୦ ଲିଟର ମଦ ଜବତ ହୋଇଛି। ସେହିପରି ବିରିଡି ଥାନା ଅନ୍ତର୍ଗତ ବାରଡିଆ ନଦୀ ପୋଲ ନିକଟରେ ପୋଲିସ ଚଢ଼ାଉ କରି ୩ ପେଟି (୧୫ ଲିଟର)ଚୋରା ମଦ ଓ ଏକ ମଟରସାଇକେଲ ଜବତ କରିଛି। ଏହି ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ରହମ୍ଭା ଅଞ୍ଚଳର ପ୍ରତାପ ଦାସ। ସେ କଟକ ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳରୁ ଚୋରା ମଦ ନେଇ ମୋଟର ସାଇକେଲରେ ଆସୁଥିବାବେଳେ ଥାନାଧିକାରୀ ନିରଞ୍ଜନ ମିଲ୍ଲିକ କୌଣସି ସୂତ୍ରରୁ ଖବରପାଇ ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ଗୀତିକବି ବାମଦେବ ସ୍ୱାଇଁଙ୍କ ୬୯ତମ ଜୟନ୍ତୀ

ବାଲିଆ,୨୫।୮(ସ୍ୱ.ପ୍ର.):ବିରିଡି ବ୍ଲକ କମାଶାସନ (ବଗୁଲା)ସ୍ଥିତ ବାସଭବନରେ ନିର୍ଦ୍ଦେଶକ ଓ ବିଶିଷ୍ଟ କଳାକାର ତଥା ଗୀତିକବି ବାମଦେବ ସ୍ୱାଇଁଙ୍କ ୬୯ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବିଜୟ କୁମାର ମିଶ୍ର ଅଧକ୍ଷତା କରିଥିଲେ। ଏଥିରେ ଆଇଟିଆଇର ନିର୍ଦ୍ଦେଶକ ଡ. ତୋଫାନ ଜେନା, ଆଷାଢ଼ ସାହିତ୍ୟ ସଂସଦର ସଭାପତି କବି ପୀତାମ୍ବର ମହାପାତ୍ର, ସମ୍ପାଦିକା କୁନ୍ତଳା ମହାପାତ୍ର, କବି ଦିଗମ୍ବର ସ୍ୱାଇଁ, ଗଗନ ବିହାରୀ ମହାନ୍ତି, ଭାସ୍କର ନାୟକ ପ୍ରମୁଖ ଯୋଗଦେଇଥିଲେ। ଗୀତିକବି ସ୍ୱାଇଁଙ୍କ ଜନ୍ମଦିନ ପାଳନ ପରିପ୍ରେକ୍ଷୀରେ କବିତା ପାଠ କରାଯାଇଥିଲା। ଡ. ଜେନାଙ୍କ ଦ୍ୱାରା ଭାଇ ତମେ ନିଆରା ମଣିଷ, ପୀତାମ୍ବର ମହାପାତ୍ର ଓ ସ୍ୱରୂପ ରଞ୍ଜନ ସ୍ୱାଇଁଙ୍କ ଦ୍ୱାରା ଅଫିସ ଜେଜେ ମୋର, ଦିଗମ୍ବର ସ୍ୱାଇଁଙ୍କ ଶାନ୍ତିର କପୋତ କବିତା ବେସ ମନଛୁଆଁ ହୋଇଥିଲା। ପରିବାର ସଦସ୍ୟମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ୨୬୯ ଭିନ୍ନକ୍ଷମ ଚିହ୍ନଟ

ବାଲିକୁଦା,୨୫।(ସ୍ୱ.ପ୍ର.):ଆମ୍ବଶାଳ ହାଇସ୍କୁଲ ପଡ଼ିଆରେ ଭୀମ ଭୋଇ ଭୀନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ବିଭିନ୍ନ ଅଞ୍ଚଳରୁ ମୋଟ ୩୨୨ ଭୀନ୍ନକ୍ଷମ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୬୯ ଜଣଙ୍କୁ ଚିହ୍ନଟ କରାଯାଇ ଅନ୍‌ଲାଇନ ଯୋଗେ ପ୍ରମାଣପତ୍ର ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ଉପାଧକ୍ଷା ପ୍ରିୟମ୍ବଦା ପଲାଉର, ପିଡି ରୁଦ୍ରନାରାୟଣ ଦାସ, ତହସିଲଦାର ଅଂଶୁମାନ ଶତପଥୀ, ବିଡିଓ ଡ. ଜିତେନ୍ଦ୍ର ନାୟକ, ଜିଲାପରିଷଦ ସଦସ୍ୟ ଜଟାଧାରୀ ଦାସ, ରୁନିଲତା ବେହେରା, ଡଲି ପଣ୍ଡା ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଜିପିଇଓ ଗଦାଧର ସାହୁ, ସାମାଜିକ ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ, ସୁବାସ ଦାଶ ଓ କାର୍ତ୍ତିକ ବିଶ୍ୱାଳ, ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ନ ନେବାରୁ ବସ୍ ଅଟକ

ପାରାଦୀପ,୨୫।୮(ସ୍ୱ.ପ୍ର.)



ଉଦୟବଟର ପିଲାଙ୍କୁ ବସ୍ ନେଉ ନ ଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅଟକାଇଛନ୍ତି।

ପାରାଦୀପର ଦୋଛକିଠାରେ ଗୁରୁବାର ସକାଳେ ଏକ ସ୍କୁଲ ବସ୍‌କୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅଟକାଇଥିଲେ। କାରଣ ଉକ୍ତ ସ୍କୁଲ ବସ୍‌ରେ ଯାଉଥିବା ପିଲାମାନେ ଭଡା ବାବଦକୁ ଟଙ୍କା ଦେଇ ପାରି ନ ଥିଲେ। ଫଳରେ ବସ୍‌ଟି ପାରାଦୀପ ପୌରାଞ୍ଚଳର ୪ନଂ. ୱାର୍ଡ ଉଦୟବଟ ବସ୍ତିର ପ୍ରାୟ ୩୦ ଜଣ ଛାତ୍ରୀଛାତ୍ରଙ୍କୁ ନେଉ ନ ଥିବା ଅଭିଯୋଗ କରି ଉକ୍ତ ବସ୍‌କୁ ଅଟକା ଯାଇଥିବା ସୂଚନା ମିଳିଛି। ଖବରପାଇ ପାରାଦୀପ ଲକ୍‌ଥାନା ଓ ଆଦର୍ଶ ଥାନା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ପିଲା ଓ ଲୋକଙ୍କୁ ଉଠାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଛି। ଏହି ଧାରଣା ଦେବା ପ୍ରସଙ୍ଗରେ ଛାତ୍ରୀ କାଜଲ ମଣ୍ଡଳ କୁହନ୍ତି, ଆମ ବସ୍ତିର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସ୍କୁଲ୍ ବସ୍‌ରେ ପାରାଦୀପ ଟାଉନଶିପ ଭିତରେ ଥିବା ଏନ୍‌ଏସି ହାଇସ୍କୁଲ, ବାଳିକା ଉଚ୍ଚ ବିଦ୍ୟାଳୟ, ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ଯାଇଥାନ୍ତି। ମାତ୍ର ଏବେ ସେଥିରେ ମାତ୍ର ଅଧା ପିଲା ଯାଉଛନ୍ତି। ଆମକୁ ନେଉ ନ ଥିବାରୁ ଆମେ ବସକୁ ଅଟକାଇ ଥିଲୁ।

ସୂଚନାଯୋଗ୍ୟ, ଦୀର୍ଘ ଦୁଇ ବର୍ଷ ପରେ ଚଳିତ ବର୍ଷ ଫେବୃୟାରୀରୁ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଦୁଇଟି ବସ୍ ସ୍କୁଲ ପିଲାଙ୍କ ପାଇଁ ଚଳାଚଳ

## ଘଣ୍ଟାଏ ପର୍ଯ୍ୟନ୍ତ ଦୋଛକିରେ ଗାଡ଼ି ଅଟକିଲା

କରୁଛି। ଗୋଟିଏ ନେହେରୁ ବଙ୍ଗଳା ଓ ଅନ୍ୟଟି ଉଦୟବଟଠାରୁ ଯାତାୟାତ କରୁଛି। ସେଥିରେ ଯେଉଁ ପିଲାମାନେ ଯାତାୟାତ କରିଥାନ୍ତି ସେମାନଙ୍କୁ ମାସିକ ୨୦୦ ଟଙ୍କା ଓ ବାର୍ଷିକ ୨୩୦୦ ଟଙ୍କା ଦେବାକୁ ପଡିଥାଏ। ଉକ୍ତ ଟଙ୍କା ସ୍କୁଲ ଆଦାୟ କରି ବନ୍ଦର ପ୍ରଶାସନ ନିକଟରେ ଜମା କରନ୍ତି। କରୋନା କଟକଣା ପରେ ବସ ଚଳାଚଳ ପୁନର୍ବାର ଆରମ୍ଭ ହୋଇଥିଲା। ମାତ୍ର ପ୍ରଥମ ଦୁଇ ମାସରେ ବସ୍‌ରେ ଅଧିକ ପିଲା ଯାତାୟାତ କରିବାରୁ ଆରଟିଓ ଯାଞ୍ଚ କରି ବସ୍ ମାଲିକଙ୍କ ଉପରେ ଜରିମାନା ଲଗେଇ ଥିଲେ। ଏହାପରେ ବସ ମାଲିକ ଧାର୍ଯ୍ୟ ସିଟ ଅନୁସାରେ ପିଲାଙ୍କୁ ନେବା ଆଣିବା କରିଥିଲା। ଫଳରେ ବହୁ ପିଲା ବସ୍ ସେବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ଜୁନରେ ବିବାଦ ହେବାରୁ ବନ୍ଦର ପ୍ରଶାସନ ଜୁଲାଇ ୭ରେ ସମସ୍ତ ସ୍କୁଲ ପ୍ରଧାନଶିକ୍ଷକଙ୍କୁ ଚିଠି ଲେଖିଥିଲେ ଯେ, ବସ୍‌ରେ କେତେ ପିଲା ଯିବେ ସେମାନଙ୍କ ତାଲିକା ଓ ଅର୍ଥ ଜୁଲାଇ ୧୫ ତାରିଖ ମଧ୍ୟରେ ଜମା କର। ଏହାପରେ ଧାର୍ଯ୍ୟ ସମୟରେ ସବୁ ସ୍କୁଲ ନୋଟିସ ଜରିଆରେ ପିଲା ଓ ସେମାନଙ୍କ ଅଭିଭାବକଙ୍କୁ ଅବଗତ କରାଇଥିଲେ। ଏହି କ୍ରମରେ ୨୬୦ ଜଣ ପିଲାଙ୍କ ଜମା ରାଶି ଆସିବା ପରେ ସେହି ହିସାବରେ ବସ ଚଳାଚଳ କରୁଥିଲା। ମାତ୍ର ଜୁଲାଇ ୧୫ ପରେ ଯେଉଁ ଅର୍ଥ ଆସିଲା ତାକୁ ବନ୍ଦର ପ୍ରଶାସନ ଗ୍ରହଣ କଲେନାହିଁ। ଯଦ୍ୱାରା କେତେଜଣ ପିଲା ବସ ସେବାରୁ ବଞ୍ଚିତ ହୋଇଥିଲେ। ଏହାକୁ ବିରୋଧ କରି ଛାତ୍ରୀଛାତ୍ର ଓ ଅଭିଭାବକମାନେ ବସ୍ ଅଟକାଇ ପ୍ରତିବାଦ କରାଯାଇଥିଲା ବୋଲି ସ୍ଥାନୀୟ କାଉନ୍‌ସିଲର କେଦାର ଜେନା କହିଛନ୍ତି। ଏ ସମ୍ପର୍କରେ ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି, ଏଥିରେ ଆମର କିଛି କରିବାର ନାହିଁ। ଅଧିକ ବସ୍ ଦରକାର ହେଲେ ସେମାନେ ପୌର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରନ୍ତୁ।

# ବାଲିରେ ପୋତିହୋଇ ନାବାଳକ ମୃତ

ପାରାଦୀପ,୨୫।୮(ସ୍ୱ.ପ୍ର)

ପାରାଦୀପର ପ୍ରସ୍ତାବିତ ଏନ୍‌ଆରଏଲ (ନୁମାଲିଗଡ ରିଫାଇନାରୀ ଲିମିଟେଡ)ପ୍ରକଳ୍ପ ଅଞ୍ଚଳରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ପ୍ରକଳ୍ପ ଅଞ୍ଚଳ ପାଇଁ ବୋଝେଇ ହୋଇଥିବା ବାଲିରେ ପୋତି ହୋଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଷଣ୍ଢକୁଦ ବସ୍ତିର ମୁନା ମଲ୍ଲିକଙ୍କ ପୁତ୍ର ଶୁଭମ୍ ମଲ୍ଲିକ(୧୦)। ଏହି ଘଟଣା ପ୍ରଚାରିତ ହେବାପରେ ବସ୍ତିରେ କମ୍ପାନୀ ବିରୋଧରେ ପ୍ରତିବାଦ ଆରମ୍ଭ ହୋଇଯାଇଛି। ଘଟଣାସ୍ଥଳରେ ଜଟାଧାରମୁହାଁଣ ସାମୁଦ୍ରିକ ଥାନା ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛି।

ଏନଆର୍‌ଏଲ ପାରାଦୀପ ବନ୍ଦରଠାରୁ ୨୩୪ ଏକର ଜାଗା ଲିଜ୍‌ରେ ନେଇ ରିଫାଇନେରୀ ପାଇଁ ଟାଙ୍କି ତିଆରି କରିବାର ପ୍ରସ୍ତାବ ରହିଛି। ଏନେଇ ପାରାଦୀପରୁ ଆସାମସ୍ଥିତ ଏନଆରଏଲ କମ୍ପାନୀ ପର୍ଯ୍ୟନ୍ତ ମାଟିତଳେ ପାଇପ୍ ଲାଇନ ନିର୍ମାଣ ଚାଲିଛି। ଉକ୍ତ ପ୍ରକଳ୍ପ ଅଞ୍ଚଳକୁ ଭରଣା କରିବା ପାଇଁ ବାଲି ବୋଝେଇ କରାଯାଉଛି। ସେହି ବାଲି ଉପରେ

## ଷଣ୍ଢକୁଦରେ ଉତ୍ତେଜନା

ଗୁରୁବାର ସକାଳେ ଶୁଭମ୍ ତାଙ୍କ ଜଣେ ସାଙ୍ଗ ଖେଳୁଥିଲେ। ବାଲି ବୋଝେଇସ୍ଥଳର ଶେଷାର୍ଦ୍ଧରେ ଥିବା ପାଣି ପାଖରେ ସେମାନେ ଖେଳିବାବେଳେ ବାଲି ଖସି ଯିବାରୁ ଶୁଭମ୍ ସେଥିରେ ପୋତି ହୋଇ ଯାଇଥିଲେ। ସାଙ୍ଗରେ ଥିବା ନାବାଳକ ଏହା ଦେଖି ଡରିଯିବା ସହ ଘରକୁ ପଳାଇ ଯାଇଥିଲେ। ଶୁଭମ୍‌ଙ୍କୁ ଘରଲୋକେ ଖୋଜି ଖୋଜି କରି ନ ପାଇବାରୁ ତାଙ୍କ ସାଙ୍ଗକୁ ପଚାରିବାରେ ସେ ଘଟଣା ସମ୍ପର୍କରେ କହିଥିଲେ। ପରେ ସ୍ଥାନୀୟ ଲୋକେ ସେଠରେ ପହଞ୍ଚି ବାଲି ଭିତରୁ ଶୁଭମ୍‌ଙ୍କୁ ଉଦ୍ଧାର କରି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଏନ୍‌ଆରଏଲ୍ କମ୍ପାନୀ ମ୍ୟାନେଜର ବିକାଶ ଦାସ କହିଛନ୍ତି, ଏଥିରେ କମ୍ପାନୀର କୌଣସି ଭୁଲ୍ ନାହିଁ। ଏହା ଏକ ଖୋଲା ଜାଗା । ପିଲାମାନେ ଖେଳିବାକୁ ଯାଇ ଏଭଳି ଦୁର୍ଘଟଣାର ଶୀକାର ହୋଇଥିବାରୁ ସେ ଦୁଃଖୀତ।

# ବିଶ୍ୱ ବନ୍ଧୁତ୍ୱ ଦିବସ ପାଳିତ

ପାରାଦୀପ,୨୫।୮(ସ୍ୱ.ପ୍ର.)

ପାରଦୀପ ମଧୁବନସ୍ଥ ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ଗୁରୁବାର ବିଶ୍ୱ ବନ୍ଧୁତ୍ୱ ଦିବସ ପାଳିତ ହୋଇଯାଇଛି। ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ସର୍ବୋଚ୍ଚ ସଞ୍ଚାଳକ ଦାଦୀ ପ୍ରକାଶମଣିଙ୍କ ସ୍ମୃତି ଦିବସକୁ ଏହି ଆଧ୍ୟାତ୍ମିକ ଅନୁଷ୍ଠାନ ବିଶ୍ୱ ବନ୍ଧୁତ୍ୱ ଦିବସ ଭାବେ ପାଳନ କରୁଛି। ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଉପାଧକ୍ଷା ଛବିଲତା ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ତହସିଲ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା


ତହସିଲ ସୁପରଭାଇଜର ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

ରଘୁନାଥପୁର, ୨୫।୮(ଡି.ଏନ.ଏ.)

ଗତ ଅଦିନିଆ ବର୍ଷାରେ ରାଢ଼ଙ୍ଗ ପଞ୍ଚାୟତରେ ବ୍ୟାପକ ଫସଲ କ୍ଷତି ହୋଇଥିଲା। କ୍ଷତିପୂରଣ ପାଇବାରୁ ବଞ୍ଚିତ ଚାଷୀ ସହାୟତା ଓ ସମ୍ପୂର୍ଣ୍ଣ ତାଲିକା ଜାଣିବା ନିମନ୍ତେ ପୂର୍ବ ସୂଚନା ମୁତାବକ ଗୁରୁବାର ତହସିଲ କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିଲେ। ମାତ୍ର କୌଣସି ସୂଚନା ନ ଦେଇ ତହସିଲଦାର ଅନ୍ୟତ୍ର ଚାଲିଯାଇଥିଲେ। ଏହାର ପ୍ରତିବାଦରେ ୫୦ରୁ ଉର୍ଦ୍ଧ୍ୱ ଚାଷୀ ସେଠାରେ ଧାରଣାରେ ବସିଥିଲେ। ତହସିଲଦାର ନ ଆସିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଉଠିବେ ନାହିଁ ବୋଲି ଜିଦ ଧରିଥିଲେ।

ଗତ ୧୭ ତାରିଖରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଓ ସମ୍ପୂର୍ଣ୍ଣ ତାଲିକା ପ୍ରଦାନ, ଜଳ ନିଷ୍କାସନ ଓ ଜଳସେଚନ

## ଆଲୋଚନା ପାଇଁ ଡାକି ମିଟିଂରେ ଚାଲିଯିବାରୁ ପ୍ରତିବାଦ

ସମସ୍ୟା ନେଇ ରାଢ଼ଙ୍ଗର ଚାଷୀମାନେ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତହସିଲଦାର ରୂପାଲିକା ଦାଶ ୨୫ ତାରିଖରେ ଏ ସମ୍ପର୍କରେ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ।ଏନେଇ ଚାଷୀ ଏକତ୍ରିତ ହୋଇଥିବାବେଳେ ତହସିଲଦାର ଦାଶ ଏକ ଜରୁରୀ ମିଟିଂରେ ଅନ୍ୟତ୍ର ଚାଲିଯାଇଥିଲେ। ଏନେଇ ଚାଷୀମାନେ ପ୍ରତିବାଦ କରିଥିଲେ। ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ କର୍ମକର୍ତ୍ତା ଦେବୀପ୍ରସାଦ ମହାରଣା ଓ ରଶ୍ମିରଞ୍ଜନ ସ୍ୱାଇଁ ଏହାକୁ ଚାଷୀଙ୍କ ପ୍ରତି ଉପହାସ ବୋଲି କହିଥିଲେ। ତହସିଲଦାର ତାଙ୍କ ମିଟିଂ ସମ୍ପର୍କରେ ପୂର୍ବରୁ କାହିଁକି ସୂଚନା ଦେଲେ ନାହିଁ ବୋଲି ସେମାନେ ପ୍ରଶ୍ନ କରିଥିଲେ। ତହସିଲର ସୁପ୍ରଭାଇଜର ସୁଦାମ ଚରଣ ଗୁରୁ ଓ ପୋଲିସ ଏସ୍‌ଆଇ ଗୟାସ ମହମ୍ମଦ ଧାରଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ଦୀର୍ଘ ୪ ଘଣ୍ଟା ପରେ ତହସିଲଦାର ଦାଶ ଫୋନ ଯୋଗେ ଜରୁରୀ ମିଟିଂ ଯୋଗୁଁ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା କହି ଦୁଃଖ ପ୍ରକାଶ କରିଥିଲେ। ଆସନ୍ତା ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଡ୍ରେଜିଂ କମ୍ପାନୀର ପାଇପ ଚୋରି ଘଟଣାରେ ୩ ଗିରଫ

ପାରାଦୀପ ୨୫।୮(ସ୍ୱ.ପ୍ର.):

ପାରାଦୀପଠାରେ ଡ୍ରେଜିଂ କର୍ପୋରେଶନ ଅଫ ଇଣ୍ଡିଆ (ଡିସିଆଇ)ର ମୂଲ୍ୟବାନ ୫ ଟି ପାଇପ ଚୋରି ଘଟଣାରେ ଜଟାଧାର ମୁହାଁଣ ସାମୁଦ୍ରିକ ଥାନା ପୋଲିସ ଗୁରୁବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ନଂ. ୨୭/୨୨ରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଷଣ୍ଢକୁଦ ଓ ବଡପଡିଆ ଅଞ୍ଚଳର ଶିବ ପ୍ରସାଦ ସାହୁ, ସତ୍ୟଜିତ ଶୁକ୍ଳା ଓ ନିହାର ରଞ୍ଜନ ବିଶ୍ୱାଳ। ଏହି ୩ ଜଣଙ୍କ ବ୍ୟତୀତ ଆଉ କେତେଜଣ ଅଭିଯୁକ୍ତ ସାମିଲ ଅଛନ୍ତି ବୋଲି ଥାନାଧିକାରୀ ଦୁର୍ଯ୍ୟୋଧନ ମହାପାତ୍ର କହିଛନ୍ତି। ଅଭିଯୁକ୍ତ ଗିରଫ ହୋଇଥିଲେ ହେଁ ଚୋରି ପାଇପ ଜବତ କରିବାରେ ପୋଲିସ ବିଫଳ ହୋଇଛି। ଏହି ୩ ଅଭିଯୁକ୍ତ ପାରାଦୀପର ନାମକରା ପରିବାର ଲୋକ ବୋଲି ଜଣାପଡିଛି। ଗତ ୧୨ ତାରିଖ ରାତିରେ ଏହି ପାଇପଗୁଡିକୁ ଭାରୀଯାନ ଓ ଲୋଡର ସାହାଯ୍ୟରେ ଚୋରି ହୋଇଥିଲା ବୋଲି ଡିସିଆଇ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ୧୨ ମିଟର ଲମ୍ବ ଓ ୩ ଫୁଟ ଗୋଲେଇ ବିଶିଷ୍ଟ ଏହି ବିଶାଳ ପାଇପଗୁଡିକ ସମୁଦ୍ର ବାଲି ଖନନ କାମରେ ବ୍ୟବହାର ହୋଇଥାଏ। ଉକ୍ତ ପାଇପ ଷଣ୍ଢକୁଦ ବସ୍ତି ପାଖ ରାସ୍ତା କଡରେ ରଖାଯାଇଥିଲା। ଯାହାକୁ କେତେଜଣ ଉପରୋକ୍ତ ଅଭିଯୁକ୍ତମାନେ ଚୋରି କରିଥିଲେ। ଏହି ଘଟଣାକୁ ରଫାଦଫା କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ବିଶେଷ ସୂତ୍ରରୁ ଜଣାପଡିଛି।

# ଖେଲୋ ଇଣ୍ଡିଆ ଟିମ୍‌ରେ ପାରାଦୀପରୁ ୨ ଛାତ୍ରୀ

ପାରାଦୀପ,୨୫।୮(ସ୍ୱ.ପ୍ର.)



ଆସାମର ଗୁଆହାଟିରେ ଅଗଷ୍ଟ ୨୭ରୁ ୩୧ ପର୍ଯ୍ୟନ୍ତ ୫ ଦିନ ଧରି ଖେଲୋ ଇଣ୍ଡିଆ କ୍ରୀଡ଼ା ଅନୁଷ୍ଠିତ ହେବ। ସ୍ପୋର୍ଟସ ଅଥରିଟି ଇଣ୍ଡିଆ ପକ୍ଷରୁ ଆୟୋଜିତ ଏହି କ୍ରୀଡାରେ ପାରାଦୀପର ଦୁଇଜଣ ଛାତ୍ରୀଙ୍କ ସମେତ ଜଗତ୍‌ସିଂହପୁର ଜିଲାରୁ ମୋଟ୍ ୭ ଜଣ ଉଭୟ ସିନିୟର ଏବଂ ଜୁନିୟର ବିଭାଗରେ ଭାଗ ନେବେ ବୋଲି ଜଣାପଡିଛି। ପାରାଦୀପର ୨ ଛାତ୍ରୀ ହେଲେ ଅଠରବାଙ୍କୀ ମା’ଅମ୍ବିକା ହାଇସ୍କୁଲର ଲକ୍ଷ୍ମୀ ବର୍ମନ ଓ ଲିଜା ବର୍ମନ। ସୂଚନାଯୋଗ୍ୟ, ସ୍ପୋର୍ଟସ ଅଥରିଟି ଇଣ୍ଡିଆ ପକ୍ଷରୁ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ୨୭ ରୁ ୩୧ ପର୍ଯ୍ୟନ୍ତ ୫ ଦିନ ଧରି ଗୋଆହାଟିରେ ହେବ। ଏଥିରେ ଜୁନିୟର ସିନିୟର ବିଭାଗରେ ଜିଲାର ୭ ଜଣ ମନୋନୀତ ହୋଇଛନ୍ତି। ପାରାଦୀପର ଲିଜା ଓ ଲକ୍ଷ୍ମୀ ଜୁନିୟର ଜୁଡୋରେ ଭାଗ ନେବେ ବୋଲି କୋଚ ଲୋପାମୁଦ୍ରା ପତି ସୂଚନା ଦେଇଛନ୍ତି। ଏହି ଦୁଇ ଛାତ୍ରୀଙ୍କୁ ଗୁରୁବାର ସ୍କୁଲ ପରିସରରେ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଓ ଅନ୍ୟ ପିଲାମାନେ ସ୍ୱାଗତ ଜଣାଇ ଶୁଭେଚ୍ଛା କାମନା କରିଛନ୍ତି ବୋଲି ପ୍ରଧାନ ଶିକ୍ଷକ ଭ୍ରମରବର ପ୍ରଧାନ କହିଛନ୍ତି।

# ଦୁର୍ବୃତ୍ତଙ୍କ ଗୁଳିରେ ଯୁବକ ଗୁରୁତର

ରଘୁନାଥପୁର,୨୫।୮(ଡି.ଏନ୍.ଏ)

ରଘୁନାଥପୁର ଥାନା ଅନ୍ତର୍ଗତ କଟକ ପାରାଦୀପ ରାସ୍ତାର ତାରପୁର ବାଇପାସଠାରୁ ୨୦୦ ମିଟର ଦୂରରେ ଗୁରୁବାର ରାତିରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ରଘୁନାଥପୁର ଓ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସେ ହେଲେ କିଶନ ନଗର ଥାନା ମଣିଜଙ୍ଗା ଅଞ୍ଚଳର ଜିତେନ୍ଦ୍ର ଖୁଣ୍ଟିଆ। ସେ କୁର୍ଦ୍ଦାଙ୍ଗସ୍ଥିତ ଏକ ଫ୍ୟାକ୍ଟ୍ରିରେ କାମ ସାରି ନିଜ ଘରକୁ ଫେରୁଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ଜିତେନ୍ଦ୍ରଙ୍କ ଉପରକୁ ତିନି ରାଉଣ୍ଡ ଗୁଳି କରି ଫେରାର ହୋଇଯାଇଥିଲେ। ସେଥିରୁ ଗୋଟିଏ ଗୁଳି ତାଙ୍କ ଡାହାଣ ପଟ ଜଂଘରେ ଲାଗିଥିବା ବେଳେ ଅନ୍ୟଟି ବାଇକ ଟାଙ୍କିରେ ଏବଂ ଆଉ ଗୋଟିଏ ଗୁଳି ରାସ୍ତାରେ ବାଜିଥିଲା। ରିପୋର୍ଟ ଲେଖା ହେବା ବେଳକୁ ପୋଲିସରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଗୁଳିକାଣ୍ଡର କାରଣ ଜଣାପଡ଼ିନାହିଁ।

# ଜାତୀୟ ରାଜପଥ ସମ୍ପର୍କିତ ଜନଶୁଣାଣି


ଜନଶୁଣାଣିରେ ଯୋଗଦେଇଥିବା ଅଧିକାରୀମାନେ।

ନାଉଗାଁ,୨୫।୮(ସ୍ୱ.ପ୍ର)

ନାଉଗାଁ ତହସିଲ ଦେଇ ଯାଉଥିବା ଜାତୀୟ ରାଜପଥ ପାଇଁ ଗୁରୁବାର ତହସିଲ କାର୍ଯ୍ୟାଳୟରେ ଜନଶୁଣାଣି ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ତହସିଲଦାର ଜେ.କଳ୍ପନାଙ୍କ ସମେତ ଜାତୀୟ ରାଜପଥର ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ। ଏହି ତହସିଲ ଅନ୍ତର୍ଗତ ଡାବର, କୋରୁଅ, ଧୂଆଁପଦା, ଡିହ ତେଲସରା ଏବଂ ଓଷକଣା ଆଦି ଗ୍ରାମ ଦେଇ ଏହି ଜାତୀୟ ରାଜପଥ ଯାଉଥିବା ବେଳେ ସ୍ଥାନୀୟ ଲୋକମାନଙ୍କ ପକ୍ଷରୁ ଥିବା ଅଭିଯୋଗ ସମ୍ପର୍କରେ ଜନଶୁଣାଣି ହୋଇଥିଲା। ଏହି ଜନଶୁଣାଣିରେ ବିଭିନ୍ନ ଗ୍ରାମରୁ ୭୦ ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏନେଇ ପଦକ୍ଷେପ ନିଆଯିବ ବୋଲି ଆଲୋଚନା ହୋଇଥିଲା।

# ଶିକ୍ଷାନୁଷ୍ଠାନ ନିକଟରେ ନିଶା କାରବାର

ଜଗତ୍‌ସିଂହପୁର ଅଫିସ, ୨୫।୮

ଶିକ୍ଷାନୁଷ୍ଠାନର ୧୦୦ ମିଟର ଭିତରେ ତମାଖୁ, ସିଗାରେଟ୍ ଆଦି ନିଶା କାରବାର ଉପରେ ସରକାରୀ କଟକଣା ରହିଛି। କିନ୍ତୁ ଜଗତ୍‌ସିଂହପୁର ଜିଲାରେ ଏଥିରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ଅନେକ ଶିକ୍ଷାନୁଷ୍ଠାନ ନିକଟରେ ଖୁଲମଖୁଲା ଏହି କାରବାର ଚାଲିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି। ଅନ୍ୟପଟେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଉପରଠାଉରିଆ ଭାବେ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଚାଲିଛି। ଏନେଇ ବିଭିନ୍ନ ସମୟରେ ଅସନ୍ତୋଷ ପ୍ରକାଶ ପାଉଛି।

ଜିଲା ମୁଖ୍ୟାଳୟରେ ଥିବା କିଛି ଶିକ୍ଷାନୁଷ୍ଠାନର ୧୦୦ ମିଟର ଭିତରେ ଗୁଟ୍‌ଖା, ସିଗାରେଟ୍ ଆଦି ବିକ୍ରି ହେଉଛି। ଏପରି କି ଚୋରା ମାଦକଦ୍ରବ୍ୟ ବିକ୍ରି ଚାଲିଛି। ଅସାମାଜିକ ଯୁବକମାନେ ସେଠାରେ ଆଡ୍ଡା ଜମାଉଛନ୍ତି। କିନ୍ତୁ ଉକ୍ତ ଦୋକାନଗୁଡ଼ିକରେ ଚଢାଉ କରାଯାଉନାହିଁ। ବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବା କିଛି ଛାତ୍ର ଏସବୁ ଦୋକାନରୁ ଗୁଟ୍‌ଖା, ସିଗାରେଟ୍ ଆଦି ଖୁଲମଖୁଲା କିଣି ସେବନ କରୁଥିବାର ନଜିର ରହିଛିକିଛି ଦିନ ପୂର୍ବରୁ ଏକାଧିକ ଛାତ୍ର ବିଦ୍ୟାଳୟରୁ କୌଣସିମତେ ଆସି ଜଗତ୍‌ସିଂହପୁର ଆର୍‌ଏମ୍‌ସି କାର୍ଯ୍ୟାଳୟ ପରିସର ନିରୋଳା ସ୍ଥାନରେ ବ୍ରାଉନସୁଗାର ସେବନ କରୁଥିବା କେତେଜଣ ଲୋକଙ୍କ ନଜରକୁ ଆସିଥିଲ। ଏହା ଦେଖି ଲୋକମାନେ ସମ୍ପୃକ୍ତ ନାବାଳକମାନଙ୍କୁ ଅଟକାଇ ସେମାନଙ୍କ ଅଭିଭାବକ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଖବର କରିବେ ବୋଲି ଚେତାବନୀ ଦେଇଥିଲେ। ପିଲାମାନେ କାକୁତି ମିନତି ହେବାରୁ ସେମାନଙ୍କୁ ଛାଡି ଦିଆଯାଇଥିଲାଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ନିରୋଳା ସ୍ଥାନରେ ପ୍ରତ୍ୟହ

## ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପ୍ରହସନ ପାଲଟିଛି

ଏକାଧିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ସିଗାରେଟ୍, ଗୁଟ୍‌ଖା ଆଦି ସେବନ କରୁଥିବା ସାଧାରଣ କଥାରେ ପରିଣତ ହୋଇଗଲାଣି । ୨ ଦିନ ପୂର୍ବରୁ ଜଣେ ଛାତ୍ରୀ ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ବାହାରେ ଥିବା ପାନ ଦୋକାନରୁ ଗୁଟ୍‌ଖା ଓ ସିଗାରେଟ୍ ନେଲାବେଳେ ସେଠାରେ ଉପସ୍ଥିତ ଲୋକେ ବିସ୍ମିତ ହୋଇ ଯାଇଥିଲେ । ପରେ ଅନୁସନ୍ଧାନରୁ ଜଣାଯାଇଛି ସେ ଜଣେ ନୁହନ୍ତି ତାଙ୍କ ଭଳି ଅନେକ ଛାତ୍ରୀଛାତ୍ର ପ୍ରତିଦିନ ଗୁଟ୍‌ଖା, ସିଗାରେଟ୍ ସେବନ କରୁଛନ୍ତି। ଆଗକୁ ଏହି ପରିସ୍ଥିତି ଅଧିକ ବିଗିଡିବା ସମ୍ଭାବନା ରହିଛି। ତେଣୁ ଜିଲା ସ୍ୱାସ୍ଥ୍ୟ ସମିତି, ପୋଲିସ ଓ ଅଭିଭାବକମାନେ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଲେ ଦେଶର ଭବିଷ୍ୟତ କୁହାଯାଉଥିବା ପିଲାଙ୍କୁ ନିଶା କବଳରୁ ରକ୍ଷା କରାଯାଇପାରିବ ବୋଲି ସ୍ଥାନୀୟ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ମତବ୍ୟକ୍ତକରିଛନ୍ତି। ଅନ୍ୟପଟେ ଜିଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଜିଲାସ୍ତରୀୟ ଜାତୀୟ ତମାଖୁ ନିୟନ୍ତ୍ରଣ ଓ ରାଷ୍ଟ୍ରୀୟ ନେତ୍ର ଜ୍ୟୋତି ଅଭିଯାନ ସମ୍ପର୍କିତ କାର୍ଯ୍ୟକ୍ରମ ଜିଲାପାଳ ପ୍ରାରୁଲ ପଟାୱରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀମାନେ ଅଧିକ ଦାୟିତ୍ୱବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ବିଦ୍ୟାଳୟଗୁଡିକର ୧୦୦ମିଟର ଭିତରେ ଯେପରି କୌଣସି ସ୍ଥାନରେ ଗୁଟ୍‌ଖା ବିକ୍ରୟ ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ପଡିବ ବୋଲି କୁହାଯାଇଥିଲା। ଏନେଇ କଲେଜ ପିଲାମାନଙ୍କୁ ସଚେତନ କରିବାକୁ ଆଲୋଚନା ହୋଇଥିଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ପୌର ପରିଷଦ ଦାୟିତ୍ୱବାନ ହେବା ଆବଶ୍ୟକ ବୋଲି କୁହାଯାଇଥିଲା। ମାତ୍ର ଏସବୁ କେବଳ ପହସନ ପାଲଟିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ସିଡିଏମ୍‌ଓ ଡ.କ୍ଷେତ୍ରବାସୀ ଦାଶ କହିଛନ୍ତି, ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟରେ ତମ୍ବାଖୁ ବିକ୍ରି ହେଉଥିବା ସୂଚନା ପାଇ ଅନେକ ସମୟରେଚଢ଼ାଉକରାଯାଉଛି।ନିକଟରେ ଏକାଧିକ ସ୍ଥାନରେ ଚଢ଼ାଉ କରାଯାଇ ପାଖାପାଖି ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ନିଶା କାରବାର ଦିନକୁ ଦିନ ବଢ଼ି ଚାଲିଥିବାରୁ ରାତାରାତି ଏହାକୁ ନିୟନ୍ତ୍ରଣ କରିବା ସମ୍ଭବ ନୁହେଁ। ଏନେଇ ଅଭିଯାନ ବଳବତ୍ତର ରହିବ।

# ଜିଲାର ରୁଗ୍ଣ ହେଲାଣି ସ୍ୱାସ୍ଥ୍ୟସେବା

**କେନ୍ଦ୍ରାପଡ଼ା ଅଫିସ, ୨୫।୮**

କେନ୍ଦ୍ରାପଡ଼ା ଜିଲାରେ ସ୍ୱାସ୍ଥ୍ୟସେବା ରୁଗ୍ଣ ହେବାରେ ଲାଗିଛି ବୋଲି ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ସନ୍ଧ୍ୟା ହେଲେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ୍ସ-ରେ, ଇସିଜି, ଅଲଟ୍ରାସାଉଣ୍ଡ ଆଦି ଦରକାରୀ ପରୀକ୍ଷା ହେଉନାହିଁ। ବିଶେଷଜ୍ଞ ଡାକ୍ତର କଲ୍ ଆଟେଣ୍ଡ ନ କରିବା ରୋଗୀଙ୍କ ପାଇଁ ବିପଦ ସାଜୁଛି। ଜିଲାର ସ୍ୱାସ୍ଥ୍ୟସେବାକୁ ନେଇ ଏପରି ବିଚିତ୍ର ଅବସ୍ଥା ଥିବା ବେଳେ ଏହାର ସୁଯୋଗ ଗ୍ରାମାଞ୍ଚଳର କ୍ୱାକ୍‌ମାନେ ନେଉଛନ୍ତି। ଜିଲାର ଡେରାବିଶ ବ୍ଲକ ଛୋଟି ଗ୍ରାମର ରୁକ୍ମିଣୀ ପ୍ରଧାନଙ୍କ ଡାଇବେଟିସ ପାଇଁ ମୂତ୍ର ରୋଗ ହୋଇଛି। ଅନ୍ତନଳୀରେ ପାଇପ୍ ଲଗାଇବା ଜରୁରୀ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସମୟରେ ଡାକ୍ତରଙ୍କ ପରାମର୍ଶ ସତ୍ତ୍ୱେ ନର୍ସଙ୍କ ଅବହେଳା ଯୋଗୁ ପ୍ରାୟ ୧୨ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଲା ବୋଲି ସାହାଯ୍ୟ କରିବାକୁ ଆସିଥିବା ପଡ଼ୋଶୀ ନୀହାର ରଞ୍ଜନ ପ୍ରଧାନ କହିଛନ୍ତି। ସେହିପରି ମହାକାଳପଡ଼ା ବ୍ଲକ ବିଜୟନଗର ଗାଁର ଜଣେ ପ୍ରସୂତିଙ୍କ ପରିସ୍ଥିତି ଜଟିଳ ଅଛି ବୋଲି ତାଙ୍କୁ କଟକ ପଠାଯାଉଥିବା ପ୍ରଭାତ କୁମାର ଜେନା କହିଛନ୍ତି। ଏହି ଦୁଇଟି ଅଭିଯୋଗ ନୁହେଁ, ଏଭଳି ଅନେକ ଅବ୍ୟବସ୍ଥା ଜିଲାର ସ୍ୱାସ୍ଥ୍ୟସେବାକୁ ବିପର୍ଯ୍ୟସ୍ତ କରିପକାଇଥିବା ଚିତ୍ରକୁ ସ୍ପଷ୍ଟ କରୁଛି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କହିଛନ୍ତି, ୨୦୧୧ ଜନଗଣନା ଅନୁଯାୟୀ ଜିଲାର ଲୋକସଂଖ୍ୟା ସାଢ଼େ ୧୪ ଲକ୍ଷ ଥିବା ବେଳେ ଏବେ ଏହି ସଂଖ୍ୟା ୧୬ ଲକ୍ଷରୁ ଅଧିକ ହୋଇଛି। ଲକ୍ଷେ ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ଅନ୍ୟୂନ ୫୦ ଡାକ୍ତରଙ୍କ ଆବଶ୍ୟକତା ଥିବା ବେଳେ ମାତ୍ର ୫ ଡାକ୍ତର ଅଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ସହିତ ସିଏଚ୍‌ସି, ପିଏଚ୍‌ସି ଆଦିରେ ଡାକ୍ତର ରହୁନାହାନ୍ତି। ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର କେତେକ ସ୍ଥାନ ଫାର୍ମାସିଷ୍ଟ ଚଳାଇଛନ୍ତି। ଯେଉଁ ଡାକ୍ତରମାନେ ସହରାଞ୍ଚଳରେ ଅଛନ୍ତି, ସେମାନେ ବେସରକାରୀ ରୋଜଗାରକୁ ଗୁରୁତ୍ୱ ଦେଉଛନ୍ତି। ଏପରିକି ଆବଶ୍ୟକସ୍ଥଳେ ରୋଗୀଙ୍କୁ ଆଟେଣ୍ଡ କରିବାକୁ ବିଶେଷଜ୍ଞମାନେ ଆସୁନାହାନ୍ତି। ଫଳରେ ଅଧିକାଂଶ ରୋଗୀ କଟକ ବଡ଼ ମେଡିକାଲକୁ ରେଫର ହେଉଛନ୍ତି। ସାମାଜିକ କର୍ମୀ ସୁନୀଲ କୁମାର ଗନ୍ତାୟତ କହିଛନ୍ତି, ଜିଲାର ଉପାନ୍ତ ଅଞ୍ଚଳରେ କ୍ୱାକ୍‌ଙ୍କ ସଂଖ୍ୟା ବଢ଼ିଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ କର୍ମଚାରୀ ଅଭାବ ରହୁଛି। ଏହାବ୍ୟତୀତ ଗର୍ଭବତୀ ଓ ଶୀଘ୍ର ଚିକିତ୍ସା ପାଇଁ ଆବଶ୍ୟକ ରୋଗୀ ଉପାନ୍ତ ଅଞ୍ଚଳରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପାଇଁ ଗମନାଗମନ ପଥ ବାଧକ ସାଜିଛି। ଅଦ୍ୟାବଧି ଜିଲାର ୧୭ ପଞ୍ଚାୟତକୁ ସଡ଼କ ଯୋଗାଯୋଗ ପଥ ନାହିଁ। ଏହାର ସୁଯୋଗ କ୍ୱାକ୍ ନେଉଛନ୍ତି। ଖୋଲାଖୋଲି କ୍ୱାକ୍‌ମାନେ ଗ୍ରାମ ଓ ବଜାରରେ ପ୍ରକୋଷ୍ଠ ଖୋଲି ଚିକିତ୍ସା କରୁଛନ୍ତି। ଏଥିପାଇଁ ବହୁ ଜୀବନହାନି ହେଉଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ଏପରି ଠକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ପଟ୍ଟାମୁଣ୍ଡାଇର ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇଛନ୍ତି। ଚାହିଦା ଅନୁଯାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ସହ ପରୀକ୍ଷା ପାଇଁ ଯନ୍ତ୍ରପାତି ଯୋଗାଇ ଦେଉଛନ୍ତି। ତେବେ ଏହି ଯନ୍ତ୍ରପାତିର ଉପଯୋଗ ହେଉନାହିଁ। ଏପରିକି ସନ୍ଧ୍ୟା ହେଲେ ଏକ୍ସ-ରେ, ଅଲଟ୍ରାସାଉଣ୍ଡ, ଇସିଜି ଆଦି ପରୀକ୍ଷା ବନ୍ଦ ହେଉଛି। ଏ ନେଇ ବହୁବାର ଅଭିଯୋଗ ହେଉଛି। ରାତିରେ କୌଣସି ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଲେ ଡ୍ୟୁଟିରେ ଥିବା ଡାକ୍ତର ସିଧା କଟକ ବଡ଼ ମେଡିକାଲକୁ ରେଫର କରୁଛନ୍ତି। ଏହାସହ ନିରାମୟରେ ସମସ୍ତ ଔଷଧ ରଖାଯାଉନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ସ୍ୱାସ୍ଥ୍ୟସେବା ପରିଚାଳନା ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ନିର୍ଭର କରାଯାଉଛି। ବିଭିନ୍ନ ପଦବୀ ପୂରଣ ପାଇଁ ପ୍ରତିମାସ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ହେଉଛି ବୋଲି ସେ କହିଛନ୍ତି।



କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ।

- ବିଶେଷଜ୍ଞ ଡାକ୍ତର କଲ୍ ଆଟେଣ୍ଡ କରୁନାହାନ୍ତି
- ସନ୍ଧ୍ୟା ହେଲେ ଏକ୍ସ-ରେ, ଇସିଜି, ଅଲଟ୍ରାସାଉଣ୍ଡ ବନ୍ଦ
- ଗ୍ରାମାଞ୍ଚଳରେ ବଢୁଛି କ୍ୱାକ୍‌ଙ୍କ ପ୍ରାଦୁର୍ଭାବ

## ସଂକ୍ଷେପରେ

### ପୂର୍ବ ଶତ୍ରୁତା ନେଇ ମରଣାନ୍ତକ ଆକ୍ରମଣ

ଜଣେ ଆହତ, ଥାନାରେ ଅଭିଯୋଗ



**ଡେରାବିଶ, ୨୫।୮(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଚାନ୍ଦୋଳ ଫାଣ୍ଡି ଅଧୀନରେ ଥିବା ଯଅଁରାବାରିମୂଳ ପଞ୍ଚାୟତରେ ବୁଧବାର ୨ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ହୋଇଥିଲା। ଏ ନେଇ ଗୁରୁବାର ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଯଅଁରାବାରିମୂଳ ଗାଁର ରାଜକିଶୋର ମଲ୍ଲିକଙ୍କ ଅଭିଯୋଗରେ ବୁଧବାର ଅପରାହ୍ଣରେ ତାଙ୍କ ଭାଇ ପ୍ରଦୀପ ଏକ ଟ୍ରାକ୍ଟରରେ ବିଲରେ ହଳ କରୁଥିଲେ। ଏହି ସମୟରେ ଗ୍ରାମର କେଦାରନାଥ ମଲ୍ଲିକ, ହରିହର ମଲ୍ଲିକ, ସୁଶାନ୍ତ ମଲ୍ଲିକ ହଠାତ୍ ତାଙ୍କ ଭାଇ ପ୍ରଦୀପଙ୍କ ଟ୍ରାକ୍ଟରକୁ କାଠଗଡ଼ ପକାଇ ଅଟକାଇଥିଲେ। ପରେ ତାଙ୍କୁ ଘୋଷାରି ଆଣି ବିଲରେ ଥିବା ପାଣିରେ ପକାଇ ଜୀବନରୁ ମାରି ଦେବାକୁ ଉଦ୍ୟମ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ପ୍ରଦୀପ ଚିତ୍କାର କରିବାରୁ ଅଭିଯୋଗକାରୀ ରାଜକିଶୋର, ତାଙ୍କ ବାପା ମହେନ୍ଦ୍ର ଓ ଆଉ ଜଣେ ସମ୍ପର୍କୀୟ ଭାଇ ସେଠାରେ ପହଞ୍ଚି ଏହାର ପ୍ରତିବାଦ କରିଥିଲେ। ଏହି ସମୟରେ ଆକ୍ରମଣକାରୀ ହରିହର ଏକ ଫାଉଡ଼ା ବେଣ୍ଟରେ ତାଙ୍କ ବାପା ମହେନ୍ଦ୍ରଙ୍କ ମୁଣ୍ଡକୁ ବାଡ଼େଇବାରୁ ଫାଟି ଯାଇଥିଲା। ସେ ସେଠାରେ ତଳେ ପଡ଼ି ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ହରିଅଙ୍କ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇ ଯାଇଥିଲେ। ପରେ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ବାପା ମୃତ୍ୟୁ ସହ ସଂଗ୍ରାମ କରୁଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଅଭିଯୋଗ ପାଇବା ପରେ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି।

### ସାର ଦୋକାନରେ ଚଢ଼ାଉ

ନାଉଗାଁ,୨୫।୮(ସ୍ୱ.ପ୍ର): ନାଉଗାଁ ବ୍ଲକରେ ଗୁରୁବାର ଜିଲା କୃଷି ବିଭାଗ ତରଫରୁ ୪ଟି ସରକାରୀ ସ୍ୱୀକୃତିପ୍ରାପ୍ତ ସାର ଦୋକାନ ଉପରେ ଚଢ଼ାଉ କରାଯାଇଛି। ଏହି ସମୟରେ ଅଧିକାରୀମାନେ ଦୋକାନରେ ରଖା ଯାଇଥିବା ଗଚ୍ଛିତ ସାରର କାଗଜପତ୍ର ଯାଞ୍ଚ କରିଥିଲେ। ଦୋକାନ ସମ୍ମୁଖରେ ସାରର ସରକାରୀ ମୂଲ୍ୟ ଏବଂ ସୂଚନା ଫଳକ ଲେଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ମୂଲ୍ୟଠାରୁ ଅଧିକ ଦାମରେ ସାର ବିକ୍ରି ନ କରିବାକୁ ସେମାନେ ଚେତାବନୀ ଦେଇଥିଲେ। ଯଦି କୌଣସି ଦୋକାନୀ ଚଢ଼ା ଦରରେ ସାର ବିକ୍ରି କରନ୍ତି, ତାଙ୍କ ବିରୋଧରେ ଆଇନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ତଦନ୍ତରେ ଅତିରିକ୍ତ ଜିଲା କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ ଓ ଅଭିଜିତ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

### ୫-ଟି ରୂପାନ୍ତରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ

**ରାଜନଗର, ୨୫।୮(ଡି.ଏନ.ଏ.)**

ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତସ୍ଥିତ ଶ୍ରୀ ଶ୍ରୀନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟର ୫-ଟିରେ ରୂପାନ୍ତରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଧ୍ରୁବ ସାହୁ ସ୍ଥାପନ କରିଛନ୍ତି। ବିଧାୟକଙ୍କ ସହ ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ସରପଞ୍ଚ ମଞ୍ଜୁଳା ଦାସ, ସମିତିସଭ୍ୟ ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ପ୍ରାକ୍ତନ ସମ୍ପାଦକ ଶରତ ଚନ୍ଦ୍ର ରାଉତ, ପ୍ରତିଷ୍ଠାତା ସଦସ୍ୟ ବୈକୁଣ୍ଠ ବିହାରୀ ରାଉତ, ଦଧିବାମନ ଭୂୟାଁ, ଘଡିଆମାଳ ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ସମିତିସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି ପ୍ରମୁଖଙ୍କ ସମେତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ପାତ୍ର, ସହକାରୀ ଶିକ୍ଷକ ଅପୂର୍ବ ମିଳନ ରାଉଳ, ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

## ପଲିଥିନ୍ ତଳେ ବିତୁଛି ବୃଦ୍ଧଙ୍କ ଜୀବନ

**ମହାକାଳପଡ଼ା,୨୫।୮(ଡି.ଏନ୍.ଏ.)**

ବିଦ୍ୟାଳୟରେ ଶିକ୍ଷକ ପାଠ ପଢ଼ାଇବା ବେଳେ ପିଲାମାନଙ୍କୁ ୩ ଚୁଲି ଝିଙ୍କାର ଉଦାହରଣ ଦେଇ କୁହନ୍ତି, ପିଲେ ସଂସାରକୁ ତୁମକୁ ଆଣିଥିବା ମା' ହେଉଛନ୍ତି ପ୍ରଥମ ଗୁରୁ। ଦ୍ୱିତୀୟରେ ବାପା, ୩ୟରେ ପାଠ ପଢ଼ାଉଥିବା ଗୁରୁ। ତେଣୁ ତୁମକୁ ସଂସାରକୁ ଆଣିଥିବା ଓ ନିଜେ ନ ଖାଇ ତୁମ ମୁହଁରେ ଦାନା ଦେଉଥିବା ମା'ବାପାଙ୍କୁ ବୃଦ୍ଧା ଅବସ୍ଥାରେ କେବେ ବି ହଇରାଣ କରିବ ନାହିଁ। କାହିଁକି ନା ସମାଜରେ କେହି ଯଦି ତୁମ ଶୁଭ ଚିନ୍ତକ ଥାଆନ୍ତି, ସେ ହେଉଛନ୍ତି ମା'ବାପା। ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ପେଟଛେଲା ପଞ୍ଚାୟତର ବି.ବି. କଲୋନୀ ଗ୍ରାମରେ ଏହାର ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ପତ୍ନୀଙ୍କ ମୃତ୍ୟୁ ପରେ ପିଲାମାନେ ପର କରି ଦେବାରୁ ସୁକୁଲାଲ ଦେବନାଥ (୭୨) ଦୀର୍ଘ ୪୦ ବର୍ଷ ହେଲା ଛିଣ୍ଡା ପଲିଥିନ୍ ତଳେ ଅସହାୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ପରିବାର କହିଲେ, ପତ୍ନୀ ଆରପାରିକୁ ଯିବା ପରେ ୩ ଭେଣ୍ଡିଆ ପୁଅ ରହିଛନ୍ତି। ସେମାନେ ସୁକୁଲାଲଙ୍କୁ ନ ପଚାରିବାରୁ ବାଧ ହୋଇ ଏବେ ବୃଦ୍ଧ ଅବସ୍ଥାରେ ଗାଁ ଶ୍ମଶାନ ନିକଟରେ ଏକ ଖଣ୍ଡିଆ ନୁଆଁଣିଆ ଘରେ ପଲିଥିନ୍ ପକାଇ ରହୁଛନ୍ତି। ନିକଟସ୍ଥ ଗାଁ ଗଣ୍ଡା, ବଜାର ଆଦି ଅଞ୍ଚଳରୁ ମାଗିଯାଚି ପେଟକୁ ମୁଠେ ଖାଇ ଦିନ କାଟି ଥାଆନ୍ତି। ଖରା, ବର୍ଷା, ଝଡ଼ବାତ୍ୟା ସମୟରେ ନୁଆଁଣିଆ ପଲିଥିନ୍ ତଳେ ରହିବାକୁ ପଡୁଛି। ୧୯୯୯ ମହାବାତ୍ୟା ସମୟରେ ମଧ୍ୟ ଜୀବନ ବିକଳରେ ପଡ଼ି ରହିଥିଲି।

ଅପରପକ୍ଷରେ ସୁକୁଲାଲଙ୍କୁ ବାର୍ଦ୍ଧକ୍ୟ ଭତ୍ତା କି ରାଶନ ସାମଗ୍ରୀ କିଛି ମଳୁନାହିଁ। କେତେବେଳେ ଗଣ୍ଡେ ମିଳିଲେ ଖାଇଥାଆନ୍ତି ନ ହେଲେ ପାଣି ମୁନ୍ଦିଏ ପିଇ ଶୋଇ ପଡ଼ିଥାଆନ୍ତି। ପଲିଥିନ୍ ତଳେ ସୁକୁଲାଲ କେତେକ ଠାକୁରଙ୍କ ଫଟୋ ରଖି ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି। ବିପଦଆପଦ ସମୟରେ ଭଗବାନ୍‌ଙ୍କୁ ସ୍ମରଣ କରି ତାଙ୍କ ନିକଟରେ ନିଜକୁ ସମର୍ପଣ କରିଦିଏ ବୋଲି ସୁକୁଲାଲ କହିଛନ୍ତି। ବହୁ ଲୋକ ଆସି ପଚାରନ୍ତି, କାହିଁକି ଏହି ଖଣ୍ଡିଆ ପଲିଥିନ୍ ତଳେ ରହିଛ। ଘର ଲୋକ ପର କଲେ। କାହା ଭରସାରେ ଜୀବନ ବଞ୍ଚାଇବି। ପତ୍ନୀ ମୃତ୍ୟୁ ପରେ ନିଃସଙ୍ଗ ଜୀବନ ଅତିବାହିତ କରୁଥିବା ସେ କହିଛନ୍ତି। ତେଣୁ ଜୀବିତ ଅବସ୍ଥାରେ ଥିବା ବାପାଙ୍କୁ ପୁଅମାନେ ନିଜ ପାଖରେ ନେଇ ରଖି ସେବା ଯତ୍ନ କରିବା ଦରକାର ବୋଲି ସୁକୁଲାଲଙ୍କ ଏଭଳି ଅବସ୍ଥା ଦେଖି ବୁଦ୍ଧିଜୀବୀମାନେ କହିଛନ୍ତି। ପ୍ରଶାସନ ମଧ୍ୟ ତାଙ୍କ ପ୍ରତି ଦୃଷ୍ଟି ଦେଇ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ସ୍ୱାଇଁ ଦାବି କରିଛନ୍ତି।


ଛିଣ୍ଡା ପଲିଥିନ ତଳେ ସୁକୁଲାଲ ଦେବନାଥ।

- ଘର ଲୋକ ପର କରିଦେଲେ
- ମାଗିଯାଚି ଖାଏ, ନଚେତ୍ ପାଣି ପିଇ ଜୀବନ ବଞ୍ଚାଏ
- ଭତ୍ତା କି ରାଶନ କାର୍ଡ ନାହିଁ

### କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ସହାୟତା ଆସିଲା

ଉପକୃତ ହେବେ ୧୧ ହଜାର ୩୦ ଚାଷୀ

**ନାଉଗାଁ,୨୫।୮(ସ୍ୱ.ପ୍ର):**

ଜଗତ୍‌ସିଂହପୁର ଜିଲା ନାଉଗାଁ ତହସିଲ ଅଞ୍ଚଳରେ ୨୦୨୧ରେ ହୋଇଥିବା ପ୍ରବଳ ବର୍ଷା ଓ ଜୱାଦ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ୧୧ ହଜାର ୩୦ଜଣ ଚାଷୀଙ୍କ ପାଇଁ ସହାୟତା ରାଶି ଆସିଥିବା ଜଣାଯାଇଛି। ତହସିଲ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଅତି ପ୍ରବଳ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ବ୍ଲକର ୧୬ଟି ପଞ୍ଚାୟତର ୪,୭୮୭ ଜଣ ଚାଷୀ ରହିଛନ୍ତି। ସେଥି ମଧ୍ୟରୁ ୮୮୬ ଜଣ ଜଳ ସେଚିତ ଚାଷୀ ରହିଥିବା ବେଳେ ୩,୯୦୧ ଜଣ ଅଣ ଜଳସେଚିତ ଅଞ୍ଚଳର ଚାଷୀ ଥିବା ଜଣାପଡିଛି। ଚାଷୀମାନଙ୍କ ପାଇଁ ୧ କୋଟି ୧୩ ଲକ୍ଷ ୬୩ ହଜାର ୧୪୮ ଟଙ୍କା ସହାୟତା ରାଶି ଆସିଛି। ସେହିପରି ୨୦୨୧ ନଭେମ୍ବର ଜୱାଦ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ୬,୨୫୩ ଜଣ ଚାଷୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଜଳସେଚିତ ୧୦୯୯ ଜଣ ଚାଷୀ ରହିଥିବା ବେଳେ ଅଣ ଜଳସେଚିତ ଅଞ୍ଚଳର ୫,୧୫୪ ଜଣ ଚାଷୀ ରହିଛନ୍ତି। ଏହି ଚାଷୀଙ୍କ ପାଇଁ ୧ କୋଟି ୪୫ ଲକ୍ଷ ୪ ହଜାର ୭୬ ଟଙ୍କା ସହାୟତା ରାଶି ଆସିଛି। ସୂଚନାଯୋଗ୍ୟ, ଜଳସେଚିତ ଅଞ୍ଚଳର ଚାଷୀମାନେ ହେକ୍ଟର ପିଛା ୧୩,୫୦୦ ଓ ଅଣଜଳ ସେଚିତ ଅଞ୍ଚଳର ଚାଷୀମାନେ ହେକ୍ଟର ପିଛା ୬,୮୦୦ ଟଙ୍କା ସରକାରୀ ସହାୟତା ରାଶି ପାଇବେ। କ୍ଷତିଗ୍ରସ୍ତ ହୋଇଥିବା ଚାଷିମାନଙ୍କ ଜମା ଖାତାକୁ ଉକ୍ତ ସହାୟତା ରାଶି ପ୍ରଦାନ କରାଯିବ ବୋଲି ତହସିଲଦାର ଜେ. କଳ୍ପନା ସୂଚନା ଦେଇଛନ୍ତି।

### ବିବାହିତ ମହିଳାଙ୍କୁ ବଳାତ୍କାର ଅଭିଯୋଗ

**ମାର୍ଶାଘାଇ, ୨୫।୮(ଡି.ଏନ.ଏ.):** ମାର୍ଶାଘାଇ ଥାନା ଅଞ୍ଚଳର ଏକ ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ଗୁରୁବାର ଦୁଇଜଣ ଯୁବକ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଛି। ଉକ୍ତ ମହିଳା ଜଣକ ସନ୍ଧ୍ୟାରେ ତାଙ୍କ ଶାଶୁ ଓ ଶ୍ୱଶୁରଙ୍କ ସହ ଝଗଡ଼ା କରି ଘରୁ ବାହାରି ଯାଇଥିଲେ। ଏହି ସମୟରେ ଗ୍ରାମର ଦୁଇ ଯୁବକ ତାଙ୍କୁ ପିଛା କରି ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ପ୍ରାଥମିକ ତଦନ୍ତ ଚାଲିଛି। ଅଭିଯୁକ୍ତଙ୍କୁ ଧରିବା ପରେ ମାମଲା ରୁଜୁ ହୋଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ସୂତ୍ରରୁ ପ୍ରକାଶ।

### ୨ୟ ଦିନରେ ମାର୍ଶାଘାଇର ବ୍ୟବସାୟୀଙ୍କ ଘର ଉପରେ ଆୟକର ବିଭାଗର ଚଢ଼ାଉ



ବ୍ୟବସାୟୀଙ୍କ ପ୍ରତିଷ୍ଠାନ ଉପରେ ଆୟକର ବିଭାଗ ଚଢାଉ କରୁଛି।

**ମାର୍ଶାଘାଇ, ୨୫।୮ (ଡି.ଏନ. ଏ.)**

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇରେ ବୁଧବାର ଆୟକର ବିଭାଗ ପକ୍ଷରୁ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ରନେନ୍ଦ୍ର ସ୍ୱାଇଁଙ୍କ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ବାସଭବନ ଉପରେ ଚଢ଼ାଉ କରାଯାଇଥିଲା। ବୁଧବାର ପୂର୍ବାହ୍ଣ ପ୍ରାୟ ୧୦ଟାରେ ଭୁବନେଶ୍ୱର ଆୟକର ବିଭାଗର ଅଧିକାରୀମାନେ ଆସି ଏକକାଳୀନ ଏକ ଘରୋଇ ଯାନ୍ତ୍ରିକ ବିଦ୍ୟାଳୟ, ଶିଳ୍ପ ତାଲିମ କେନ୍ଦ୍ର, ଇଂଲିଶ ମାଧ୍ୟମ ବିଦ୍ୟାଳୟ, ପେଟ୍ରୋଲ ଟାଙ୍କି, ତେଲ ମିଲ୍, ସିମେଣ୍ଟ ଲୁହାଛଡ ଦୋକାନ ଓ ପରିବହନ କାର୍ଯ୍ୟାଳୟ ସମେତ ବ୍ୟବସାୟୀଙ୍କ ବାସଭବନ ଓ ତାଙ୍କ ସହଯୋଗୀଙ୍କ ବାସଭବନରେ ପହଞ୍ଚି କାଗଜ ପତ୍ର ଯାଞ୍ଚ କରିଥିଲେ। ଗୁରୁବାର ତାଙ୍କ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢାଉ ସମୟରେ ବିଭିନ୍ନ କାଗଜପତ୍ର, କମ୍ପ୍ୟୁଟରରେ ଥିବା ତଥ୍ୟର ଯାଞ୍ଚ ହୋଇଥିଲା। ଅଧିକାରୀମାନଙ୍କ ପକ୍ଷରୁ କୌଣସି ସୂଚନା ମିଳୁନଥିବାରୁ ସ୍ପଷ୍ଟ ଚିତ୍ର ମିଳିପାରୁନାହିଁ। ରାତିତମାମ ଯାଞ୍ଚ ଚାଲି ପାରେ ବୋଲି ବିଭାଗର ଗତିବିଧିରୁ ଜଣା ପଡୁଛି।

## ମିଶନ ଶକ୍ତି କାଫେକୁ ଉଦ୍‌ଘାଟନ କଲେ ମନ୍ତ୍ରୀ



ମନ୍ତ୍ରୀ ପ୍ରତାପ କେଶରୀ ଦେବ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ କାଫେକୁ ଉଦ୍‌ଘାଟନ କରୁଛନ୍ତି, ପାଖରେ ଅନ୍ୟମାନେ।

**ଆଳି,୨୫।୮(ଡି.ଏନ.ଏ.)**

ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ରାଜ୍ୟ ସରକାର ମିଶନ ଶକ୍ତି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ମହିଳା ଗୋଷ୍ଠୀଗୁଡିକ କିପରି ସ୍ୱାବଲମ୍ବୀ ହୋଇପାରିବ ସେ ନେଇ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହେଉଛି। ଏହି ଅବସରରେ ଆଳି ମିଶନ ଶକ୍ତି ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ହୋଇଥିବା ମିଶନ ଶକ୍ତି କାଫେକୁ ଗୁରୁବାର ଅପରାହ୍ଣରେ ଶକ୍ତି, ଶିଳ୍ପ ଓ ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଦେବ କହିଥିଲେ, ଏହି କାଫେ ଦ୍ୱାରା ମହିଳା ଗୋଷ୍ଠୀ ସ୍ୱାବଲମ୍ବୀ ହେବା ସହ ସାଧାରଣ ଲୋକମାନେ ଏଠାରେ ସ୍ୱାଦିଷ୍ଟ ଖାଦ୍ୟ ଖାଇ ପାରିବେ। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଉପାଧ୍ୟକ୍ଷା ମିନତି ବାରିକ, ଜିଲା ପରିଷଦ ସଭ୍ୟ ଜୟରାମ ସାହୁ, ବିଡିଓ ଦ୍ୱିବେନ୍ଦୁ ଦାସ, ଦେମାଳ ସରପଞ୍ଚ ରିତାରାଣୀ ପରିଡା, ସମିତିସଭ୍ୟା ମିନତି ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ପ୍ରମୋଦ ପ୍ରହରାଜଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଜବେଷ୍ଟସ୍ ଘରେ ଚାଲିଛି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା

**ପଟ୍ଟାମୁଣ୍ଡାଇ,୨୫।୮(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ଜନବହୁଳ ପୂର୍ଣ୍ଣ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ୧୯୧୭ ମସିହା ବ୍ରିଟିସ ଅମଳର ଆଜବେଷ୍ଟସ ଘରେ ୧୦୪ ହେଲା ଚାଲିଛି। ଏହି ଥାନା ଅଞ୍ଚଳରେ ଦିନକୁ ଦିନ ମାମଲା ସଂଖ୍ୟା ବଢି ଚାଲିଛି। ଏଥିସହ ଆପରାଧିକ କାର୍ଯ୍ୟକ୍ରମ ମଧ୍ୟ ବୈ ବଢିଛି। ପଟ୍ଟାମୁଣ୍ଡାଇ ଥାନା ୨୦୧୮ ନଭେମ୍ବରରେ ଆଦର୍ଶ ଥାନାର ମାନ୍ୟତା ପାଇବା ପରେ ଆବଶ୍ୟକ ପୋଲିସ କର୍ମଚାରୀ ନିଯୁକ୍ତି ପାଇନାହାଁନ୍ତି। ମାମଲା ବଢି ଚାଲିଥିବା ବେଳେ ତଦନ୍ତ କରିବା, କେସ୍ ରୁଜୁ କରି ତାହାର ଆନୁଷଙ୍ଗିକ କାଗଜପତ୍ର ପ୍ରସ୍ତୁତ କରିବାକୁ କର୍ମଚାରୀଙ୍କର ଅଭାବ ଦେଖାଦେଇଛି। ଲୋକମାନଙ୍କ ପକ୍ଷରୁ ଏତଲା ହେଉଥିବା ବେଳେ ଏହା ମାସ ମାସ ଧରି ପଡି ରହୁଛି। ଯାହାକି ସମଗ୍ର ଅଞ୍ଚଳ ଅପରାଧ ପ୍ରବଣ ହେବାରେ ଲାଗିଛି। ଆଦର୍ଶ ଥାନାରେ ୨ଜଣ ଇନ୍ସପେକ୍ଟର, ୫ଜଣ ସବ୍‌ଇନ୍ସପେକ୍ଟର, ୧୦ଜଣ ଏଏସ୍‌ଆଇ, ୩୪ ଜଣ ହାବିଲଦାର, କନଷ୍ଟେବଳ ଓ ୪୨ ଜଣ ହୋମଗାର୍ଡ ରହିବା କଥା। ଏହି ଥାନା ପାଇଁ ବିଭିନ୍ନ ମାମଲାର ତଦନ୍ତ, ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାକୁ ୨ଟି ଭ୍ୟାନ୍ ଓ ୩୦ଟି ବାଇକ୍ ଆବଶ୍ୟକ। ମାତ୍ର ଏବେ ୨ଜଣ ଇନ୍ସପେକ୍ଟର, ୪ଜଣ ସବ୍‌ଇନ୍ସପେକ୍ଟର, ୪ଜଣ ଏଏସ୍‌ଆଇ, ଜଣେ ହାବିଲଦାର, ୧୯ ଜଣ କନଷ୍ଟେବଳ, ୩୩ ଜଣ ହୋମ୍‌ଗାର୍ଡ, ୨ଟି ଭ୍ୟାନ୍ ଓ ୨ଜଣ ଡ୍ରାଇଭର ଅଛନ୍ତି। ମାତ୍ର ୨ଟି ବାଇକ୍ ରହିଛି। ଫଳରେ ବିଭିନ୍ନ ମାମଲା ଓ ଘଟଣାର ତଦନ୍ତ କରିବାରେ ବିଳମ୍ବ ହେଉଛି। ଏ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

୧୦୪ ବର୍ଷର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର କଳେବର ପରିବର୍ତ୍ତନ ହେଉନାହିଁ। ଏବେ ବି ମୁଖ୍ୟ ଥାନା ଘର ଆଜବେଷ୍ଟସ୍ ରହିଛି। ବର୍ଷା ହେଲେ ଆଜବେଷ୍ଟସ୍‌ରୁ ପାଣି ଗଳୁଛି। ପୋଲିସ କର୍ମଚାରୀ ବସିବାକୁ ସ୍ଥାନ ନାହିଁ। କର୍ମଚାରୀଙ୍କ ରହିବାକୁ ମଧ୍ୟ କ୍ୱାର୍ଟର୍ସ ନାହିଁ। ଅଧିକାଂଶ କର୍ମଚାରୀ ଥାନା ବାହାରେ ଭଡା ଘରେ ରହୁଛନ୍ତି। ବହୁ ସମୟରେ ଥନାରେ ଏତଲା ରଖିବାକୁ କର୍ମଚାରୀ ଅଭାବ ଦେଖାଦେଇଛି। ଏହି ଆଦର୍ଶ ଥାନା ପାଇଁ ଆବଶ୍ୟକ ପୋଲିସ କର୍ମଚାରୀ ଯୋଗାଇ ଦେବା ସଙ୍ଗେ ସଙ୍ଗେ ଥାନା ଗୃହକୁ ପକ୍କା ଗୃହରେ ପରିଣତ କରିବା, କର୍ମଚାରୀଙ୍କ ରହିବା ପାଇଁ କ୍ୱାର୍ଟର୍ସ ନିର୍ମାଣ କରିବା ଜରୁରୀ ହୋଇପଡିଛି। ଅପରପକ୍ଷରେ ନୂତନ ଥାନା ନିର୍ମାଣ ପାଇଁ ରାଜସ୍ୱ ବିଭାଗ ଅଧୀନରେ ଥିବା ଜାଗା ଗୃହ ବିଭାଗକୁ ହସ୍ତାନ୍ତର କରାଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ମାଟି ଖୁଡିଏ ପଡିନାହିଁ। ଅନ୍ୟପକ୍ଷରେ ଥାନା ଅଞ୍ଚଳ ବଡ ହୋଇଥିବାରୁ ଗ୍ରାମାଞ୍ଚଳ ଥାନା ପ୍ରତିଷ୍ଠା ପାଇଁ ବହୁ ଦିନରୁ ଦାବି ହୋଇଆସୁଛି। ଗ୍ରାମାଞ୍ଚଳ ଥାନା ପ୍ରତିଷ୍ଠାରେ ଅହେତୁକ ବିଳମ୍ବ ଯୋଗୁ ପଟ୍ଟାମୁଣ୍ଡାଇକୁ ଆଦର୍ଶ ଥାନାର ମାନ୍ୟତା ପ୍ରଦାନ କରାଯାଇଛି। ପୋଲିସ କର୍ମଚାରୀ ନ ଥିବାରୁ ଅପରାଧୀମାନେ ଅପରାଧ ଘଟାଇ ଅନାୟସରେ ଖସିଯିବାରେ ସକ୍ଷମ ହେଉଛନ୍ତି। ଏ ଦିଗରେ ରାଜ୍ୟ ଘରୋଇ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେଲେ ଶାନ୍ତିଶୃଙ୍ଖଳା ବଜାୟ ରହିପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।




- ୧୦୪ ବର୍ଷ ହେଲା ବଦଳୁନି କଳେବର
- ବଢୁଛି ମାମଲା, କର୍ମଚାରୀ ଅଭାବ



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ବିଧାୟକମାନେ ଗୁରୁବାର ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କ ସମାଧିରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଭାଜପାର 'ଅପରେଶନ ଲୋଟସ୍' ବିଫଳ ହେବା ଲାଗି ପ୍ରାର୍ଥନା କରିଛନ୍ତି। କେଜ୍‌ରିୱାଲଙ୍କ ବାସଭବନରେ ଏଏପି ବିଧାୟକମାନଙ୍କ ବୈଠକ ପରେ ସମସ୍ତେ ରାଜଘାଟ ଯାଇଥିଲେ। ଏଏପିର ୪୦ ବିଧାୟକଙ୍କୁ ଦଳ ବଦଳାଇବା ପାଇଁ ଭାଜପା ୨୦ କୋଟି ଟଙ୍କା ଲେଖାଏ ଯାଚିଥିବା ଅଭିଯୋଗ ହୋଇଛି। ଏଥିପାଇଁ ଆବଶ୍ୟକ ୮୦୦ କୋଟି ଟଙ୍କା ଗୈରିକ ଦଳ କେଉଁଠୁ ଆଣିବ ବୋଲି କେଜ୍‌ରିୱାଲ ପ୍ରଶ୍ନ କରିଛନ୍ତି।

# ନିଲମ୍ବିତ ଭାଜପା ବିଧାୟକ ରାଜା ସିଂ ପୁଣି ଗିରଫ

**ହାଇଦ୍ରାବାଦ,୨୫।୮**

ଭାଜପାରୁ ନିଲମ୍ବିତ ହୋଇଥିବା ତେଲଙ୍ଗାନା ବିଧାୟକ ଟି. ରାଜା ସିଂ ଜାମିନରେ ମୁକୁଳିବା ପରେ ଗୁରୁବାର ତାଙ୍କୁ ପିଡି ଆଇନରେ ପୁଣିଥରେ ଗିରଫ କରାଯାଇଛି। ୩ ଦିନ ମଧ୍ୟରେ ଏହା ଦ୍ୱିତୀୟ ଗିରଫ। ପ୍ରଫେଟ ମହମ୍ମଦଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ପାଇଁ ଗିରଫ ହୋଇଥିବା ରାଜାଙ୍କୁ ଜାମିନ ମିଳିଥିଲା। ରାଜାଙ୍କ ବିରୋଧରେ ୧୦୧ ଆପରାଧିକ ମାମଲା ଥିବାବେଳେ ୧୮ଟି ସାମ୍ପ୍ରଦାୟିକ ଅପରାଧ ମାମଲାରେ ସେ ସମ୍ପୃକ୍ତ ଥିବା ହାଇଦ୍ରାବାଦ ପୋଲିସ କହିଛି।

ରାଜାଙ୍କୁ ଗିରଫ କରାଯିବା ପୂର୍ବରୁ ତାଙ୍କର ବିବାଦୀୟ ମନ୍ତବ୍ୟକୁ ବିରୋଧ କରି ହାଇଦ୍ରାବାଦର ଶାଲିବାନ୍ଦାଠାରେ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭକାରୀଙ୍କୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ଅଦାଲତଙ୍କ ବାରଣ ସତ୍ତ୍ୱେ ରାଜା ଆଉ ଏକ ଭିଡିଓ ଜାରି କରିବା ପରେ ତାଙ୍କୁ ଗିରଫ କରାଯାଇଛି। ନୂଆ ଭିଡିଓରେ ସେ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ପୁଅ ତଥା ପୌର ଉନ୍ନୟନ ମନ୍ତ୍ରୀ କେ.ଟି. ରାମାରାଓ (କେଟିଆର) ଏବଂ ଏଆଇଏମ୍‌ଆଇଏମ୍ ନେତା ଅସାଦୁଦ୍ଦିନ ଓୱାଇସିଙ୍କୁ ତେଲଙ୍ଗାନାର ଖରାପ ସ୍ଥିତି ପାଇଁ ଦାୟୀ କରିଛନ୍ତି। ଉଭୟ ମୁସଲମାନ ଭୋଟ ବ୍ୟାଙ୍କ ପାଇଁ କାମ କରୁଥିବା ରାଜା ଭିଡିଓ ବାର୍ତ୍ତାରେ କହିଛନ୍ତି।



ଟି. ରାଜା ସିଂ

# ୨୦୨୪ ଶେଷ ସୁଯୋଗ: ଜୟଦେବ

## ସେପ୍ଟେମ୍ବର ସୁଦ୍ଧା ବ୍ଲକ୍‌ରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ହେବ ନୂଆ କଂଗ୍ରେସ କମିଟି: ଶରତ

**ଭୁବନେଶ୍ୱର, ୨୫।୮(ବ୍ୟୁରୋ)**



ଜୟଦେବ ଜେନା



ଶରତ ପଟ୍ଟନାୟକ

୨୦୨୪ ହେବ କଂଗ୍ରେସ ପାଇଁ ଶେଷ ସୁଯୋଗ। ୨୦୨୪ରେ ଯଦି କଂଗ୍ରେସ ଏକାଠି ହୋଇ ନିର୍ବାଚନ ଲଢ଼ିବନି ତେବେ ଦଳକୁ ଆଉ କେହି ବଞ୍ଚାଇପାରିବେ ନାହିଁ। ଏପରିକି ଭଗବାନ ବି ଦଳକୁ ରକ୍ଷା କରିପାରିବେନାହିଁ। ପ୍ରଦେଶ କଂଗ୍ରେସ କମିଟି (ପିସିସି) ଭବିଷ୍ୟତ ନେଇ ଗୁରୁବାର ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଏଭଳି ମନ୍ତବ୍ୟ ରଖିଛନ୍ତି।

ଜୟଦେବ କହିଛନ୍ତି, ରାଜ୍ୟ କଂଗ୍ରେସର ୯ ଜଣ ବିଧାୟକ ଅଛନ୍ତି। କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ ନିଜ ବିବେକ କଥା ଶୁଣି ରାଷ୍ଟ୍ରପତି ନିର୍ବାଚନରେ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେଇଥିଲେ। ଆଉ ୮ ଜଣଙ୍କ ମଧ୍ୟରେ କିଛି ବି ବାଦବିବାଦ ନାହିଁ। ମୋକିମ୍‌ବାବୁ କେବଳ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେଇଛନ୍ତି। ସେ କଂଗ୍ରେସ ବିରୋଧରେ କିଛି ମନ୍ତବ୍ୟ ଦେଇନାହାନ୍ତି। ତେଣୁ କଂଗ୍ରେସ ୨୦୨୪ରେ ଏକାଠି ହୋଇ କାମ କରିବ। ଭାଜପା ବିଜେଡି ସହ ମିଶିକି ଅଛି। ଭାଜପା ଓ ବିଜେଡି ଏକାଠି ହୋଇ ନିର୍ବାଚନ ଲଢ଼ିବେ। ସେହି ପରିସ୍ଥିତିରେ କଂଗ୍ରେସ ହେଉଛି ଏକମାତ୍ର ବିକଳ୍ପ। ଲୋକେ ଭାଜପା ଓ ବିଜେଡିଠାରୁ ମୁହଁ ମୋଡ଼ିଲେଣି। ସେହି ଦୃଷ୍ଟିରୁ ଦେଖିଲେ ୨୦୨୪ ହେଉଛି କଂଗ୍ରେସ ପାଇଁ ଶେଷ ସୁଯୋଗ। ୨୦୨୪ରେ ଯଦି କଂଗ୍ରେସ କ୍ଷମତାକୁ ଆସେ ୧୦ରୁ ୧୫ ବର୍ଷ କ୍ଷମତାରେ ରହିବ। ପଇସା ବଣ୍ଟି ଭୋଟ କିଣିବା ବିଜେଡିର କାମ। ଲୋକମାନେ ଯେତେବେଳେ ନିଷ୍ପତ୍ତି ନେଇ ଅନ୍ୟ ଆଡ଼େ ମୁହାଁଇବେ ବିଜେଡିର କୌଣସି କୌଶଳ କାମ କରିବ ନାହିଁ। ରାଜ୍ୟରେ କଂଗ୍ରେସକୁ ମଜଭୁତ କରିବା ଲାଗି ଶରତ ପଟ୍ଟନାୟକଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଛି। ସେ ଏକ ଟିମ୍ ଗଠନ କରିବେ। ଟିମ୍ ଗଠନ ପାଇଁ ସେ ସମସ୍ତଙ୍କୁ ପଚରାପଚରି କରୁଛନ୍ତି ବୋଲି ଜୟଦେବ କହିଛନ୍ତି। କଂଗ୍ରେସର ପରବର୍ତ୍ତୀ ସଭାପତି କିଏ ହେବେ ସେନେଇ ସିଡବ୍ଲୁସି(କଂଗ୍ରେସ କାର୍ଯ୍ୟକାରୀ କମିଟି) ନିଷ୍ପତ୍ତି ନେବ। ଗାନ୍ଧୀ ପରିବାର ସହିତ ଲୋକମାନେ ରହିବେ ବୋଲି ସେ କହିଛନ୍ତି।

ତେବେ ଜୟଦେବଙ୍କ ଏଭଳି ମନ୍ତବ୍ୟକୁ ନେଇ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, କଂଗ୍ରେସ ସର୍ବ ପୁରାତନ ଦଳ। କଂଗ୍ରେସ ସବୁବେଳେ ଲଢ଼େଇ ଜାରି ରଖିବ। ୨୦୨୪ ନିର୍ବାଚନ ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ। କଂଗ୍ରେସର ସାଙ୍ଗଠନିକ ନିର୍ବାଚନ ଚାଲିଛି। ବ୍ଲକସ୍ତରରୁ ଆରମ୍ଭକରି ଏଆଇସିସି ପର୍ଯ୍ୟନ୍ତ କମିଟି ଗଠନ ଚାଲିଛି। ସେପ୍ଟେମ୍ବର ସୁଦ୍ଧା ସବୁ କମିଟି ଗଠନ ହୋଇଯିବ ବୋଲି ଶରତ କହିଛନ୍ତି।

# ରାଜ୍ୟରେ ବିଜେଡିର ବିକଳ୍ପ ହେବ ଏଏପି: ନିଶିକାନ୍ତ

**ଭୁବନେଶ୍ୱର, ୨୫।୮(ବ୍ୟୁରୋ)**

**ଓଡ଼ିଶା ଗସ୍ତରେ ଆସିପାରନ୍ତି କେଜ୍‌ରିୱାଲ**

ଓଡ଼ିଶାରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନିଜ ଶକ୍ତି ବୃଦ୍ଧି ଲାଗି ଉଦ୍ୟମ ଆରମ୍ଭ କରିଦେଇଛି। ନିକଟରେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଦଳୀୟ କାର୍ଯ୍ୟକ୍ରମ କରିଥିବା ଓଡ଼ିଶା ଏଏପି ଆଗକୁ ରାଜ୍ୟବ୍ୟାପୀ ସଙ୍ଗଠନ ସୁଦୃଢ଼ ଦିଗରେ କାମ କରିବ ବୋଲି କହିଥିଲା। ଗୁରୁବାର ଏଏପି ଓଡ଼ିଶା ମୁଖ୍ୟ ନିଶିକାନ୍ତ ମହାପାତ୍ର କହିଛନ୍ତି, ଗଞ୍ଜାମ ଜିଲାରେ ଯେଉଁଭଳି ଏଏପିକୁ ଲୋକମାନେ ସମର୍ଥନ ଦେଇଛନ୍ତି ତାହା ଦଳ ପାଇଁ ଏକ ସବୁଜ ସଙ୍କେତ। ଗତ ମେୟର ନିର୍ବାଚନରେ ଦଳ କଂଗ୍ରେସଠାରୁ ହଜାରେ ଭୋଟ ଅଧିକ ପାଇଥିଲା। ଯଦି ପ୍ରଥମ ଥର ଲାଗି ଜନତାଙ୍କ ମତ ସ୍ପଷ୍ଟ ଭାବେ ଓଡ଼ିଶାରେ କେଉଁଠି ଏଏପିକୁ ମିଳିଥାଏ ତାହା ହେଉଛି ବ୍ରହ୍ମପୁର ସହର। ଗଞ୍ଜାମ ଜିଲା ହେଉଛି ବିଜେଡିର ଗଡ଼। ଗୁଜରାଟରେ ଏଏପି ଆଗକୁ ବଢୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମତି ଭ୍ରମ ଘଟୁଛି। କେତେବେଳେ ରାବିଡି କଲ୍‌ଚର୍ ଆଉ କେତେବେଳେ ଅନ୍ୟ କିଛି କହୁଛନ୍ତି। ତେଣୁ ଗଞ୍ଜାମରେ ଯଦି ଦଳର ଶକ୍ତି ବୃଦ୍ଧି ପାଏ ତେବେ ସାରା ଓଡ଼ିଶାରେ ଏଏପି ବଢ଼ିବ। ସାରା ଓଡ଼ିଶାରେ ବିକଳ୍ପ ଦେବାକୁ ଏଏପି ଲକ୍ଷ୍ୟ ରଖିଛି। ସେଥିରେ ଗଞ୍ଜାମ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିବ। ଆଗାମୀ ଦିନରେ ନିଶ୍ଚିତଭାବେ ଗଞ୍ଜାମରେ ସଙ୍ଗଠନ ମଜଭୁତ ହେବ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଯଦି ଆଗକୁ ଓଡ଼ିଶା ଆସନ୍ତି ତେବେ ଗଞ୍ଜାମବାସୀଙ୍କ ଦାବି ହେଉଛି ସେ ସେଠାକୁ ଯାଆନ୍ତୁ।

# ଭୂପେନ୍ଦ୍ର ଚୌଧରୀ ୟୁପି ଭାଜପା ସଭାପତି

**ନୂଆଦିଲ୍ଲୀ,୨୫।୮**



ଭୂପେନ୍ଦ୍ର ଚୌଧରୀ

ଉତ୍ତରପ୍ରଦେଶର ପଞ୍ଚାୟତିରାଜ ମନ୍ତ୍ରୀ ତଥା ଜାଟ୍ ନେତା ଭୂପେନ୍ଦ୍ର ଚୌଧରୀଙ୍କୁ ଗୁରୁବାର ଭାଜପା ରାଜ୍ୟ ସଭାପତି ନିଯୁକ୍ତ କରାଯାଇଛି। ପୂର୍ବରୁ ରାଜ୍ୟ ଭାଜପା ସଭାପତି ଥିବା ସ୍ୱତନ୍ତ୍ର ଦେବ ସିଂଙ୍କୁ ଯୋଗୀ ଆଦିତ୍ୟନାଥ ସରକାରରେ ମନ୍ତ୍ରୀ କରାଯିବା ପରେ ଏହି ପଦବୀ ଖାଲି ପଡ଼ିଥିଲା। ପ୍ରଭାବଶାଳୀ ଜାଟ୍ ସମ୍ପ୍ରଦାୟଙ୍କ ମନ ଜିଣିବାକୁ ଭାଜପା ଭୂପେନ୍ଦ୍ରଙ୍କୁ ୟୁପି ମୁଖ୍ୟ କରିଥିବା କୁହାଯାଉଛି। କାରଣ ବିବାଦୀୟ କୃଷି ଆଇନ ବିରୋଧୀ ଆନ୍ଦୋଳନରେ ଜାଟ୍ ସମ୍ପ୍ରଦାୟ ନେତୃତ୍ୱ ନେଇଥିଲା। ୟୁପି ତୃତୀୟ ରାଜ୍ୟ ଯେଉଁଠି ଜଣେ ଜାଟ୍ ନେତା ଭାଜପା ସଭାପତି ହୋଇଛନ୍ତି। ହରିୟାଣରେ ଜାଟ୍ ନେତା ଓ.ପି. ଧନକର ଏବଂ ରାଜସ୍ଥାନରେ ସତୀଶ ପୁନିଆ ଭାଜପା ରାଜ୍ୟ ସଭାପତି ରହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଯୋଗୀ ପୂର୍ବ ଉତ୍ତରପ୍ରଦେଶରୁ ଆସିଥିବାବେଳେ ଆଞ୍ଚଳିକ ସନ୍ତୁଳନ ରକ୍ଷା ପାଇଁ ପଶ୍ଚିମାଞ୍ଚଳ ନେତା ଭୂପେନ୍ଦ୍ରଙ୍କୁ ଦଳର ରାଜ୍ୟ ସଭାପତି କରାଯାଇଥିବା କୁହାଯାଉଛି।


**GOVERNMENT OF ODISHA**
**SPECIAL OFFICER, LANJIGARH**
**NOTICE INVITING TENDER**

**Bid Identification No. SPECIAL OFFICER, LANJIGARH-01/2022-23**
**No.CAD-1599: No. 419, Dated:-23.08.2022**

| | | |
|---|---|---|
| 1 | Name of the work: | Construction of Check Dam at Dengsargi |
| 2 | Estimated cost: | 15,46,935.00 |
| 3. | Period of completion: | 6 calendar months |
| 4. | Date and time of availability of bid document | Dt 26.08.2022 to 19.09.2022 till 17:00 Hours |
| 5 | Last date/Time for receipt of bid | Dt. 19.09.2022 till 17:00 Hours |
| 6 | Name and address of the Officer Inviting Bid: | SPECIAL OFFICER, Lanjigarh |
| 7 | Date of Opening | Dt. 21.09.2022 at 11 Hours |

Further details can be seen from the e-procurement portal **www.kalahandi.nic.in.**

**Sd./- Special Officer, KKDA, Lanjigarh, Kalahandi**
**OIPR-26051/11/0002/2223**


# 'ସେପ୍ଟେମ୍ବର ୨୦ ସୁଦ୍ଧା କ୍ୟାମ୍ପସ କମିଟି ଗଠନ କର'

**ଭୁବନେଶ୍ୱର,୨୫।୮(ବ୍ୟୁରୋ)**

**ବିଜୁ ଛାତ୍ର ଜନତା ଦଳର ଭର୍ଚୁଆଲ ବୈଠକ**

ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଛାତ୍ର ଜନତା ଦଳର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଗୁରୁବାର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟ କର୍ମକର୍ତ୍ତା ଓ ଜିଲା ସଭାପତି ,ଜୋନ ସଭାପତିଙ୍କ ସହ ଭର୍ଚୁଆଲ ପ୍ଲାଟଫର୍ମ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକକୁ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ (ଯୁବ-ଛାତ୍ର ବ୍ୟାପାର) ପ୍ରଣବ ବଳବନ୍ତରାୟ ଏବଂ ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ପରିଚାଳନା କରିଥିଲେ। ଛାତ୍ର ବିଜେଡିର ନୂତନ କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ଜନ କଲ୍ୟାଣକାରୀ ଯୋଜନାକୁ ତ୍ୱରାନ୍ୱିତ କରିବା ସହିତ ତୃଣମୂଳ ସ୍ତରରେ ଛାତ୍ର ସଙ୍ଗଠନକୁ କିପରି ଅଧିକ ସୁସଂଗଠିତ କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ଏହି ବୈଠକରେ ସମସ୍ତ ରାଜ୍ୟ କର୍ମକର୍ତ୍ତାମାନଙ୍କୁ କଲେଜ କ୍ୟାମ୍ପସ କମିଟି ଗଠନ ସମ୍ବନ୍ଧୀୟ ଖସଡ଼ା ବିଷୟରେ ଅବଗତ କରାଯାଇଥିଲା ଏବଂ ସେପ୍ଟେମ୍ବର ୨୦ ସୁଦ୍ଧା କ୍ୟାମ୍ପସ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ସମସ୍ତ ଛାତ୍ର ବିଜେଡି କର୍ମକର୍ତ୍ତାଙ୍କୁ ଜୀବନବିନ୍ଦୁ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ତୃଣମୂଳସ୍ତରରୁ ଛାତ୍ର ସଂଗଠନକୁ କ୍ରିୟାଶୀଳ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଶକ୍ତ ଓଡ଼ିଶା ଗଠନ ଆହ୍ୱାନକୁ ସଫଳ କରିବା ଦିଗରେ ଛାତ୍ର ସମାଜ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

# ୬ ଜଣଙ୍କ ମୃତ୍ୟୁ ସରକାରଙ୍କ ଅପାରଗତାର ପ୍ରମାଣ: ଭାଜପା

**ଭୁବନେଶ୍ୱର, ୨୫।୮(ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ ସମୀର ମହାନ୍ତି ଓ ଅନ୍ୟ ନେତୃବୃନ୍ଦ।

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶବାସୀ ଅମୃତ ମହୋତ୍ସବ ପାଳନ କରୁଛନ୍ତି। ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର ଯୋଗାଇଦେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ପ୍ରତିବଦ୍ଧତା ଓ ଯତ୍ନବାନ ହୋଇ କାର୍ଯ୍ୟ କରୁଛନ୍ତି। ଏହି ସମୟରେ ସାମାନ୍ୟ ବର୍ଷା ଯୋଗୁ ଘରକାନ୍ଥ ପଡ଼ି ୬ଟି ଅମୂଲ୍ୟ ଜୀବନ ଚାଲିଯିବା ଗ୍ରହଣୀୟ ନୁହେଁ। ପକ୍କାଘର ପାଇବାରୁ ବଞ୍ଚିତ ମୟୂରଭଞ୍ଜ ଜିଲା କପ୍ତିପଦା, ଉଦଳା ଏବଂ ବାରିପଦା ସହରରେ ବର୍ଷା ପାଣିରେ କଚ୍ଚାଘରର କାନ୍ଥ ପଡ଼ି ୬ ଜଣ ପ୍ରାଣ ହରାଇଛନ୍ତି। ମାତ୍ର ୨ ଦିନିଆ ବର୍ଷାରେ ୬ ଜଣଙ୍କ ମୃତ୍ୟୁ ଘଟଣା ରାଜ୍ୟରେ ଦୀର୍ଘ ୨୨ ବର୍ଷ ଧରି ନିରଙ୍କୁଶ ଶାସନ କ୍ଷମତାରେ ଥିବା ସରକାର ଓ ପ୍ରଶାସନର ଅପାରଗତାକୁ ପ୍ରମାଣିତ କରିଛି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ସୁବର୍ଣ୍ଣରେଖା ଓ ବୈତରଣୀ ବେସିନରେ ଲଗାଣବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ତରଫରୁ ସୂଚନା ଦିଆଯାଇଥିଲା। ରାଜ୍ୟ ସରକାର ମୁକାବିଲା ପାଇଁ ପ୍ରସ୍ତୁତ ଅଛନ୍ତି ଏବଂ ଜିରୋ କାଜୁଆଲ୍‌ଟି ହେଉଛି ପ୍ରାଥମିକତା ବୋଲି ବାହୁସ୍ଫୋଟ ମାରିଥିଲେ। ମୟୂରଭଞ୍ଜ ଜିଲାରେ ବନ୍ୟା ହୋଇ ନାହିଁ, ମାତ୍ର ଲଗାଣବର୍ଷାରେ ବାସହୀନଙ୍କ ଦୟନୀୟ ସ୍ଥିତି ସାମ୍ନାକୁ ଆସିଛି। ବର୍ତ୍ତମାନ ସୁଦ୍ଧା ମୃତକଙ୍କ ପରିବାର ପାଖକୁ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ସରକାରୀ ସହାୟତା ପହଞ୍ଚି ନାହିଁ। ଜିରୋ କାଜୁଆଲ୍‌ଟି କଥା ସରକାର କହୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ଏଭଳି ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ବାସହୀନଙ୍କୁ ବାସଗୃହ ଯୋଗାଇଦେବା ଉଦ୍ଦେଶ୍ୟରେ ଓଡ଼ିଶାକୁ ୨୬ ଲକ୍ଷ ବାସଗୃହ ଆବଣ୍ଟନ ହୋଇଛି। ତଥାପି ଯୋଗ୍ୟ ହିତାଧିକାରୀ ଘରଟିଏ ପାଇବାରୁ ବଞ୍ଚିତ ହୋଇଛନ୍ତି। ଯେଉଁ ସ୍ଥାନରେ ବାସଗୃହ ଅର୍ଦ୍ଧନିର୍ମିତ ଅଛି, ସେଇଠି ବିଜୁ ପକ୍କାଘର ଲୋଗୋ ଲାଗିଛି। 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' ନାଁ କାଳିରେ ଲେଖା ହୋଇଛି। ଘର କେବେ ନିର୍ମାଣ ହୋଇଛି, ତାହା ଉଲ୍ଲେଖ ହୋଇନାହିଁ। ଏ ସମସ୍ତ ଘରକୁ ସମ୍ପୂର୍ଣ୍ଣ ଦର୍ଶାଇ ମିଥ୍ୟା ବିଲ୍ ଜରିଆରେ ଶାସକ ବିଜେଡିର ଠିକାଦାରମାନେ ବ୍ୟାପକ ପରିମାଣରେ ଗରିବଙ୍କ ଅର୍ଥ ଲୁଟ୍ କରିଛନ୍ତି ବୋଲି ସମୀର ଅଭିଯୋଗ କରିଛନ୍ତି।


**ODISHA JOINT ENTRANCE EXAMINATION - 2022 (OJEE - 2022)**

**PUBLIC NOTICE REGARDING 2ND / SPECIAL OJEE, 2022**

**No: OJEE / 374** **Date: 23.08.2022**

**No.h-05:**This is for information of all concerned that the **2nd / Special Odisha Joint Entrance Examination, 2022** will be conducted **on 3rd, 4th and 7th Sept., 2022.**

The Entrance Examination will be conducted in **Computer Based Test (CBT) mode in four shifts on each day of the examination.**

The shift-wise complete schedule of the examination is displayed in the official websites of OJEE (www.ojee.nic.in / www.odishajee.com).

The candidates and their parents are advised to keep visiting above websites for latest updates.

**OIPR-14020/11/0010/2223** **Sd./-Chairman, OJEE**



**GOVERNMENT OF ODISHA**
**ODIA LANGUAGE, LITERATURE & CULTURE DEPARTMENT**
**AUCTION SALE NOTICE**

**No.TCC-OEII-MV-0004-2016/3125/OLL&C, Dated 23.08.2022**

**No.RR-22:**Sealed tenders in plain paper are invited from the intending firms/institutions/persons for auction sale of Govt. vehicle bearing NO-OD02-AN-3242 (Model-TML & TATA INDIGO) of OLL & Culture Department.

The prescribed tender papers containing the details of the tender call notice, terms and conditions and application form can be downloaded from Odia Language, Literature Department website www.odishaculture.gov.in . A sum of Rs. 1000/- should be deposited towards earnest money deposit in the shape of a bank draft in favour of Under Secretary to Govt. & DDO, Odia Language, Literature & Culture Department, failing which the tender will be outright rejected. The offset price of the vehicle has been fixed at Rs.40,000/- (Forty thousand) only.

The sealed tenders should reach the office of Odia Language, Literature & Culture Department, Lokseva Bhawan on or before 03.09.2022 up to 5 P.M. and shall be opened before the Committee on the next day i.e. on 05.09.2022 at 12.30 P.M. in presence of the bidders or their authorized representatives/agents.

The envelope containing the tender papers shall be super scribed as 'TENDER FOR AUCTION SALE OF VEHICLE' and submitted to this Department.

**Sd./-Joint Secretary to Government**
**OIPR-03001/11/0016/2223**



**OFFICE OF THE ASST. DIRECTOR SERICULTURE KALAHANDI,BHAWANIPATNA**
**E-mail id:- ads-kalahandi@gov.in/adskalahandi@gmail.com**
**Letter No.542/ Date. 23.08.2022**
**QUOTATION CALL/TENDER CALL NOTICE**

**No.L-69:**Sealed Quotation/tenders are invited from interested reputed travel Agencies/Tour operators or private individuals for providing 1 (one) no. of Commercial vehicle Non- AC Diesel /Petrol driven having sitting capacity not more than ten (10) including driver, which shall conform to the term and conditions (Annexure-II) for official use in the office of the Asst. Director of Sericulture, Kalahandi, Bhawanipatna, Department of Handlooms, Textiles and Handicrafts, Govt of Odisha for the year 2022-23 on monthly rent basis.

**TERMS AND CONDITIONS FOR HIRING OF VEHICLE**

1.The Notice will be available in the District website i.e www. Kalahandi. nic.in from 25.08.2022 to 05.09.2022 up to 5 PM and can be downloaded from the website. 2.Interested agencies or individuals may submit their tenders by Speed/Registered Post addressing to the Asst. Director of Sericulture, Kalahandi, Bhawanipatna At- Naktiguda, near TV Tower, Po- Naktiguda Dist. Kalahandi, Pin-766001.Odisha superscripted as "QUOTATION CALL/TENDER CALL NOTICE FOR HIRING OF VEHICLE ON MONTHLY BASIS". 3.The tender will be reached to the undersigned by Speed/Registered Post on or before the last date & time mention above. No tender/ Quotation will be received by hand or courier service.4.The tender received after due date & time will not be entertained. 5.The tender will be opened at 11 AM on 08.09.2022.6.The vehicle should be BS-IV complaint (petrol or Diesel) driven vehicle preferably tiago/bolt/Celerio with minimum Average mileage of 17 (seventeen) kilometer per liter. For official use in the office of the Asst. Director of Sericulture, Kalahandi, Bhawanipatna on monthly rent basis .The maximum hire charges per month excluding taxes is Rs. 20.000/-(Rupees twenty thousand) only per month. The bidder may quote their rate accordingly. Further the remuneration of the Driver is to be paid by the vehicle owner within the amount.7.The authority reserves the right to reject any or all the tenders without assigning any reason thereof.

**Sd./- Asst. Director of Sericulture, Kalahandi, Bhawanipatna**
**OIPR-01436/11/0003/2223**



**OFFICE OF THE ROURKELA MUNICIPAL CORPORATION: ROURKELA**
**INVITATION FOR BID**
**No.10850, Dated 23.08.22**
**Bid Identification No.:- MC/RMC/70/2022**

**No.C-1052:**The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single cover on online Mode. Bid Identification **No. MC/RMC/70/2022** for **01** no. Electrical work with value of Rs.14.88 lakh.

1. Bid documents will be available in website www.tendersorissa.gov.in from **23.08.2022.**
2. Bids must be submitted on "online" on or before **02.09.2022 by 17.00 hours.**
3. Bids shall be opened at 11.00 hours on 03.09.2022 in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in.

**Sd./- Municipal Commissioner**
**Rourkela Municipal Corporation**
**OIPR-13131/11/0089/2223**



**OFFICE OF THE NOTIFIED AREA COUNCIL, KESINGA**
**Email: kesinganac@gmail.com**
**SHORT QUOTATION CALL NOTICE**
**No.3542, Date:23.08.2022**

**No.C-1054:**Sealed Quotations in prescribed format in plain paper are invited through Registered Post / Speed Post (not through Private Courier) from the intending suppliers / manufacturers / registered firms/ authorized dealers etc. of 1(One) No. Tractor Engine (Mahindra) with all accessories etc. and 1 (One) No. JCB Mounted Tractor Engine (Mahindra) with all accessories etc. as per detailed specification, terms & conditions in separate Schedule, which may be obtained from Office of the Notified Area Council, Kesinga, Dist. Kalahandi on any working day between 24-08-2022 to 06-09-2022, on payment of 6000.00 towards non-refundable cost of document, in shape of Cash Deposit Receipt of Kesinga N.A.C / Bank Draft / Pay Order, drawn on any Nationalised Bank, in favour of Executive Officer, N.A.C, Kesinga, payable at Kesinga. All quotations are to be received in the office of the undersigned during office hour and up to 11-00 hours on date 12.09.2022 Through Speed Post /Register post. The quotations will be opened by the undersigned or authorised official on. 12.09.2022 at 11-30 hours, in presence of the quotationers or their authorised representative who wish to remain present at that time. Other terms and conditions can be seen in the DTCN documents. The authority reserves the right to accept or reject any or all the quotation without assigning any reason thereof.

**Sd./- Executive Officer, N.A.C.,Kesinga**
**OIPR-13109/11/0015/2223**

# ଜଗରନଟ୍ସର କ୍ରମାଗତ ଚତୁର୍ଥ ବିଜୟ

ଭୁବନେଶ୍ୱର, ୨୫।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଅଲଟିମେଟ୍ ଖୋ ଖୋ ଲିଗ୍‌ରେ ଓଡ଼ିଶା ଜଗରନଟ୍ସ ଏହାର ବିଜୟଧାରା ଜାରି ରଖିଛି। ନୀଲେଶ ଯାଦବଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଜରିଆରେ ଦଳ କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛି। ଆରମ୍ଭରୁ ପଛୁଆ ରହିଥିଲେ ହେଁ ଜଗରନଟ୍ସ ଚମତ୍କାର ପ୍ରତ୍ୟାବର୍ତ୍ତନ ସହିତ ରାଜସ୍ଥାନ ୱାରିୟର୍ସଙ୍କୁ ୬ ପଏଣ୍ଟରେ ପରାସ୍ତ କରିଛି। ଚଳିତ ସିଜିନରେ ଉଭୟ ଦଳ ମଧ୍ୟରେ ଏହା ଦ୍ୱିତୀୟ ମୁକାବିଲା ହୋଇଥିବା ବେଳେ ଉଭୟ ମୁକାବିଲାରେ ଜଗରନଟ୍ସ ବାଜି ମାରିଛି।

ଗୁରୁବାର ପୁନେର ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟସ କମ୍ପ୍ଲେକ୍ସରେ ଖେଳାଯାଇଥିବା ମୁକାବିଲାରେ ଜଗରନଟ୍ସର ଅଧିନାୟକ ଦୀପେଶ ମୋରେ ଓ ସୁନୀଲ ଯାଦବ ଡିଫେନ୍ସରେ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଦଳ ଷଷ୍ଠ ମ୍ୟାଚରୁ ୫ମ ବିଜୟ ହାସଲ କରିଥିଲା। ଯାଦବ ୩.୨୨ ମିନିଟର ଡିଫେନ୍ସ ସହିତ ୧୬ ଆଟାକ୍ ପଏଣ୍ଟ ହାସଲ କରିଥିଲେ। ସେହିପରି ଅଧିନାୟକ ମୋରେ ୩.୫୮ ମିନିଟର ଡିଫେନ୍ସ କରିଥିଲେ। ରାଜସ୍ଥାନ ପକ୍ଷରୁ ଅକ୍ଷୟ ଗଣପୁଲେ ୫.୩୨ ମିନିଟର ଡିଫେନ୍ସ ଟାଇମ ସହିତ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଦ୍ୱିତୀୟ ଇନିଂସରେ ସେ ୨.୫୭ ମିନିଟର ଡିଫେନ୍ସ କରିଥିଲେ। ଜଗରନଟ୍ସ ପକ୍ଷରୁ ଯାଦବ ବେଶ ପ୍ରଭାବୀ ଆରମ୍ଭ କରିଥିଲେ ତେବେ ରାଜସ୍ଥାନ ପ୍ରଥମ ଇନିଂସରେ ୨୧ ପଏଣ୍ଟ ସ୍କୋର କରିବାରେ ସମର୍ଥ ହୋଇଥିଲା। ଓଡ଼ିଶାର ଆଟାକ ସମୟରେ ଅକ୍ଷୟ ୩.୨୫ ଓ ଦିଲରାଜ ସିଂ ୨.୩୫ ମିନିଟର ଡିଫେନ୍ସ କରିବାରୁ ଦଳ ମାତ୍ର ୧୭ ପଏଣ୍ଟ ସଂଗ୍ରହ ସହିତ ପଛରେ ପଡି ଯାଇଥିଲା। ପ୍ରଥମ ଇନିଂସ ସୁଦ୍ଧା ରାଜସ୍ଥାନ ୨୭-୨୧ରେ ଆଗୁଆ ରହିଥିଲା। ତେବେ ଅଧିନାୟକ ମୋରେ ମାତ୍ର ୪ ମିନିଟ ମଧ୍ୟରେ ବୋନସ ସହିତ ୬ ଡିଫେନ୍ସ ପଏଣ୍ଟ ସ୍କୋର କରି ଓଡ଼ିଶାକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ମୋରେଙ୍କ ପ୍ରଦର୍ଶନ ବଳରେ ତୃତୀୟ ଥରରେ ରାଜସ୍ଥାନ ମାତ୍ର ୧୬ ପଏଣ୍ଟ ସ୍କୋର କରିଥିଲା।


ରାଜସ୍ଥାନ ୱାରିୟର୍ସ ଓ ଓଡ଼ିଶା ଜଗରନଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଅଲଟିମେଟ୍ ଖୋ ଖୋ

ଅନ୍ତିମ ଟର୍ନରେ ଅକ୍ଷୟ ଗଣପୁଲେଙ୍କ ପ୍ରଦର୍ଶନ ଓଡ଼ିଶାକୁ ପରାଜୟ ଆଡକୁ ନେଉଥିବା ବେଳେ ଜଗନ୍ନାଥ ମୁର୍ମୁ ତାଙ୍କୁ ଆଉଟ କରି ଓଡ଼ିଶାକୁ ମ୍ୟାଚକୁ ଫେରାଇ ଆଣିଥିଲେ। ଏହି ବିଜୟ ସହିତ ଓଡ଼ିଶା ୬ଟି ମ୍ୟାଚରୁ ୫ ବିଜୟ ସହିତ ୧୫ ପଏଣ୍ଟ ହାସଲ କରିଛି। ଗୁଜରାଟ ବିପକ୍ଷରେ ଦଳ ଗୋଟିଏ ମୁକାବିଲାରେ ପରାଜିତ ହୋଇଥିବା ବେଳେ ଚେନ୍ନାଇ ଓ ରାଜସ୍ଥାନ ବିପକ୍ଷରେ ଦଳ ଦୁଇଟି ଲେଖାଏଁ ବିଜୟ ହାସଲ କରିଛି।

# ଲକ୍ଷ୍ୟଙ୍କୁ ହରାଇ ପ୍ରଣୟ କ୍ୱାର୍ଟରରେ

ଟୋକିଓ, ୨୫।୮ (ପି.ଟି.)

ଭାରତର ଏଚ୍.ଏସ୍. ପ୍ରଣୟ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ନିଜ ଦେଶର ତଥା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଲକ୍ଷ୍ୟ ସେନ୍‌ଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଭାରତର ପୁରୁଷ ଡବଲ୍ସ ଯୋଡ଼ି ଧ୍ରୁବ କାପିଲା ଓ ଏମ୍.ଆର୍. ଅର୍ଜୁନ ଏବଂ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ମଧ୍ୟ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ୧ ଘଣ୍ଟା ୧୫ ମିନିଟ ଧରି ଅନୁଷ୍ଠିତ ମୁକାବିଲାରେ ପ୍ରଣୟ ତାଙ୍କ ଟିମ୍‌ମେଟ୍‌ଙ୍କୁ ୧୭-୨୧, ୨୧-୧୬, ୨୧-୧୭ରେ ପରାସ୍ତ କରିଥିଲେ। ଚଳିତ ବର୍ଷ ଦୁଇ ଖେଳାଳି ବିଭିନ୍ନ ଟୁର୍ନାମେଣ୍ଟରେ ୪ଥର ପରସ୍ପରକୁ ଭେଟିଛନ୍ତି। ପ୍ରତ୍ୟେକ ଦୁଇ ଥର ବିଜୟ ହାସଲ କରିଛନ୍ତି। ପ୍ରଣୟ ବର୍ତ୍ତମାନ କ୍ୱାର୍ଟର ଫାଇନାଲରେ ଚାଇନାର ଝାଓ ଜୁନ୍ ପେଙ୍ଗଙ୍କୁ ଭେଟିବେ। ଅନ୍ୟପକ୍ଷରେ ଅଲିମ୍ପିକ ବ୍ରୋଞ୍ଜ ବିଜୟିନୀ ସାଇନା ନେହ୍ୱାଲ ବିଶ୍ୱ ଚାମ୍ପିୟନଶିପ୍‌ରୁ ବିଦାୟ ନେଇଛନ୍ତି। ଏକ ସଂଘର୍ଷପୂର୍ଣ୍ଣ ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ


ଏଚ୍.ଏସ୍. ପ୍ରଣୟ

୩୨ବର୍ଷୀୟା ସାଇନା ଥାଇଲାଣ୍ଡର ବୁସାନାନ୍ ଅନ୍‌ବାଙ୍ଗରୁଙ୍ଗଫାନ୍‌ଙ୍କଠାରୁ ୧୭-୨୧, ୨୧-୧୬,୧୩-୨୧ରେ ହାରିଯାଇଛନ୍ତି। ଅଣସିଡ୍ ଅର୍ଜୁନ ଓ କାପିଲା ପ୍ରି-କ୍ୱାର୍ଟରରେ ସିଙ୍ଗାପୁରର ଟେରି ହି ଓ ଲୋ କିନ୍ ହିନ୍‌ଙ୍କୁ ୧୮-୨୧, ୨୧-୧୫, ୨୧-୧୬ରେ ହରାଇ ଦେଇଛନ୍ତି। ଟୁର୍ନାମେଣ୍ଟରେ ଏହି ଯୋଡ଼ି ଭଲ ପ୍ରଦର୍ଶନ କରି ଆସୁଛନ୍ତି। ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଏହି ଯୋଡ଼ି ୮ମ ସିଡ୍ ତଥା ଗତ ସଂସ୍କରଣ ବ୍ରୋଞ୍ଜ ବିଜେତା ଡେନ୍‌ମାର୍କର କିମ୍ ଆଷ୍ଟ୍ରପ୍ ଓ ଆଣ୍ଡର୍ସ ସ୍କାରପ ରାସ୍‌ମୁସେନ୍‌ଙ୍କୁ ୨୧-୧୭, ୨୧-୧୬ରେ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ସାତ୍ୱିକ ଓ ଚିରାଗ ଡେନମାର୍କର ଜିପ୍ପା ବେ ଓ ଲସି ମୋଲ୍‌ହେଡ୍‌ଙ୍କ ବିପକ୍ଷରେ ୨୧-୧୨, ୨୧-୧୦ରେ ସହଜ ବିଜୟ ହାସଲ କରିଛନ୍ତି। ଅର୍ଜୁନ ଓ କାପିଲା କ୍ୱାର୍ଟର ଫାଇନାଲରେ ତୃତୀୟ ସିଡ୍ ଇଣ୍ଡୋନେସିଆର ମହମ୍ମଦ ଅହସାନ ଓ ହେଣ୍ଡ୍ରା ସେଟିଆୱାନଙ୍କୁ ଭେଟିବାକୁ ଥିବା ବେଳେ ସାତ୍ୱିକ ଓ ଚିରାଗ ଦ୍ୱିତୀୟ ସିଡ୍ ତଥା ଜାପାନର ଟାକୁରୋ ହୋକି ଓ ୟୁଗୋ କୋବାୟାଶିଙ୍କ ସହ ମୁକାବିଲା କରିବେ।

# ୟୁକ୍ରେନ ପାଇଁ ଖେଳିଲେ ସ୍ୱିଟେକ, ନାଡାଲ

ନ୍ୟୁୟର୍କ, ୨୫।୮ (ଏପି)

ୟୁକ୍ରେନରେ ମାନବିକ ସହାୟତା ପାଇଁ ପାଣ୍ଠି ସହାୟତା ଉଦ୍ଦେଶ୍ୟରେ ୟୁଏସ୍ ଓପନ୍ ପୂର୍ବରୁ ଟେନିସ ଷ୍ଟାରମାନଙ୍କୁ ନେଇ ଏକ ପ୍ରଦର୍ଶନୀ ଇଭେଣ୍ଟର ଆୟୋଜନ କରାଯାଇଥିଲା। ଏଥିରେ ଭାଗନେଇଥିବା ଖେଳାଳିମାନଙ୍କ ମଧ୍ୟରେ ରାଫାଲ ନାଡାଲ ଓ ଇଗା ସ୍ୱିଟେକ ରହିଛନ୍ତି। କୋକୋ ଗଫ୍ ଏଥିରେ ଯେଉଁ ଜୋତା ବ୍ୟବହାର କରିଥିଲେ ସେଥିରେ 'ପ୍ଲେ ଫର୍ ପିସ୍' ବାର୍ତ୍ତା ସ୍ଥାନ ପାଇଥିଲା। ଏହି ଇଭେଣ୍ଟରୁ ସଂଗୃହୀତ ୧ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ପାଣ୍ଠି ଏକ ଅନ୍ତର୍ଜାତୀୟ ଅଣଲାଭକାରୀ ସଂସ୍ଥାକୁ ଦିଆଯାଇଛି। ଏଥିରେ ଗଫ୍ ଓ ତାଙ୍କ ପାର୍ଟନର ଜନ୍ ମ୍ୟାକ୍‌ନୋର ମିକ୍ସଡ ଡବଲ୍ସ ନାଡାଲ ଓ ସ୍ୱିଟେକ୍‌ଙ୍କ ବିପକ୍ଷରେ ଖେଳିଥିଲେ। ଲୁଇସ୍ ଆର୍ମଷ୍ଟ୍ରଙ୍ଗ ଷ୍ଟାଡିୟମରେ 'ଟେନିସ ପ୍ଲେଜ୍ ଫର୍ ପିସ୍' ପ୍ରଦର୍ଶନୀ ଟେନିସ ଇଭେଣ୍ଟର ଶତ ପ୍ରତିଶତ ଟିକେଟ ବିକ୍ରି ହୋଇଥିବା ୟୁଏସ୍ ଟେନିସ ଆସୋସିଏଶନ କହିଛି। ଏଥିରେ ଅଂଶଗ୍ରହଣ କରିଥିବା ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ଡାୟାନା ୟାସ୍ତ୍ରେମ୍‌ସ୍କା ଓ କାଟାରିନା ଜାଭାଟିସ୍କା, ୨୦୨୧ ୟୁଏସ୍ ଓପନ ଫିନାଲିଷ୍ଟ ଲିଲା ଫର୍ନାଣ୍ଡେଜ, କାର୍ଲୋସୀ ଆଲ୍‌କାରେଜ୍, ମାରିଆ ସାକାରି, ଷ୍ଟିଫାନସ ସିଟ୍‌ସିପାସ୍ ଓ ଜେସିକା ପେଗୁଲା। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଷ୍ଟାସି ଆଲାଷ୍ଟର ଇଭେଣ୍ଟରୁ ଟିକେଟ ବିକ୍ରି ବାଦରେ ଅତି କମ୍‌ରେ ୨ ନିୟୁତ ଡଲାର ଆୟ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ଏଥିରୁ ୧.୨ ନିୟୁତ ଡଲାର ମିଳିଥିଲା।


ରାଫାଲ ନାଡାଲ ଓ ଇଗା ସ୍ୱିଟେକ।

# ଆଇସିସି ଜାରି କଲା ଷ୍ଟାଣ୍ଡିଂ ଟିକେଟ

ଦୁବାଇ, ୨୫।୮ (ପି.ଟି)

ଆଇସିସି ଟି୨୦ ବିଶ୍ୱକପ୍‌କୁ ଆଉ କିଛି ମାସ ସମୟ ରହିଥିବା ବେଳେ ଭାରତ-ପାକିସ୍ତାନ ମୁକାବିଲା ପୁଣି ଥରେ ଚର୍ଚ୍ଚାକୁ ଆସିଛି। ଏହି ମ୍ୟାଚ୍ ପାଇଁ ଆଇସିସି ପକ୍ଷରୁ ଷ୍ଟାଣ୍ଡିଂ ରୁମ୍ ଟିକେଟ ରିଲିଜ୍ କରାଯାଇଛି। ଭାରତ-ପାକିସ୍ତାନ ମୁକାବିଲା ପାଇଁ ଟିକେଟ ଜାରି ହେବାର ୫ ମିନିଟ ମଧ୍ୟରେ ସମସ୍ତ ଟିକେଟ ବିକ୍ରି ହୋଇଯାଇଥିଲା। ଟିକେଟ ବିକ୍ରି ହୋଇଯିବା କାରଣରୁ ଆଇସିସି ପକ୍ଷରୁ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି। ଫେବୃୟାରୀ ମାସରେ ବିଶ୍ୱକପ୍ ନିମନ୍ତେ ସାଧାରଣ ଟିକେଟ୍ ବିକ୍ରି କରାଯାଇଥିଲା। ଗୁରୁବାର ଷ୍ଟାଣ୍ଡିଂ ରୁମ୍ ଟିକେଟ ଜାରି କରାଯାଇଥିବା ବେଳେ ଏହାର ମୂଲ୍ୟ ୩୦ ଅଷ୍ଟ୍ରେଲିଆନ୍ ଡଲାର ଓ ଭାରତୀୟ ମୁଦ୍ରାରେ ୧୧୬୯ ଟଙ୍କା ରହିଛି। ଆଇସିସି ପକ୍ଷରୁ ୪ ହଜାର ଷ୍ଟାଣ୍ଡିଂ ଟିକଟ ଜାରି କରାଯାଇଛି। ଏହି ଟିକେଟ ଦ୍ୱାରା ଷ୍ଟାଡିୟମରେ ଛିଡା ହୋଇ ଖେଳ ଦେଖିବାର ମଜା ନେଇ ପାରିବେ ଦର୍ଶକ।

୨୩ ଅକ୍ଟୋବରରେ ଏହି ମହାମୁକାବିଲା ହେବ। ଅଧିକ ସଂଖ୍ୟାରେ ଫ୍ୟାନମାନଙ୍କୁ ସୁଯୋଗ ଦେବା ଲକ୍ଷ୍ୟରେ ଆଇସିସି ପକ୍ଷରୁ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହା ବ୍ୟତୀତ ଅଳ୍ପ କିଛି ଟିକେଟ ଆଇସିସି ହସ୍ପିଟାଲିଟି ଓ ଆଇସିସି ଟ୍ରାଭେଲ ଆଣ୍ଡ ଟୁର୍ସ ପ୍ରୋଗ୍ରାମ ପାଇଁ ସଂରକ୍ଷିତ ରଖାଯାଇଛି। ଅକ୍ଟୋବର ୧୬ ତାରିଖରେ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହା ପୂର୍ବରୁ ଏକ ରି-ସେଲ୍ ପ୍ଲାଟଫର୍ମ ଲଞ୍ଚ

## ଭାରତ-ପାକ୍ ଟି୨୦ ବିଶ୍ୱକପ୍ ମ୍ୟାଚ୍

ମଧ୍ୟ କରାଯିବ। ବିଶ୍ୱର ଶ୍ରେଷ୍ଠ କ୍ରିକେଟରଙ୍କୁ ଆକ୍ସନରେ ଦେଖିବା ପାଇଁ ଆଇସିସି ଅଫିସିଆଲ ୱେବ୍‌ସାଇଟରେ ଟିକେଟ ବୁକ୍ କରିହେବ। ଶିଶୁଙ୍କ ପାଇଁ ଟିକେଟର ମୂଲ୍ୟ ୫ ଡଲାର ଓ ବୟସ୍କଙ୍କ ପାଇଁ ଟିକେଟ ମୂଲ୍ୟ ୨୦ ଡଲାର ରଖାଯାଇଛି। ଏହା ସହିତ ନଭେମ୍ବର ୧୩ରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚ୍ ପାଇଁ ମଧ୍ୟ ଟିକେଟ ଉପଲବ୍ଧ ରହିଛି।

# ଆଞ୍ଚଳିକ ଟାଏକୋଣ୍ଡୋ ଉଦ୍‌ଯାପିତ


ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୨୫।୮ (ସ୍ପୋର୍ଟ୍ସ ବ୍ୟୁରୋ):** ଇଣ୍ଡିଆ ଟାଏକୋଣ୍ଡୋ ଆନୁକୂଲ୍ୟରେ ଆଞ୍ଚଳିକ ଟାଏକୋଣ୍ଡୋ ପ୍ରତିଯୋଗିତା ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଟି ରାଜ୍ୟରୁ ସିନିୟର ବର୍ଗର ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଆସାମ ପୋଲିସ ଚାମ୍ପିୟନ ଓ ପଞ୍ଜାବ ପୋଲିସ ରନର୍ସଅପ୍ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ମୋ ସ୍କୁଲ ଅଧ୍ୟକ୍ଷ ଆକାଶ ଦାସ ନାୟକ (ଅଭିନେତା) ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଓଡ଼ିଶା ଟାଏକୋଣ୍ଡୋ ଚେୟାରମ୍ୟାନ ଡ. ହରି ପ୍ରସାଦ ପଟ୍ଟନାୟକ, ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ଇଣ୍ଡିଆ ଟାଏକୋଣ୍ଡୋ ରେଫରି ଟେକ୍‌ନିକାଲ କମିଟି ଚେୟାରମ୍ୟାନ ଡ. ଥିରୁମାଲ, ଇଣ୍ଡିଆ ଟାଏକୋଣ୍ଡୋ ଅଫିସିଆଲ କିରଣ କୁମାର, ଓଡ଼ିଶା ଟାଏକୋଣ୍ଡୋ ସଭାପତି ସୁନ୍ଦରମଣି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଟାଏକୋଣ୍ଡ ସଂଘର ସମ୍ପାଦକ ଚିନ୍ମୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଜନ୍ମଦିନ ଶୁଭେଚ୍ଛା



ସତ୍ୟମ ସାହୁ (ପିକୁଲ୍)
ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା। ଭଗବାନ କରନ୍ତୁ, ତୁମ ଚଳାପଥ କୁସୁମିତ ହେଉ ...
ଶୁଭେଚ୍ଛା ସହ: ଅଜା, ଆଈ, ମାମୁ, ମାଈଁ, ବାବା, ମାମା, ଶୁଭମ, କୁନୁ, ପିକୁନ୍, ଶୁଭ, ପିନୁ, ରୋଜାଳିନୀ, ରୂପାଳୀ, ସାଇ।
ଧ-୬୭୪୨୪

10th Happy Birthday



ଆଶୁତୋଷ ନାୟକ
(ଖଳିସରା, ବଳରାମପ୍ରସାଦ, ନୟାଗଡ଼)
ଆଜି ତୁମର ଜନ୍ମବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଜୀବନରେ ସର୍ବଦା ସୁଖ, ଶାନ୍ତି ଭରିଦିଅନ୍ତୁ। ଶୁଭେଚ୍ଛା ସହ- ଟିକୁ, ଭବାନୀ, ମାମାଳି, ବାବୁନା ଓ ପରିବାରବର୍ଗ
ଧ-୭୩୮୬୨

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 3,000.00 | 6,000.00 | 12,000.00 | 13,000.00 | 25,000.00 | 20,000.00 | 40,000.00 |

Best Nutraceuticals And Ayurvedic Product Company In India Atulya Medilink Pvt. Ltd. Invites You For
PCD, Franchisee And Third-party manufacturing Business Opportunity Monopoly Based Right best Quality Production Time Delivery All Over India
Call us: +919211724091 (Domestic), +91885180014 (For Export Enquiry)
Corporate Address: 604, 6th Floor Ring Road Mall, Rohini Sector-3, Delhi-110085
Email: info.atulyamedilink@gmail.com
Website: www.atulyamedilinkpvtltd.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅର୍ଜୁନ ଏରିଗାସିଙ୍କୁ ଆବୁଧାବି ମାଷ୍ଟର୍ସ ଟାଇଟଲ

ଆବୁଧାବି, ୨୫।୮ (ପି.ଟି.)

ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗାଇସି ୨୮ତମ ଆବୁଧାବି ମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟ ଜିତିଛନ୍ତି। ଗୁରୁବାର ସେ ସ୍ପେନର ଡେଭିଡଥ ଆଣ୍ଟନ ଗାଇଜାରୋଙ୍କୁ ହରାଇ ଦେଇଛନ୍ତି। ୧୮ ବର୍ଷୀୟ ଭାରତୀୟ ଖେଳାଳି ୯ମ ତଥା ଫାଇନାଲ ରାଉଣ୍ଡରେ ସ୍ପାନିଶ ଖେଳାଳିଙ୍କୁ ହରାଇ ମୋଟ ୭.୫ ପଏଣ୍ଟ ଅର୍ଜନ କରିଥିଲେ। ଅର୍ଜୁନ ସମସ୍ତ ୯ ରାଉଣ୍ଡ ଯାକ ଖେଳରେ ଅପରାଜିତ ରହିଥିଲେ। ଷ୍ଟାଣ୍ଡିଂରେ ସେ ଉଜ୍‌ବେକିସ୍ତାନର ଜାଭୋଖିର ସିନ୍ଦାରୋଭଙ୍କଠାରୁ ଗୋଟିଏ ପଏଣ୍ଟ ଆଗରେ ରହିଥିଲେ। ସିନ୍ଦାରୋଭ ଅନ୍ୟପକ୍ଷରେ ଇରାନର ଏମ୍. ଅମିନ୍ ଟାବାଟାବେଇଙ୍କୁ ପରାସ୍ତ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।



# ପୂର୍ବାଞ୍ଚଳ ଦଳରେ ଓଡ଼ିଶାରୁ ୨

**ଭୁବନେଶ୍ୱର, ୨୫।୮ (ସ୍ପୋର୍ଟ୍ସ ବ୍ୟୁରୋ):** ରାଞ୍ଚିସ୍ଥିତ ଜେଏସ୍‌ସିଏ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ କମ୍ପ୍ଲେକ୍ସଠାରେ ଗୁରୁବାର ପୂର୍ବାଞ୍ଚଳ ସିଲେକ୍ସନ କମିଟି ବୈଠକ ବସିଥିଲା। ଏଥିରେ ସେପ୍ଟେମ୍ବର ୫ରୁ ୨୫ ପର୍ଯ୍ୟନ୍ତ ଖେଳାଯିବାକୁଥିବା ୨୦୨୨-୨୩ ଦୁଲିପ ଟ୍ରଫି ପାଇଁ ପୂର୍ବାଞ୍ଚଳ କ୍ରିକେଟ ଦଳ ମନୋନୟନ କରାଯାଇଥିଲା। ଦଳରେ ଓଡ଼ିଶାର ଶାନ୍ତନୁ ମିଶ୍ର (ଓସିଏ) ସ୍ଥାନ ପାଇଛନ୍ତି। ରାଜେଶ ମହାନ୍ତି (ଓସିଏ) ଷ୍ଟାଣ୍ଡବାଇ ଖେଳାଳି ଭାବେ ରାଜେଶ ମହାନ୍ତିଙ୍କୁ ମନୋନୀତ କରାଯାଇଛି। ବେଙ୍ଗଲ କ୍ରିକେଟ ଆସୋସିଏଶନର ମନୋଜ ତିୱାରୀ ପୂର୍ବାଞ୍ଚଳ ଦୁଲିପ ଟ୍ରଫି ଟିମ୍‌ର ଅଧିନାୟକତ୍ୱ କରିବେ। ଝାଡ଼ଖଣ୍ଡ କ୍ରିକେଟ ଆସୋସିଏଶନର ବିରାଟ ସିଂଙ୍କୁ ଉପ ଅଧିନାୟକ କରାଯାଇଛି।


ରାଜେଶ ମହାନ୍ତି


ଶାନ୍ତନୁ ମିଶ୍ର

# କଟକ 'ଏ', ଇକୋର୍ସାର ବୃହତ୍ ବିଜୟ

ଭୁବନେଶ୍ୱର, ୨୫।୮ (ସ୍ପୋର୍ଟ୍ସ ବ୍ୟୁରୋ)

କଳାହାଣ୍ଡି କପ୍ ୨୦୨୨ରେ ଗୁରୁବାର ୫ଟି ମ୍ୟାଚ୍ ଖେଳାଯାଇଛି। କଟକ 'ଏ', ଇକୋର୍ସା, ବାଲେଶ୍ୱର, ଓଡ଼ିଶା ବ୍ଲୁ ଏବଂ ଓଡ଼ିଶା ଗ୍ରୀନ୍ ନିଜ ନିଜ ମୁକାବିଲାରେ ବିଜୟ ହାସଲ କରିଛନ୍ତି। କଟକ ଏ ପକ୍ଷରୁ ସୌଭାଗ୍ୟ ମିଶ୍ର ଅପରାଜିତ ୯୮ ରନ୍ ସଂଗ୍ରହ କରିଥିବା ବେଳେ ବାଲେଶ୍ୱର ପକ୍ଷରୁ ନୌତମ ଭଞ୍ଜ(୪୧ ରନ୍ ଓ ୨୯/୩)ଙ୍କ ଅଲରାଉଣ୍ଡ ସଫଳତା ଦିନର ହାଇଲାଇଟ ରହିଥିଲା। ଏହା ବ୍ୟତିତ ଇକୋର୍ସା ପକ୍ଷରୁ ଅଙ୍କିତ ଯାଦବ (୬୮*) ଓ ଓଡ଼ିଶା ଗ୍ରୀନ୍ ପକ୍ଷରୁ ଓମ୍ ଟି. ମୁଣ୍ଡେ (୭୫*) ଆକର୍ଷଣୀୟ ବ୍ୟାଟିଂ କରିଥିଲେ।

କଟକ ଏ ବନାମ ଓଡ଼ିଶା ରେଡ୍ : କଟକ ଏ ଓ ଓଡ଼ିଶା ରେଡ୍ ମଧ୍ୟରେ ରେଭେନ୍ସା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚ୍‌କୁ ୪୮ ରନରେ ଜିତି ନେଇଛି କଟକ। ଟସ ଜିତିପ୍ରଥମେ ବ୍ୟାଟିଂ କରି କଟକ ନିର୍ଦ୍ଧାରିତ ଓଭରରେ ୩ ଉଇକେଟରେ ୧୬୪ ରନ କରିଥିଲା। ସୌଭାଗ୍ୟ ମହାପାତ୍ର ୬୨ ବଲରୁ ଅପରାଜିତ ୯୮ ରନ ସଂଗ୍ରହ କରିଥିବା ବେଳେ ବିପ୍ଳବ ସାମନ୍ତରାୟ ୩୬ ରନ ସଂଗ୍ରହ କରିଥିଲେ। ଶିବାଶିଷ ସାହୁ, ଅବଦୁଲ୍ ଏମ୍ ଖାନ୍ ଓ ଚିନ୍ମୟ ବିଶ୍ୱାଳ ପ୍ରତ୍ୟେକ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ରେଡ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୧୧୬ ରନ କରିଥିଲା। ଦେବେନ୍ଦ୍ର ଅପରାଜିତ ୨୩ ଓ ରାକେଶ ଗୋଚ୍ଛାୟତ ୨୨ ରନ୍ କରିଥିଲେ। ଜାମଳ ବି. ମହାପାତ୍ର ୨୪ ରନରେ ୩ଟି ଏବଂ ସୁନୀଲ ରାଉଳ ୧୭ ରନରେ ଗୋଟିଏ ଉଇକେଟ ନେଇଥିଲେ।

ଭଦ୍ରକ ବନାମ ଇକୋର୍ସା:ସନ୍‌ସାଇନ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମୁକାବିଲାରେ ଇକୋର୍ସା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଅଙ୍କିତ ଯାଦବଙ୍କ ଅପରାଜିତ ୬୮ ଏବଂ ଦୁଷ୍ମନ୍ତଙ୍କ ଅପରାଜିତ ୫୩ ରନ୍ ବଳରେ ଦଳ ୫ ଉଇକେଟ ବିନିମୟରେ ୧୮୬ ରନ୍ କରିଥିଲା। ଅବିନାଶ ସିଂ ଓ ନିହାର ଭୂୟାଁ ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ। ୧୮୭ ରନର ପିଛା କରୁଥିବା ଭଦ୍ରକ ୫୫ରନରେ ହାରି ଯାଇଥିଲା। ଜ୍ୟୋତିରଞ୍ଜନ (୩୩) ଓ ଜିତେନ୍ଦ୍ର ଭୋଇ(୨୮)


ଓମ୍ ଟି. ମୁଣ୍ଡେ


ନୌତମ ଭଞ୍ଜ


ସୌଭାଗ୍ୟ ମିଶ୍ର


ଅଙ୍କିତ ଯାଦବ


ପ୍ରବୀଣ କୁମାର ଲୁହା

## କଳାହାଣ୍ଡି କପ୍

ରନ୍ ସଂଗ୍ରହ କରିଥିଲେ। ଇକୋର୍ସା ପକ୍ଷରୁ ସୂର୍ଯ୍ୟକାନ୍ତ ପ୍ରଧାନ ଓ ମଳୟ କୁମାର ଜେନା ଦୁଇଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।

ବାଲେଶ୍ୱର ବନାମ ଝାରସୁଗୁଡା: ସନସାଇନ୍ ଗ୍ରାଉଣ୍ଡରେ ବାଲେଶ୍ୱର ଓ ଝାରସୁଗୁଡା ମଧ୍ୟରେ ଖେଳାଯାଇଥିବା ମୁକାବିଲାକୁ ବାଲେଶ୍ୱର ୧୫ ରନରେ ଜିତି ନେଇଛି। ଟସ୍ ଜିତି ଝାରସୁଗୁଡା ବୋଲିଂ କରିଥିବା ବେଳେ ୧୯.୫ ଓଭରରେ ବାଲେଶ୍ୱରକୁ ୧୫୪ରେ ସୀମିତ ରଖିଥିଲା। ନୌତମ ଭଞ୍ଜ ସର୍ବାଧିକ ୪୧ ରନ କରିଥିବା ବେଳେ ନିର୍ବିଶଙ୍କର ୩୫ ଓ ଆଶୁତୋଷ ୨୧ ରନ କରିଥିଲେ। ଜବାବରେ ଝାରସୁଗୁଡା ୧୯.୪ ଓଭରରେ ୧୩୯ ରନରେ ସମସ୍ତ ଉଇକେଟ ହରାଇଥିଲା। ସନ୍ତୋଷ ଯାଦବ ୪୦ ଓ ସାଗର ରାଉତ ୨୮ ରନ କରିଥିବା ବେଳେ ସର୍ବେଶ୍ୱର ମହାନ୍ତି ଓ ନୌତମ ଭଞ୍ଜ ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।

ଓଡ଼ିଶା ବ୍ଲୁ ବନାମ ଓଡ଼ିଶା ପିଙ୍କ: ବିଡାନାସୀ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି କଡା ସଂଘର୍ଷପୂର୍ଣ୍ଣ ମ୍ୟାଚକୁ ୨ ରନରେ ଜିତି ନେଇଥିଲା ଓଡ଼ିଶା ବ୍ଲୁ। ଲୋ ସ୍କୋରିଂ ମ୍ୟାଚରେ ବ୍ଲୁ ଦଳ ଟସ୍ ଜିତି ବ୍ୟାଟିଂ କରିଥିଲା। ପ୍ରବୀଣ କୁମାର ଲୁହାଙ୍କ ଅପରାଜିତ ୪୩ ଓ ଗୌରବଙ୍କ୨୨ ରନ୍ ବଳରେ ଦଳ ୫/୧୨୭ରେ ସୀମିତ ରହିଥିଲା। ଜବାବରେ ଓଡ଼ିଶା ପିଙ୍କ ନିର୍ଦ୍ଧାରିତ ଓଭରରେ ୯ ଉଇକେଟରେ ୧୨୫ ରନ କରିଥିଲା। ରୋନାଲ୍ଡ ବି. ସିଂ ସର୍ବାଧିକ ୪୩ ରନ କରିଥିବା ବେଳେ ଟୁକୁନା ସାହୁ, ରମେଶ ବେହେରା ଓ ମିଲନ ସାମଲ ପ୍ରତ୍ୟେକ ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ।

ଓଡ଼ିଶା ଗ୍ରୀନ୍ ବନାମ ଓଡ଼ିଶା ଅରେଞ୍ଜ: ବିଡାନାସୀ ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ମୁକାବିଲାକୁ ୮ ଉଇକେଟରେ ଜିତି ନେଇଛି ଓଡ଼ିଶା ଗ୍ରୀନ୍। ଟସ୍ ଜିତି ଅରେଞ୍ଜ ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ବିକାଶ ରାଉତଙ୍କ ୫୨ ରନ ବଳରେ ଦଳ ୯ ଉଇକେଟ ହରାଇ ୧୨୨ ରନ କରିଥିଲା। ଚପଳ ଗଣେଷ ୩ଟି ଓ ସୁଜିତ ବାରିକ ୨ଟି ଉଇକେଟ ସହିତ ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ଓମ୍ ଟି. ମୁଣ୍ଡେଙ୍କ ଅପରାଜିତ ୭୫ ରନ ବଳରେ ଦଳ ଦୁଇ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଗୋବିନ୍ଦ ତାଣ୍ଡିଆ ଓ ସୁମିତ ମହାରଣା ପ୍ରତ୍ୟେକ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।



ନିର୍ମଳ କୁମାର ମିଶ୍ର

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୨ତମ ସଂସ୍କରଣ ନିକଟରେ ବର୍ମିଂହାମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥର ପ୍ରତିଯୋଗିତାରୁ ଶୁଟିଂ ଇଭେଣ୍ଟ ବାଦ୍ ପଡ଼ିଥିଲେ ହେଁ ଦମ୍ ଦେଖାଇଛି ଭାରତ। ୨୨ ସ୍ୱର୍ଣ୍ଣ ସହ ପଦକ ତାଲିକାର ୪ର୍ଥ ସ୍ଥାନ ଅଧିକାର କରିଛି। ଟେବୁଲ ଟେନିସ୍ ତାରକା ଅଚନ୍ତ ଶରଥ କମଲ ଏକାକୀ ୩ ସ୍ୱର୍ଣ୍ଣ ସହ ମୋଟ ୪ଟି ପଦକ ହାସଲ କରି ଭାରତର ସବୁଠାରୁ ସଫଳ ଖେଳାଳି ବିବେଚିତ ହୋଇଛନ୍ତି...

# ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଭାରତ



ପି.ଭି. ସିନ୍ଧୁ

ଅଚନ୍ତ ଶରଥ କମଲ

ବଜରଙ୍ଗ ପୁନିଆ

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଖେଳକୁଦ ପ୍ରତିଯୋଗିତା ହେଉଛି ରାଜ୍ୟଗୋଷ୍ଠୀ କ୍ରୀଡ଼ା। ବିଶ୍ୱସ୍ତରରେ ଯୁବ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଲାଗି ଏହା ଏକ ବଡ଼ ପ୍ଲାଟ୍‌ଫର୍ମ। ଇଂଲଣ୍ଡର ବର୍ମିଂହାମଠାରେ ଜୁଲାଇ ୨୮ରୁ ଆରମ୍ଭ ହୋଇ ଏହା ଅଗଷ୍ଟ ୮ରେ ଉଦ୍‌ଯାପିତ ହୋଇଛି। ବର୍ମିଂହାମର ଆଲେକ୍‌ଜାଣ୍ଡର ଷ୍ଟାଡିୟମ ଏହାର ମୁଖ୍ୟ ଭେନ୍ୟୁ ରହିଥିବା ବେଳେ ୭୨ଟି ରାଜ୍ୟଗୋଷ୍ଠୀ ଦେଶରୁ ୫ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏହି ମେଗା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଇଂଲଣ୍ଡ ତୃତୀୟଥର ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଆୟୋଜନ କରିଥିଲା। ଏହା ପ୍ରଥମେ ଦକ୍ଷିଣ ଆଫ୍ରିକାର ଡର୍ବାନ ସହରରେ ହେବ ବୋଲି ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଂଘ ସଭାପତି ଲୁଇସ୍ ମାର୍ଟିନ ଘୋଷଣା କରିଥିଲେ। ମାତ୍ର ଆର୍ଥିକ ସମସ୍ୟା ଏବଂ କରୋନା ମହାମାରୀ ପାଇଁ ଶେଷ ମୁହୂର୍ତ୍ତରେ ଦକ୍ଷିଣ ଆଫ୍ରିକା ଓହରିଯିବା ପରେ ଇଂଲଣ୍ଡକୁ ଆୟୋଜନ ପାଇଁ ଅନୁମତି ମିଳିଥିଲା। ପ୍ରଥମଥର ଲାଗି ଏହି ପ୍ରତିଯୋଗିତାରେ ସର୍ବାଧିକ ୭୨ଟି ସଦସ୍ୟ ଦେଶ ଭାଗ ନେଇଥିବା ବେଳେ ମହିଳା ଇଭେଣ୍ଟ ସଂଖ୍ୟା ଅନ୍ୟ ସଂସ୍କରଣ ତୁଳନାରେ ଅଧିକ ରହିଥିଲା।

ପ୍ରତିଯୋଗିତାର ପୂର୍ବ ସଂସ୍କରଣ ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ମୋଟ ୬୬ଟି (୨୬ ସ୍ୱର୍ଣ୍ଣ , ୨୦ ରୌପ୍ୟ ଏବଂ ୨୦ ବ୍ରୋଞ୍ଜ) ପଦକ ହାସଲ କରିଥିଲା। ଫଳରେ ପଦକ ତାଲିକାର ୩ୟ ସ୍ଥାନରେ ରହିଥିଲା। ସେଠାରେ ଶୁଟିଂରେ ଭାରତର ସଫଳତା ବେଶ୍ ଉତ୍ସାହପ୍ରଦ ରହିଥିଲା। ୧୯୫୪ ଭାଙ୍କୋଭର ପ୍ରତିଯୋଗିତାଠାରୁ ୨୦୨୨ ବର୍ମିଂହାମ ପର୍ଯ୍ୟନ୍ତ ୧୬ଥର ଏହି ବିଶ୍ୱସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଭାଗ ନେଇଥିବା ଭାରତ ଏଥର ମୋଟ ୬୧ଟି ପଦକ ସହ ତାଲିକାର ୪ର୍ଥ ସ୍ଥାନରେ ରହିଥିଲା। ଏହା ମଧ୍ୟରେ ୨୨ ସ୍ୱର୍ଣ୍ଣ, ୧୬ ରୌପ୍ୟ ଏବଂ ୨୩ ବ୍ରୋଞ୍ଜ ପଦକ ସାମିଲ ଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ଅଷ୍ଟ୍ରେଲିଆ ପଛକୁ ଭାରତ ଶୁଟିଂ ଇଭେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରି ୧୩୫ଟି ପଦକ ହାସଲ କରିଛି। ସେଥିମଧ୍ୟରେ ରହିଛି ୬୩ ସ୍ୱର୍ଣ୍ଣ ପଦକ। ମାତ୍ର ବର୍ମିଂହାମ ଗେମ୍ସରେ ଶୁଟିଂ ଇଭେଣ୍ଟ ବାଦ୍ ପଡ଼ିଥିବାରୁ ଭାରତକୁ ନିରାଶ ହେବାକୁ ପଡ଼ିଛି।

ବର୍ମିଂହାମ୍ କ୍ରୀଡ଼ାରେ ଅଷ୍ଟ୍ରେଲିଆ ୬୭ ସ୍ୱର୍ଣ୍ଣ, ୫୭ ରୌପ୍ୟ ଓ ୫୪ ବ୍ରୋଞ୍ଜ ସହ ମୋଟ ୧୭୮ଟି ପଦକ ପାଇ ଟେବୁଲ ଶୀର୍ଷରେ ରହିଥିଲା। ଦ୍ୱିତୀୟ ସ୍ଥାନରେ ଥିବା ଇଂଲଣ୍ଡ ୫୭ ସ୍ୱର୍ଣ୍ଣ, ୬୬ ରୌପ୍ୟ ଓ ୫୩ ବ୍ରୋଞ୍ଜ ଏବଂ କାନାଡା ୨୬ ସ୍ୱର୍ଣ୍ଣ, ୩୨ ରୌପ୍ୟ ଓ ୩୪ ବ୍ରୋଞ୍ଜ ପଦକ ସହ ୩ୟ ସ୍ଥାନରେ ରହିଥିଲା। ଶୁଟିଂ ବାଦ୍ ପଡ଼ିଥିବାରୁ ଭାରତୀୟ ପ୍ରତିଯୋଗୀମାନେ ବ୍ୟାଡ୍‌ମିଣ୍ଟନ, ରେସ୍‌ଲିଂ, ବକ୍ସିଂ ଏବଂ ଭାରୋତ୍ତୋଳନରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରଖାଯାଇଥିଲା। ଏହି ଇଭେଣ୍ଟଗୁଡ଼ିକରେ ଆଶାନୁରୂପ ସଫଳତା ମଧ୍ୟ ମିଳିଥିଲା। ରବି କୁମାର ଦାହିଆ, ବଜରଙ୍ଗ ପୁନିଆ, ସାକ୍ଷୀ ମଲ୍ଲିକ, ପି.ଭି. ସିନ୍ଧୁ, ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ କିଡ଼ାମ୍ବି ଶ୍ରୀକାନ୍ତ ଏବଂ ଲକ୍ଷ୍ୟ ସେନ୍ ପ୍ରମୁଖ ପ୍ରଭାବୀ ପ୍ରଦର୍ଶନ କରିଥିଲେ।

୨୦୧୦ ନୂଆଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ମୋଟ ୧୦୧ ପଦକ ହାସଲ କରି ତାଲିକାରେ ୨ୟ ସ୍ଥାନ ଅଧିକାର କରିଥିଲା। ଭାରତ ହାସଲ କରିଥିବା ମୋଟ ୩୮ଟି ସ୍ୱର୍ଣ୍ଣ ମଧ୍ୟରୁ ୧୪ଟି କେବଳ ଶୁଟିଂ ଇଭେଣ୍ଟରୁ ଆସିଥିଲା। ଏହା ଥିଲା ଭାରତର ସବୁଠାରୁ ଭଲ ପ୍ରଦର୍ଶନ। ପ୍ରଥମଥର ପାଇଁ ଭାରତ ୧୦୦ରୁ ଊର୍ଦ୍ଧ୍ୱ ମେଡାଲ ହାସଲ କରିଥିଲା। ବର୍ମିଂହାମରେ ଭାରତ ୱେଟ୍‌ଲିଫ୍ଟିଙ୍ଗ୍‌ରେ ୩, ରେସ୍‌ଲିଂରେ ୬, ବକ୍ସିଂରେ ୩, ଟେବୁଲ ଟେନିସ୍‌ରେ ୪, ବ୍ୟାଡ୍‌ମିଣ୍ଟନରେ ୩ ଏବଂ ପାରା ପାୱାର ଲିଫ୍ଟିଙ୍ଗ୍, ଆଥ୍‌ଲେଟିକ୍ସ ଏବଂ ଲନ୍ ବୋଲ୍ସରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଟୋକିଓ ଅଲିମ୍ପିକ୍ସର ହିରୋ ନିରଜ ଚୋପ୍ରା ଜାଭେଲିନ୍ ଥ୍ରୋରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିବା ନିଶ୍ଚିତ ମନେ ହେଉଥିବାବେଳେ ଆଘାତ ସମସ୍ୟା ଯୋଗୁ ଶେଷ ମୁହୂର୍ତ୍ତରେ ସେ ଓହରି ଯାଇଥିଲେ। ସ୍କ୍ୱାଶ୍ ପ୍ରତିଯୋଗିତାରେ ୧୪ ବର୍ଷୀୟା ଅନହତ ସିଂଙ୍କ ଉପରେ ସମସ୍ତଙ୍କ ନଜର ରହିଥିଲା। ଆଗକୁ ତାଙ୍କର ଭଲ ପ୍ରଦର୍ଶନ ନିଶ୍ଚୟ ଅବ୍ୟାହତ ରହିବ। ୧୦୬ ଭାରତୀୟ ପୁରୁଷ ଏବଂ ୧୦୪ ଜଣ ମହିଳା କ୍ରୀଡ଼ାବିତ୍ ଏହି ମେଗା ଇଭେଣ୍ଟର ୧୬ଟି ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

ହକି ଖେଳାଳି ମନପ୍ରୀତ୍ ସିଂ ଏବଂ ଅଲିମ୍ପିଆନ୍ ପି.ଭି. ସିନ୍ଧୁ ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ତ୍ରିରଙ୍ଗାଧାରୀ ହୋଇଥିଲେ। ୧୪ ବର୍ଷୀୟା ସ୍କ୍ୱାଶ୍ ଖେଳାଳି ସର୍ବକନିଷ୍ଠ ଏବଂ ୪୫ ବର୍ଷୀୟ ଲନ୍ ବୋଲ୍ସ ଖେଳାଳି ସୁନୀଲ ବାହାଦୁର ବୟସ୍କ ଖେଳାଳି ରୂପେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୱେଟ୍‌ଲିଫ୍ଟିଙ୍ଗ୍‌ରେ ସଙ୍କେତ ସରଗର ଭାରତକୁ ପ୍ରଥମ ରୌପ୍ୟ ପଦକ ପ୍ରଦାନ କରିଥିବା ବେଳେ ମୀରାବାଇ ଚାନୁ ସ୍ୱର୍ଣ୍ଣିମ ସଫଳତା ଦେଇଥିଲେ। ଲନ ବୋଲ୍ସ ପ୍ରତିଯୋଗିତାରେ ଭାରତ ତା'ର ପ୍ରଥମ ସ୍ୱର୍ଣ୍ଣ ପଦକ ପାଇଥିଲା। ଟେବୁଲ ଟେନିସ୍‌ରେ ଅଚନ୍ତ ଶରଥ କମଲ (୩ ସ୍ୱର୍ଣ୍ଣ ଏବଂ ୧ ରୌପ୍ୟ) ସର୍ବାଧିକ ପଦକ ପାଇଥିଲେ।

ସୁଧୀର, ବଜରଙ୍ଗ ପୁନିଆ, ସାକ୍ଷୀ ମଲ୍ଲିକ, ଦୀପକ ପୁନିଆ, ରବି କୁମାର ଦାହିଆ, ଭିନେଶ ଫୋଗତ, ପି.ଭି. ସିନ୍ଧୁ, ଲକ୍ଷ୍ୟ ସେନ୍, ଅମିତ୍ ପଙ୍ଗାଲଙ୍କ ପରି ବିଶ୍ୱସ୍ତରୀୟ ଆଥଲେଟ୍‌ଙ୍କ ପ୍ରଦର୍ଶନକୁ ଦେଖିଲେ ଆମ ଦେଶ ଯେ କ୍ରୀଡ଼ାକ୍ଷେତ୍ରରେ ଭବିଷ୍ୟତରେ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି, ଏଥିରେ ଦ୍ୱିମତ ନାହିଁ। ୨୦୨୬ରେ ଭିକ୍ଟୋରିଆରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଆହୁରି ଭଲ ପ୍ରଦର୍ଶନ କରିବାର ଆଶା କରାଯାଏ।

## କେଉଁ ଇଭେଣ୍ଟରୁ କେତେ ପଦକ

| କ୍ରୀଡ଼ା | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ରେସ୍‌ଲିଂ | ୬ | ୧ | ୫ | ୧୨ |
| ଟେବୁଲ ଟେନିସ୍ | ୪ | ୧ | ୨ | ୭ |
| ଭାରୋତ୍ତୋଳନ | ୩ | ୩ | ୪ | ୧୦ |
| ବକ୍ସିଂ | ୩ | ୧ | ୩ | ୭ |
| ବ୍ୟାଡ୍‌ମିଣ୍ଟନ | ୩ | ୧ | ୨ | ୬ |
| ଆଥ୍‌ଲେଟିକ୍ସ | ୧ | ୪ | ୩ | ୮ |
| ଲନ୍ ବୋଲ୍ସ | ୧ | ୧ | ୦ | ୨ |
| ପାରା ପାୱାର ଲିଫ୍ଟିଂ | ୧ | ୦ | ୦ | ୧ |
| ଜୁଡୋ | ୦ | ୨ | ୧ | ୩ |
| ହକି | ୦ | ୧ | ୧ | ୨ |
| କ୍ରିକେଟ | ୦ | ୧ | ୦ | ୧ |
| ସ୍କ୍ୱାଶ୍ | ୦ | ୦ | ୨ | ୨ |
| ମୋଟ | ୨୨ | ୧୬ | ୨୩ | ୬୧ |

## ଏସିଆ କପ୍ କ୍ରିକେଟ

# ଭାରତ-ପାକିସ୍ତାନ ମ୍ୟାଚ୍ ଉପରେ ନଜର

ଏସିଆ କପ୍‌ର ଉଦ୍‌ଘାଟନୀ ମ୍ୟାଚ୍ ଯଦିଓ ଆଫଗାନିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ହେବ ତେବେ ୨୮ ତାରିଖରେ ହେବାକୁଥିବା ଭାରତ-ପାକିସ୍ତାନ ମ୍ୟାଚ୍ ଉପରେ ସମସ୍ତଙ୍କ ନଜର ରହିବ।

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ୧୫ତମ ସଂସ୍କରଣ ୟୁନାଇଟେଡ୍ ଆରବ ଏମିରେଟ୍ସରେ ଆରମ୍ଭ ହେବାକୁ ଯାଉଛି। ଅଗଷ୍ଟ ୨୭ରୁ ଏହା ଆରମ୍ଭ ହୋଇ ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ। ଏସିଆ ମହାଦେଶର ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଗ୍ରୁପ୍ 'ଏ'ରେ ଭାରତ, ପାକିସ୍ତାନ, ହଂକଂ ଏବଂ ଗ୍ରୁପ୍ 'ବି'ରେ ଆଫଗାନିସ୍ତାନ, ଶ୍ରୀଲଙ୍କା ଓ ବାଂଲାଦେଶ ସ୍ଥାନ ପାଇଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଯଦିଓ ୨୭ ତାରିଖରେ ଆଫଗାନିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ହେବ ତେବେ ୨୮ ତାରିଖରେ ହେବାକୁ ଥିବା ଭାରତ-ପାକିସ୍ତାନ ମ୍ୟାଚ ଉପରେ ସମସ୍ତଙ୍କ ନଜର ରହିଛି। ରାଜନୈତିକ କାରଣରୁ ଉଭୟ ଦଳ ପରସ୍ପର ସହିତ ଦ୍ୱିପାକ୍ଷିକ ସିରିଜ ଖେଳୁ ନ ଥିବାରୁ ଆଇସିସି ଇଭେଣ୍ଟଗୁଡିକ ସ୍ୱତଃ ଆକର୍ଷଣୀୟ ହେବାରେ ଲାଗିଛି। ଉଭୟ ଦଳ ସେମାନଙ୍କ ପ୍ରମୁଖ ପେସ୍ ବୋଲରଙ୍କ ବିନା ଖେଳିବେ। ଯଶପ୍ରୀତ୍ ବୁମ୍‌ରା ଓ ଶାହିନ୍ ଆଫ୍ରିଦୀ ଆହତ ହୋଇ ବାଦ୍ ପଡ଼ିଥିବାରୁ ଆଗାମୀ ମ୍ୟାଚ୍‌ରେ ନଜରରେ ରହିବାକୁଥିବା କେତେକ ଖେଳାଳିଙ୍କୁ ନେଇ ଏହି ଉପସ୍ଥାପନା...



ଭୁବନେଶ୍ୱର କୁମାର

ବାବର ଆଜମ

### କୋହଲି ବନାମ ଉସ୍‌ମାନ କାଦିର

ଭାରତୀୟ ଦଳର ଷ୍ଟାର ବ୍ୟାଟର ତଥା ପୂର୍ବତନ ଅଧିନାୟକ ବିରାଟ କୋହଲି ଖରାପ ଫର୍ମ ଦେଇ ଗତି କରୁଛନ୍ତି। ତେବେ ବିରାଟଙ୍କୁ ଆଦୌ ହେୟ ମନେକରିବ ନାହିଁ ପାକିସ୍ତାନ। ଭାରତ ପାକିସ୍ତାନ ମଧ୍ୟରେ ୯ଟି ଟି୨୦ ମ୍ୟାଚ୍ ଖେଳାଯାଇଥିବା ବେଳେ ଟିମ୍ ଇଣ୍ଡିଆ ୬-୨ରେ ଆଗୁଆ ରହିଛି। ଏହା ମଧ୍ୟରୁ କୋହଲି ୭ଟି ମ୍ୟାଚ୍‌ରେ ଖେଳି ୩ଟି ଅର୍ଦ୍ଧଶତକ ସହ ୩୧୧ ରନ୍ କରିଛନ୍ତି। କୋହଲିଙ୍କ ଆଭରେଜ୍ ୭୭.୭୫ ରହିଥିବା ବେଳେ ଷ୍ଟ୍ରାଇକ୍ ରେଟ୍ ରହିଛି ୧୧୮.୨୫। ରବିବାରର ମ୍ୟାଚ୍ କୋହଲିଙ୍କ ଶତକୀୟ ମୁକାବିଲା ହେବ। ଅଦ୍ୟାବଧି ଟି୨୦ ଶତକ ହାସଲ କରି ନ ଥିବା କୋହଲିଙ୍କ ପାଇଁ ଶତକ ହାସଲର ଏହା ଏକ ବଢ଼ିଆ ସୁଯୋଗ। ତେବେ କୋହଲିଙ୍କ ରାସ୍ତାରେ ବାଧା ସୃଷ୍ଟି କରିପାରନ୍ତି ପାକିସ୍ତାନୀ ଲେଗ୍‌ସ୍ପିନର ଉସ୍‌ମାନ କାଦିର। ଅବ୍‌ଦୁଲ କାଦିରଙ୍କ ପୁଅ ଉସ୍‌ମାନ ୧୮ଟି ମ୍ୟାଚ୍‌ରୁ ୨୪ଟି ଉଇକେଟ ନେଇଛନ୍ତି। ପୂର୍ବରୁ ଅନେକ ଇନିଂସ୍‌ରେ ଲେଗ୍ ସ୍ପିନରଙ୍କ ବିରୋଧରେ କୋହଲି ଅସହଜ ମନେହେବାର ନଜିର ରହିଛି। କୋହଲିଙ୍କୁ ଆଉଟ କରିବାକୁ ଲେଗ୍ ସ୍ପିନ୍ ପ୍ରମୁଖ ଅସ୍ତ୍ର ବୋଲି ପୂର୍ବରୁ କହିଥିଲେ ଅଷ୍ଟ୍ରେଲୀୟ ଲେଗ୍‌ସ୍ପିନର ଆଡାମ୍ ଜାମ୍ପା।

### ରୋହିତ ବନାମ ନଶିମ୍

ଏସିଆ କପ୍‌ରେ ଭାରତ ଡିଫେଣ୍ଡିଂ ଚାମ୍ପିୟନ ଭାବରେ ଖେଳିବ। ଅଧିନାୟକ ରୋହିତ ଶର୍ମା ଟି୨୦ରେ ଜଣେ ମ୍ୟାଚ୍‌ୱିନର। ଟି୨୦ରେ ୪ ଶତକ ସହ ବିଶ୍ୱର ଅନ୍ୟ ସମସ୍ତ ବ୍ୟାଟରଙ୍କୁ ଏହି ତାଲିକାରେ ପଛରେ ପକାଇଛନ୍ତି ଭାରତୀୟ ଅଧିନାୟକ। ତେବେ ପାକିସ୍ତାନ ବିପକ୍ଷରେ ସେ ୩୦ ରନ୍‌ର ସର୍ବାଧିକ ସ୍କୋର ସହିତ ୮ ମ୍ୟାଚ୍‌ରୁ ମାତ୍ର ୭୦ ରନ୍ କରିଛନ୍ତି। ଏହି ପରିସଂଖ୍ୟାନକୁ ରୋହିତ ପରିବର୍ତ୍ତନ କରିବାକୁ ଚାହିଁବେ। ତେବେ ପାକିସ୍ତାନୀ ସ୍ପିଡ୍‌ଷ୍ଟର ନଶିମ୍ ଶାହଙ୍କ ବିପକ୍ଷରେ ତାଙ୍କୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଉପଯୁକ୍ତ ଫୁଟ୍‌ୱାର୍କ ବ୍ୟବହାର ନ କଲେ ନଶିମ୍‌ଙ୍କ ବିପକ୍ଷରେ ସମସ୍ୟାରେ ପଡ଼ିପାରନ୍ତି ଏହି ଭାରତୀୟ ଓପ୍‌ନର। ଭାରତ ବିପକ୍ଷରେ ପ୍ରଥମଥର ନଶିମ୍ ଖେଳିବେ। ଡେବ୍ୟୁ ସ୍ମରଣୀୟ କରିବାକୁ ସେ ନିଶ୍ଚିତ ଚାହିଁବେ।

### ସୂର୍ଯ୍ୟକୁମାର ବନାମ ହରିଶ୍ ରୌଫ୍

ବର୍ତ୍ତମାନ ଭାରତୀୟ ଟି୨୦ ଟପ୍ ଅର୍ଡରର ପ୍ରମୁଖ ଅଙ୍ଗ ପାଲଟିଥିବା ସୂର୍ଯ୍ୟକୁମାର ଯାଦବ ଟି୨୦ରେ ଶତକ ହାସଲ କରିଥିବା ୪ ଭାରତୀୟଙ୍କ ମଧ୍ୟରେ ନିଜ ନାମ ସାମିଲ କରିଛନ୍ତି। ପଡିଆର ଚତୁର୍ଦ୍ଦିଗକୁ ଶଟ୍ ଖେଳୁଥିବା ସୂର୍ଯ୍ୟ ନିଜର ୩୬୦ ଡିଗ୍ରୀ ଦକ୍ଷତା ପାଇଁ ବେଶ୍ ପରିଚିତ। ଉଭୟ ପେସ୍ ଓ ସ୍ପିନ୍ ବିପକ୍ଷରେ ସେ ଦୃଢ଼ ବ୍ୟାଟିଂ କରିବାରେ ସମର୍ଥ। ସେ ପାକିସ୍ତାନ ବିପକ୍ଷ ଟି୨୦ ବିଶ୍ୱକପ ମୁକାବିଲାରେ ମାତ୍ର ୧୧ ରନ୍‌ରେ ଆଉଟ ହୋଇଥିବା ବେଳେ ଏହାର ପ୍ରତିଶୋଧ ନେବାକୁ ପ୍ରୟାସ କରିବେ। ଯାଦବଙ୍କ ବିରୋଧରେ ପାକିସ୍ତାନ ହରିଶ ରୌଫ୍‌ଙ୍କୁ ଉପଯୋଗ କରିବାକୁ ଚାହିଁବ । ନିୟମିତ ଭାବେ ୧୪୦ କିମି ବେଗରେ ବୋଲିଂ କରୁଥିବା ରୌଫ୍ ସମୟ ସମୟରେ ୧୫୦ କିମି ବେଗରେ ମଧ୍ୟ ବୋଲିଂ କରନ୍ତି। ରୌଫ୍ ୩୫ ଟି୨୦ରୁ ୪୨ ଉଇକେଟ ନେଇଥିବା ବେଳେ ୨୩ଟି ଟି୨୦ରୁ ଯାଦବ ସ୍କୋର କରିଛନ୍ତି ୬୭୨ ରନ୍।

### ଭୁବନେଶ୍ୱର ବନାମ ବାବର

ବୁମ୍‌ରାଙ୍କ ଅନୁପସ୍ଥିତିରେ ଭୁବନେଶ୍ୱର କୁମାର ଭାରତୀୟ ବୋଲିଂର ନେତୃତ୍ୱ ନେବେ। ସୁଇଂ ଭୁବନେଶ୍ୱରଙ୍କ ପ୍ରମୁଖ ଅସ୍ତ୍ର ହୋଇଥିବାରୁ ପାକିସ୍ତାନ ଅଧିନାୟକ ବାବର ଆଜମଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରନ୍ତି। ଡାହାଣହାତୀ ବ୍ୟାଟରଙ୍କୁ ନିଜ ଘାତକ ଇନ୍‌ସୁଇଂରେ ସେ ଅସୁବିଧାରେ ପକାଇଥାନ୍ତି। ପାକିସ୍ତାନ ବିପକ୍ଷରେ ଭୁବନେଶ୍ୱର ୪ଟି ମ୍ୟାଚ୍‌ରୁ ୩/୯ର ଶ୍ରେଷ୍ଠ ବୋଲିଂ ଫିଗର ସହିତ ୫ ଉଇକେଟ ଅକ୍ତିଆର କରିଛନ୍ତି। ଅନ୍ୟପକ୍ଷରେ ବାବର ଭାରତ ବିପକ୍ଷରେ ମାତ୍ର ଗୋଟିଏ ଟି୨୦ ଖେଳିଥିବା ବେଳେ ଅପରାଜିତ ୬୮ ରନ୍ କରିଥିଲେ। ବାବର ଫର୍ମରେ ଥିଲେ ଯେକୌଣସି ବୋଲିଂ ବିପକ୍ଷରେ ରନ୍ ସ୍କୋର କରିପାରିବେ। ତେବେ ରିଭର୍ସ ସୁଇଂ ଏବଂ ପାରମ୍ପରିକ ଇନ୍‌ସୁଇଙ୍ଗ ସାମ୍ନାରେ ବାବରଙ୍କ ଦୁର୍ବଳତା ନଜରକୁ ଆସିଛି।



ବିରାଟ କୋହଲି

ଉସ୍‌ମାନ କାଦିର

## ବ୍ୟାୟାମ

ଗ୍ଲୋବାଲ ବାଇସାଇକେଲ
ଇନ୍‌ଡେକ୍ସରେ
ୱାର୍ଲ୍ଡର ନବେ ଦେଶ
ବିଶ୍ୱର ସବୁଠୁ ବାଇକ୍ ଫ୍ରେଣ୍ଡଲିସିଟି
ୟୁଟ୍ରେଚ ଚଳିତ ବର୍ଷ
ନେଦରଲାଣ୍ଡ୍ସର ହସ
ଗର୍ବ କରେ ଏଠା ବାସିନ୍ଦାଙ୍କ ପାଇଁ
ପଲ୍ୟୁଶନ ହୁଏ ନାଶ।




ଡେଲି ସାଇକେଲ ଚଳାଇଲେ ମିତ
ହୁଏ ବହୁ ଉପକାର
ମେଦ ବହୁଳତା କମାଏ, କ୍ୟାନ୍‌ସର
ରୋଗ ଶଙ୍କା କରେ ଦୂର
ମାନସିକ ସ୍ଥିତି ସ୍ଥିର
ମସ୍ତିଷ୍କ ସକ୍ରିୟ ରହେ ବ୍ୟାୟାମରେ
ସୁସ୍ଥ ରହେ ସେହି ନର।

ମୋ ଦେଶ ଭାରତ ଯୁବକଙ୍କୁ
ଲୋଡ଼ା
ଦି ହାତ ଯିବାକୁ ଗାଡ଼ି
ମେଡିସିନ ମାଛ ପରିବା ଆଣନ୍ତି
ବୁଲେଟ ବାଇକ ଚଢ଼ି,
କାର୍ଯ୍ୟ ବିନା ଥରେ ନାଡ଼ି
ଘରେ ବସି ଲୋକ ଅଳ୍ପାୟୁଷ ହୁଏ
ବ୍ୟାୟାମ ବ୍ୟକ୍ତି ହିଁ ରେଡି।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୬/୨୦୨୨ Bhubaneswar, Friday, August 26/ 2022

# ଏଆଇଏଫ୍ଏଫ୍ ସଭାପତି ପାଇଁ ଭୂଟିଆଙ୍କ ନାମାଙ୍କନ

**ନୂଆଦିଲ୍ଲୀ,୨୫।୮ (ପି.ଟି)** ସର୍ବଭାରତୀୟ ଫୁଟବଲ ସଂଘ (ଏଆଇଏଫ୍ଏଫ୍)ର ସଭାପତି ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି ବାଇଚୁଙ୍ଗ ଭୂଟିଆ। ଭାରତୀୟ ଫୁଟବଲ କିମ୍ବଦନ୍ତୀ ତଥା ପୂର୍ବତନ ଅଧିନାୟକ ଭୂଟିଆ ଗୁରୁବାର ନିଜର ନାମାଙ୍କନ ଦାଖଲ କରିଛନ୍ତି। ୪୫ ବର୍ଷୀୟ ଭୂଟିଆଙ୍କ ନାମ ଆନ୍ଧ୍ର ଫୁଟବଲ ଆସୋସିଏଶନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ରାଜସ୍ଥାନ ଫୁଟବଲ ଆସୋସିଏଶନ ପକ୍ଷରୁ ଏହାକୁ ସମର୍ଥନ କରାଯାଇଛି। ଏଆଇଏଫ୍ଏଫ୍ ସଭାପତି ପଦ ପାଇଁ ମୁଁ ନିଜକୁ ସବୁଠୁ ଯୋଗ୍ୟ ମନେ କରୁଥିବା କାରଣରୁ ମୁଁ ନାମାଙ୍କନ ଦାଖଲ କରିଛି ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଭୂଟିଆ। ଭାରତ ପାଇଁ ୧୦୦ରୁ ଅଧିକ ମ୍ୟାଚ୍ ଖେଳିବା ସହିତ ବିଭିନ୍ନ ନାମୀ କ୍ଲବ ନିମନ୍ତେ ମଧ୍ୟ ମୁଁ ଖେଳିଛି। ଏହା ବ୍ୟତୀତ କ୍ରୀଡା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ୍ସ ସେଲ୍ ଓ ଅନ୍ୟାନ୍ୟ କ୍ରୀଡା କମିଟିରେ ସାମିଲ ହେବା କାରଣରୁ ପ୍ରଶାସନିକ ଅଭିଜ୍ଞତା ମଧ୍ୟ ରହିଛି। ଭାରତୀୟ ଫୁଟବଲକୁ ଏହାର ଶିଖରରେ ପହଞ୍ଚାଇବା ମୋର ଏକମାତ୍ର ଲକ୍ଷ୍ୟ ବୋଲି ସେ ନିଜ ବୟାନରେ କହିଛନ୍ତି।

ଏହା ପୂର୍ବରୁ ସିଓଏ ଦ୍ୱାରା ପରିଚାଳିତ ହେଉଥିବା ସମୟରେ ମଧ୍ୟ ଭୂଟିଆ ସଭାପତି ପଦ ପାଇଁ ନାମାଙ୍କନ ଦାଖଲ କରିଥିଲେ। ତେବେ ଫିଫା ପକ୍ଷରୁ ଭାରତୀୟ ଫୁଟବଲ ସଂଘକୁ ବାସନ୍ଦ କରାଯିବା ପରେ ସର୍ବୋଚ୍ଚ କୋର୍ଟଙ୍କ ପକ୍ଷରୁ ସିଓଏକୁ ଖାରଜ କରି ଦିଆଯିବା ସହିତ ପୁନର୍ବାର ନିର୍ବାଚନ ତାରିଖ ଧାର୍ଯ୍ୟ କରାଯାଇଥିଲା। ପ୍ରଥମ ଥର ନାମାଙ୍କନ ଦାଖଲ ସମୟରେ ଭୂଟିଆଙ୍କ ପୂର୍ବତନ ଟିମ୍ ମେଟ୍ ଦୀପକ ମଣ୍ଡଳ ତାଙ୍କ ନାମ ସୁପାରିସ କରିଥିଲେ। ଅନ୍ୟତମ ପୂର୍ବତନ ଫୁଟବଲର ମଧୁ କୁମାରୀ ଏହାକୁ ସମର୍ଥନ ପ୍ରଦାନ କରିଥିଲେ।







# କଳିଙ୍ଗ ଯୋଦ୍ଧା ଟାଏକୋଣ୍ଡୋ ଏକାଡେମୀକୁ ୩୦ପଦକ

**ଆଇଟିଏଫ୍ ଟାଏକୋଣ୍ଡୋ**

**ଭୁବନେଶ୍ୱର, ୨୫।୮ (ସ୍ପୋର୍ଟ୍ସ ବ୍ୟୁରୋ)** କର୍ନାଟକର ବେଙ୍ଗାଲୁରୁସ୍ଥିତ ସାହାକାର ନଗର ଇନ୍‌ଡୋର ଷ୍ଟାଡିୟମ ପରିସରରେ ୧୭ତମ ଦକ୍ଷିଣ-ପଶ୍ଚିମ କ୍ଷେତ୍ରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଟି ରାଜ୍ୟରୁ୬୦୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଥାର୍ଡ ଡାନ୍ ବ୍ଲାକ୍‌ବେଲ୍ଟ ଓଡ଼ିଶା କୋଚ୍ ଲକ୍ଷ୍ମୀ ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ କଳିଙ୍ଗ ଯୋଦ୍ଧା ଟାଏକୋଣ୍ଡୋ ଏକାଡେମୀରେ ପ୍ରଶିକ୍ଷିତ ୧୨ଜଣ ପ୍ରତିଯୋଗୀ ୩୦ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ସେମାନେ ୫ଟି ବର୍ଗରେ ଭାଗ ନେଇ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨୫ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ ସ୍ୱାଇରିଙ୍ଗ ପୁରୁଷ ଭେଟେରାନ ବିଭାଗରେ ଦେବାଶିଷ ବାରିକ ଓ ତ୍ରିନାଥ ମଣ୍ଡଳ ସ୍ୱର୍ଣ୍ଣ, ମହିଳା ବିଭାଗରେ ଅନିତା ଦୋରା, ବାଳକ ବିଭାଗରେ ସାଇପ୍ରେମ୍ ଦୋରା ଓ ବ୍ୟକ୍ତିଗତ ତୁଲ୍ସ ପୁରୁଷ ବିଭାଗରେ ବିଶ୍ୱଜିତ ଦାସ ରୌପ୍ୟ ପଦକ ପାଇଛନ୍ତି। ବ୍ୟକ୍ତିଗତ ସ୍ୱାଇରିଙ୍ଗ ମହିଳା ବିଭାଗରେ ଶୁଭ୍ରାସିନୀ ମହାଲିଙ୍ଗ୍, ପୁରୁଷ ବିଭାଗରେ ବିଶ୍ୱଜିତ୍ ଦାସ, ବାଳିକା ବିଭାଗରେ ପାୟଲ ଓଝା, ପ୍ରଦେଶା ପାଇରାୟ, ବାଳକ ବିଭାଗରେ ଶୁଭମ ନାୟକ, ବ୍ୟକ୍ତିଗତ ତୁଲ୍ସ ପୁରୁଷ ବିଭାଗରେ ତ୍ରିନାଥ ମଣ୍ଡଳ, ବାଳକ ବିଭାଗରେ ଶୁଭମ ନାୟକ, ସାଇପ୍ରେମ ଦୋରା, ବାଳିକା ବିଭାଗରେ ପାୟଲ ଓଝା, ଗ୍ରୁପ୍ ତୁଲ୍ସ ବାଳକ ବିଭାଗରେ ସାଇ ପ୍ରେମ ଦୋରା, ଶୁଭମ ନାୟକ ସ୍ମୃତିରଞ୍ଜନ ବେହେରା, ବିଶ୍ୱଜିତ ଦାସ, ଆରୋଭ ପଣ୍ଡା, ତ୍ରିନାଥ ମଣ୍ଡଳ, ଗ୍ରୁପ୍ ସ୍ୱାଇରିଙ୍ଗ ଗ୍ରୁପ୍ ତୁଲ୍ସ ବିଭାଗରେ ସାଇପ୍ରେମ୍ ଦୋରା, ଶୁଭମ ନାୟକ, ପାୟଲ ଓଝା, ପ୍ରଦେଶା ପାଇକରାୟ, ଗ୍ରୁପ୍ ସ୍ୱାଇରିଙ୍ଗ ବାଳକ ବିଭାଗରେ ସାଇପ୍ରେମ ଦୋରା, ଶୁଭମ ନାୟକ, ସ୍ମୃତିରଞ୍ଜନ ବେହେରା, ଆରୌଭ ପଣ୍ଡା, ସେଲ୍ଫ ଡିଫେନ୍ସ ବାଳିକା ବିଭାଗରେ ଜାଗୃତି ପ୍ରିୟଦର୍ଶିନୀ ନାୟକ, ଖଳନାୟକ ସାଇପ୍ରେମ ଦୋରା ପ୍ରମୁଖ ବ୍ରୋଞ୍ଜ ଜିତିଥିଲେ। ଏହି ସଫଳତା ପାଇଁ ସେଣ୍ଟ ଜାଭିୟର୍ସ ଇଣ୍ଟରନ୍ୟାଶନାଲ ସ୍କୁଲ ସମୂହର ଅଧ୍ୟକ୍ଷ ତଥା କଳିଙ୍ଗ ଟାଏକୋଣ୍ଡୋ ଆସୋସିଏଶନ ସଭାପତି ବ୍ରଦିନାଥ ପଟ୍ଟନାୟକ, ରୋଟାରିଆନ ଶୁଭକାନ୍ତ ସାମନ୍ତସିଂହାର, କଳିଙ୍ଗ ଯୋଦ୍ଧା ଫାଉଣ୍ଡେଶନ ଟ୍ରଷ୍ଟର ଟ୍ରଷ୍ଟି ପ୍ରିୟବ୍ରତ ପାଢୀ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ୟୁଏସ୍ ଓପନ ଖେଳିବେନି ଜୋକୋଭିଚ୍

**ନ୍ୟୁୟର୍କ, ୨୫।୮ (ଏପି):** ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ୟୁଏସ୍ ଓପନ ଟେନିସ ପ୍ରତିଯୋଗିତାରେ ଭାଗ ନେଇ ପାରିବେ ନାହିଁ। କୋଭିଡ୍ ଭ୍ୟାକ୍ସିନ ନେଇ ନ ଥିବାରୁ ତାଙ୍କୁ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ। ଇଭେଣ୍ଟ ପାଇଁ ଉଠାଣର କିଛି ଘଣ୍ଟା ପୂର୍ବରୁ ସେ ଚଳିତ ବର୍ଷର ଶେଷ ଗ୍ରାଣ୍ଡସ୍ଲାମରୁ ଓହରିଯାଉଥିବା ବିଷୟ ଘୋଷଣା କରିଥିଲେ। ୟୁଏସ୍ ଓପନ ଫ୍ଲସିଂ ମିଡୋଜ୍‌ଠାରେ ସୋମବାରଠାରୁ ଆରମ୍ଭ ହେବ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଅଧକ୍ଷାଙ୍କ ଗୋଷ୍ଠୀରେ ସାମିଲ ହେଲେ ୪ କାଉନସିଲର

**ଖଣ୍ଡପଡ଼ା,୨୫।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ଏନଏସିର ୨ୟ ବୈଠକ ବାଦବିବାଦ ଓ ହଟ୍ଟଗୋଳ ମଧ୍ୟରେ ବୁଧବାର ଶେଷ ହୋଇଛି । ଅଧକ୍ଷା ଆରତୀ ପ୍ରଧାନ ଶାସକ ବିଜେଡିକୁ ଚକମା ଦେଖାଇବାରେ ବେଶ ସଫଳ ହୋଇଥିବା ଏଠାରେ ଚର୍ଚ୍ଚା ଜୋର ଧରିଛି । ଅଧକ୍ଷାଙ୍କ ଗୋଟି ଚାଳନା ଯୋଗୁ ଜଣେ ଭାଜପା ଓ ୩ ବିଜେଡି କାଉନସିଲର ଏବେ ଅଧକ୍ଷାଙ୍କ ଶିବିରରେ ସାମିଲ ହୋଇଛନ୍ତି ବୋଲି ରାଜନୈତିକ ମହଲରେ ଆଲୋଚନା ଚାଲିଛି । ସୂଚନାଯୋଗ୍ୟ, ପୌର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀନି ଭାବେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବା ଶ୍ରୀମତି ପ୍ରଧାନ ଅଧକ୍ଷା ଆସନରେ ବସିବା ପରେ ଅଧକ୍ଷାଙ୍କ ସହ ତାଙ୍କର ୩ ସମର୍ଥକ କାଉନସିଲର ପ୍ରଥମ ଏନଏସି ବୈଠକରେ ଉପସ୍ଥିତ ରହିଥିଲେ । ସମୁଦାୟ ୧୩ ୱାର୍ଡ ମଧ୍ୟରୁ ଉପାଧକ୍ଷ ମିହିର କୁମାର ମିଶ୍ରଙ୍କ ସପକ୍ଷରେ ଥିବା ୯ଜଣ କାଉନସିଲର ବୈଠକରେ ଯୋଗ ଦେଇ ନ ଥିଲେ । ଫଳରେ ପ୍ରଥମ ବୈଠକ ବାତିଲ ହୋଇଥିଲା। ବୁଧବାର ୨ୟ ବୈଠକକୁ ଭଣ୍ଡୁର କରିବା ପାଇଁ ଯୋଜନା କରାଯାଇଥିବା ବେଳେ ତାହା ସଫଳ ହୋଇ ନ ଥିଲା । ୫ନଂ.ୱାର୍ଡର ଭାଜପା କାଉନସିଲର ଶ୍ୟାମ ସୁନ୍ଦର ରାମଙ୍କ ସମେତ ୨, ୧୦ ୧୨ ନଂ. ୱାର୍ଡର ବିଜେଡି କାଉନସିଲରମାନେ ମୋ ସହିତ ଅଛନ୍ତି ବୋଲି ଅଧକ୍ଷା କହିଛନ୍ତି । ଏହି ଘଟଣା ପରେ ବିଜେଡିର ଗୋଷ୍ଠୀ କନ୍ଦଳ ପଦାରେ ପଡିଛି ।

### ଘରୋଇକରଣକୁ ବିରୋଧ କରି ସଫେଇ କର୍ମଚାରୀଙ୍କ ହରତାଳ

**ଖଣ୍ଡପଡ଼ା,୨୫।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ଏନ୍ଏସି ପକ୍ଷରୁ ପରିମଳ ବ୍ୟବସ୍ଥାର ଘରୋଇକରଣ ନିଷ୍ପତ୍ତିକୁ ବିରୋଧ କରି ସଫେଇ କର୍ମଚାରୀମାନେ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଝାଡୁ ଧରି ହରତାଳ କରିଥିଲେ। ଘରୋଇକରଣ ନିଷ୍ପତ୍ତିରୁ ଏନଏସି କର୍ତ୍ତୃପକ୍ଷ ଓହରି ଯିବାକୁ ଧାରଣାରତ ସଫେଇ କର୍ମଚାରୀମାନେ ଦାବି କରିଥିଲେ। ଏହି ଅବସରରେ କର୍ମଚାରୀମାନେ ଏକ ଦାବିପତ୍ର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଏନ୍ଏସି ପକ୍ଷରୁ ବୁଧବାର ଅନୁଷ୍ଠିତ ୨ୟ ବୈଠକରେ ପରିମଳ ବ୍ୟବସ୍ଥାର ଘରୋଇକରଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ ସଫେଇ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

### ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ, ବିଦ୍ୟାଳୟ ପରିସର ଜଳାର୍ଣ୍ଣବ

**ଖଣ୍ଡପଡ଼ା,୨୫।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ଶାଳଝରିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଅସରାଏ ବର୍ଷା ହେଲେ ପାଣି ଜମୁଛି । ଲଗାଣ ବର୍ଷାରେ ପୁରାତନ ଶ୍ରେଣୀଗୃହ ଭିତରେ ପାଣି ପ୍ରବେଶ କରୁଛି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେଉଛି । ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୧୩୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ବର୍ଷା ଦିନେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର ହନ୍ତସନ୍ତ ହେଉଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ପଞ୍ଚାୟତ କର୍ତ୍ତୃପକ୍ଷ ବି ଏ ସଂକ୍ରାନ୍ତରେ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି । ବାତ୍ୟା ଓ ବନ୍ୟା ପ୍ରବଣ ଅଞ୍ଚଳରେ ଅବସ୍ଥିତ ଏହି ବିଦ୍ୟାଳୟର ସମ୍ମୁଖ ରାସ୍ତା ଉଚ୍ଚ ହୋଇଯିବା ପରେ ଏହି ସମସ୍ୟା ଗୁରୁତର ରୂପ ନେଇଛି। ଗତ ଲଗାଣ ବର୍ଷାରେ ସ୍କୁଲ ପରିସରରେ ୧୦ରୁ ୧୫ ଦିନ ପାଣି ଜମିରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରିଥିଲା । ଏହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ରାଜ୍ୟ ସରକାର ୨୦୧୦ରେ ଉକ୍ତ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟର ମାନ୍ୟତା ପ୍ରଦାନ କରିଛନ୍ତି । ହେଲେ ଆବଶ୍ୟକ ଭିତ୍ତିଭୂମିର ଅଭାବ ଯୋଗୁ ଉକ୍ତ ସ୍କୁଲରୁ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମୁଛି ବୋଲି ଶାଳଝରିଆ ଗ୍ରାମବାସୀ କହିଛନ୍ତି ।

### ଡ୍ରେନ୍ ନିର୍ମାଣ ପାଇଁ ବିଡିଓଙ୍କୁ ଦାବିପତ୍ର

**ଗଞ୍ଜାମ,୨୫।୮(ଡି.ଏନ୍.ଏ.):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ପଞ୍ଚାୟତର ଡିଆଁଡେଇଁ ଚାମୁଣ୍ଡାସାହିରେ ଡ୍ରେନ୍ ନିର୍ମାଣ ପାଇଁ ସରପଞ୍ଚ ମନୋଜ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ବିଡ଼ିଓ ବିଶ୍ୱଜିତ ରାଏଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସାହିରେ ଡ୍ରେନ ନ ଥିବା ଯୋଗୁ ବର୍ଷା ହେଲେ ପାଣି ନିଷ୍କାସନ ହୋଇପାରୁନି। ଫଳରେ ବର୍ଷା ଜଳ ଗ୍ରାମରେ ବହୁ ଦିନ ଧରି ଜମି ରହୁଛି। ଫଳରେ ବିଭିନ୍ନ ମାରାତ୍ମକ ରୋଗର ଶିକାର ହେଉଛନ୍ତି ସାହି ବାସିନ୍ଦା।

# ବଜାର ବଢୁଛି, ପାର୍କିଂ ବ୍ୟବସ୍ଥା ନାହିଁ

**ନୟାଗଡ଼ ଅଫିସ,୨୫।୮**


ପୁରୁଣା ଜେଲ ଜମି ।

- ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାକୁ ନେଇ ଚିନ୍ତା
- ପରିତ୍ୟକ୍ତ ପୁରୁଣା ଜେଲ ଜମିରେ ପାର୍କିଂ ବ୍ୟବସ୍ଥା ପାଇଁ ଦାବି

ନୟାଗଡ଼ ଏନଏସି ମ୍ୟୁନିସିପାଲିଟି ହେଲା । ଏବେ ବଜାର ପରିସୀମା ବଢୁଥିବାବେଳେ ସହରର ଲୋକସଂଖ୍ୟା ବଢ଼ିବାରେ ଲାଗିଛି। ଜିଲା ସଦର ମହକୁମା ହୋଇବି ନୟାଗଡ଼ ସହରରେ ପାର୍କିଂ ବ୍ୟବସ୍ଥା ନାହିଁ । ଫଳରେ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାର ନିରାକରଣ କରାଯାଇ ପାରୁନାହିଁ । ଏଭଳି ସ୍ଥଳେ ନୟାଗଡ଼ ସବ୍‌ଜେଲ ଖୁଣ୍ଟୁବନ୍ଧକୁ ସ୍ଥାନାନ୍ତରିତ ପରେ ୨୦୦୯ରୁ ପୁରୁଣା ଜେଲ ଜମିରେ ପାର୍କିଂ ବ୍ୟବସ୍ଥା କରିବା ପାଇଁ ଦାବି ହୋଇ ଆସୁଛି । ତେବେ ପ୍ରଶାସନ ପକ୍ଷରୁ ପୁରୁଣା ଜେଲ ଜମିରେ କ'ଣ କରାଯିବ ଘୋଷଣା କରାଯାଇନାହିଁ । ୨୦୦୯ରେ ସେହି ଜମିରେ ମାର୍କେଟିଂ କମ୍ପ୍ଲେକ୍ସ କରିବା ପାଇଁ ପ୍ରଶାସନର ଉଦ୍ୟମ ପରେ ସାଧାରଣରେ ପ୍ରତିବାଦ କରାଯାଇଥିଲା । ଏପରି କି ନୟାଗଡ଼ ଓକିଲ ସଂଘ କୋର୍ଟର ଦ୍ୱାରସ୍ଥ ହୋଇଥିଲା । ଏବେ କେଶ କୋର୍ଟରେ ନାହିଁ। ଏଣୁ ସେହି ଜମିରେ ପ୍ରଶାସନ ମାର୍କେଟ କମ୍ପ୍ଲେକ୍ସ କରିବା ପାଇଁ ଉଦ୍ୟମ କରୁଥିବା ଜଣାପଡିବା ପରେ ସାଧାରଣରେ ବିରୋଧ ଆରମ୍ଭ ହୋଇଛି । ଅପରପକ୍ଷେ ପୁରୁଣା ଜେଲ ଜମିରେ କେତେକାଂଶରେ ପରିବା ମାର୍କେଟ ହୋଇଛି । ପୁଣି ଅଳ୍ପ ସ୍ଥାନରେ ପୂଜା ମଣ୍ଡପ ନିର୍ମାଣ ହୋଇଛି । ଅବଶିଷ୍ଟ ଜମିରେ ଯାନବାହାନ ପାର୍କିଂ ପାଇଁ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

ଏନେଇ କଂଗ୍ରେସ ସେବା ଦଳ ଷ୍ଟିୟରିଂ କମିଟି ସଦସ୍ୟ ମନୋଜ ସାହୁ କୁହନ୍ତି, ପୁରୁଣା ଜେଲ ଜମି ମୂଲ୍ୟବାନ । ଏହି ଜମି ଉପରେ ସମସ୍ତଙ୍କ ନଜର ରହିଛି। ସେଠାରେ ମାର୍କେଟ କମ୍ପ୍ଲେକ୍ସ କରାଗଲେ ଭଲ ହେବ ଦର୍ଶାଯାଇ ଲବି ଚାଲିଛି । ହେଲେ ପାର୍କିଂ ଚିନ୍ତାକୁ କେହି ଗୁରୁତ୍ୱ ଦେଉ ନାହାନ୍ତି । ଜିଲା ସଦର ମହକୁମା ହେଲେ ବି ନୟାଗଡ଼ରେ ପାର୍କିଂ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉ ନାହିଁ । ସେଠରେ ପ୍ରଥମେ ପାର୍କିଂ ବ୍ୟବସ୍ଥା କରାଯାଇ ପରେ ଯାହା କରାଯାଉଛି ହେଉ । ଭାଜପା ଯୁବନେତା ସନ୍ତୋଷ ପ୍ରଧାନ କୁହନ୍ତି, ସହରରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଲୋକମାନେ ଗାଡ଼ି ରଖିବାକୁ ସବୁବେଳେ ହଇରାଣ ହେଉଛନ୍ତି। ଏଣୁ ଗ୍ରାଉଣ୍ଡ ଫ୍ଲୋର ଓ ପ୍ରଥମ ମହଲାକୁ ପାର୍କିଂ ବ୍ୟବସ୍ଥା ରଖି ଅତ୍ୟାଧୁନିକ ମଲ କରାଗଲେ ଚଳିବ । ସିପିଆଇ(ଏମ) ନେତା ବିଶ୍ୱନାଥ ମହାପାତ୍ର କୁହନ୍ତି, ସହରରେ ମ୍ୟୁନିସିପାଲିଟି ବିଜୁ ମାର୍କେଟ, ଜୁବୁଲି ମାର୍କେଟ, ରାଜୀବ ମାର୍କେଟ କରିଛି । ହେଲେ କେଉଁ ମାର୍କେଟରେ ପାର୍କିଂ ବ୍ୟବସ୍ଥା ନାହିଁ । ଏଣୁ ପୁରୁଣା ଜେଲ ଜମିରେ ଖୋଲା ପାର୍କିଂ ବ୍ୟବସ୍ଥା କରାଯିବା ନିହାତି ଦରକାର । ସେଠାରେ ସହରର ବିଭିନ୍ନ ପୂଜା ମଣ୍ଡପ, ସାଧାରଣ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ପାରିବ । ବିଜେଡି ନେତା ଶ୍ରୀକାନ୍ତ ପଟ୍ଟନାୟକ କୁହନ୍ତି, ଜେଲ ଜମିରେ ମାର୍କେଟ କମ୍ପ୍ଲେକ୍ସ ଯଦି କରାଯାଏ ଗ୍ରାଉଣ୍ଡ ଫ୍ଲୋରରେ ପାର୍କିଂ ବ୍ୟବସ୍ଥା କରାଯାଉ । ସହର ଭିତରେ ଟୁ ହୁଇଲର ଓ ଫୋର ହୁଇଲର ରଖିବା ପାଇଁ ସ୍ଥାନ ନାହିଁ । ସେଠାରେ ଉପରୋକ୍ତ ବ୍ୟବସ୍ଥା କରାଗଲେ ସହରରୁ ଟ୍ରାଫିକ ପାର୍କିଂ ସମସ୍ୟାର ସମାଧାନ ହୋଇ ପାରିବ ।

### ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

**ବୁଗୁଡ଼ା,୨୫।୮(ଡି.ଏନ୍.ଏ.)**

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଘୋଡ଼ାପଡା ଗ୍ରାମର ଅବିବାହିତା ମହିଳା କନକ ସ୍ୱାଇଁ (୪୨)ଙ୍କ ପୋଖରୀରେ ବୁଡିଯାଇ ମୃତ୍ୟୁ ହୋଇଛି । ଗୁରୁବାର ସକାଳେ ସେ ଗାଁର କରଣ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଅସାବଧାନତା ବଶତଃ ପୋଖରୀରେ ବୁଡି ଯାଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ । ତାଙ୍କ ଭାଉଜ ପଙ୍କଜ ସ୍ୱାଇଁଙ୍କ ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏନେଇ ଥାନାରେ କେସ୍ ନଂ ୨୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି ।

# 'ଶିକ୍ଷା ହେଉଛି ବିକାଶର ମାନଦଣ୍ଡ'



ସଭାରେ ମଞ୍ଚାସୀନ ଅତିଥି ।

**ନୂଆଗାଁ,୨୫।୮(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସିକ୍ରିଡା ପଞ୍ଚାୟତ କୃଷ୍ଣପ୍ରସାଦ ଉନ୍ନିତ ମଧ୍ୟ ଇଂରାଜୀ ବିଦ୍ୟାଳୟ ସରକାରୀ ଉଚ୍ଚ ବିଦ୍ୟାଳୟ ଭାବେ ଉନ୍ନିତ ହୋଇଥିବାରୁ ବିଧାୟକଙ୍କୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଗୁରବାର ଏକ ସଭାର ଆୟୋଜନ କରାଯାଇଥିଲା । ନୁଆଗାଁ ବ୍ଲକରେ ଗୋଟିଏ ହାଇସ୍କୁଲଠାରୁ ଆଉ ଗୋଟିଏ ହାଇସ୍କୁଲ ମଧ୍ୟରେ ଦୂରତା ଦୃଷ୍ଟିରୁ ଅନେକ ଛାତ୍ରୀଛାତ୍ର ପାଠ ପଢିବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ । ହାଇସ୍କୁଲ ଶିକ୍ଷାର ଆବଶ୍ୟକତା ଜରୁରୀ ହୋଇଥିବାରୁ ସୀମିତ ଦୂରତା ମଧ୍ୟରେ ନୂଆ ହାଇସ୍କୁଲ ଖୋଲିବାର ନିଷ୍ପତ୍ତି ନେଇଛନ୍ତି ସରକାର। ସେହି ଅନୁସାରେ ନୟାଗଡ଼ ଜିଲାରେ ୫ଟି ହାଇସ୍କୁଲ ଖୋଲା ଯାଇଥିବା ବେଳେ ସେଥିମଧ୍ୟରୁ ନୂଆଗାଁ ବ୍ଲକରେ ୩ ହାଇସ୍କୁଲ ରହିଛି । ଏଥିରେ ବିଧାୟକଙ୍କ ଉଦ୍ୟମ ରହିଥିବାରୁ ତାଙ୍କୁ କୃତଜ୍ଞତା ଜଣାଇବା ପାଇଁ କାପ୍ତାପଲି ୟୁପିଏସ, ଦୁର୍ଦ୍ଧୁରା ପଞ୍ଚାୟତର ଶିବନ୍ତଦେଇପୁର ୟୁଜିଏମଇ ସ୍କୁଲ ତରଫରୁ କୃତଜ୍ଞତା ସଭା ଅନୁଷ୍ଠିତ ହୋଇଯାଇଛି। ଗୁରବାର ସିକ୍ରିଡା ପଞ୍ଚାୟତର କୃଷ୍ଣପ୍ରସାଦ ୟୁଜିଏମ୍ଇ ସ୍କୁଲଠାରେ କୃତଜ୍ଞତା ସଭା ଅନୁଷ୍ଠିତ ହୋଇଥିଲା। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ହେଉଛି ବିକାଶର ମାନଦଣ୍ଡ । ଆମ୍ଭେମାନେ ଗାଁ ଗାଁରେ ଯେତେ ଶିକ୍ଷାର ବିକାଶ କରିବା ସେହି ଅନୁସାରେ ଆମ ଗାଁ, ରାଜ୍ୟ ଓ ଦେଶର ବିକାଶ ହୋଇ ପାରିବ ବୋଲି କହିଥିଲେ । ସିକ୍ରିଡା ପଞ୍ଚାୟତ ଜଗନ୍ନାଥପ୍ରସାଦ ହାଇସ୍କୁଲର ୯ମ ଶ୍ରେଣୀରେ ପଢୁଥିବା ୧୮ ଛାତ୍ରୀଛାତ୍ର କୃଷ୍ଣପ୍ରସାଦ ସରକାରୀ ହାଇସ୍କୁଲରେ ନାମ ଲେଖାଇଥିବାରୁ ତାଙ୍କୁ ଗୋଲାପ ଫୁଲ ଦେଇ ଅତିଥିମାନେ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ, ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା , ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ , ନୂଆଗାଁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଉମେଶ ଚନ୍ଦ୍ର କର, ଜିଲା ପରିଷଦ ସଭ୍ୟ ଜସ୍ମିନ ଦାଶ , ସିକ୍ରିଡା ସରପଞ୍ଚ ସୁଷମା ପରିଡା, ସମିତି ସଭ୍ୟା ସଙ୍ଗୀତା ସାହୁ, ସାମାଜିକ କର୍ମୀ ନିରଞ୍ଜନ ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।

# ଅଭିଯୁକ୍ତଙ୍କୁ ୮ମାସ ଜେଲଦଣ୍ଡ

**ନୟାଗଡ଼ ଅଫିସ/ଦଶପଲ୍ଲା, ୨୫।୮(ଡି.ଏନ୍.ଏ.)**

**ଯୁବତୀଙ୍କୁ ଅସଦାଚରଣ ମାମଲା**

ନୟାଗଡ଼ ଜିଲା ଦଶପଲ୍ଲାର ଜେଏମ୍ଏଫ୍‌ସି କୋର୍ଟରେ ଯୁବତୀଙ୍କୁ ଅସଦାଚରଣ ମାମଲାର ରାୟ ପ୍ରକାଶ ପାଇଛି । ଜେଏମ୍ଏଫ୍‌ସି କୋର୍ଟର ବିଚାରପତି ସୌମ୍ୟ ରଞ୍ଜନ ପୃଷ୍ଟି ଏହାର ବିଚାର କରି ବେଣ୍ଟପଡ଼ା ଗାଁର ଟୁଟୁ ନାୟକଙ୍କୁ ୮ମାସ ଜେଲଦଣ୍ଡ ଓ ୩ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦୟେ ୧ ମାସ ଅଧିକ ଜେଲଦଣ୍ଡ ଭୋଗବାକୁ ପଡିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଗତ ୬।୧୨।୨୦୧୩ରେ ଜଣେ ଯୁବତୀ ଗଣିଆ ବଜାରକୁ ସଉଦା ପାଇଁ ଯାଇଥିଲେ । ସେ ସମୟରେ ବେଣ୍ଟପଡ଼ାର ଟୁଟୁ ନାୟକ ପହଞ୍ଚି ଯୁବତୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଟଣା ଓଟରା କରିଥିଲେ । ଏନେଇ ଯୁବତୀଙ୍କ ମା' ଅଭିଯୋଗ କ୍ରମେ ପୋଲିସ ୧୨।୧୨।୨୦୧୪ରେ ଏକ ମାମଲା(ନଂ.୩/୧୪) ରୁଜୁ କରି ତଦନ୍ତ କରିଥିଲା । ପରେ ଅଭିଯୁକ୍ତ ଗିରଫ ହୋଇ ଜାମିନରେ ଆସିଥିଲେ । ସରକାରଙ୍କ ତରଫରୁ କ୍ୟାଡର ସହକାରୀ ପବ୍ଲିକ୍ ପିସିକ୍ୟୁଟର ରଶ୍ମିତା ସେଠୀ ମକଦ୍ଦମା ପରିଚାଳନା କରିଥିଲେ ।

# ବିଦ୍ୟୁତ୍ ସମସ୍ୟା ସମାଧାନ ପାଇଁ ବୈଠକ

**ଭାପୁର,୨୫।୮(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ସଭାଗୃହରେ ଭାପୁର ଓ ଖଣ୍ଡପଡ଼ା ଅଞ୍ଚଳର ଜନପ୍ରତିନିଧିଙ୍କୁ ନେଇ ବିଦ୍ୟୁତ୍ ସମସ୍ୟାର ସମାଧାନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହ ଟାଟା କମ୍ପାନୀ କର୍ତ୍ତୃପକ୍ଷଙ୍କ ମାଧମରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ବିଦ୍ୟୁତ୍ ସମସ୍ୟା ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଗୁରୁବାର ପୂର୍ବାହ୍ନରେ ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଭାପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ସାହୁ, ଖଣ୍ଡପଡ଼ା ବ୍ଲକ ଉପାଧକ୍ଷ ଶିଶିର କୁମାର ସାହୁ ,ବିଧାୟକ ପ୍ରତିନିଧି ଜିତେନ୍ଦ୍ର ରଣସିଂ ଓ ବିଦ୍ୟୁତ ବିଭାଗର ଅଧିକାରୀ ସନ୍ତୋଷ କୁମାର ମହାପାତ୍ର ମଞ୍ଚାସୀନ ହୋଇଥିଲେ । ଆଲୋଚନାରେ ୪୨ ପଞ୍ଚାୟତର ଜନପ୍ରତିନିଧିମାନେ ନିଜ ପଞ୍ଚାୟତର ବିଦ୍ୟୁତ୍ ସମସ୍ୟା ନେଇ ଦାବି ଉପସ୍ଥାପନ କରିଥିଲେ । ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ କରିବା, ଟ୍ରାନ୍ସଫର୍ମର ଚାରିପଟେ ତାର ଜାଲି ଲଗାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।


ବୈଠକରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ ।

# ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ

**ଖଣ୍ଡପଡ଼ା,୨୫।୮(ସ୍ୱ.ପ୍ର.)**

**ଖଣ୍ଡପଡ଼ା ଏସ୍‌ଡିପିଓଙ୍କୁ ପୁରୀ ଏସ୍‌ପିଙ୍କ ପ୍ରଶଂସା**

ପୁରୀ ଜିଲା ପିପିଲି ଥାନା ଅଧୀନ ଗୋବର୍ଦ୍ଧନପୁର ଗ୍ରାମରେ ଜଣେ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି । ସେହି ଗାଁର ଅଭିଯୁକ୍ତ ଯୋଗିଆ ଓରଫ ଯୋଗେନ୍ଦ୍ର ଜେନା(୫୧)ଙ୍କୁ ଅତିରିକ୍ତ ଜିଲା ଜଜ୍ ତଥା ପୋକ୍‌ସୋ ଆକ୍ଟର ସ୍ୱତନ୍ତ୍ର କୋର୍ଟ ବିଚାରପତି ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହି ମାମଲାର ରାୟ ପ୍ରକାଶ ପାଇବା ପରେ ପୁରୀ ଏସ୍‌ପି ଡ. କନୱର ବିଶାଲ ସିଂ ମାମଲାର ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ପିପିଲି ଥାନା ଆଇଆଇସି ଏବଂ ବର୍ତ୍ତମାନ ନୟାଗଡ଼ ଜିଲା ଖଣ୍ଡପଡା ଏସଡିପିଓ ପ୍ରଭାତ ମଲ୍ଲିକଙ୍କୁ ଚିଠି ଲେଖି ଠିକ୍ ତଦନ୍ତ ପ୍ରକ୍ରିୟାର ପ୍ରଶଂସା କରିଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ପିପିଲି ଥାନା ଓରକଳ ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମର ଉପରୋକ୍ତ ଅଭିଯୁକ୍ତ ନିଜର ସମ୍ପର୍କୀୟ ନାବାଳିକା ଭାଣିଜୀଙ୍କୁ ବଳାତ୍କାର କରିଥିବା ନେଇ ୨୦୧୪ ନଭେମ୍ବର ୧୦ରେ ପିପିଲି ଥାନାରେ ଅଭିଯୋଗ ହୋଇଥିଲା । ତତ୍କାଳୀନ ଥାନା ଆଇଆଇସି ପ୍ରଭାତ ମଲ୍ଲିକ ଏଭଳି ସମ୍ବେଦନଶୀଳ ଘଟଣାକୁ ଗୁରୁତର ସହ ଗ୍ରହଣ କରି ଅଭିଯୋଗ ଆଧାରରେ ଆଇପିସିର ୩୭୬(୨) (ଏନ)/୩୨୩/୨୯୪/୫୦୬/୧୦୯/୩୪ ଏବଂ ପୋକ୍‌ସୋ ଆକ୍ଟର ୩ ଓ ୪ ଧାରାରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଯୋଗେନ୍ଦ୍ରଙ୍କୁ ଗିରଫ କରିଥିଲେ ।

### କନିଷ୍ଠଯନ୍ତ୍ରୀଙ୍କ ଅଦଳବଦଳ

**ନୟାଗଡ଼ ଅଫିସ,୨୫।୮**

ନୟାଗଡ଼ ଜିଲାରେ କନିଷ୍ଠ ଯନ୍ତ୍ରୀଙ୍କ ଅଦଳବଦଳ କରିଛନ୍ତି ଜିଲାପାଳ ପୋମା ଟୁଡୁ । ଖଣ୍ଡପଡ଼ା ବ୍ଲକର କନିଷ୍ଠ ଯନ୍ତ୍ରୀ ଅଟଳ ବିହାରୀ ସାହୁଙ୍କୁ ରଣପୁର ବଦଳି କରାଯାଇଥିବାବେଳେ ନୟାଗଡ଼ ବ୍ଲକର ପୁଷ୍ପାଞ୍ଜଳୀ ମୁର୍ମୁଙ୍କୁ ନୂଆଗାଁ ବ୍ଲକ, ନୂଆଗାଁ ବ୍ଲକର କନିଷ୍ଠ ଯନ୍ତ୍ରୀ ମୋନାଲିଶା ଶତପଥୀଙ୍କୁ ନୟାଗଡ଼ ବ୍ଲକକୁ, ରଣପୁର ବ୍ଲକର କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ବେହେରାଙ୍କୁ ଖଣ୍ଡପଡା ବ୍ଲକକୁ ବଦଳି କରାଯାଇଛି ।

# ଶ୍ରେଣୀ ଗୃହ ଅଭାବ ନେଇ ବିଡିଓଙ୍କୁ ଫେରାଦ

**ନୂଆଗାଁ,୨୫।୮(ଡି.ଏନ.ଏ.)**


ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସ୍କୁଲ ପରିଚାଳନା କମିଟି ସଦସ୍ୟ ।


ସ୍କୁଲ ବାରଣ୍ଡାରେ ବସି ପାଠପଢୁଛନ୍ତି ଛାତ୍ରୀଛାତ୍ର ।

- ୮ଶ୍ରେଣୀ ପାଇଁ ୪ କକ୍ଷ
- ବାରଣ୍ଡାରେ ଚାଲିଛି ପାଠ ପଢ଼ା

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଖାଲମଡ଼ା ରାମେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହର ଅଭାବ ରହିଛି । ଏହାକୁ ନେଇ ଖାଲମଡ଼ା ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ଗୁରୁବାର ନୂଆଗାଁ ବିଡିଓଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି । ତୁରନ୍ତ ଏଥିପାଇଁ ପଦକ୍ଷେପ ଗ୍ରହଣ କରା ନ ଗଲେ ସ୍କୁଲ ଫାଟକରେ ତାଲା ପକାଇ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ସୂଚନା ଅନୁଯାୟୀ, ୧୯୨୯ରେ ପ୍ରତିଷ୍ଠା ହୋଇଥିବା ରାମେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଯାଏ ପ୍ରାୟ ୨୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ୮ଜଣ ଶିକ୍ଷୟିତ୍ରୀ,ଶିକ୍ଷକ ଶିକ୍ଷାଦାନ ପାଇଁ ନିୟୋଜିତ ହୋଇଛନ୍ତି । ହେଲେ ଉକ୍ତ ସ୍କୁଲର ମୁଖ୍ୟ ସମସ୍ୟା ଶ୍ରେଣୀ ଗୃହର ଅଭାବ ରହିଛି । ସ୍କୁଲରେ ୫ଟି କୋଠା ଘର ରହିଛି । ସେଥିରୁ ଗୋଟିଏ କମ୍ପୁଟର କକ୍ଷ ଭାବେ ବ୍ୟବହାର କରାଯାଉଛି । ୨ ଶ୍ରେଣୀ ଗୃହର ଛାତ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବାରୁ ସେହି ଘରେ ଛାତ୍ରୀଛାତ୍ରଙ୍କୁ ବସାଇ ପାଠ ପଢାଇବାକୁ ଭୟ ଲାଗୁଛି । ଛାତରୁ ଖଣ୍ଡ ଖଣ୍ଡ ପଲସ୍ତରା ଖସିବା ସହ ବର୍ଷାସମୟରେ ପାଣି ଗଳୁଛି । ୨ଟି ଶ୍ରେଣୀ ଗୃହରେ ପାଠ ପଢ଼ା ଚାଲିଛି । ୩ଟି ଆଜବେଷ୍ଟ ଘର ରହିଛି । ସେଥିରୁ ଗୋଟିଏ ଅଫିସ ଗୃହ ଭାବେ ବ୍ୟବହାର ହେଉଛି। ଅନ୍ୟ ୨ ଘରକୁ ଶ୍ରେଣୀ ଗୃହ ଭାବେ ବ୍ୟବହାର କରାଯାଉଛି । ଆଜବେଷ୍ଟଗୁଡ଼ିକ ବହୁ ପୁରୁଣା ହୋଇଥିବାରୁ ଫାଟି ପାଣି ଗଳୁଛି । ୮ ଶ୍ରେଣୀ ପାଇଁ ରହିଛି ଏମିତି ୪ କକ୍ଷ । ଫଳରେ ଛାତ୍ରୀଛାତ୍ରୀମାନେ ବାରଣ୍ଡାରେ ବସି ପାଠ ପଢିବା ପାଇଁ ବାଧ୍ୟ ହେଉଛନ୍ତି । ଶ୍ରେଣୀଗୃହର ଆବଶ୍ୟକତା ବାବଦରେ ସ୍ଥାନୀୟ ବିଧାୟକ, ସରପଞ୍ଚ, ସମିତି ସଭ୍ୟ, ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଗୁହାରୀ କରାଯାଉଥିଲେ ମଧ୍ୟ କେବଳ ପ୍ରତିଶ୍ରୁତିରେ ସବୁ ଅଟକି ରହିଛି । ବାରମ୍ବାର ଅଭିଯୋଗ ପରେ କୌଣସି ସୁଫଳ ନ ମିଳିବାରୁ ସ୍କୁଲ ପରିଚାଳନା କମିଟିର ସଭାପତି ଅମୀୟ କୁମାର ରଥଙ୍କ ସମେତ ସମସ୍ତ ସଦସ୍ୟ, ଅଭିଭାବକମାନେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ, ନୂଆଗାଁ ସରପଞ୍ଚଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି । ଗୃହ ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ଦିଆ ଯାଇଛି । ଅଧିକ ଅର୍ଥ ପାଇଁ ସରପଞ୍ଚଙ୍କୁ କୁହନ୍ତୁ ବୋଲି ବିଡିଓ ନାୟକ ଅଭିଯୋଗକାରୀଙ୍କୁ କହିଛନ୍ତି ।

# ପ୍ରାକୃତିକ ବିପର୍ଯ୍ୟୟରୁ ବଳିଗଲା ପ୍ରଶାସନିକ ଅବହେଳା

ନୟାଗଡ଼ ଅଫିସ,୨୫।୮

ନୟାଗଡ଼ ଜିଲାର ଗଣିଆ, ଭାପୁର ଓ ଖଣ୍ଡପଡ଼ା ବ୍ଲକରେ ମହାନଦୀର ବନ୍ୟା ବ୍ୟାପକ କ୍ଷତି ଆଣିଛି । ଏପରି ସମୟରେ ପ୍ରଶାସନିକ ଅବହେଳା ଯୋଗୁ ଲୋକେ ଅଭିଶପ୍ତ ଜୀବନଯାପନ କରିଛନ୍ତି । ଗୃହପାଳିତ ପଶୁମାନେ ବି ହଟହଟା ହୋଇଛନ୍ତି । ବନ୍ୟା ବିପନ୍ନ ଓ ପ୍ରାଣୀଙ୍କୁ ପ୍ରଶାସନ, ସରକାର ରିଲିଫ୍ ଆଦୌ ଦେଲେନି । ବିଳମ୍ବରେ ଚୁଡା ଓ ଗୁଡ ଦେବା ବିପନ୍ନଙ୍କୁ ଉପହାସ ଥିଲା । ପୁଣି ୭ ଦିନ ରିଲିଫ ବଣ୍ଟନ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନାହିଁ । ଏଭଳିସ୍ଥଳେ ଜିଲାର ୩ ବ୍ଲକକୁ ବନ୍ୟାଞ୍ଚଳ ଘୋଷଣା ସହ ଅନ୍ୟ ଦାବିଗୁଡିକ ପୂରଣ କରିବାକୁ ମାନବାଧିକାର ଆୟୋଗରେ ମାମଲା ହୋଇଛି । ବନ୍ୟା ବିପନ୍ନ ସୁବ୍ରତ କୁମାର ସାହୁ, ମୋହନ ନନ୍ଦ, ଶକ୍ତି କୁମାର ପଣ୍ଡା, ପ୍ରେମାନନ୍ଦ ପରିଡାଙ୍କ ଅଭିଯୋଗକୁ ଆଇନଜିବୀ ଅଭିଲାଷ ପଣ୍ଡା ମାନବାଧିକାର ରେଜିଷ୍ଟ୍ରାରଙ୍କ ପାଖରେ ଉପସ୍ଥାପନ କରିବା ପରେ ଆୟୋଗଙ୍କ ସାମ୍ନାରେ ଉପସ୍ଥାପିତ ହେବା ପାଇଁ ଅନୁମତି ମିଳିଥିଲା । ଆୟୋଗ ଅଭିଯୋଗର ଗମ୍ଭୀରତାକୁ ଗୁରୁତ୍ୱ ଦେଇ ପିଟିସନ ଆଧାରରେ ହସ୍ତକ୍ଷେପ କରିବାକୁ ରାଜି ହୋଇଛନ୍ତି । ଏନେଇ ୧୭୩/୨୦୨୨ରେ ଏକ ମାମଲା ରୁଜୁ ହୋଇଛି । ଏହି ଘଟଣାରେ ସଂପୃକ୍ତ ଅଧିକାରୀମାନଙ୍କୁ ନୋଟିସ୍ ଜାରି କରିବାକୁ ମାନବାଧିକାର ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।



ଅଭିଯୋଗ କରିବାକୁ ଆସିଥିବା ବନ୍ୟାଞ୍ଚଳର ଯୁବକମାନେ ।

- ମାନବାଧିକାର ଆୟୋଗରେ ମାମଲା
- ୩ ବ୍ଲକକୁ ଘୋଷଣା କରାଗଲାନାହିଁ ବନ୍ୟାଞ୍ଚଳ

ନୟାଗଡ଼ ଜିଲାରେ ମହାନଦୀ, କୁସୁମୀ, କୁଆଁରିଆ, କାଳିଗିରୀ, ବୃତ୍ତଙ୍ଗ ପରି ନଦୀ ପ୍ରବାହିତ । ଚଳିତ ବର୍ଷ ମହାନଦୀର ବନ୍ୟା ଗଣିଆ, ଭାପୁର ଓ ଖଣ୍ଡପଡା ବ୍ଲକର ନଦୀକୂଳିଆ ଅଞ୍ଚଳରେ ଥିବା ଗାଁଗୁଡିକରେ ବ୍ୟାପକ କ୍ଷତି କରିଛି। ଏହାର ପ୍ରଭାବରେ ୨୦ରୁ ଉର୍ଦ୍ଧ୍ୱ ପଞ୍ଚାୟତର ୭୦ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରବାହିତ ହୋଇଥିବା କୁହାଯାଇଛି । ଜିଲା ଓ ବ୍ଲକ ପ୍ରଶାସନ ବନ୍ୟା ସମ୍ପର୍କରେ ଅବଗତ ହୋଇ ଗତ ୧୨ ତାରିଖରେ ପ୍ରସ୍ତୁତି ବୈଠକ କରିଥିଲେ । ଉକ୍ତ ବୈଠକରେ ପ୍ରଶାସନ ପୁରା ରେଡି ଅଛି ବୋଲି କହିଥିଲେ । ତେବେ ଲୋକମାନେ ଓ ଗୃହପାଳିତ ପଶୁ ପାଣି ଘେରରେ ଏକ ସପ୍ତାହରୁ ଉର୍ଦ୍ଧ୍ୱ ଦିନ ରହିଥିଲେ ମଧ୍ୟ ସେମାନଙ୍କୁ ରନ୍ଧାଖାଦ୍ୟ, ଗୋଖାଦ୍ୟ, ଔଷଧ, ପିଇବା ପାଣି ଯୋଗାଣ ଦେଲା ନାହିଁ । ବନ୍ୟାରେ ଧାନ ଜମି ସମେତ ଅନେକ ଚାରଣ ଭୂମି ବୁଡ଼ି ରହିଥିଲା । ପୁଣି ଅନେକ ସଡ଼କ ବନ୍ୟାଜଳରେ ବୁଡି ରହିବାରୁ ଲୋକେ ଜଳବନ୍ଦୀ ହୋଇ ରହିଲେ । ନୟାଗଡ଼ ବ୍ଲକ ଲଠାଇପଡାର ଅପର୍ତ୍ତି ବେହେରା ନଦୀରେ ଭାସି ଯାଇ ପ୍ରାଣ ହରାଇଲେ । ବହୁ ଦିନ ଧରି ପାଣି ଜମି ରହିବା ଦ୍ୱାରା କେବଳ ଧାନ ଫସଲ ନୁହେଁ ପନିପରିବା ଫସଲ ଉଜୁଡି ଗଲା । ହେଲେ ସରକାର ନୟାଗଡ଼ ଜିଲାକୁ ଅଣଦେଖା କରିଥିଲେ । ବିଡିଓଙ୍କ ଜରିଆରେ ବନ୍ୟା ଅଞ୍ଚଳ ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା । ତେବେ ଜିଲାର ଦାବିକୁ ଅଣଦେଖା କରାଗଲା । ସେହିପରି କୃଷି ବିଭାଗ ମଧ୍ୟ ବନ୍ୟା ପରେ କ'ଣ କରାଯିବ କିଛି ସୂଚନା ଦେଲାନି । ଏଣୁ ଧାନ ଫସଲ ଉଜୁଡି ଗଲା । ସରକାରୀ ରିପୋର୍ଟରେ ଜିଲାର ୮ ପଞ୍ଚାୟତ ବନ୍ୟା ପ୍ରଭାବିତ ବୋଲି ପ୍ରଶାସନ ରିପୋର୍ଟ ପ୍ରସ୍ତୁତି କରୁଛି । ଏପରି କରାଗଲେ ୩ ବ୍ଲକର କ୍ଷତିଗ୍ରସ୍ତ ବିପନ୍ନ କ୍ଷତିପୂରଣ ପାଇବାରେ ଅସୁବିଧାର ସମ୍ମୁଖୀନ ହେବେ ବୋଲି କୁହାଯାଇଛି । ଏଣୁ ଭାପୁର,ଗଣିଆ ଓ ଖଣ୍ଡପଡା ବ୍ଲକକୁ ବନ୍ୟାଞ୍ଚଳ ଘୋଷଣା, ଚାଷୀକୁ ଏମ୍ଏସ୍ପି ଅନୁସାରେ କ୍ଷତିପୂରଣ ବ୍ୟବସ୍ଥା, ଚାଷୀଙ୍କ ଋଣ ଛାଡ, ଭାଗଚାଷୀଙ୍କ ପାଇଁ କମିଟି ଗଠନ କରି ଆର୍ଥିକ ସାହାଯ୍ୟ ପାଇଁ ନିର୍ଦ୍ଦେଶ, ଗୃହପାଳିତ ପ୍ରାଣୀମାନଙ୍କୁ ଖାଦ୍ୟ, ଭାଙ୍ଗି ଯାଇଥିବା ଗୁହାଳକୁ ମରାମତି, ପ୍ରାଣୀ ଚିକିତ୍ସା କ୍ୟାମ୍ପ କରିବାକୁ ନିର୍ଦ୍ଦେଶ ଦେବାକୁ ଆୟୋଗଙ୍କୁ ଅନୁରୋଧ କରାଯାଇଛି । ସେହିପରି ବନ୍ୟାରେ ଭାଙ୍ଗି ଯାଇଥିବା ଘରଗୁଡିକର ମରାମତି, ଉଚ୍ଚ ଶିକ୍ଷାନୁଷ୍ଠାନରେ ଆଡିମଶନ ଓ ରିଆଡିମିଶନ ଫି ସରକାର ବହନ କରିବା ପାଇଁ ଆବେଦନକାରୀ ଅନୁରୋଧ କରିଛନ୍ତି।

# ୨୬୬ ନୁହେଁ ୫୦୦ ଟଙ୍କାରେ ସାର ବିକ୍ରି

ନୟାଗଡ଼ ଅଫିସ,୨୫।୮

- ଡିଲର କରୁଛନ୍ତି କଳାବଜାର
- ପ୍ରତିବାଦ କଲେ ଫେରିଯିବାକୁ ଦେଉଛନ୍ତି ପରାମର୍ଶ

ନୟାଗଡ଼ ଜିଲା ରଣପୁର ବ୍ଲକର ଦର୍ପନାରୟଣପୁର ଡିଲର ୟୁରିଆ ସାରକୁ ସରକାରୀ ରେଟ ୨୬୬ ଟଙ୍କା ବଦଳରେ ୫୦୦ ଟଙ୍କାରେ ବିକ୍ରି କରୁଛନ୍ତି। ଚାଷୀ ପ୍ରତିବାଦ କଲେ ଉତ୍ତର ମିଳୁଛି ମନ ପାଇଲେ ନିଅ ନ ହେଲେ ପଳାଅ । ସାର ଏଜେଣ୍ଟଙ୍କ କଥାକୁ କେତେଜଣ ଲୋକ ମୋବାଇଲରେ ସୁଟିଂ କରିଛନ୍ତି। ଅନ୍ୟପକ୍ଷେ ସାର କଳାବଜାରୀ ଓ ଡିଲରଙ୍କ କଳା କାରନାମା ନେଇ ଚାଷୀ ଜିଲାପାଳ, ଉପଜିଲାପାଳ, ୫–ଟି ସଚିବ, ଜିଲା ମୁଖ୍ୟ କୃଷି ଅଧିକାରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ୍ ହୋଇଛନ୍ତି । ଖଡିଆ ଓ ଦର୍ପନାରାୟଣପୁରର ଚାଷୀମାନେ କହିଛନ୍ତି, ସାର କଳାବଜାର ଚାଲିଛି । ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ। ଚାଷୀ ଶୋଷଣ ହୋଇ ଚାଲିଥିଲେ ମଧ୍ୟ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ ହୋଇଛି ।

# ନଭେମ୍ବରରେ ଶରଣକୁଳ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ନୟାଗଡ଼ ଅଫିସ,୨୫।୮

ଲଦୁକେଶ ଆଥ୍ଲେଟିକ ଆସୋସିଏଶନ ଶରଣକୁଳ ପକ୍ଷରୁ ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରେ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ପକ୍ଷରୁ ଘୋଷଣା କରାଯାଇଛି । ଏନେଇ ବୁଧବାର ଆସୋସିଏଶନର ସଭାପତି ତଥା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ପୌରୋହିତ୍ୟରେ ସ୍ଥାନୀୟ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥରେ ପୂର୍ବବର୍ଷର ଆୟବ୍ୟୟ ସମୀକ୍ଷା କରାଯିବା ସହିତ ଚଳିତ ବର୍ଷ ପୁରୀ ଏମ୍ପି ପିନାକୀ ମିଶ୍ରଙ୍କ ମାର୍ଗଦର୍ଶନରେ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିଲା । ଅନ୍ୟ ରାଜ୍ୟରୁ ୪ ଫୁଟବଲ ଦଳ ସହ ରାଜ୍ୟରୁ ବଛା ବଛା ୪ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ । ୭ ଦିନ ଟୁର୍ଣ୍ଣାମେଣ୍ଟ ଚାଲିବ । ଖେଳ ପରିଚାଳନା ପାଇଁ ଏକ ୨୦ଜଣିଆ କମିଟି ଗଠନ କରାଯାଇଛି । ଉକ୍ତ ବୈଠକରେ ଜିଲା ପରିଷଦ ସଦସ୍ୟା ଚିନ୍ମୟୀ ଦାଶ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ବିକ୍ରମ କୁମାର ଦାଶ , ବୈକୁଣ୍ଠ ନାଥ ସିଠ, ଯୋଗେନ୍ଦ୍ର ନାଥ ପ୍ରଧାନ, ଶିବ ପ୍ରସାଦ ପୁଷ୍ପପାଳକ, ରବୀନ୍ଦ୍ର କୁମାର ଚୌଧୁରୀ, କୃଷ୍ଣଚନ୍ଦ୍ର ତ୍ରିପାଠୀ, କୃଷ୍ଣଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ ଦାଶ, ଜଗଦୀଶ ଚନ୍ଦ୍ର ଦାଶ, ଚିତ୍ତ ରଞ୍ଜନ ବରାଡ଼ଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ ।

# ସେପ୍ଟେମ୍ବର ୨୮ରେ ଆସିବେ ନାକ୍ ଟିମ୍

## ନୟାଗଡ଼ ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ପ୍ରସଙ୍ଗ

ନୟାଗଡ଼ ଅଫିସ,୨୫।୮

ନୟାଗଡ଼ ମହାବିଦ୍ୟାଳୟର ସ୍ୱୟଂ ଶାସିତ ମାନ୍ୟତା ୨୦୧୮ରୁ ଆଉ ବୃଦ୍ଧି ହୋଇ ନଥିବାରୁ ମିଥ୍ୟାରେ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବାହାବା ନିଆଯାଉଛି ବୋଲି ଅଭିଯୋଗ ହୋଇ ଆସୁଥିଲା । ଏଭଳିସ୍ଥଳେ ନାକ୍ ଟିମ୍ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ସେପ୍ଟେମ୍ବର ୨୮ ରେ ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଟିମ୍ ୨୮ ଓ ୨୯ ଦୁଇ ଦିନ ମହାବିଦ୍ୟାଳୟ ବିଭିନ୍ନ ବିଷୟ ଉପରେ ଅନୁଧ୍ୟାନ କରିବ ।

ପ୍ରକାଶ ଯେ, ୮।୧।୨୦୧୮ରୁ ବିଶ୍ୱ ବିଦ୍ୟାଳୟ ଗ୍ରାଣ୍ଟ କମିଶନ (ୟୁଜିସି)ର କୋଲକତା ସ୍ଥିତ ପୂର୍ବାଞ୍ଚଳ ଆଞ୍ଚଳିକ କାର୍ଯ୍ୟାଳୟ ଉପସଚିବ ଲଳିତା ସେଶାନ୍ ଉତ୍କଳ ବିଶ୍ୱ ବିଦ୍ୟାଳୟ ରେଜିଷ୍ଟ୍ରାରଙ୍କୁ ଲେଖିଥିବା ପତ୍ରାଙ୍କ ସଂଖ୍ୟା ଏଫ.୨୨–୧/୨୦୧୨(ଏସି)ନୟାଗଡ ମହାବିଦ୍ୟାଳୟର ସ୍ୱୟଂ ଶାସିତ ମାନ୍ୟତା ୨୦୧୨–୧୩ ଶିକ୍ଷା ବର୍ଷରୁ ୨୦୧୭–୧୮ ୬ ବର୍ଷ ଯାଏଁ ବଳବତ୍ତର ଥିଲା । ଏହାର ଅବଧି ସଂପ୍ରସାରଣ ପାଇଁ ୟୁଜିସ ଷ୍ଟାଣ୍ଡିଂ କମିଟିର ଏଯାବତ୍ ମଞ୍ଜୁରୀ ମିଳିନାହିଁ । ଅନ୍ୟପକ୍ଷେ ନୟାଗଡ ବିଧାୟକ ୨୮ ମାସ ରାଜ୍ୟର ଉଚ୍ଚ ଶିକ୍ଷା ମନ୍ତ୍ରୀ ଥିବାବେଳେ ନୟାଗଡ ମହାବିଦ୍ୟାଳୟ ଉପେକ୍ଷିତ ହୋଇ ରହିଯାଇଥିବାର ଅଭିଯୋଗ ଉଠିଥିଲା । ୨୦୧୮ରୁ ବିଧାୟକ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଥିଲେ । ଏହା ପରେ ବି ସ୍ୱୟଂ ଶାସିତ ମହାବିଦ୍ୟାଳୟ ମାନ୍ୟତାର ସଂପ୍ରସାରଣ ହୋଇ ପାରି ନ ଥିଲା। ଏନେଇ ନୟାଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ପ୍ରଧାନ କୁହନ୍ତି, ସ୍ୱୟଂ ଶାସିତ ମାନ୍ୟତାର ଅବଧି ବୃଦ୍ଧି ପାଇଁ ଉତ୍କଳ ୟୁନିଭରସିଟି ୨୦୨୬ ପର୍ଯ୍ୟନ୍ତ ୟୁଜିସିକୁ ୨୧।୫।୨୦୨୨ରେ ସୁପାରିଶ କରଥିଲା। ଏଣୁ ନୟାଗନ ମହାବିଦ୍ୟାଳୟ ପାଇଁ ସ୍ୱୟଂ ଶାସିତ ମାନ୍ୟତାରେ ଅସୁବିଧା ନ ଥିଲା । ଏଯାବତ ଛାତ୍ରୀଛାତ୍ର ପରୀକ୍ଷା ଦେବା, ରେଜଲ୍ଟ ବାହାରିବା ପରି କୌଣସି ଅସୁବିଧା ନାହିଁ । ମହାବିଦ୍ୟାଳୟକୁ ଉନ୍ନତି କରିବାକୁ ପଦକ୍ଷେପ ଜାରି ରହିଛି । ସେପ୍ଟମ୍ବର ୨୮ରେ ନାକ୍ ଟିମ୍ ଆସି ମହାବିଦ୍ୟାଳୟର ତଦାରଖ କରିବାର ଅଛି ବୋଲି ସେ କହିଛନ୍ତି ।

# ବାଇକ ଚୋରି, ୬ କୋର୍ଟ ଚାଲାଣ

ବଲସକୁମ୍ପା,୨୫।୮

ବାଇକ ଚୋରି ଅଭିଯୋଗରେ ଖଜୁରୀପଡ଼ା ପୋଲିସ ୬ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୁଯାପାୟୁ ଗ୍ରାମର ପ୍ରତାପ ମଲିକ, ଚନ୍ଦୁପଦର ଗାଁର ମିଥୁନ କହଁର, ଖଜୁରୀପଡା କୁଟିବାରି ଗାଁର ଚିତ୍ତରଞ୍ଜନ ପ୍ରଧାନ, ଦେହେଙ୍ଗି ଗାଁର ଅନ୍ତର୍ଯ୍ୟାମୀ ଝାଙ୍କାର, ଡ଼ିମିରିଖୋଲ ଗାଁର ସିପକ ପ୍ରଧାନ, ବୌଦ୍ଧ ଜିଲା ମାଧପୁର ଗାଁର ଅନନ୍ତ ଜାନୀ। ସୂଚନା ଅନୁଯାୟୀ ଗତ ୨୩ ତାରିଖରେ ଖଜୁରୀପଡା ଥାନା ଅନ୍ତର୍ଗତ ଗଡପଦର ନିକଟରେ ପୋଲିସ ବାଇକ ଯାଞ୍ଚ କରୁଥିବା ବେଳେ ଏକ ବାଇକ ଦ୍ରୁତଗତିରେ ପଳାଇ ଯାଇଥିଲା। ଉକ୍ତ ବାଇକକୁ ପିଛା କରି ଗାଡ଼ିଆ ପଡାଶେଷ ଘାଟିରେ ବାଇକ ସହିତ ଦୁଇ ଜଣ ଯୁବକଙ୍କୁ ଧରିଥିଲେ।

# ଅଣ୍ଡରଟେକିଂ ଲେଖି ଛାତ୍ର କ୍ଷମା ମାଗିଲେ

## ଅଧ୍ୟାପିକାଙ୍କୁ ଦୁର୍ବ୍ୟବହାର ଘଟଣା

ନୟାଗଡ଼ ଅଫିସ,୨୫।୮

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ୫ଜଣ ଅଧ୍ୟାପିକାଙ୍କୁ ସେହି ମହାବିଦ୍ୟାଳୟର ୭ଜଣ ଛାତ୍ର ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଥିଲା । ଏନେଇ ସଂପୃକ୍ତ ଅଧ୍ୟାପିକାମାନେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଅଭିଯୋଗ କରିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା । ଏହି ଘଟଣା ଥାନାକୁ ଯିବା ପୂର୍ବରୁ ମହାବିଦ୍ୟାଳୟରେ ସମାଧାନ ହୋଇଛି । ଛାତ୍ରମାନେ ନିଜର ଭୁଲ ବୁଝି ପାରି କ୍ଷମା ମାଗିଛନ୍ତି । ଅନ୍ୟପକ୍ଷେ ଛାତ୍ର ଓ ସେମାନଙ୍କ ଅଭିଭାବକମାନେ ଏଥିପାଇଁ ଅଣ୍ଡରଟେକିଂ ଲେଖିଛନ୍ତି । ଅଭିଯୋଗ ଅନୁଯାୟୀ, ମହାବିଦ୍ୟାଳୟରେ ଇଣ୍ଟରାନାଲ ପରୀକ୍ଷା ଚାଲୁଥିବା ସମୟରେ ଜଣେ କମର୍ସ ଛାତ୍ର କପି କରିବା ବେଳେ ଜଣେ ଅଧ୍ୟାପିକା ଧରିଥିଲେ । କପି କାହିଁକି ଧରିଲ କହି ସମ୍ପୃକ୍ତ ଯୁକ୍ତ ୩ କମର୍ସ ଛାତ୍ର ଅଧ୍ୟାପିକାଙ୍କୁ ଗାଳିଗୁଲଜ କରିବା ସହ ଖରାପ ବ୍ୟବହାର କରିଥିଲେ । ସେହିପରି ମହାବିଦ୍ୟାଳୟର ୪ଜଣ ଅଧ୍ୟାପିକାଙ୍କୁ ୬ଜଣ ଯୁକ୍ତ ୩ କମର୍ସ ଛାତ୍ର ଅନୁରୂପ ଭାବେ ଦୁର୍ବ୍ୟବହାର ଓ ଅଶ୍ଳୀଳ ଗାଳିଗୁଲଜ କରିଥିଲେ। ଏନଇ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ କୁମାର ପ୍ରଧାନଙ୍କୁ ପଚାରିବାରୁ କୁହନ୍ତି ଦୁଇଟି ଯାକ ଘଟଣା ସମାଧାନ ହୋଇ ଯାଇଛି । ବୁଧବାର ଷ୍ଟାଫ କାଉନସିଲିଂ ବୈଠକ ହୋଇଥିଲା । ଗୁରୁବାର ଶୃଙ୍ଖଳାଗତ କମିଟିର ବୈଠକ ହୋଇଥିଲା । ଅଧ୍ୟାପିକାଙ୍କୁ ଖରାପ ବ୍ୟବହାର ଦେଖାଉଥିବା ୭ ଛାତ୍ର ଓ ଅଭିଭାବକଙ୍କୁ ଡକାଯାଇଥିଲା । କ୍ଷମା ଓ ଅଣ୍ଡରଟେକିଂ କରି ନ ଥିଲେ ପରବର୍ତ୍ତି ପଦକ୍ଷେପ ନିଆଯାଇଥାନ୍ତା ବୋଲି ସେ କହିଛନ୍ତି ।

# ରାସ୍ତା ଖରାପ ଯୋଗୁ ଅଚଳ ହେଲା ଆମ୍ବୁଲାନ୍ସ

ନୟାଗଡ ଅଫିସ/ନୂଆଗାଁ,୨୫।୮(ଡି.ଏନ୍.ଏ.)

ନୟାଗଡ ଜିଲା ନୂଆଗାଁ ବ୍ଲକ ଲୁଣିସରା ବାଲିସାହିଗାଁରେ ରୋଗୀଙ୍କୁ ଆଣିବାକୁ ଯାଇଥିବା ଆମ୍ବୁଲାନ୍ସ ଅଚଳ ହୋଇଥିଲା । ଆମ୍ବୁଲାନ୍ସ ଡ୍ରାଇଭର ଅନ୍ୟ ଏକ ଆମ୍ବୁଲାନ୍ସ ମଗାଇ ରୋଗୀଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଲେ । ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସର ଷ୍ଟିୟରଂ ଭାଙ୍ଗି ଯାଇଥିବା ଜଣାପଡିଛି । ପ୍ରକାଶ ଯେ, ଲୁଣିସରା ବାଲିସାହି ଗାଁକୁ ରାସ୍ତା ନାହିଁ । ବର୍ଷା ଦିନେ ରାସ୍ତା କାଦୁଅ ପଚ ପଚ ହୋଇ ରହିଛି । ଗାଁର ବୁଲି ନାୟକ ଅସୁସ୍ଥ ଅନୁଭବ କରିବାରୁ ଆମ୍ବୁଲାନ୍ସକୁ ବୁଧବାର ଅପରାହ୍ନରେ ଫୋନ କରିଥିଲେ । ଆମ୍ବୁଲାନ୍ସ ଆସି ଗାଁ ନିକଟସ୍ଥ ପହଞ୍ଚିଥିଲା । ହେଲେ ରାସ୍ତା ଭଲ ନ ଥିବାରୁ ଗାଡ଼ିର ଷ୍ଟିୟରିଂ ଅଚଳ ହୋଇପଡିଥିଲା । ଏନେଇ ବାଲିସାହିର ଶ୍ରୀଧର ସେଠୀ କୁହନ୍ତି, ରାସ୍ତା ନ ଥିବାରୁ ବର୍ଷା ଋତୁରେ ମୋ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଡେ । ବିଶେଷ କରି ରୋଗ ହେଲେ ଆମେ ବେଶୀ ହଇରାଣ ହେଉ । ଗାଁକୁ ଆମ୍ବୁଲାନ୍ସ ଆସି ପାରେନା । ସରକାର ଆମ ଗାଁକୁ ଅଣଦେଖା କରୁଥିବାରୁ ରାସ୍ତା ହୋଇ ପାରୁ ନାହିଁ ।


**ପୂର୍ବ ତଟ ରେଳପଥ**

ଫାଇଲ ନଂ. DRM/Engg/KUR/22-23/E-Tender/65, ତା: 22.08.2022

1.ଟେଣ୍ଡର ବିଜ୍ଞପ୍ତି ସଂ. eTender-East-KUR-166-2022, ତା:12.08.2022

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/କଟକ ଅଧୀନସ୍ଥ ନିର୍ଗୁଣ୍ଡି-ବାରଙ୍ଗ ଷ୍ଟେସନ ମଧ୍ୟରେ କି.ମି.399.20 ଠାରୁ କି.ମି.418.363 ଏବଂ ଟାଇ ଲାଇନର କି.ମି.397.30 ଠାରୁ କି.ମି.410.37 ପର୍ଯ୍ୟନ୍ତ 30.09.2023 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 169.82 ଲକ୍ଷ, EMD (ଟଙ୍କାରେ) : ₹ 2,34,900/-

2.ଟେଣ୍ଡର ବିଜ୍ଞପ୍ତି ସଂ. eTender-East-KUR-167-2022, ତା:12.08.2022

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଧାନମଣ୍ଡଳ ଅଧୀନସ୍ଥ ଜେନାପୁର-ନିର୍ଗୁଣ୍ଡି ଏବଂ କପିଳାସ ରୋଡ଼ - ସାଳଗାଁ ସେକ୍ସନ ମଧ୍ୟରେ କି.ମି.353.724 ଠାରୁ କି.ମି.399.10 ପର୍ଯ୍ୟନ୍ତ 30.09.2023 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 149.46 ଲକ୍ଷ, EMD (ଟଙ୍କାରେ) : ₹ 2,24,700/-

3.ଟେଣ୍ଡର ବିଜ୍ଞପ୍ତି ସଂ. eTender-East-KUR-168-2022, ତା:12.08.2022

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/କନ୍ଦରପୁର ଅଧୀନସ୍ଥ କଟକ-ଗୋରଖନାଥ ସେକ୍ସନ ମଧ୍ୟରେ କି.ମି.409.70 ଠାରୁ କି.ମି.447.90 ପର୍ଯ୍ୟନ୍ତ 30.09.2023 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 135.89 ଲକ୍ଷ, EMD (ଟଙ୍କାରେ) : ₹ 2,18,000/-

4.ଟେଣ୍ଡର ବିଜ୍ଞପ୍ତି ସଂ. eTender-East-KUR-172-2022, ତା:12.08.2022

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଗୋରଖନାଥ ଅଧୀନସ୍ଥ ରଘୁନାଥପୁର-ପାରାଦୀପ ସେକ୍ସନ ମଧ୍ୟରେ କି.ମି.447.90 ଠାରୁ କି.ମି.491.66 ପର୍ଯ୍ୟନ୍ତ 30.09.2023 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 133.25 ଲକ୍ଷ, EMD (ଟଙ୍କାରେ) : ₹ 2,16,600/-

ଶେଷ ହେବା ଅବଧି (ସମସ୍ତ ଟେଣ୍ଡର ନିମନ୍ତେ): 12(ବାର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ): ତା.02.09.2022 ରିଖ 1500 ଘଣ୍ଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-415/N/22-23



GOVERNMENT OF ODISHA

**OFFICE OF THE SUPERINTENDING ENGINEER JHARSUGUDA (R&B) DIVISION, JHARSUGUDA**

ଓଡ଼ିଶା ସରକାର

**'e' Procurement Notice**

**Bid Identification No-EE-R&B-JSG-10 of 2022-23**

E-mail ID:eepwdjsg2014@gmail.com, Telephone:06645-271242

No.B-501: Kalimandir Road, Jharsuguda, 768202

| | | | |
|---|---|---|---|
| 1 | The Executive Engineer, Jharsuguda (R&B) Division on behalf of Governor of Odisha inviting percentage rate bid in Single Cover system on ONLINE mode from eligible contractors for Construction of Buildings (Civil+EI+PH) Work as detailed in DTCN. | | |
| 2. | Nature of Work | :- | Buildings (Civil+EI+PH) Works |
| 3. | Estimated Cost | :- | Rs.34.50 Lakhs |
| 4. | No. of Work | :- | 01 (One) No. |
| 5. | Tender Cost | :- | Rs.6000/- (as pe DTCN) |
| 6. | Class of Contractor | :- | "C" & "B" |
| 7. | Availability of bid document in the website | :- | 10.00 A.M. of Dt.26.08.2022 to 5.00 P.M. of Dt.05.09.2022 |
| 8. | Date of Opening of Technical Bid (Cover-I) | :- | 11.30 A.M. on Dt.06.09.2022 |
| 9. | The bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website. | | |

Sd./- Executive Engineer
Jharsuguda (R&B) Division
OIPR-34094/11/0008/2223



**STATE INSTITUTE FOR DEVELOPMENT OF ARTS & CRAFTS (SIDAC)**

SIDAC Handlooms, Textiles & Handicrafts Department, Government of Odisha

No. PP-34

**EXPRESSION OF INTEREST**

Expression of Interest (EOI) in sealed cover are invited from interested **Architect/ Architectural firms** having required eligibility and expertise in relevant field to provide end to end service for organizing **17th Toshali National Crafts Mela** to be held from 15th to 27th December 2022 at Janata Maidan, Bhubaneswar. The last date of submission of sealed offers in the office of SIDAC, Handicrafts Complex, Gandamunda, Khandagiri, Bhubaneswar- 751030, Ph: 0674-2350318 is **upto 2.00 PM** on **14-09-2022**. For details of EOI documents plz visit the websites www.sidacodisha.org.in, www.odisha.gov.in/textiles & www.crafts.odisha.gov.in . The bid documents will be available w.e.f, **26-08-2022**.

Sd/-
Member Secretary

OIPR-31036/11/0007/2223



GOVERNMENT OF ODISHA

**OFFICE OF THE EXECUTIVE ENGINEER, R.W.S.&S. DIVISION, BHADRAK**

E.mail- rwssdivisionbhadrak@gmail.com

**"e" PROCUREMENT NOTICE**

**Bid Identification No. RWSS (BDK): 21/2022-23**

No.O-876:- 1. Name of the work: Execution of 32 Nos. of different RPWS scheme under Dhamnagar/ Bhadrak / Bhandaripokhari / Tihidi / Bonth Block. 2. Total number of work: 09 Nos. (Three) clubbed up. 3. Estimated cost: Rs.339.70 to 439.36 lakhs. 4. Class of contractor : A & Special. 5. Period of completion: 11 months.

| Procurement Officer | Bid identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer RWSS Division, Bhadrak | RWSS (BDK): 21/2022-23 | 02.09.2022 (From 10.00 A.M.) | 17.09.2022 upto 17.00 P.M. |

Further details can be seen from the e-procurement portal "www.tendersodisha.gov.in".
Subsequent corrigendum if required shall be appeared in the website only.

Sd./- Executive Engineer, R.W.S.&S. Division, Bhadrak
OIPR- 25020/11/0006/2223



**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA**

E-Mail ID: serwcbaripada@gmail.com, Ph-No-06792-261343/261344 Gangraj, Baripada

**"e" Procurement Notice for Bridge Work**

Identification No.- Online Tender- Bridge N.C.B. No. 243 for 2022-23.

Letter No. 3169/ Date 25.8.22

**No.O-892:**1.Name of the work:- Construction of H.L. Bridge over Local Nallah at 1st km on Baidyanathpur to Galusahi Road in the District of Mayurbhanj under B.S.Y. 2. Total No. of work:- 01 No. (One). 3. Estimated Cost :-Rs.485.17 lakhs (Approximately). 4. Eligible Class of Contractor : 'A' Class & 'Special' Class. 5.Period of Completion :-15 Calendar Months. 6. Other details :-

| Procurement Officer | Bid Identification No. | Availability of tender On-line for bidding | | Last date & time of seeking tender clarification | Date & Time of Opening of Tender in O/O C.C.E.R.W., Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Bridge Online N.C.B. No.243 | Dt.29.08.2022 at 11.00 A.M. | Dt.12.09.2022 upto 5.00 P.M. | Dt.09.09.2022 upto 5.00 P.M. | Dt.13.09.2022 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in.
- Any Corrigendum/Addendum will be displayed in the above e_tender website only.

Sd./- Chief Construction Engineer, R.W.Circle, Baripada
OIPR-25181/11/0039/2223



GOVERNMENT OF ODISHA

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA-JAJPUR**

AT/PO- NAYABAZAR, CUTTACK -753004, Tel No. 0671-2444488, Email-serw_kpd@yahoo.com

No. Tender_Online_RCK-24/22, Letter No. Date:

**e-Procurement Notice**

**No.O-885:**1. Name of the work : Tender for the Bridge work under BSY in the Dist. of Kendrapara-Jajpur for the year 2022-23. 2. Class of contractor : a) Estimated cost more than Rs.6.00 Crore & upto Rs.15.00 Crore : Special Class & Super Class (of Odisha PWD) & relevant class of other licensing authorities. b) Estimated cost more than Rs.3.00 Crore & upto Rs.6.00 Crore : A & Special Class (of Odisha PWD) & relevant class of other licensing authorities. c) Estimated cost more than Rs. 40.00 Lakh & upto Rs.3.00 Crore : B & A Class (of Odisha PWD) & relevant class of other licensing authorities. 3. Time for Completion : As specified in the Column-6 of the Annexure. 4. Detail Projects : As per Annexure attached. 5. Other details:

| Procurement Officer | Bid Identification No. | Availability of Tender Online for bidding | | Last date & time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construcion Enginer, Rural Works Circle, Kendrapara-Jajpur | Tender Online RCK-24/22 | 30.08.2022 at 11.00 A.M. | 19.09.2022 to 05.00 P.M. | 19.09.2022 upto 01.00 P.M. | 20.09.2022 at 11.30 A.M. | Will be intimated later |

Further details can be seen from the website www.tendersorissa.gov.in.

Sd./- Chief Construction Engineer, Rural Works Circle, Kendrapara-Jajpur
OIPR-25129/11/0025/2223



idco Your power to grow — ODISHA NEW OPPORTUNITIES

No. CAD-1625

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**

Tender Call Notice No. IDCO/H.O./P&C/EST/E-1979/03/2022/21634 Date: 24.08.2022

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. **Name of the Work** :- Construction of SFRC Pre-cast, Pre-tensioned Compound Wall at Industrial Estate Kilasama, Rengali, Sambalpur, Odisha.
2. **Estimated Cost** :- Rs.151.43 Lakhs
3. **Period of Completion** :- 03 (Three) Calendar months.
4. **Other details** :

| Procurement Officer | Bid ID/Tender reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/ EST/E-56/ 2022- 23 | 02.09.2022 at 17.00 Hrs. | 16.09.2022 up to 17.00 Hrs. |

Further details can be seen from the e-Procurement Portal www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tendersodisha.gov.in and www.idco.in.

Sd./- Chief General Manager (P&C), IDCO, Bhubaneswar

OIPR-14003/11/0125/2223



GOVERNMENT OF ODISHA

No.C-1061:

**OFFICE OF THE ADDITIONAL CHIEF ENGINEER P.H. CIRCLE, NAYABAZAR, CUTTACK-753004**

Ph.-0671-2440841, Fax- 0671-2440841, E-mail: sephctc@gmail.com

**NATIONAL COMPETITIVE BIDDING THROUGH e-Procurement**

**Invitation For Bids (IFB) No.ACEPHCTC-05/2022-23 Dtd.22.08.2022**

| Sl. No. | Name of the work | Estimated cost (Approx) |
|---|---|---|
| 1 | Augmentation of water supply at Kunjakanta (W. No.3), Talabania (W. No.-) Backside of R.P. Line, Back side of Vigilance Office, Backside of Hospital, Backside of Gopal Sagar, Bajirout Chhaka to Railway line etc. of Dhenkanal Municipality. | Rs.243.42 lakh |
| 2 | Augmentation of water supply at different locations like Naba Mishra Colony, Badadanda Sahi Block Colony, Surya Nagar, Sarathi Vihar and Biradarpada Areas of Talcher Municipality. | Rs.420.30 lakh |
| 3 | Augmentation of rising main from Rekula to Alutuma in Kamakhyanagar NAC under AMRUT 2.0 for the year 2022-23. | Rs.386.59 lakh |
| 4 | Augmentation of water supply of Badadanda Sahi, Bandha Sahi, Rameswarpatna, Charigharia Sahi, Pathana Sahi, Manikpathar, Nua Sahi, Bangala Sahi & Rajabati to Baragaon at Athamallik NAC under Special Central Assistance for the Fy 2022-23. | Rs.355.97 lakh |
| 5 | Construction of 3 lakh ltr capacity RCC ESR of 25 mtr staging at I.B. Pump House & 3 lakh ltr capacity RCC ESR of 20 mtr staging with ancillary works over Hillock at Nua Bhuban for improvement of water supply to Bhuban NAC. | Rs.165.53 lakh |

1.Date & time of availability of bid document in the portal - 11.00 Hrs. of dt.30.08.2022 to 17.30 Hrs. of dt. 14.09.2022. 2. Last date / time of receipt of bids in the portal : 14.09.2022 upto 17.30 Hrs. 3. Date & time of opening of bids : 15.09.2022 at 12.30 Hrs. 4. Name and address of the Officer Inviting Bid : The Additional Chief Engineer, P.H. Circle, Nayabazar, Cuttack-753004, Odisha, Ph.(0671)2440841, email:sephctc@gmail.com.
Further details can be seen from the website www.tendersorissa.gov.in.

Sd./- Addl.Chief Engineer, P.H.Circle, Cuttack
OIPR-13029/11/0008/2223


See Career Appointment on every Wednesday & Saturday

## ସଂକ୍ଷେପରେ

### ମେସ୍କୋ ଫାଟକରେ ତାଲା ପକାଇଲେ କର୍ମଚାରୀ

**କଳିଙ୍ଗନଗର,୨୫।୮(ଡି.ଏନ.ଏ.):** କଳିଙ୍ଗନଗର ଶିଳ୍ପାଞ୍ଚଳ ମେସ୍କୋ ଷ୍ଟିଲ୍ କାରଖାନାର କର୍ମଚାରୀ ୨ ଫାଟକରେ ତାଲା ପକାଇ ଆନ୍ଦୋଳନ ଡାକରା ଦେଇଛନ୍ତି। ଫଳରେ ଗୁରୁବାର କାରଖାନା ଭିତରେ ଓ ବାହାରେ କୋଇଲା ବୋଝେଇ ଟ୍ରକ ସବୁ ଖାଲି ନ ହୋଇ ଅଟକି ରହିଛି। ଖବର ପାଇ କଳିଙ୍ଗନଗର ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଛି। ହେଲେ କର୍ମଚାରୀ ନିଜ ଜିଦରେ ଅଟଳ ରହିଛନ୍ତି। ସେମାନଙ୍କ କହିବା କଥା ହେଲା, ମେ' ୨୫ରେ କଳିଙ୍ଗନଗର ଏଡିଏମଙ୍କ କାର୍ଯ୍ୟାଳୟଠାରେ କାରଖାନା କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ମେସ୍କୋ କର୍ମଚାରୀ ୟୁନିୟନ ମଧ୍ୟରେ ଏକ ବୈଠକ ହୋଇଥିଲା। ଏଥିରେ ୬ ମାସ ପର୍ଯ୍ୟନ୍ତ କାରଖାନାକୁ ବନ୍ଦ ରଖିବା ପାଇଁ କାରଖାନା ପକ୍ଷରୁ କୁହାଯାଇଥିଲା। ଜୁନ, ଜୁଲାଇର ଦରମା ବାବଦକୁ ୪ ହଜାର ଟଙ୍କା କରି ୩୦୦ କର୍ମଚାରୀଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅଗଷ୍ଟରେ ଦରମା ବୃଦ୍ଧି କରିବାକୁ ପ୍ରତିଶ୍ରୁତି ମିଳିଥିଲା। ଜୁନ, ଜୁଲାଇର ଦରମା ଠିକ ଭାବେ ମିଳିଥିଲା। ଅଗଷ୍ଟ ଦରମା ପ୍ରଦାନ କରିବା ପୂର୍ବରୁ ଗତ ୪ ତାରିଖରେ ଏଡିଏମଙ୍କ କର୍ଯ୍ୟାଳୟ ପରିସରରେ କାରଖାନା କର୍ତ୍ତୃପକ୍ଷଙ୍କ ସହ ପୁନର୍ବାର ବୈଠକ ହୋଇଥିଲା। ଏଥିରେ ୟୁନିୟନ ପକ୍ଷରୁ ଅଧିକ ୨ ହଜାର ଟଙ୍କା ଦରମା ବାବଦକୁ ଦେବାକୁ ପ୍ରସ୍ତାବ ରଖାଯାଇଥିଲା। ହେଲେ କାରଖାନା କର୍ତ୍ତୃପକ୍ଷ ମନା କରିଦେଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାବ୍ୟତୀତ କର୍ମଚାରୀ କହିଛନ୍ତି, ଆଉ ୩ ମାସ ପରେ କାରଖାନା ବନ୍ଦ ହେବାକୁ ୩୬ ମାସ ପୁରିବ, ଯାହାକି ପିଏଫ ଓ ବେସିକ ଡିଏର ସମୟ ସୀମା ଶେଷ ହୋଇଯିବ। ତେଣୁ ଆମ୍ଭମାନଙ୍କ ପିଏଫ କଟା ଯିବା ସହ ନିୟମିତ ଦରମା ବେସିକ ଡିଏ ହିସାବରେ ପ୍ରଦାନ କରାଯାଉ। କିନ୍ତୁ କାରଖାନା କର୍ତ୍ତୃପକ୍ଷ ସେମାନଙ୍କ କଥା ଶୁଣି ନ ଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଫାଟକ ବନ୍ଦ ରହିଛି। ପୋଲିସ ଓ ପ୍ରଶାସନ ପକ୍ଷରୁ ଗାଡ଼ି ଗୁଡ଼ିକୁ ଅନଲୋଡିଂ ପାଇଁ ଉଦ୍ୟମ ଜାରି ରହିଛି।

### ଗଣ୍ଡଗୋଳ ମାମଲା: ଆଉ ୨ଜଣ କୋର୍ଟ ଚାଲାଣ

**ପାଣିକୋଇଲି, ୨୫।୮(ଡି.ଏନ.ଏ.):** ପାଣିକୋଇଲି ଥାନା ବଜାର ଅଞ୍ଚଳରେ ଏକ ଦୁର୍ଘଟଣାକୁ ନେଇ ଦୁଇ ଗାଁ ମଧ୍ୟରେ ମାରପିଟ୍ ହେବାରୁ ପରିସ୍ଥିତି ଅଶାନ୍ତ ହୋଇ ପଡିଥିଲା। ଥାନା ପକ୍ଷରୁ ଉଭୟ ଗୋଷ୍ଠୀର ୧୩୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ଘଟଣାରେ ଗୁରୁବାର ଆଉ ୨ଜଣଙ୍କୁ ପୋଲିସ ଗିରଫ କରିବା ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାଣିକୋଇଲି ଗାଁର ସେକ ନିଜ୍ଜାମୁଦ୍ଦିନ(୪୫) ଓ ମୋରାଦ ଖାନ(୪୫)। ଜୁଲାଇ ୨୦ରେ ଏକ କାର ପାଣିକୋଇଲି ଗାଁର ଅବଦୁଲ ଜବାର ଖାଁଙ୍କୁ ବଜାରରେ ଧକ୍କା ଦେଇ ପଳାଇ ଯାଇଥିଲା। ଏହାକୁ କେନ୍ଦ୍ରକରି ମାରପିଟ ପରେ ଉଭୟ ପକ୍ଷ ଥାନାର ଆଶ୍ରୟ ନେଇଥିଲେ। ଏ ନେଇ ଜବାର ଥାନାରେ ଅଭିଯୋଗ କରିଥିଲେ। ପରେ କାର ଚାଳକ ନରେନ୍ଦ୍ର ବାରିକ ଜବାରଙ୍କ ବିରୋଧରେ ପାଲଟା ଅଭିଯୋଗ କରିଥିଲେ। ରାତ୍ରିରେ ଏହି ମାମଲାକୁ ନେଇ ପାଣିକୋଇଲିର କେତେଜଣ ଯୁବକ ମଧୁସୂଦନ ସାହୁଙ୍କ ବଜାରରେ ଥିବା ଇଲେକ୍ଟ୍ରି ଦୋକାନରେ ପହଞ୍ଚି ତାଙ୍କ ପୁଅ ମନୋଜଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ବଜାରବାସୀ ଏକ ହୋଇ ଆକ୍ରମଣକାରୀଙ୍କୁ ଧରି ମାଡ ମାରି ପୋଲିସ ଜିମା ଦେଇଥିଲେ। ଫଳରେ ପାଣିକୋଇଲି ଓ ପଥରପଦା ଗ୍ରାମବାସୀ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା।

# ଅସମ୍ପୂର୍ଣ୍ଣ ନଦୀବନ୍ଧ, ବିପଦରେ ଜୀବନ

- ପକ୍କା ଘର ଅପେକ୍ଷାରେ ବନ୍ୟା ବିପନ୍ନ
- କାଣୀ ନଦୀ ମୁହାଣ ବନ୍ଧରୁ ଅତଡ଼ା ଖସୁଛି
- ୩୭ ଗ୍ରାମର ୧୩, ୮୬୦ ଲୋକ ପ୍ରଭାବିତ
- ୩୭୬୯ ହେକ୍ଟର ଧାନ ଜମିରେ ବାଲିଚର


ବ୍ରହ୍ମଚାରୀପାଟଣା ଘାଇର ପୁଣି ମରାମତି କାମ ଚାଲିଛି।

**ଯାଜପୁର ଅଫିସ,୨୫।୮**

ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ଶାଖା କାଣି ନଦୀର ବ୍ରହ୍ମଚାରୀପାଟଣାରେ ସୃଷ୍ଟି ହୋଇଥିବା ଘାଇ ଉପରୁ ବନ୍ୟାଜଳ ହ୍ରାସ ପାଇଛି। ଏହାପରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଘାଇ ମରାମତି କାମ ଯୁଦ୍ଧକାଳୀନ ଭିତ୍ତିରେ ପୁଣି ଥରେ ଆରମ୍ଭ ହୋଇଛି। ହେଲେ ବନ୍ୟା ପରବର୍ତ୍ତୀ ଦୁଃଖ ବିପନ୍ନଙ୍କ ପାଇଁ ଅସମ୍ଭାଳ ହୋଇଛି। କାଣି ନଦୀ ମୁହାଣର ଡାହାଣ ପାର୍ଶ୍ୱରେ ଥିବା କଂକ୍ରିଟ ସୁରକ୍ଷା ପାଚେରୀର କିଛି ଅଂଶ ବନ୍ୟାରେ ଭାସି ଯାଇଛି। ଏହାର ବାମ ପାର୍ଶ୍ୱ ସୁରକ୍ଷା ପାଚେରୀ ବିପଦ ସଙ୍କୁଳ ଅବସ୍ଥାରେ ପଲିଥିନ ଦ୍ୱାରା ଘୋଡା ଯାଇଥିବା ଦେଖିବାକୁ ମିଳିଛି। ଏହାସହ କାଣିନଦୀ ମୁହାଣରୁ ଅତଡା ଖସୁଥିବାରୁ ତଳିଆ ଅଞ୍ଚଳବାସୀ ଭୟରେ ଅଛନ୍ତି। ଦଶରଥପୁର ବ୍ଲକର ପ୍ରାୟ ୩୭୬୯ ହେକ୍ଟର ଧାନ ଜମିରେ ବାଲି ମାଡି


ବନ୍ୟାରେ ଏକ ଗଛ ଭୁଶୁଡ଼ି ପଡ଼ିଛି।


ବନ୍ୟା ପ୍ରଭାବରେ ଚାଷଜମି ବାଲିଚର ହୋଇଯାଇଛି।

ଯାଇଛି। ୧୫୩ ହେକ୍ଟର ପରିବା ଚାଷ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଛି। ଶତାଧିକ କଚା ଘର ନଷ୍ଟ ହୋଇଯାଇଛି। ସେହି ପରିବାର ମୁଣ୍ଡ ଗୁଞ୍ଜିବାକୁ ସାହାରା ଖୋଜୁଛନ୍ତି।

ଦଶରଥପୁର ବ୍ଲକ କୟାଁ ପଞ୍ଚାୟତର ଧରମପୁର ଓ ଗହିରାପାଳ ଏବଂ ଜୟନ୍ତରା ପଞ୍ଚାୟତର ମହାପାତ୍ର ସାହି ବନ୍ୟା ପାଣି ଘେରରେ ରହିଛି। ଏଠାରେ ବୈତରଣୀ ନଦୀ ବନ୍ଧ ନ ଥିବାରୁ ବନ୍ୟା ଆସିଲେ ଗ୍ରାମବାସୀଙ୍କ ଜୀବନ ଓ ଜୀବିକା ଦୁର୍ବିସହ ହେଉଛି। ଏହି ଗ୍ରାମବାସୀଙ୍କ ପାଇଁ ଅଧିକାଂଶ ସମୟରେ ଘରୁ ବାହାରିବା ପାଇଁ ବିପଦପୂର୍ଣ୍ଣ ଡଙ୍ଗା ହିଁ ଏକମାତ୍ର ମାଧ୍ୟମ ହେଉଛି। ନଚେତ କୁମ୍ଭୀର କିମ୍ବା ବିଷଧର ସାପର ସାମ୍ନା କରିବାକୁ ପଡୁଛି। ଚାଷ ଓ ଗୋପାଳନ ଏମାନଙ୍କ ମୁଖ୍ୟ ବେଉସା ହୋଇଥିବାବେଳେ ବନ୍ୟା ଦ୍ୱାରା ପ୍ରତିବର୍ଷ ସେମାନଙ୍କ ଚାଷଜମି ନଷ୍ଟ ହେଉଛି। ଗୃହପାଳିତ ପଶୁମାନଙ୍କୁ ନିକଟସ୍ଥ ଉଚ୍ଚ ସ୍ଥାନ କିମ୍ବା ପେଟା ନଦୀର ପୋଲ ଉପରେ ବାନ୍ଧିବାକୁ ପଡୁଛି। ଏହାସହ ଅଧିକାଂଶ ପରିବାର ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ପକ୍କାଘର ଖଣ୍ଡେ ପାଇଁ ସେମାନେ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରୁଥିଲେ ସୁଦ୍ଧା ସଫଳତା ପାଇନାହାନ୍ତି ବୋଲି କାମଦେବ ନାୟକ, ରବୀନ୍ଦ୍ର ନାୟକ, ପାଣ୍ଡବ ନାୟକ ପ୍ରମୁଖ କହିଛନ୍ତି। ବନ୍ୟା ଛାଡିବାପରେ କଚା ଘରକୁ ସଜାଡି ପୁଣିଥରେ ବାସପଯୋଗୀ କରିବା ସେମାନଙ୍କ ପାଇଁ ଦୁରୁହ ବ୍ୟାପାର ପାଲଟିଥିବା ଧରମପୁର ଗ୍ରାମର ପଞ୍ଚାନନ ବାରିକ ଓ ରମେଶ ବାରିକ କହିଛନ୍ତି। ସେହିପରି ବନ୍ୟା ସମୟରେ ଗ୍ରାମର ଏକମାତ୍ର ନଳକୂପକୁ ଛାଡି ଅନ୍ୟ ସମସ୍ତ ନଳକୂପ ପାଣିରେ ବୁଡ଼ି ରହିବା ଯୋଗୁ ସେମାନଙ୍କୁ ବହୁ ଦୂରରୁ ପିଇବାପାଣି ଆଣିବାକୁ ପଡୁଛି ବୋଲି ଶ୍ୟାମସୁନ୍ଦର ବାରିକ୍ କହିଛନ୍ତି। ବର୍ଷକର ପ୍ରାୟ ୪ମାସ ବୈତରଣୀ ନଦୀର ବନ୍ୟା ଘେରରେ ପ୍ରାୟ ୧୨ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ବର୍ଷବର୍ଷ ଧରି ଜୀବନ ବିତାଉଛନ୍ତି। ଅପରପକ୍ଷେ ଏହି ବ୍ଲକ ଅଧୀନସ୍ଥ ଜୟନ୍ତରା ପଞ୍ଚାୟତର ଜୟନ୍ତରା ଗ୍ରାମର ୪ ନଂ. ୱାର୍ଡରେ ପ୍ରାୟ ୬୬ ପରିବାର ବୈତରଣୀ ନଦୀର ବନ୍ଧ ମଧ୍ୟରେ ରହିଯାଇଥିବା ଯୋଗୁ ନଦୀରେ ସାମାନ୍ୟ ବନ୍ୟାପାଣି ଆସିଲେ ଏହି ଗ୍ରାମର ରାସ୍ତା ଘାଟ ସମେତ ଘରେ ପାଣି ପଶିଥାଏ। ଗ୍ରାମକୁ ସୁରକ୍ଷା ଦେବାପାଇଁ ଗାଁ ପଛରେ ଏକ ଘେରିବନ୍ଧ ରହିଛି। ହେଲେ ସେହି ବନ୍ଧର ଗୋଟିଏ ପାର୍ଶ୍ୱ ପ୍ରାୟ ୫ଶହ ମିଟର ମୂଖ୍ୟ ବନ୍ଧକୁ ସଂଯୋଗ କରାଯାଇ ନ ଥିବା ଯୋଗୁ ବନ୍ୟାଜଳ ସେହି ରାସ୍ତାରେ ଗ୍ରାମକୁ ପଶି ବ୍ୟାପକ କ୍ଷୟକ୍ଷତି କରିଛି। ତେଣୁ ପ୍ରଶାସନ ଏହି ଗ୍ରାମରେ ବକେୟା ରହିଥିବା ଘେରିବନ୍ଧକୁ ସମ୍ପୂର୍ଣ୍ଣ କରାଗଲେ ଗ୍ରାମର ଜନସାଧାରଣ ବନ୍ୟା ଦାଉରୁ ରକ୍ଷା ପାଇପାରନ୍ତେ ବୋଲି ଜୟନ୍ତରା ଗ୍ରାମର ନାରାୟଣ ଚନ୍ଦ୍ର ଦାସ, ବଦ୍ରିନାରାୟଣ ମହାନ୍ତି ଓ ସୁବ୍ରତ ଦାସ କହିଛନ୍ତି। କସପା ପଞ୍ଚାୟତର ବ୍ରହ୍ମଚାରୀପାଟଣାଠାରେ ମରାମତି ଘାଇ ପୁଣି ଭାଙ୍ଗିଯିବା କାରଣରୁ ଦଶରଥପୁର ବ୍ଲକର ୧୩ ପଞ୍ଚାୟତ ଅଧୀନ ୩୭ ଗ୍ରାମର ୧୩ ହଜାର ୮୬୦ ଲୋକ ପ୍ରଭାବିତ ହୋଇଛନ୍ତି। ୧୦ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ରାସ୍ତା କ୍ଷତିଗ୍ରସ୍ତ ହେବା ସହିତ ଶତାଧିକ କଚା ଘର, ୨୦୦ରୁ ଊର୍ଦ୍ଧ୍ୱ ଗୁହାଳ ମାଟିରେ ମିଶିଛି। ପାନୀୟ ଜଳ ସମସ୍ୟାର ନିରାକରଣ ପାଇଁ ୪ ପାଇପ ଜଳଯୋଗାଣ ପ୍ରକଳ୍ପ ଓ ୧୮୪ ନଳକୂପକୁ ମରାମତି କରାଯାଇ ପାନୀୟ ଉପଯୋଗୀ କରାଯାଉଛି ବୋଲି ଗ୍ରାମ୍ୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ ରଞ୍ଜନ ବେହେରା ସୂଚନା ଦେଇଛନ୍ତି। ପ୍ରଶାସନ ତରଫରୁ ୧୨୦ କୁଇଣ୍ଟାଲ ଚୂଡା, ୨୦ କୁଇଣ୍ଟାଲ ଗୁଡ଼ ଓ ୫୫୭.୫ କୁଇଣ୍ଟାଲ ଗୋଖାଦ୍ୟ ଯୋଗାଇ ଦିଆଯାଇଥିବା ବ୍ଲକ ସୂତ୍ରରୁ କୁହାଯାଇଛି। ତେବେ ରିଲିଫ ବଣ୍ଟନରେ ପ୍ରଶାସନର ବିଳମ୍ବ ପଦକ୍ଷେପ ବନ୍ୟା ଦୁର୍ଗତଙ୍କ ପାଇଁ ଅଭିଶାପ ହୋଇଛି ବୋଲି ମତପ୍ରକାଶ ପାଇଛି।

### ଯାଜପୁର ଏମ୍‌ପି ଅସୁସ୍ଥ

**ରସୁଲପୁର,୨୫।୮(ଡି.ଏନ.ଏ.)**

ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଅସୁସ୍ଥ ହୋଇ ପଡ଼ିଛନ୍ତି। ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଖବର ପ୍ରଚାରିତ ହେବାପରେ ବହୁ ଲୋକ ତାଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ଏମ୍‌ପି ବିଭିନ୍ନ ସରକାରୀ ଓ ରାଜନୈତିକ କାର୍ଯ୍ୟକ୍ରମରେ ଯୋଗଦେଇ ନାନା ସମୟରେ ଅସୁସ୍ଥତା ଅନୁଭବ କରୁଥିଲେ। ଚଳିତ ସପ୍ତାହରେ ସେ ଅଧିକ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ପରିବାର ପକ୍ଷରୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥାବ୍ୟସ୍ଥା ସ୍ଥିର ରହିଥିବା ବେଳେ ୨/୩ଦିନ ପରେ ଶରୀରରେ ଏକ ଅସ୍ତ୍ରୋପଚାର କରାଯିବ ବୋଲି ଡାକ୍ତରୀ ଦଳ ପକ୍ଷରୁ କୁହାଯାଇଛି ବୋଲି ପରିବାର ସୂତ୍ରରୁ ଜଣାଯାଇଛି। ଏଥି ସକାଶେ ଏମ୍‌ପି ଆହୁରି ସପ୍ତାହକ ପର୍ଯ୍ୟନ୍ତ ଡାକ୍ତରଖାନାରେ ଚିକିତ୍ସିତ ହେବା ସମ୍ଭାବନା ରହିଛି। ସେ ତୁରନ୍ତ ଆରୋଗ୍ୟ ଲାଭ କରନ୍ତୁ ବୋଲି ଜିଲାବାସୀଙ୍କ ପକ୍ଷରୁ କାମନା କରାଯାଉଛି। ୨ମାସ ତଳେ ଏମ୍‌ପି ଏକ ରାଜନୈତିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ତାଙ୍କର ପାଦରେ ଆଘାତ ଲାଗିଥିଲା। ଏହାକୁ ସେ ଅଣଦେଖା କରିଥିଲେ। ସେଥିପାଇଁ ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥାଇ ପାରେ ବୋଲି ସମର୍ଥକଙ୍କ ମହଲରେ ଚର୍ଚ୍ଚା ହେଉଛି।


ଶର୍ମିଷ୍ଠା ସେଠୀ

# ଗୋହତ୍ୟାକୁ ନେଇ ଉତ୍ତେଜନା

## ମାମଲା ରଫାଦଫା ପାଇଁ ପୋଲିସ ଚାପ

**କାଳିଆପାଣି,୨୫।୮(ଡି.ଏନ.ଏ.)**

ସୁକିନ୍ଦା ଖଣି ଅଞ୍ଚଳରେ ଏକ ୭ମାସର ଗର୍ଭବତୀ ଗାଈକୁ ହତ୍ୟା କରି ୮ଟି ପରିବାର ଲୋକ ତାର ମାଂସ ଖାଇଥିବା ନେଇ ଖବର ପ୍ରଚାର ହେବା ପରେ ଉତ୍ତେଜନା ପ୍ରକାଶ ପାଇଛି। ବିଭିନ୍ନ ହିନ୍ଦୁ ସଂଗଠନ ପକ୍ଷରୁ ଏହାର ବିରୋଧ କରାଯିବା ସହ ହତ୍ୟା କରିଥିବା ବ୍ୟକ୍ତି ବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସେମାନେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଯେଉଁ ବ୍ୟକ୍ତିଙ୍କ ଗାଈକୁ ହତ୍ୟା କରାଯାଇଛି, ସେ ବ୍ୟକ୍ତି କାଳିଆପାଣି ଥାନାରେ ୨୪ ତାରିଖରୁ ଏତଲା ଦେଇଥିଲେ ହେଁ ପୋଲିସ ଘଟଣାକୁ ରଫାଦଫ କରିଦେବାକୁ ଏତଲାକାରୀଙ୍କ ଉପରେ ଚାପ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି।

କାଳିଆପାଣି ଥାନା ଅନ୍ତର୍ଗତ କାଳିଆପାଣି ପଞ୍ଚାୟତ ଘାଗିଆସାହିର ନିରଞ୍ଜନ ମହାନ୍ତ ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ଗାଈଙ୍କୁ ହତ୍ୟା କରିଛନ୍ତି। ନିକଟସ୍ଥ ଜଙ୍ଗଲରେ ଗାଈକୁ ହତ୍ୟା କରିଥିବା ବେଳେ ସେହି ସ୍ଥାନରେ ଗାଈ ପେଟରୁ ବାହାରିଥିବା ୭ମାସର ଛୁଆ, ଗାଈ ଚମଡ଼ା ଓ ତାର ମୁଣ୍ଡ, ହାଡ, ଗୋଡ଼ ପଡ଼ିଥିବା ଦେଖିବାକୁ ମିଳିଛି। ୨୩ ତାରିଖ ରାତିରେ ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ପରିବାର ଲୋକ ଗାଈକୁ ହତ୍ୟା କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର କିଛି ଲୋକ ମଧ୍ୟ ଏହାକୁ ଦେଖିଛନ୍ତି। ପୋଲିସ ଏତଲା ପାଇବା ପରେ ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କୁ ଥାନାକୁ ଡକାଇ ଘଟଣାର ଆପୋସ ସମାଧାନ ପାଇଁ ତାଗିଦ କରିଥିଲା।

ଫଳରେ ଗାଈକୁ ହତ୍ୟା କରିଥିବା ବ୍ୟକ୍ତି ଏକ ବୈଠକ କରାଇ ନିରଞ୍ଜନଙ୍କୁ କ୍ଷତିପୂରଣ ନଚେତ ଗାଈ ଦେବାକୁ ପ୍ରସ୍ତାବ ଦେଇଥିଲା। ହେଲେ ନିରଞ୍ଜନ ଅର୍ଥ କିମ୍ବା ଗାଈ ନେବାକୁ ଅରାଜି ହୋଇଥିଲା। ସେହିପରି ନିରଞ୍ଜନଙ୍କ ସାହି ଲୋକ ମଧ୍ୟ ଏହାକୁ ବିରୋଧ କରିଥିଲେ। ଫଳରେ ନିରଞ୍ଜନ କୌଣସି ଆପୋସ ସମାଧନ ନ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ମାତ୍ର ପୋଲିସ ଘଟଣାକୁ ହାଲୁକା ଭାବେ ଗ୍ରହଣ କରି କେତେଜଣ ବ୍ୟକ୍ତି ଗାଈକୁ ହତ୍ୟା କରି ମାଂସ ଖାଇ ଦେଇଛନ୍ତି ବୋଲି ସଫେଇ ଦେଉଛି। ତେବେ ଅଭିଯୋଗ ଅନୁଯାୟୀ ଯଦି ଅଭିଯୁକ୍ତଙ୍କୁ ଗିରଫ କରା ନ ଯାଏ ଆଗକୁ ପରିସ୍ଥିତି ଜଟିଳ ହେବ। ଏଥିପାଇଁ ପୋଲିସ ଦାୟୀ ରହିବ ବୋଲି ଯାଜପୁର ବିଶ୍ୱହିନ୍ଦୁ ପରିଷଦ ସଭାପତି ଅକ୍ଷୟ ବଳ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।

# ଏସ୍‌ବି ହାଇସ୍କୁଲ ପାଚେରି ଭୁଶୁଡ଼ିଲା

**ଯାଜପୁର ରୋଡ,୨୫।୮**

ବ୍ୟାସନଗର ପୌରାଞ୍ଚଳରେ ଥିବା ଶଶିଭୂଷଣ (ଏସବି) ସରକାରୀ ବାଳିକା ହାଇସ୍କୁଲର ସମ୍ମୁଖ ଏକ ପୁରୁଣା ପାଚେରି ବୁଧବାର ରାତିରେ ଭୁଶୁଡ଼ି ପଡିଛି। ତେବେ ସୌଭାଗ୍ୟବଶତଃ ରାତିରେ ଏହି ଘଟଣା ଘଟିଥିବାରୁ ଏକ ବଡ ବିପଦ ଟଳି ଯାଇଛି। ଏଥିଯୋଗୁ ଗଣେଶବଜାର ଛକଠାରୁ ଗୋଶାଳା ଛକ ରାସ୍ତା ଉପରେ ପାଚେରୀ ପଡିବାରୁ ଯାତାୟତରେ ବାଧାପ୍ରାପ୍ତ ହୋଇଥିଲା। ସୂଚନାଯୋଗ୍ୟ, ନିକଟରେ ୫-ଟି ଯୋଜନାରେ ଏହି ହାଇସ୍କୁଲର ରୂପାନ୍ତକରଣ କରାଯାଇଥିଲା। ପାଚେରୀର ଭିତ୍ତିଭୂମି ଉପରେ କୌଣସି ତଦନ୍ତ ନ କରି କେବଳ ରଙ୍ଗ ଲଗାଇ ବିଭିନ୍ନ ଚିତ୍ର ଅଙ୍କନ କରାଯାଇଥିଲା। ତେବେ ଗୁରୁବାର ଏହାର ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି।

# ସ୍କୁଲ୍ ରୋଷେଇ ଘରେ ଅଗ୍ନିକାଣ୍ଡ

**ଧର୍ମଶାଳା,୨୫।୮(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ କାଏମାସ୍ଥିତ ଲାଲବାହାଦୁର ନୋଡାଲ ସ୍କୁଲରେ ଗୁରୁବାର ମଧ୍ୟାହ୍ନଭୋଜନ ଚାଲିଥିବା ବେଳେ ଅଗ୍ନିକାଣ୍ଡ ଘଟିଛି। ରୋଷେଇ ଗ୍ୟାସ୍ ଟାଙ୍କିରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚିବା ପୂର୍ବରୁ ଉପସ୍ଥିତ ଶିକ୍ଷକ ଓ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ବିଶେଷ କ୍ଷୟକ୍ଷତି ହୋଇ ନ ଥିବା ସ୍କୁଲ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।


ଲାଲବାହାଦୁର ନୋଡାଲ ସ୍କୁଲ।

# ବ୍ରାହ୍ମଣୀରେ ବନ୍ୟା ଆଶଙ୍କା ଟଳିଲା

**ଧର୍ମଶାଳା,୨୫।୮(ଡି.ଏନ.ଏ.)**

ବ୍ରାହ୍ମଣୀ ନଦୀ ଉପରମୁଣ୍ଡ ରେଙ୍ଗାଲି ଡ୍ୟାମ୍‌ର ୨ ଗେଟ୍ ଖୋଲାଯିବା ପରେ ନଦୀରେ ଅଧିକ ପରିମାଣର ବନ୍ୟାଜଳ ପ୍ରବାହିତ ହେଉଛି। ଲଘୁଚାପ ଜନିତ ବର୍ଷାକୁ ଆଖି ଆଗରେ ରଖି ରେଙ୍ଗାଳିର ଆଉ ଗୋଟିଏ କିମ୍ବା ୨ଟି ଗେଟ୍ ଖୋଲାଯିବା ସମ୍ଭାବନା ରହିଥିଲା। ତେବେ ବୁଧବାର ଓ ଗୁରୁବାର ଉପରମୁଣ୍ଡରେ ସେଭଳି ଅଧିକ ବର୍ଷା ହୋଇ ନ ଥିବାରୁ ରେଙ୍ଗାଳି ଡ୍ୟାମ୍‌ରେ ଜଳସ୍ତର ହ୍ରାସ ପାଇ ଦିନ ୩ଟା ସୁଦ୍ଧା ୧୨୨.୧୭ରେ ପହଞ୍ଚିଛି। ଆଉ ଅଧିକ ଗେଟ୍ ଖୋଲିବା ସମ୍ଭାବନା ନାହିଁ ବୋଲି ରେଙ୍ଗାଳି ଡ୍ୟାମର ସର୍ବୋଚ୍ଚ ଯନ୍ତ୍ରୀ ବାମଦେବ ବିଶ୍ୱାଳ ସୂଚନା ଦେଇଛନ୍ତି। ଏବେ ୨ ଗେଟ୍ ଖୋଲାଥିବାରୁ ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ବୃଦ୍ଧି ପାଉଛି। ନଦୀର ଜେନାପୁରଠାରେ ବିପଦ ସଙ୍କେତ ୬୭ଫୁଟ ରହିଥିବା ବେଳେ ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳପତନ ୬୩.୧୦ଫୁଟ ରହିଥିବା ଜଣାଯାଇଛି। ଆଗକୁ ଏହା ୬୪ ଫୁଟ ମଧ୍ୟରେ ରହି ରାତିରେ ବନ୍ୟାଜଳ ହ୍ରାସ ପାଇବ ବୋଲି ଜାରକା ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସ ସୂଚନା ଦେଇଛନ୍ତି। ତେବେ ବ୍ରାହ୍ମଣୀ ସିଷ୍ଟମରେ ବଡ଼ ଧରଣର ବନ୍ୟା ଆଶଙ୍କା ଟଳିଯାଇଥିବା ଜଣାଯାଇଛି।

# ଇଚ୍ଛାପୁର ଗୋପାଳସାହିରେ ନନ୍ଦୋତ୍ସବ


ଇଚ୍ଛାପୁର ଗୋପାଳ ସାହିରେ ନନ୍ଦୋତ୍ସବ।

**ରସୁଲପୁର,୨୫।୮(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗୋପାଳ ସାହିରେ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଉକ୍ତ ପର୍ବକୁ ୭ଦିନ ବ୍ୟାପୀ ପାଳନ କରାଯାଇଥିଲା। ପୁରୁଷୋତ୍ତମ ଦାସ ଓ ସସ୍ତ୍ରୀକଙ୍କ ପୌରୋହିତ୍ୟରେ ପୂଜା ଏବଂ ଯଜ୍ଞ କାର୍ଯ୍ୟ ପରିଚାଳନା କରାଯାଇଥିଲା। ପ୍ରତ୍ୟହ ଗ୍ରାମଦେବତୀ ମାଗୁଳାଇଙ୍କୁ ମାଜଣା କରି ପୂଜା କାର୍ଯ୍ୟ ଆରମ୍ଭ ହେଉଥିଲା। ମାଙ୍କୁ ବଡ଼ ସିଂହାର ବେଶରେ ଭୂଷିତ କରାଯାଇ ନନ୍ଦ ଉତ୍ସବ ସିଂହାସନରେ ବିରାଜିତ ପ୍ରଭୁ ନନ୍ଦଙ୍କ ପୂଜା ଅର୍ଚ୍ଚନା କରାଯାଉଥିଲା। ଏହି ଅବସରରେ ଗାଁର ଆବାଳ ବୃଦ୍ଧ ବନିତା ନୂତନ ବସ୍ତ୍ର ପରିଧାନ କରି ପ୍ରଭୁଙ୍କ ସାନ୍ନିଧ୍ୟଲାଭ କରିଥିଲେ। ସନ୍ଧ୍ୟା ଓ ସକାଳ ଆଳତି ବେଳେ ହରିବୋଲ, ହୁଳହୁଳି, ଘଣ୍ଟ, ଘଣ୍ଟା, ଶଙ୍ଖ ଆଦି ବାଦ୍ୟରେ ମନ୍ଦିର ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ପ୍ରତ୍ୟହ ପ୍ରଭୁଙ୍କ ନିକଟରେ ୧୦୦୮ ଆହୂତି ପ୍ରଦାନ କରାଯାଇ ବିଭିନ୍ନ ଦେବଦେବୀଙ୍କୁ ଆବାହନ କରାଯିବା ସହ ସକାଳ ଓ ସନ୍ଧ୍ୟାରେ ନାମ ସଙ୍କୀର୍ତ୍ତନ କରାଯାଇଥିଲା। ଘରେ ଘରେ ବନ୍ଧୁବାନ୍ଧବଙ୍କ ଗହଳି ଲାଗି ରହିବା ସହ ଗାଁ ଉତ୍ସବମୁଖର ହୋଇଉଠିଥିଲା। ନନ୍ଦୋତ୍ସବ କମିଟି ପକ୍ଷରୁ ପ୍ରତ୍ୟେକ ସନ୍ଧ୍ୟାରେ ପାଲା, ଦାସକାଠିଆ, ଭଜନ ସନ୍ଧ୍ୟା, ମେଲୋଡି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉତ୍ସବରେ ଭୋଟକା ସମେତ ଗନ୍ଧଣ, ରାହାମ୍ଭା, ବଡ଼କଇଞ୍ଚ ଓ ରସୁଲପୁର ପଞ୍ଚାୟତର ବହୁ ଜନସାଧାରଣଙ୍କ ସମାଗମ ହୋଇଥିଲା। ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବାରେ କମିଟି ସଦସ୍ୟମାନେ ସହାୟତା କରିଥିଲେ।

# ସହାୟତା ରାଶି କାଟି ରଖୁଛି ବ୍ୟାଙ୍କ

## ହନ୍ତସନ୍ତ ହେଉଛନ୍ତି ଚାଷୀ, ଶ୍ରମିକ ଓ ଭତ୍ତା ହିତାଧିକାରୀ

**ବରୀ,୨୫।୮(ଡି.ଏନ.ଏ.)**

ବରୀ ବ୍ଲକ ଏକ କୃଷିବହୁଳ ଅଞ୍ଚଳ। ବିଭିନ୍ନ ସମୟରେ ବନ୍ୟା, ବାତ୍ୟା, ମରୁଡି କୃଷକଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଥାଏ। ତେବେ ସରକାରଙ୍କ ତରଫରୁ କୃଷକଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବା ନିମନ୍ତେ କାଳିଆ ଯୋଜନା, ବଳିଆ ଯୋଜନା ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ କୃଷି ବୀମା ଅର୍ଥରାଶି ଆଦି ପ୍ରଦାନ କରାଯାଉଛି। ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ସହାୟତା ରାଶି ବ୍ୟାଙ୍କ ଆକାଉଣ୍ଟ୍ ମାଧ୍ୟମରେ ଦିଆଯାଉଛି। ମାତ୍ର ଏହାର ସୁଯୋଗରେ ଚାଷୀମାନଙ୍କ ଉକ୍ତ ସହାୟତା ରାଶିକୁ ଋଣ ବାବଦକୁ ବ୍ୟାଙ୍କ କର୍ତ୍ତୃପକ୍ଷ କାଟି ରଖୁଥିବା ଅଭିଯୋଗ ହୋଇଛି। ବ୍ଲକ୍ ଅଧୀନରେ ଥିବା ବାଲିଆ, କମ୍ପଗଡ଼, ରାମଚନ୍ଦ୍ରପୁର, ବରୀ ଓ ରାଜାତୋଟା କଳିଙ୍ଗ ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ଏପରି କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଯୋଜନା ଓ ବାର୍ଦ୍ଧକଭତ୍ତା ଯୋଜନାରେ ଗ୍ରାହକଙ୍କ ଜମା ଖାତାକୁ ଆସୁଥିବା ଅର୍ଥରାଶିକୁ ମଧ କାଟି ରଖାଯାଉଛି।

ରତ୍ନଗିରି ପଞ୍ଚାୟତ ପଟଣା ଓ ରତ୍ନଗିରି ଗ୍ରାମର ଦୁଇଟି ନାମକୁ ଉଦାହରଣ ଭାବେ ନିଆଯାଇପାରେ। ପଟଣାଗ୍ରାମର କାଶୀନାଥ ପାତ୍ରଙ୍କ ବାପା ଗୋପୀନାଥ ବାର୍ଦ୍ଧକ୍ୟ ଭତ୍ତା ପାଉଥିବାରୁ ତାଙ୍କ ବ୍ୟାଙ୍କ୍ ଜମା ବହିରେ ଅର୍ଥରାଶି ଜମା ହୋଇଥିଲା। ଅପରପକ୍ଷରେ ସେହି ପଞ୍ଚାୟତର ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରତ ଥିବା ପର୍ଶୁରାମ ମଲିକଙ୍କ ବାପା ଗୋଲେଖ ଶ୍ରମିକ ଭାବେ କାର୍ଯ୍ୟ କରିଥିବାରୁ ତାଙ୍କ ଆକାଉଣ୍ଟକୁ ଟଙ୍କା ଆସିଥିଲା। ତେଣୁ ଟଙ୍କା ଉଠାଣ କରିବାକୁ ସେମାନେ କମ୍ପଗଡ଼ କଳିଙ୍ଗ ଗ୍ରାମ ବ୍ୟାଙ୍କ ଶାଖାକୁ ଯାଇଥିବା ବେଳେ ଶାଖା ପରିଚାଳକ ତାଙ୍କ ନାମରେ ଋଣ ଥିବାରୁ ସେହି ଅର୍ଥକୁ ଋଣ ଶୁଝାଯାଇଛି ବୋଲି କହିଥିଲେ। ତେଣୁ ଆକାଉଣ୍ଟରୁ ପଇସା ଦେବାକୁ ମନା କରିଥିଲେ। ଏ ସମ୍ପର୍କରେ କମ୍ପଗଡ଼ ଶାଖା ପରିଚାଳକ ଶିବପ୍ରସାଦ ପାଢ଼ୀଙ୍କୁ ପଚାରିବାରେ ସେ କହିଛନ୍ତି, ଋଣଗ୍ରସ୍ତ କୃଷକ ହୁଅନ୍ତୁ ବା ଭତ୍ତା ହିତାଧିକାରୀ ସେମାନଙ୍କ ନାମରେ ଋଣ ଥିଲେ ତାଙ୍କ ଜମା ବହିରୁ ଅର୍ଥ ରାଶି କାଟିବା ପାଇଁ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ତରଫରୁ ନିର୍ଦ୍ଦେଶ ରହିଛି ବୋଲି କହିଥିଲେ। ଏ ସମ୍ପର୍କରେ କଳିଙ୍ଗ ଗ୍ରାମ୍ୟ ବ୍ୟାଙ୍କ୍‌ର ରିଜିଓନାଲ ମ୍ୟାନେଜର ଚନ୍ଦନ କୁମାରଙ୍କୁ ପଚାରିବାରେ ସେ କହିଛନ୍ତି, ସରକାରଙ୍କ ତରଫରୁ ଏଭଳି କ୍ଷେତ୍ରରେ ଜମା ବହିରୁ ଅର୍ଥ ରାଶି କାଟିବାର ନିୟମ ନାହିଁ। ଯଦି ଏଭଳି କାର୍ଯ୍ୟ କୌଣସି ଶାଖା ପରିଚାଳକ କରିଥାନ୍ତି ତେବେ ଲିଖିତ ଅଭିଯୋଗ ଆସିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଯେଉଁମାନଙ୍କ ଟଙ୍କା କଟା ଯାଇଛି ତାହା ତୁରନ୍ତ ଫେରସ୍ତ କରିବାକୁ ଦାବି ହୋଇଛି।

# ୬ ମାସରେ ଗଲାଣି ୧୮୬ ଜୀବନ

## ଗଞ୍ଜାମ ଜିଲାରେ ସର୍ବାଧିକ ସଡ଼କ ଦୁର୍ଘଟଣା

ଛତ୍ରପୁର,୨୫।୮ (ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଦିନକୁ ଦିନ ସଡକ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏପରିକି ରାଜ୍ୟରେ ସର୍ବାଧିକ ଦୁର୍ଘଟଣା ଏହି ଜିଲାରେ ହୋଇଛି। ମିଳିଥିବା ସୂଚନା ଅନୁସାରେ, ୨୦୨୧ରେ ଜିଲାରେ ୩୦୬ଟି ଦୁର୍ଘଟଣା ଘଟିଥିଲା। ସେଥିରେ ୧୫୪ ଜଣଙ୍କ ଜୀବନ ଯାଇଥିବା ବେଳେ ୨୮୩ ଜଣ ଗୁରୁତର ଆହତ ହୋଇଥିଲେ । ସେହିପରି ଚଳିତବର୍ଷ ଜୁନ ଶେଷ ସୁଦ୍ଧା ଜିଲାରେ ୩୫୪ ଟି ଦୁର୍ଘଟଣା ଘଟି ୧୮୬ ଜଣଙ୍କ ମୃତ୍ୟୁ ଘଟିଛି । ୨୬୨ ଜଣ ଗୁରୁତର ଆହତ ହୋଇଛନ୍ତି। ଗତବର୍ଷ ତୁଳନାରେ ଚଳିତ ବର୍ଷର ପ୍ରଥମ ୬ ମାସରେ ଜିଲାରେ ଦୁର୍ଘଟଣା ହାର ବୃଦ୍ଧି ପାଇଥିବା ସରକାରୀ ତଥ୍ୟରୁ ଜଣାପଡିଛି । ତେଣୁ ସଡ଼କ ଦୁର୍ଘଟଣା ସହ ମୃତ୍ୟୁ ହାର ଯେଭଳି କମାଯାଇପାରିବ ଏବଂ ଧନଜୀବନ ସୁରକ୍ଷା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣର ନିର୍ଦ୍ଦେଶ କ୍ରମେ ଗଞ୍ଜାମ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲାର କନଷ୍ଟେବଲ ଓ ହୋମଗାର୍ଡମାନଙ୍କୁ ନେଇ ସଡ଼କ ସୁରକ୍ଷା ଓ ପ୍ରାଥମିକ ଚିକିତ୍ସା ସମନ୍ଧୀୟ ଏକ କର୍ମଶାଳା ହୋଇଯାଇଛି । ଗଞ୍ଜାମ ଏସପିଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି କର୍ମଶାଳାରେ ଗଞ୍ଜାମ ପୋଲିସ୍ ଜିଲାର ଅତିରିକ୍ତ ଏସପି ବିଜୟ କୁମାର ମଲ୍ଲିକ, ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ଏମଭିଆଇ ରବୀନ୍ଦ୍ର ନାଥ ଜେନା, ସଡକ ସୁରକ୍ଷା ଅଧିକାରୀ ରତିକାନ୍ତ ନାହାକ ଏବଂ ପ୍ରଶିକ୍ଷଣ ଭାବେ ଆଇଏନଭିଆଇସିଟିୟୁଏସ ସଂସ୍ଥାର ପ୍ରବୋଦ ଭଟ୍ଟାଚାର୍ଯ୍ୟ ଯୋଗ ଦେଇ ସଡକ ଦୁର୍ଘଟଣା ହେଲେ ଗୁରୁତରଙ୍କୁ କିପରି ତୁରନ୍ତ ପ୍ରାଥମିକ ଚିକିତ୍ସା ନିମନ୍ତେ ନିକଟସ୍ଥ ମେଡିକାଲକୁ ପଠାଇବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । କର୍ମଶାଳା ଶେଷରେ ଜିଲାର ୬୨ ଜଣ କନଷ୍ଟେବଲ ଓ ହୋମଗାର୍ଡମାନଙ୍କୁ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରାଯାଇଛି ।

# ସମାଲୋଚକ ଦେବେନ୍ଦ୍ର କୁମାର ଦାଶଙ୍କ ପରଲୋକ

## ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୫।୮ (ବ୍ୟୁରୋ)



ସାହିତ୍ୟିକ, ସମାଲୋଚକ ଓ ଗବେଷକ ଦେବେନ୍ଦ୍ର କୁମାର ଦାଶଙ୍କ ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ସେ ସ୍ଥାନୀୟ ଶାସ୍ତ୍ରୀନଗରେ ପରିବାର ସହ ରହୁଥିଲେ। କିଛିଦିନ ହେବ ଅସୁସ୍ଥ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିଲା। ଦେବେନ୍ଦ୍ର ଜଗତ୍‌ସିଂହପୁର ଜିଲା ମାଛଗାଁ ନିକଟବର୍ତ୍ତୀ ବୀରନରସିଂହପୁର ଶାସନରେ ୧୯୫୪ ଜୁଲାଇ ୨୮ରେ ଜନ୍ମଗ୍ରହଣ କରିଥିଲେ। ଗାଁ ସ୍କୁଲରୁ ପ୍ରାଥମିକ ଶିକ୍ଷା, ଓଚିଣ୍ଡା ଉଚ୍ଚବିଦ୍ୟାଳୟରୁ ମାଟ୍ରିକ, ଗଙ୍ଗାଧର ମେହେର ମହାବିଦ୍ୟାଳୟରୁ ସ୍ନାତକ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷାଲାଭ କରିଥିଲେ। ପରେ ସେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅଧ୍ୟାପନା ବୃତ୍ତିରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ବିଭିନ୍ନ ମହାବିଦ୍ୟାଳୟରେ ଶିକ୍ଷାଦାନ କରି ପ୍ରାଧ୍ୟାପକ ପଦରୁ ସେବାନିବୃତ୍ତ ହୋଇଥିଲେ। ଜଣେ ନିରଳସ ସାରସ୍ୱତ ସାଧକ ଭାବରେ ସେ ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟକୁ ମୂଲ୍ୟବାନ ଅବଦାନ ପାଇଁ ୨୦୨୦ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ସମ୍ପାଦନାରେ ରାଧାନାଥ, ଫକୀରମୋହନ, ଗୋପବନ୍ଧୁ ଓ ମଧୁସୂଦନ ଗ୍ରନ୍ଥାବଳୀ ପ୍ରକାଶ ପାଇଥିଲା। ଜଣେ କୃତବିଦ୍ୟ ଗବେଷକ ଭାବରେ ତାଙ୍କର ସୁନାମ ରହିଥିଲା। ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ଦ୍ୱାରା ସେ ଅନେକ ସମ୍ମାନରେ ସମ୍ମାନିତ ହୋଇଥିଲେ। ତାଙ୍କ ଅବର୍ତ୍ତମାନରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗୁରୁବାର ଏକ ଶୋକସଭା ଆୟୋଜିତ ହୋଇଥିଲା। ସ୍ୱର୍ଗତ ଦାଶଙ୍କ ବିୟୋଗରେ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା, ସଚିବ ପ୍ରବୋଧ କୁମାର ରାଉତ, ସେଣ୍ଟର ଫର୍ ଜୁଡିସିଆଲ ଆର୍କାଇଭ୍ କଟକର ନିର୍ଦ୍ଦେଶକ ତଥା ବିଶେଷ କାର୍ଯ୍ୟରତ ଅଧିକାରୀ ଲଲାଟେନ୍ଦୁ ଦାଶମହାପାତ୍ର ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସେହିପରି ସ୍ୱର୍ଗତ ଦାଶଙ୍କ ଦେହାନ୍ତ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷା ପରାମର୍ଶ ପରିଷଦ ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ, ସାହିତ୍ୟିକ ଡ. ପ୍ରଦୀପ କୁମାର ପଣ୍ଡା, ଗୀତିକବି ସମାଜ ସଭାପତି ମନୋଜ ପଟ୍ଟନାୟକ ପ୍ରମୁଖ କହିଛନ୍ତି।

## ସଂକ୍ଷେପରେ

### ନବୋଦୟ ବିଦ୍ୟାଳୟରେ ମାଙ୍କଡ଼ ଉପଦ୍ରବ

ପାତ୍ରପୁର,୨୫।୮ (ଡି.ଏନ୍.ଏ.)-ପାତ୍ରପୁର ବ୍ଲକ ସୁରଙ୍ଗୀ ନବୋଦୟ ବିଦ୍ୟାଳୟରେ ଗତକିଛି ଦିନ ହେଲା ମାଙ୍କଡ଼ ଉପଦ୍ରବ ଦେଖାଦେଇଛି। ଗତ ସପ୍ତାହକ ମଧ୍ୟରେ ଅଷ୍ଟମ ଶ୍ରେଣୀର ଜଣେ, ଷଷ୍ଠ ଶ୍ରେଣୀର ଦୁଇ ଜଣ ଛାତ୍ର ମାଙ୍କଡ଼ ଆକ୍ରମଣରେ ଆହତ ହୋଇଛନ୍ତି। ବିଦ୍ୟାଳୟ ପରିସରରେ ୨୦୦ରୁ ଊର୍ଦ୍ଧ୍ୱ ମାଙ୍କଡ଼ ଦଳ ଦଳ ହୋଇ ରହୁଛନ୍ତି। ମାଙ୍କଡ଼ କାମୁଡ଼ାରେ ଆହତ ହୋଇ ଛାତ୍ରୀଛାତ୍ରୀମାନଙ୍କୁ ପ୍ରତିଷେଧକ ଇଂଜେକ୍ସନ ନେବାକୁ ବାରମ୍ବାର ପାତ୍ରପୁର ଡାକ୍ତରଖାନା ଯିବାକୁ ପଡୁଛି। ମାଙ୍କଡ଼ ଭୟ ଯୋଗୁଁ କର୍ମଚାରୀ ଓ ଛାତ୍ରୀଛାତ୍ର ଠିକ ସମୟରେ ଶ୍ରେଣୀ ଗୃହକୁ ଯାଇ ପାରୁନାହାନ୍ତି। ଜଙ୍ଗଲ ବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

### ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଭିଜିଲାନ୍ସ

ପୋଲସରା,୨୫।୮ (ଡି.ଏନ୍.ଏ.)-ଗଞ୍ଜାମ ଜିଲା ପୋଲସରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବୁଧବାର ଭିଜିଲାନ୍ସ ଟିମ ତଦନ୍ତ କରିଛି। ଫଳରେ ଜାଲ ସାର୍ଟିଫିକେଟ ପ୍ରଦାନ କରି ଚାକିରି କରିଥିବା ଶିକ୍ଷକମାନଙ୍କ ମଧ୍ୟରେ ଛନକା ପଶିଛି। ସୂଚନାଯୋଗ୍ୟ ଯେ, ସୂଚନା କର୍ମୀ ସମରଜିତ୍ ମହାନ୍ତି କିଛି ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟ ସୂଚନା ଅଧିକାର ଆଇନ ବଳରେ ମାଗିଥିଲେ। କିନ୍ତୁ ସଠିକ୍ ସମୟରେ ସମ୍ପୃକ୍ତ ସୂଚନା ପ୍ରଦାନ କରାଯାଇନଥିବା ହେତୁ ସେ ଭିଜିଲାନ୍ସ ଓ ବିଭାଗୀୟ ଉଚ୍ଚ ପଦସ୍ତ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ବୁଧବାର ଭିଜିଲାନ୍ସ ଅଧିକାରୀ ପୋଲସରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ ଏବଂ ୩୯ ଜଣ ଶିକ୍ଷକଙ୍କ ତାଲିକା ମାଗିଥିଲେ। ସମ୍ପୃକ୍ତ ତାଲିକା ମଧ୍ୟରେ ପୋଲସରା ବ୍ଲକର ୨୭ ଜଣଙ୍କ ନାମ ଥିବା ବିଭାଗ ପକ୍ଷରୁ କୁହାଯାଇଥିଲା ଏବଂ ୨୭ ଜଣଙ୍କ ଫାଇଲ ଭିଜିଲାନ୍ସକୁ ପ୍ରଦାନ କରିଥିଲେ। ଏଥିସହିତ ଅଭିଯୋଗକୁ ଭିତ୍ତିକରି ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଏବଂ ୨ ରୁ ୩ ଦିନ ମଧ୍ୟରେ ସମସ୍ତ ତଥ୍ୟ ପ୍ରଦାନ କରିବା ପାଇଁ କାର୍ଯ୍ୟରତ କର୍ମଚାରୀଙ୍କୁ କହିଥିଲେ।

### ଚନ୍ଦନ କାଠ ଚୋରି ବୃଦ୍ଧିପାଉଛି

ଭଞ୍ଜନଗର,୨୫।୮ (ଡି.ଏନ୍.ଏ.)-ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ କେନ୍ଦ୍ରୀୟ ବନାଞ୍ଚଳର କଣ୍ଟଇପଲ୍ଲୀ, ବଡପଡା ଅଞ୍ଚଳରେ କିଛି ଦିନ ହେବ ଶାଗୁଆନ ଏବଂ ଚନ୍ଦନ କାଠ ଚୋରି ବଢ଼ିଛି। ଗତ ୧୦ ତାରିଖରେ କଣ୍ଟଇପଲ୍ଲୀର ଭଞ୍ଜ ମଲିକଙ୍କ ବାରିପଟ ଜମିରେ ଥିବା ଏକ ଚନ୍ଦନ ଗଛକୁ ଦୁର୍ବୃତ୍ତମାନେ କାଟି ନେଇଥିଲେ। ବନବିଭାଗ କର୍ମଚାରୀ ଉକ୍ତ କାଠକୁ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ମଙ୍ଗଳବାର ରାତିରେ ପୁଣି ଦୁର୍ବୃତ୍ତମାନେ ଭଞ୍ଜଙ୍କ ସମେତ ତାଙ୍କରି ଗ୍ରାମର ତ୍ରିନାଥ ମଲ୍ଲିକଙ୍କ ବାରିପଟ ଜମିରେ ଥିବା ଦୁଇଟି ଚନ୍ଦନ ଗଛକୁ ମୂଳ ସହ କାଟି ନେଇଛନ୍ତି। ତେଣୁ ବିଭାଗ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା ପାଇଁ ଦାବି ହେଉଛି। ଏନେଇ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ଚନ୍ଦନ ଗଛ ଲୋକଙ୍କ ଜମିରେ ଥିଲେ ମଧ ତାହା ସରକାରଙ୍କ ସମ୍ପତ୍ତି । ମଙ୍ଗଳବାର ଚୋରି ଯାଇଥିବା ସମ୍ପର୍କରେ ଆମ ପାଖରେ କୌଣସି ଖବର ନାହିଁ। ତଥାପି ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ।

### ନୂଆଗଡ଼ ବ୍ଲକ ସମିତି ସାଧାରଣ ବୈଠକ

#### ଯୋଗଦେଲେନି ସରପଞ୍ଚ, ଲୋକ ପ୍ରତିନିଧି

ନୂଆଗଡ଼,୨୫।୮-ଗଜପତି ଜିଲା ନୂଆଗଡ଼ ପଞ୍ଚାୟତ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷା ମାଳତୀ ପ୍ରଧାନଙ୍କ ଅଧକ୍ଷତାରେ ପଞ୍ଚାୟତ ସମିତି ସଦଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଉପାଧକ୍ଷ ନିହୀମିୟା ରଇତ, ବିଡିଓ ଲାବନେନ୍ଦୁ ମହାନ୍ତି, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପିଇଓ ନରସିଂହ ମିଶ୍ର ଯୋଗଦେଇଥିଲେ। ତେବେ ବ୍ଲକର ୧୯ ସରପଞ୍ଚ ଏବଂ ଅନ୍ୟାନ୍ୟ ଲୋକ ପ୍ରତିନିଧିମାନେ ବୈଠକକୁ ନ ଆସି ପ୍ରତୀକ୍ଷାଳୟରେ ବସିଥିଲେ। ବିଡିଓ ଏବଂ ଅଧକ୍ଷାଙ୍କୁ ନେଇ ବିଧାୟକ ସେମାନଙ୍କୁ ବୈଠକକୁ ଡାକି ଆଣିଥିଲେ। କିନ୍ତୁ ସେମାନେ ଆସନ ଗ୍ରହଣ କରି ନଥିଲେ। ବିଭିନ୍ନ ସରକାରୀ ପ୍ରକଳ୍ପଗୁଡ଼ିକ ପ୍ରତିନିଧିମାନଙ୍କ ଅଜାଣତରେ କରାଯିବା ସହ ପ୍ରକଳ୍ପ କାର୍ଯ୍ୟର ପ୍ରପୋଜାଲରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଗୃହ ପରିତ୍ୟାଗ କରିଥିଲେ। ଏଣୁ ଅନ୍ୟ ଏକ ଦିନ ବୈଠକ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ସେହିପରି ସରକାରୀ କାର୍ଯ୍ୟକ୍ରମରେ ଗଣମାଧମ ପ୍ରତିନିଧିଙ୍କୁ ଆହ୍ୱାନ କରାଯାଉନଥିବା ଅଭିଯୋଗ କରିଥିଲେ ବ୍ଲକ ସାମ୍ବାଦିକ ସଂଘର ସଭାପତି ଈଶ୍ୱର ଚନ୍ଦ୍ର ବିଶୋଇ।

# ମହିଳାଙ୍କ ମଦ ବନ୍ଦ ବିରୋଧୀ ଅଭିଯାନ



ମହିଳାମାନେ ପ୍ଲାଗ କାର୍ଡ଼ ଧରି ମଦରନ୍ଧା ଓ ମଦ ବିକ୍ରି ବନ୍ଦ କରିବା ସଚେତନ କରୁଛନ୍ତି।

ପାରଳାଖେମୁଣ୍ଡି,୨୫।୮ (ଡି.ଏନ୍.ଏ.)

ମଦ ଯୋଗୁ ପରିବାରରେ ବିଶୃଙ୍ଖଳା ହେଉଥିବା ଦର୍ଶାଇ ମହିଳାମାନେ ଏହାକୁ ବିଭିନ୍ନ ସମୟରେ ବିରୋଧ କରୁଥିବା ଦେଖାଯାଉଛି। ଗଜପତି ଜିଲା ମୋହନା ବ୍ଲକ ଗୁଲୁବା ପଞ୍ଚାୟତରେ ମଦ ସମ୍ପୂର୍ଣ୍ଣ ବନ୍ଦ ପାଇଁ ମହିଳାମାନେ ଅଭିଯାନ ଆରମ୍ଭ କରିଛନ୍ତି। ମଦ ବନ୍ଦ ନ କଲେ, ରାଶନ କାର୍ଡ କଟାଯିବ ବୋଲି ସରପଞ୍ଚ ରେଜିନା ପ୍ରଧାନଙ୍କ ନେତୃତ୍ୱରେ ମହିଳା ସଂଘର ଶତାଧିକ ମହିଳା ଓ ଅଙ୍ଗନୱାଡି କର୍ମୀମାନେ ସଚେତନ କରୁଛନ୍ତି। ସେମାନେ ପ୍ଲାଗ କାର୍ଡ଼ ଧରି ଗାଁକୁ ଗାଁକୁ ଯାଇ ମଦରନ୍ଧା ଓ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ କହିଥିଲେ । ପୁରୁଷ ମାନେ ମଦ୍ୟ ପାନ କରି ଘରେ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଛନ୍ତି। ସେଥିପାଇଁ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦ ମୁକ୍ତ ପଞ୍ଚାୟତ କରିବାକୁ ମହିଳାମାନେ ଆହ୍ୱାନ ଦେଇଥିଲେ ।

# ବାଇକ୍ ସହ ଭାସି ଯାଇଥିବା ଯୁବକଙ୍କ ମୃତଦେହ ଠାବ

ଫୁଲବାଣୀ ଅଫିସ, ୨୫।୮

ଫୁଲବାଣୀ ଡାକପାଲା ଚେକ୍ ଡ୍ୟାମ ଉପର ରାସ୍ତାରେ ବୁଧବାର ରାତିରେ ଯିବାବେଳେ ବାଇକ ସହ ଜଣେ ଯୁବକ ଭାସି ଯାଇଥିଲେ। ଗୁରୁବାର ତାଙ୍କ ମୃତଦେହ ମିଳିଛି । ମୃତକ ହେଲେ ଡାକପାଲା ଘୋଟାଲ ସାହିର ତାପସ ରଞ୍ଜନ ଘୋଟାଲ ଓରଫ ବୁବୁ। ଅଗ୍ନିଶମ ବିଭାଗ ଏବଂ ଟିମ୍ ହ୍ୟୁମାନିଟି ସଦସ୍ୟମାନେ ତୁଡିପାଜୁ ପଞ୍ଚାୟତ କଳାମୁର ଗ୍ରାମ ନିକଟ ନଦୀକୂଳ କଥା ପୋଲଠାରେ ତାପସଙ୍କ ମୃତଦେହକୁ ଠାବ କରିଥିଲେ। ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

ଲଘୁଚାପଜନିତ ବର୍ଷା ଯୋଗୁ ଡାକପାଲା ଡ୍ୟାମ ଉପରେ ପ୍ରାୟ ୩ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଥିଲା । ବୁଧବାର ରାତିରେ ତାପସ ବାଇକ ଯୋଗେ ପାଣି ଉପରେ ଯାଉଥିବା ବେଳେ ଭାସି ଯାଇଥିଲେ । ଅଗ୍ନିଶମ ବିଭାଗ ଏବଂ ଟିମ୍ ହ୍ୟୁମାନିଟି ସଦସ୍ୟ ଉଦ୍ଧାର ପାଇଁ ଆସିଥିଲେ ମଧ ପ୍ରବଳ ସୁଅ ଯୋଗୁ ଖୋଜା ଖୋଜି ହୋଇ ପାରି ନ ଥିଲା। ସକାଳେ କଥା ପୋଲଠାରେ ଏକ ମୃତଦେହ ଭାସୁଥିବା ଦେଖାଯାଇଥିଲା। ଉଦ୍ଧାର ପରେ ତାଙ୍କ ପରିଚୟ ମିଳିଥିଲା । ସୂଚନାଯୋଗ୍ୟ, ପୂର୍ବରୁ ତାପସଙ୍କ ବାପା ଏବଂ ଜଣେ ଭାଇଙ୍କ ମୃତ୍ୟୁ ହୋଇସାରିଛି । ତାପସ ମା'ଙ୍କ ସହ ରହୁଥିଲେ । ମା' ଏବେ ସମ୍ପୂର୍ଣ୍ଣ ଅସହାୟ ହୋଇପଡିଛନ୍ତି।

# ତାରାତାରିଣୀ ମନ୍ଦିର, ଋଷିକୁଲ୍ୟା ପୋଲ କାର୍ଯ୍ୟ ସମୀକ୍ଷା କଲେ ଗ୍ରାମ୍ୟ ଉନ୍ନୟନ ସଚିବ



ତାରାତାରିଣୀ ମନ୍ଦିର ଓ ଋଷିକୂଲ୍ୟା ପୋଲ ନିର୍ମାଣ କାର୍ଯ୍ୟର ସମୀକ୍ଷା କରୁଛନ୍ତି ।

ପୁରୁଷୋତ୍ତମପୁର,୨୫।୮ (ଡି.ଏନ.ଏ.)

ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ସଂଜୟ ସିଂ ଗୁରୁବାର ଗଞ୍ଜାମ ଜିଲା ପୁରୁଷୋତ୍ତମପୁରଠାରେ ଥିବା ପ୍ରସିଦ୍ଧ ମା' ତାରାତାରିଣୀ ମନ୍ଦିର ଦର୍ଶନ କରି ମନ୍ଦିର ପରିସରରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ହାଣ୍ଡିଘରଠାରୁ ତାରାତାରିଣୀଙ୍କ ପୀଠକୁ ସଂଯୋଗ ଲାଗି ଋଷିକୁଲ୍ୟା ନଦୀ ଉପରେ ନିର୍ମାଣାଧୀନ ପୋଲ କାର୍ଯ୍ୟ ତଦାରଖ କରି ତୁରନ୍ତ ଏହାକୁ ଶେଷ କରିବାକୁ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଚିବଙ୍କ ଏହି ଗସ୍ତ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଯନ୍ତ୍ରୀ ମୁଖ୍ୟ ପ୍ରଦୀପ ସାମଲ, ମୁଖ୍ୟଯନ୍ତ୍ରୀ ରମେଶ ଚନ୍ଦ୍ର ବେହେରା, ଗଞ୍ଜାମ ଜିଲା ଗ୍ରାମ୍ୟ ନିର୍ମାଣ ମଣ୍ଡଳ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ଜେନା, ଗଞ୍ଜାମ ଜିଲା ଗ୍ରାମ୍ୟ ନିର୍ମାଣ ବିଭାଜନ -୧ ଅଧିକ୍ଷଣ ଯନ୍ତ୍ରୀ ନାରାୟଣ ମୁର୍ମୁଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟରେ ସେମିନାର

ଖଲ୍ଲିକୋଟ,୨୫।୮ (ଡି.ଏନ.ଏ.)

ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟରେ ବୁଧବାର ଅନ୍ତର୍ନିହିତ ଗୁଣାବଳୀ ବିକାଶ ପରିଷଦ (ଆଇକ୍ୟୁଏସି) ତରଫରୁ 'ଦ ଚେଞ୍ଜିଙ୍ଗ୍ ଫେସ୍ ଅଫ୍ ଇଣ୍ଡିଆନ୍ ଇକୋନୋମି ଏଣ୍ଡ କ୍ୟାରିୟର୍ ଅପର୍ଚୁନିଟି ଆଫ୍ଟର ଗ୍ରାଜ୍ୟୁଏସନ୍' ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ବିମଳ ପ୍ରସାଦ ସାହୁ ସେମିନାର ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ଡ. ଏସ.ପି.ଦାଶ ସେମିନାର ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆଇକ୍ୟୁଏସି ସଂଯୋଜକ ଡ. ତ୍ରିନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ଡ.ଅଲେଖ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ତୋଷ କୁମାର ବିଷୋୟୀ, ଡି.ଏସ.ଏନ. ପଟ୍ଟନାୟକ, ରାଜୀବ କୁମାର ମହାପାତ୍ର, ସହଦେବ ସିଂ, ଅକ୍ଷୟ କୁମାର ଦାଶ, ପ୍ରବୀଣ କୁମାର ବେହେରା ଓ ଟି. ଶିବାନନ୍ଦ ବର୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କାର୍ଯ୍ୟାଦେଶ ମିଳିବାର ୫ବର୍ଷ ବିତିଲା

# ଦିବ୍ୟାଙ୍ଗଙ୍କୁ ମିଳିନି ଆବାସ ଗୃହ



ଭିନ୍ନକ୍ଷମ ଭଗବାନ ସାହୁ ।

ଚିକିଟି,୨୫।୮ (ଡି.ଏନ୍.ଏ.)

ଚିକିଟି ବ୍ଲକ୍ ଚାନ୍ଦପୁର ପଞ୍ଚାୟତ ଡଭାର ଗ୍ରାମର ଦିବ୍ୟାଙ୍ଗ ଭଗବାନ ସାହୁଙ୍କୁ ୨୦୧୭ -୧୮ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିଥିଲେ ସୁଦ୍ଧା ଦୀର୍ଘ ୫ବର୍ଷ ବିତିଯାଇଥିଲେ ମଧ ତାଙ୍କ ଆକାଉଣ୍ଟକୁ ପ୍ରଥମ କିସ୍ତି ଟଙ୍କା ଆସିନଥିବା ସେ ଅଭିଯୋଗ କରିଛନ୍ତି । ଏନେଇ ବୁଧବାର ଲିଖିତ ଅଭିଯୋଗ କରିଛନ୍ତି । ପ୍ରକାଶ ଯେ, ୨୦୧୭- ୧୮ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଭଗବାନଙ୍କ ନାମ ଚୟନ କରାଯାଇ କାର୍ଯ୍ୟାଦେଶ ଦିଆଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ତାଙ୍କୁ ଘର କରିବାକୁ ଟଙ୍କା ଦିଆଯାଇନାହିଁ। ଜିଲା ପ୍ରଶାସନ ଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ନିକଟରେ ଏ ନେଇ ପୂର୍ବରୁ ଅବଗତ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ବାସଗୃହ ନଥିବା ଯୋଗୁଁ ସେ ସ୍ତ୍ରୀ ଏବଂ ଦୁଇ କନ୍ୟାଙ୍କୁ ନେଇ ବଡ ଭାଇଙ୍କ ଘରେ ରହୁଛନ୍ତି। ବୁଧବାର ପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିବା ବୈଠକରେ ମଧ ଦିବ୍ୟାଙ୍ଗ ଭଗବାନ ଏକ ଲିଖିତ ଅଭିଯୋଗ ପିଇଓଙ୍କୁ ଜଣାଇଥିବା କହିଛନ୍ତି। ଯଦି ଏକ ସପ୍ତାହ ମଧ୍ୟରେ ଏହାର କୌଣସି ସୁଫଳ ନମିଳିଲେ ବିଡିଓଙ୍କ କାର୍ଯ୍ୟାଳୟ ନିକଟରେ ଧାରଣା ଦେବି ବୋଲି ଚେତାବନୀ ଦେଇଛନ୍ତି। ଏନେଇ ପଞ୍ଚାୟତ ପିଇଓ ଅମିତା କୁମାରୀ ପାଇକ କହିଛନ୍ତି, ମୁଁ ବର୍ତ୍ତମାନ ନୂଆରେ ଯୋଗଦେଇଛି। ବିଡିଓଙ୍କୁ ଅବଗତ କରିବି ବୋଲି କହିଛନ୍ତି । ବିଡିଓ ହଳଧର ଶବର କହିଛନ୍ତି, ଏନେଇ କୌଣସି ଅଭିଯୋଗ ଆସିନାହିଁ, କାରଣ ମୁଁ ଦୁଇ ଦିନ ହେଲା ଯୋଗଦେଇଛି। ତଥାପି ଏହାର ତଦନ୍ତ କରିବି ବୋଲି କହିଛନ୍ତି।

# ବିଶ୍ୱ ବନ୍ଧୁତ୍ୱ ଦିବସ ପାଳିତ

ଆସିକା,୨୫।୮ (ଡି.ଏନ.ଏ.)

ଆସିକା ବସଷ୍ଟାଣ୍ଡସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶାନ୍ତି ଶକ୍ତି ଭବନ ଠାରେ ଗୁରୁବାର ରାଜଯୋଗିନୀ ଦାଦି ପ୍ରକାଶ ମୟୀଙ୍କ ୧୫ତମ ଅବ୍ୟକ୍ତ ସ୍ମୃତି ଦିବସକୁ ବିଶ୍ୱ ବନ୍ଧୁତ୍ୱ ଦିବସ ରୂପେ ପାଳନ କରାଯାଇଥିଲା । ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଅଶ୍ୱିନୀ କୁମାର ଦାସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଭବନର ସଞ୍ଚାଳିକା ବ୍ରହ୍ମକୁମାରୀ ପ୍ରଭାତୀ ଦାଦି ପ୍ରକାଶମଣିଙ୍କ ପ୍ରେମ, ମୈତ୍ରୀ, ଶାନ୍ତି ଓ ସଦଭାବନାର ସନ୍ଦେଶ ବିଶ୍ୱବାସୀଙ୍କ ହୃଦୟ ଜିଣିପାରିଥିଲା ବୋଲି ପ୍ରକାଶ କରିଥିଲେ । ଦାଦିଙ୍କ ନୀରବଚ୍ଛିନ୍ନ ଉଦ୍ୟମରେ ୧୯୮୬ରେ ସଂଯୁକ୍ତ ରାଷ୍ଟ୍ର ସଂଘ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟକୁ ଅନ୍ତର୍ଜାତୀୟ ସ୍ତରରେ ଏକମାତ୍ର ସ୍ୱେଚ୍ଛାସେବୀ ସଂଗଠନର ମାନ୍ୟତା ପ୍ରଦାନ ସହ ୬ ଥର ଶାନ୍ତି ଦୂତ ଉପାଧି ପ୍ରଦାନ କରିଛନ୍ତି । ଏହି ଅବସରରେ ଅନୁଷ୍ଠିତ ସ୍ନେହ ମିଳନ କାର୍ଯ୍ୟକ୍ରମରେ ଅଖଣ୍ଡ ଯୋଗ ତପସ୍ୟା କାର୍ଯ୍ୟକ୍ରମ ହୋଇଥିଲା।

## ଆଧ୍ୟାତ୍ମିକ ଶିକ୍ଷାର ଉନ୍ନତି ପାଇଁ କର୍ମଶାଳା

ପାରଳାଖେମୁଣ୍ଡି, ୨୫।୮ (ଡି.ଏନ୍.ଏ)

ଗଜପତି ଜିଲା ପାରଳାଖେମୁଣ୍ଡି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଗାୟତ୍ରୀ ପରିବାର ପକ୍ଷରୁ ଆଧ୍ୟାତ୍ମିକ ଶିକ୍ଷାର ଉନ୍ନତି ପାଇଁ କାର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧକ୍ଷ ଅରବିନ୍ଦ ଦାସ, ଗାୟତ୍ରୀ ପରିବାରର ସନ୍ତୋଷ କୁମାର ଗନ୍ତାୟତ ଏବଂ ମୁଖ୍ୟ ପ୍ରବଚକ ତଥା ମୁଖ୍ୟବକ୍ତା ଭାବେ ସୁଶ୍ରୀ ମମତା ମିଶ୍ର ବିଦ୍ୟାର୍ଥୀମାନଙ୍କୁ ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ।

# ନାମଲେଖାରୁ ବଞ୍ଚିତ ଛାତ୍ର ସ୍କୁଲ ସମ୍ମୁଖରେ ବିକିଲେ ମୁଢ଼ି

ପୁରୁଷୋତ୍ତମପୁର,୨୫।୮ (ଡି.ଏନ୍.ଏ.)

ନାମଲେଖାରୁ ବଞ୍ଚିତ ହୋଇ ପାଠ ପଢ଼ି ନ ପାରି ସ୍କୁଲ ଗେଟ୍ ସମ୍ମୁଖରେ ଚଣା, ମୁଢ଼ି, ବିସ୍କୁଟ, ଚକୋଲେଟ୍ ବିକ୍ରି କରି ଷଷ୍ଠଶ୍ରେଣୀର ଛାତ୍ର ପ୍ରତିବାଦ କରିଛନ୍ତି। ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସି ଅନ୍ତର୍ଗତ କୁମାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଗୁରୁବାର ଏଭଳି ଅଭିନବ ପ୍ରତିବାଦ ଦେଖିବାକୁ ମିଳିଛି।

ପ୍ରକାଶ ଯେ, କୁମାରୀ ଗ୍ରାମର କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ପୁଅ ଶିବଶଙ୍କର ନିକଟସ୍ଥ ଚଢ଼େଇପଲ୍ଲୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଥିଲେ। ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେବାରୁ ନିଜ ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗତ ୧୩ ତାରିଖରେ ଟ୍ରାନ୍ସଫର ସାର୍ଟିଫିକେଟ ଆଣି ନାମ ଲେଖାଇବାକୁ ଯାଇଥିଲେ। ତେବେ ଏ ସାର୍ଟିଫିକେଟ ହେବନାହିଁ, ଅନ୍‌ଲାଇନ ସାର୍ଟିଫିକେଟ ଆଣିଲେ ହେବ କହି ପ୍ରଧାନ ଶିକ୍ଷୟିତ୍ରୀ ଟି.ଶାନ୍ତିଲତା ପାତ୍ର ଫେରାଇଦେଲେ। ଛାତ୍ରଜଣଙ୍କ ଚଢ଼େଇପଲ୍ଲୀ ସ୍କୁଲକୁ ଯାଇ ଜଣାଇଥିଲେ। ପୂର୍ବରୁ ପଞ୍ଚମ ଶ୍ରେଣୀରେ ପଢୁଥିବା ପୁରୁଷୋତ୍ତମପୁରର ସୀତାରାମପୁର ଆଗ୍ରାହରମ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଅନ୍‌ଲାଇନରେ ସମସ୍ତ ଡାଟା ଅପ୍‌ଲୋଡ ହୋଇନଥିବା ଯୋଗୁ ଅନ୍‌ଲାଇନ ସାର୍ଟିଫିକେଟ ହୋଇପାରିବ ନାହିଁ ଏବଂ ଏହି ସାର୍ଟିଫିକେଟରେ ନାମ ଲେଖାଇବାରେ କୌଣସି ସମସ୍ୟା ନାହିଁ ବୋଲି ପ୍ରଧାନଶିକ୍ଷକ କହିଥିଲେ। ପରେ ଛାତ୍ରଜଣକ କୁମାରୀ ସ୍କୁଲ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ବହୁବାର ଯାଇ ଅଭିଯୋଗ କରିଥିଲେ ମଧ କେହି ଗୁରୁତ୍ୱ ଦେଲେ ନାହିଁ। ଶେଷରେ ଛାତ୍ରଜଣଙ୍କ କୁମାରୀ ସ୍କୁଲ ସମ୍ମୁଖରେ ଧାରଣା ଦେବା ସହିତ ଚଣା, ମୁଢ଼ି ବିକ୍ରି କରି ପ୍ରତିବାଦ ଜଣାଇଛନ୍ତି। ଏ ବିଷୟରେ ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି, ଛାତ୍ରଙ୍କୁ ଡକାଯାଇଛି କିନ୍ତୁ ସେ ଆସିଲେ ନାହିଁ। ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପଣ୍ଡା କହିଛନ୍ତି, ଛାତ୍ର ଜଣଙ୍କୁ କିଛି ଦିନ ତଳେ ଅନ୍‌ଲାଇନରେ ଆଡ୍‌ମିଶନ କରାଯାଇଛି। ମାତ୍ର କେବେ ଆଡ୍‌ମିଶନ କରାଯାଇଛି ତାହା କହିପାରିନାହାନ୍ତି। ଶୁକ୍ରବାରଠାରୁ ଯେପରି ଛାତ୍ର ଜଣକ କୁମାରୀ ସ୍କୁଲକୁ ଯିବ, ସେ ନେଇ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସମାଧାନ ଲାଗି ନିର୍ଦ୍ଦେଶ ଦିଆଯାଇଥିବା ପଣ୍ଡା କହିଛନ୍ତି।



ସ୍କୁଲ ସମ୍ମୁଖରେ ଚଣା, ମୁଢ଼ି ବିକ୍ରି କରୁଛନ୍ତି ଛାତ୍ର।

### ଅଭିନବ ପ୍ରତିବାଦ

## ସଂକ୍ଷେପରେ

### ରେଳ ଷ୍ଟେଶନରୁ ୩ ନାବାଳିକା ଉଦ୍ଧାର

ବ୍ରହ୍ମପୁର ଅଫିସ,୨୫।୮-ରେଳବାଇ ଚାଇଲ୍ଡ ଲାଇନ ବ୍ରହ୍ମପୁର ରେଳ ଷ୍ଟେଶନରୁ ୩ଜଣ ନାବାଳିକାଙ୍କୁ ଉଦ୍ଧାର କରିଛି। ପରେ ସେମାନଙ୍କୁ ଶିଶୁ ମଙ୍ଗଳ ସମିତି ନିକଟରେ ହାଜର କରିଛି। ସେମାନଙ୍କ ମଧ୍ୟରେ ଢେଙ୍କାନାଳ ପରଜଙ୍ଗ ଥାନା ଅଞ୍ଚଳର ଜଣେ ଯୁକ୍ତ୨ଛାତ୍ରୀ ଥିବା ବେଳେ ଅନ୍ୟ ଦୁଇଜଣ ସୁନ୍ଦରଗଡ଼ ଅଞ୍ଚଳର ବୋଲି ଜଣାପଡିଛି। ବୁଧବାର ରାତି ପ୍ରାୟ ୯ଟାରେ ପ୍ଲାଟଫର୍ମ -୧ରେ ସନ୍ଦେହଜନକ ଭାବେ ଜଣେ ପୁଅ ଓ ଜଣେ ଝିଅ ଠିଆ ହୋଇଥିବା ବେଳେ ସେମାନଙ୍କୁ ଚାଇଲଡ ଲାଇନ, ପୋଲିସ ସହାୟତାରେ ଉଦ୍ଧାର କରିଥିଲା। ସମ୍ପୃକ୍ତ ଛାତ୍ରୀ ଜଣଙ୍କ ନାବାଳିକା ଥିବାରୁ ତାଙ୍କୁ ଶିଶୁ ମଙ୍ଗଳ ସମିତିରେ ହଜାର କରାଯାଇଥିଲା। ପରେ ତାଙ୍କୁ ଗୋଷାଣୀନୂଆଗାଁସ୍ଥିତ ଉତ୍କଳ ବାଳାଶ୍ରମରେ ରଖାଯାଇଥିଲା। ଅନ୍ୟପଟେ ଉକ୍ତ ଯୁବକଙ୍କୁ ଜିଆରପି ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ସେହିପରି ଗୁରୁବାର ପୂର୍ବାହ୍ନରେ ପ୍ଲାଟଫର୍ମରୁ ୨ ଜଣ ନାବାଳିକାଙ୍କୁ ଚାଇଲ୍ଡ ଲାଇନ ଉଦ୍ଧାର କରିଥିଲା। ସେମାନେ ସୁନ୍ଦରଗଡ଼ ଅଞ୍ଚଳର ହୋଇଥିବା ଜଣାପଡିଛି। ସେମାନଙ୍କ ନିକଟରୁ ରେଳ ଟିକଟ ଜବତ ହୋଇଛି। ସେମାନେ ଆନ୍ଧ୍ରପ୍ରଦେଶ ବିଜୟୱାଡାରେ ଥିବା ଏକ ସୂତା କାରଖାନାରେ କାମ କରିବା ପାଇଁ ଯାଉଥିଲେ ବୋଲି ଜଣାପଡିଛି। ଉଦ୍ଧାର ଦୁଇ ନାବାଳିକା ଶିଶୁ ଶ୍ରମିକଙ୍କୁ ଚାଇଲ୍ଡ ଲାଇନ ଶିଶୁ ମଙ୍ଗଳ ସମିତି ନିକଟରେ ହାଜର କରିଛି। ପରେ ସେମାନଙ୍କୁ ଉତ୍କଳ ବାଳାଶ୍ରମରେ ସୁରକ୍ଷା ଓ ଯତ୍ନ ପାଇଁ ରଖାଯାଇଛି ବୋଲି ଶିଶୁ ମଙ୍ଗଳ କମିଟି ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ଢେଙ୍କାନାଳ ପରଜଙ୍ଗ ଥାନା ଅଞ୍ଚଳର ନାବାଳିକାଙ୍କ ବାପା ଗୁରୁବାର ଶିଶୁ ମଙ୍ଗଳ ସମିତିରେ ହାଜର ହୋଇଥିଲେ। ସମ୍ପୃକ୍ତ ନାବାଳିକାଙ୍କୁ ତାଙ୍କ ବାପାଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ କମିଟି ସୂଚନା ଦେଇଛି।

### ଛାତ୍ରୀଙ୍କୁ ଅସଦାଚରଣ କରି ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୨୫।୮: ଜନୈକା ସ୍କୁଲ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଗାନ୍ଧୀନଗରର ସିଏଚ. ନରେଶ (୨୨)। ମାମଲା ନମ୍ବର ୨୩୨/୨୨ ରେ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଅନ୍ୟପଟେ ପୀଡ଼ିତା ଛାତ୍ରୀଙ୍କ କୋର୍ଟରେ ବୟାନ ମଧ ରେକର୍ଡ କରାଯାଇଛି। ପ୍ରକାଶ ଯେ, ନରେଶ ଜଣେ ସ୍କୁଲ ଯାଉଥିବା ଛାତ୍ରୀଙ୍କୁ ଏକ ତରଫା ଭଲ ପାଇ ତାଙ୍କ ପିଛା କରୁଥିଲେ। ଗତ କିଛିମାସ ହେଲା ଛାତ୍ରୀଙ୍କୁ ରାସ୍ତାରେ ଅଟକାଇ ବିଭିନ୍ନ ପ୍ରକାର ମନ୍ତବ୍ୟ ଦେଉଥିଲା। ଛାତ୍ରୀ ଜଣଙ୍କ କିଛିଦିନ ତଳେ ସ୍କୁଲ ଯାଉଥିବା ବେଳେ ନରେଶ ତାଙ୍କୁ ଅଟକାଇ ଅସଦାଚରଣ କରିଥିଲେ। ପରେ ପୀଡ଼ିତା ଛାତ୍ରୀ ଜଣଙ୍କ ଭୟରେ ସ୍କୁଲ ଯିବା ବନ୍ଦକରି ଦେଇଥିଲେ। ପୀଡ଼ିତାଙ୍କ ବାପା ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

### ଦିନକରେ ୧୦ ଡେଙ୍ଗୁ ଆକ୍ରାନ୍ତ

#### ଜିଲାରେ ପଜିଟିଭ ସଂଖ୍ୟା ୨୭

ବ୍ରହ୍ମପୁର ଅଫିସ,୨୫।୮: ଗଞ୍ଜାମ ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଗୁରୁବାର ଦିନକରେ ଜ୍ୱରରେ ଆକ୍ରାନ୍ତ ୧୦ ଜଣଙ୍କ ରିପୋର୍ଟ ପଜିଟିଭ ଆସିଛି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଏବେ ୨୭ରେ ପହଞ୍ଚିଛି। ଗୁରୁବାର ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ମିଳିଥିବା ତଥ୍ୟ ଅନୁସାରେ ଚିକିଟି ବ୍ଲକ ବି.ଏସ୍. ଲକ୍ଷ୍ମୀନାରାୟଣପୁର ଗ୍ରାମର ୪୫ ବର୍ଷର ଜଣେ ଲୋକ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଆନ୍ଧ୍ରପ୍ରଦେଶ ବିଶାଖାପାଟଣାରେ କାମ କରୁଥିବା ବେଳେ କିଛିଦିନ ହେଲା ସେ ଜ୍ୱରରେ ପୀଡ଼ିତ ଥିଲେ। ପରେ ସେ ଗାଁକୁ ଫେରିଥିଲେ। ତାଙ୍କର ଡେଙ୍ଗୁ ପରୀକ୍ଷା ପରେ ପଜିଟିଭ ଆସିଛି। ସେହିପରି ଆନ୍ଧ୍ରପ୍ରଦେଶ-ଓଡ଼ିଶା ସୀମାନ୍ତ ପାତ୍ରପୁର ବ୍ଲକ ଜି. ବଳରାମପୁର ଗ୍ରାମର ୯ ଜଣଙ୍କ ଡେଙ୍ଗୁ ରିପୋର୍ଟ ପଜିଟିଭ ଆସିଛି। ସେମାନଙ୍କ ମଧ୍ୟରେ ୫ ମହିଳା ଓ ୪ଜଣ ଯୁବକ ଥିବା ଜଣାପଡିଛି। ଡେଙ୍ଗୁ ଆକ୍ରାନ୍ତମାନେ ଏବେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ରହିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ସାଟେଲାଇଟ୍ ଧରିବ କଳାପଥର ଲୁଟ୍

ଯାଜପୁର ଅଫିସ,୨୫।୮



- ମାଇଁ ୱାର୍ଲ୍ଡ ଜିଓଲୋଜି କମ୍ପାନୀକୁ ଦାୟିତ୍ୱ
- ରାଜସ୍ୱ ଆଦାୟରେ ଚଞ୍ଚକତା
- ଗୋଟିଏ ଖାଦାନରେ ୨ଥର ମାଇନିଂ ପ୍ଲାନ ପ୍ରସ୍ତୁତ
- ବିସ୍ଫୋରଣରେ ଥରୁଛି ଗ୍ରାମ, ବିଦ୍ୟାଳୟ

ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି-୨୦୧୬ ଓ ରିହାତି (ସଂଶୋଧନ)-୨୦୧୭ ଓ ୨୦୧୮ ଆଇନ ଅନୁଯାୟୀ ଅନୁମୋଦନ ପରିମାଣଠାରୁ ଅଧିକ ଲୁଟ୍ ଉପରେ ଗତ ମାର୍ଚ୍ଚରେ ବିଧାନସଭାରେ ପ୍ରଶ୍ନ ହେବା ପରେ ଯାଜପୁର ଜିଲା ଧର୍ମଶାଳା ତହସିଲ ପକ୍ଷରୁ ଦୃଢ଼ ପଦକ୍ଷେପ ଆରମ୍ଭ ହୋଇଛି। ଏହି କ୍ରମରେ ଧର୍ମଶାଳା ତହସିଲଦାର ୨।୬।୨୦୨୨ରେ ଲିଜ୍ ଖାଦାନଗୁଡିକର ସାଟେଲାଇଟ୍ ମାପଚୁପ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ। ଏଥିରେ ମାଇଁ ୱାର୍ଲ୍ଡ ଜିଓଲୋଜି କମ୍ପାନୀ ଟେଣ୍ଡର ପାଇଥିବା ସୂଚନା ମିଳିଛି। ଏହାପରେ ୨୦୧୫ରୁ ୨୦୧୭ ମଧ୍ୟରେ ଲିଜ୍ ପାଇଥିବା ୨୦ରୁ ଊର୍ଦ୍ଧ୍ୱ ଲିଜ୍‌ଧାରୀଙ୍କ ମଧ୍ୟରେ ଛନକା ପଶିଛି। ଏଥିରେ ଶାସକ ଦଳର କେତେଜଣ ସମର୍ଥକ ରହିଥିବାରୁ ଠିକ ତଦନ୍ତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଇତିମଧ୍ୟରେ ଅଭିଯୋଗ ଅନୁସାରେ, ୫ ଜଣଙ୍କ ନାମରେ ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଥିଲେ ହେଁ ମାପଚୁପରେ ବ୍ୟାପକ ଚଞ୍ଚକତା ହୋଇଥିବା ଅଭିଯୋଗ ହୋଇଛି। ଫଳରେ ରାଜ୍ୟ ସରକାର ପ୍ରାୟ ୭୦୦ କୋଟି ଟଙ୍କା ରାଜସ୍ୱ ହରାଇବେ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ, ଅନୁମୋଦନ ପରିମାଣଠାରୁ ଅଧିକ ଲୁଟ, ବିନା ଟ୍ରାନ୍‌ଜିଟ ଫର୍ମରେ ଖଣିଜ ପରିବହନ ଓ ବିକ୍ରି ମାମଲାରେ ଯାଜପୁର ଜିଲା ବହୁ ଆଗରେ ରହିଛି। ଏନେଇ ହାଇକୋର୍ଟ, ଲୋକାୟୁକ୍ତ, ଏନ୍‌ଜିଟିରେ ଏକାଧିକ ମାମଲା ବିଚାରାଧୀନ ରହିଛି। ଏହାବାଦ୍ ନିକଟରେ ସାଟେଲାଇଟ୍ ତଦନ୍ତ କରି ୪ ଜଣ ଲିଜ୍‌ଧାରୀଙ୍କ ଠାରୁ ୧୦୫ କୋଟି ୮୭ ଲକ୍ଷ ଜରିମାନା ଆଦାୟ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଡିମାଣ୍ଡ ନୋଟିସ ଜାରି କରିଛନ୍ତି।

ସୂଚନା ଅନୁଯାୟୀ, ୨୦୧୭-୧୮ରେ ଜ୍ୟୋତ୍ସ୍ନା ଜେନା, ରଞ୍ଜନ ଜେନା, ଶ୍ରୀବାସ ଜେନା, ରଶ୍ମିରଞ୍ଜନ ପଣ୍ଡା ଓ ମହେନ୍ଦ୍ର ସ୍ୱାଇଁ ଡଙ୍କାରୀ ପାହାଡ଼ର ୪ ଖାଦାନ ଲିଜ୍ ସୂତ୍ରରେ ପାଇଥିଲେ। ଦୀର୍ଘମିଆଦୀ ୫ ବର୍ଷ ପାଇଁ ଏହି ଲିଜ୍ ଅବଧି ରହିଥିବାବେଳେ ତାହା ୨୦୨୧-୨୨ରେ ସରିବା କଥା। କିନ୍ତୁ କଳାପଥର ଉତ୍ତୋଳନରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେବା ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲାପାଳ ୨୦୧୯ରେ ସେମାନଙ୍କ ଚୁକ୍ତି ବାତିଲ କରିଥିଲେ। ଏହାପରେ ଲିଜ୍‌ଧାରୀ ରଞ୍ଜନ ଜେନା ଉକ୍ତ ନିର୍ଦ୍ଦେଶ ପ୍ରତିବାଦରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ପୁଣି ଲିଜ୍ କାର୍ଯ୍ୟକାରୀ କରିବାକୁ ଅନୁମତି ମିଳିଥିଲା। ଏହାପରେ ସେ ପୁଣି ଏକ ପରିବର୍ତ୍ତିତ ମାଇନିଂ ପ୍ଲାନ ତିଆରି କରି ପରିବେଶଗତ ଅନୁମତି ହାସଲ କରି କଳାପଥର ଉତ୍ତୋଳନ କରିଥିଲେ। ପୂର୍ବ ଏବଂ ପରବର୍ତ୍ତୀ ମାଇନିଂ ପ୍ଲାନ ଉପରେ ସାଟେଲାଇଟ୍ ତଦନ୍ତ ହୋଇଥିଲେ ନିକଟରେ ରଞ୍ଜନ ଜେନାଙ୍କ ନାମରେ ହୋଇଥିବା ଜରିମାନା ୨୩.୩୨ କୋଟି ଟଙ୍କା ବଦଳରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହୋଇଥାନ୍ତା ବୋଲି ସ୍ଥାନୀୟ ମହଲରେ ମତପ୍ରକାଶ ପାଇଛି। ଅନୁରୂପ ଭାବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବାକି ରହିଥିବା ୨ ବର୍ଷର ଲିଜ୍ ନେବା ବଦଳରେ ଲିଜ୍‌ଧାରୀ ଜ୍ୟୋତ୍ସ୍ନା ଜେନା ଚଞ୍ଚକତା କରି ପୁଣି ୫ ବର୍ଷର ଲିଜ୍ ନେଇଥିବା ସୂଚନା ମିଳିଛି। ସେହିପରି ୨୦୨୧ରେ ଆରୁହା ପାହାଡ଼ର ୩ଟି ସୈରାତରୁ ଉତ୍ତୋଳନ ପାଇଁ ମନୋଜ ସାମଲଙ୍କୁ ଲିଜ୍ ପ୍ରଦାନ କରାଯାଇଛି। ଏଥିରେ ବାର୍ଷିକ ୪୩୦୦୦ କ୍ୟୁବିକ ମିଟର ଉତ୍ତୋଳନ କରିବାକୁ ନିର୍ଦ୍ଧାରଣ ହୋଇଥିଲା। ତଦନୁସାରେ ବର୍ଷକୁ ପ୍ରାୟ ୫ କୋଟି ଟଙ୍କା ରାଜସ୍ୱ ମିଳିଥାନ୍ତା। କିନ୍ତୁ ସେ ବର୍ଷକୁ ପ୍ରାୟ ୫୦ ଲକ୍ଷ ଟଙ୍କାରେ ରାଜସ୍ୱ ଦାଖଲ ସୀମିତ ରଖିବାକୁ ଉତ୍ତୋଳନ ପରିମାଣ ହ୍ରାସ କରି ବର୍ଷକୁ ୧୪୦୦୦ କ୍ୟୁବିକ ମିଟର ଅନୁସାରେ ପୁଣି ଏକ ମାଇନିଂ ପ୍ଲାନ ତିଆରି କଲେ। ଏଥିଯୋଗୁ ରାଜ୍ୟ ସରକାର ବର୍ଷକୁ ପ୍ରାୟ ସାଢେ ୪ କୋଟି ଟଙ୍କା ରାଜସ୍ୱ ହରାଇବେ। ଇତିମଧ୍ୟରେ ସେ ୩ ମାସ ହେଲା ନିର୍ଦ୍ଧାରିତ ପରିମାଣଠାରୁ ବହୁ ଗୁଣରେ କଳାପଥର ଉତ୍ତୋଳନ କରି ସାରିଛନ୍ତି। ଏଥିରେ ୪ ପ୍ରୋକଲିନ, ୨୦ ହାଇୱା, ହାଇଟେକ୍ନୋଲୋଜି ବିସ୍ଫୋରକ ସାମଗ୍ରୀ ବ୍ୟବହାର କରାଯାଉଛି। ଫଳରେ ଜାବରାତଳି, ପାଖର, ମୁରାରୀପୁର, ଯୋଗଡା, ବାଟିଜଙ୍ଗା, ଆରୁହା, ନାନପୁର ଗ୍ରାମ ଥରି ଉଠୁଥିବା ଅଭିଯୋଗ ହୋଇଛି। ଜାଭରତଳି ଉଚ୍ଚ ପ୍ରାଥମିକ ସ୍କୁଲ ୩୦୦ ମିଟର ଦୂରରେ ରହିଥିବାରୁ ବିସ୍ଫୋରକ ଯୋଗୁ ଛାତ୍ରୀଛାତ୍ରମାନେ ଚମକି ପଡୁଛନ୍ତି। ଏଭଳି ଅନେକ ଅନିୟମିତତା ଉପରେ ସାଟେଲାଇଟ ତଦନ୍ତ କେତେଦୂର ସକ୍ଷମ ହୋଇପାରିବ ସେ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ଉପୁଜିଛି।

ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ଆଇନ ଅନୁସାରେ ସାଟେଲାଇଟ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ରାତିରେ ଭୋଜି, ସକାଳେ ମିଳିଲା ମୃତଦେହ

ଭୁବନେଶ୍ୱର,୨୫।୮(ବ୍ୟୁରୋ)

ବୁଧବାର ରାତିରେ ପଡୋଶୀଙ୍କ ଘରେ ହୋଇଥିଲା ଭୋଜି। ସ୍ୱାମୀ, ସ୍ତ୍ରୀ ଓ ଛୋଟ ପୁଅ ଭୋଜି ଖାଇବା ସହ ସେହିଠାରେ ଶୋଇପଡିଥିଲେ। ଗୁରବାର ଭୋର୍ ସମୟରେ ଘରକୁ ଆସିଥିଲେ ସ୍ତ୍ରୀ। ଆଉ ତା'ପରେ ମିଳିଲା ତାଙ୍କର ଝୁଲନ୍ତା ମୃତଦେହ। ପୋଲିସ ପହଞ୍ଚିବାବେଳକୁ କବାଟ ଭଙ୍ଗା ହୋଇସାରିଥିଲା। ପଡ଼ି ରହିଥିଲା ମୃତଦେହ। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ଼ ଭାଗବତ ସନ୍ଧାନ କଲୋନୀରେ ଘଟିଥିବା ଏହି ସନ୍ଦେହଜନକ ମୃତ୍ୟୁକୁ ନେଇ ନାନା ଚର୍ଚ୍ଚା ଚାଲିଛି। ମୃତ ମହିଳା ଜଣକ ହେଲେ ପ୍ରଜ୍ଞା ପାରମିତା ଧଳ। ଏହା ଆତ୍ମହତ୍ୟା ନା ହତ୍ୟା, ପୋଲିସ ତାହାର ଖୋଳତାଡ଼ କରୁଛି। ଯଦି ଆତ୍ମହତ୍ୟା, ତେବେ ଏହା ପଛରେ ପାରିବାରିକ ଅଶାନ୍ତି ନା ଆଉକିଛି? ଭୋଜି ରାତିରେ ହସଖୁସି ଭିତରେ କ'ଣ ଘଟିଲା ଯେ, ପ୍ରଜ୍ଞା ଏଭଳି ଚରମ ନିଷ୍ପତ୍ତି ନେଲେ? ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୮୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ପ୍ରଜ୍ଞାଙ୍କ ମୋବାଇଲ୍ ଫୋନ୍‌କୁ ଜବତ କରି ଅଧିକ ତଥ୍ୟ ହାସଲ ପାଇଁ ଉଦ୍ୟମ ଚଳାଇଛି। ସୂଚନାନୁସାରେ, ପ୍ରଜ୍ଞାଙ୍କ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳରେ। ସେ ଭୁବନେଶ୍ୱରରେ ରହି ଏମ୍‌ବିଏ ପଢୁଥିଲେ। ୭ବର୍ଷ ତଳେ ଭଦ୍ରକ ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବେଲଗାଡ଼ିଆ ଅଞ୍ଚଳର ସତ୍ୟନାରାୟଣ କରଙ୍କୁ ବିବାହ କରିଥିଲେ। ସତ୍ୟନାରାୟଣ ପଟିଆସ୍ଥିତ ଏକ କାର୍ ଶୋ'ରୁମ୍‌ରେ ଚାକିରି କରନ୍ତି। ସ୍ୱାମୀ ଓ ଶିଶୁପୁତ୍ର ସହ ପ୍ରଜ୍ଞା ଭାଗବତ ସନ୍ଧାନ କଲୋନୀରେ ରହୁଥିଲେ। ଉକ୍ତ କୋଠାର ଉପରମହଲାରେ ପ୍ରଜ୍ଞାଙ୍କ ଭାଇ ରହୁଥିଲେ। ବୁଧବାର ଉଭୟ ସ୍ୱାମୀ, ସ୍ତ୍ରୀ ପୁଅକୁ ଧରି ସାମ୍ନା ପଡୋଶୀଙ୍କ ଘରେ ଭୋଜି କରି ଖାଇପିଇ ରାତିରେ ଶୋଇଥିଲେ। ସ୍ୱାମୀ ସତ୍ୟନାରାୟଣଙ୍କ କହିବାନୁସାରେ, ଭୋର୍ ସମୟରେ ପ୍ରଜ୍ଞା ଫ୍ରେସ ହୋଇ ଆସିବାକୁ କହି ଘରକୁ ଯାଇଥିଲେ। ଆସିବା ବିଳମ୍ବ ହେବାରୁ ପଡୋଶୀ ଘରର ମହିଳା ଜଣକ ତାଙ୍କୁ ଡାକିବାକୁ ତାଙ୍କ ଘରକୁ ଯାଇଥିଲେ। ହେଲେ କବାଟ ବନ୍ଦ ଥିବାରୁ ଡାକିଥିଲେ ମଧ କିଛି ଜବାବ ଆସି ନ ଥିଲା। ତେଣୁ ସେ ଝରକା ପଟେ ଡାକିବାକୁ ଯିବାବେଳେ ପ୍ରଜ୍ଞା ଲୁଗା ସାହାଯ୍ୟରେ ଫ୍ୟାନରେ ଝୁଲିପଡିଥିବା ଦେଖି ଚିତ୍କାର କରିଥିଲେ। ପରେ ପ୍ରଜ୍ଞାଙ୍କ ସ୍ୱାମୀ ପହଞ୍ଚି କବାଟ ଭାଙ୍ଗି ତାଙ୍କୁ ତଳକୁ ଓହ୍ଲାଇବା ସହ ପୋଲିସକୁ ଖବର ଦେଇଥିଲେ। ହେଲେ ପୋଲିସ ପହଞ୍ଚିବାବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।



**ମହିଳାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଚର୍ଚ୍ଚା**

- ଝୁଲୁଥିଲା ମୃତଦେହ, ପାରିବାରିକ ଅଶାନ୍ତି ନା ଆଉ କିଛି
- ମୋବାଇଲ ଜବତ କରି ପୋଲିସର ତଦନ୍ତ ଆରମ୍ଭ

# ସୈନ୍ୟବାହିନୀରେ ପଦବୀ ପୂରଣ ଦାବି

ବ୍ରହ୍ମପୁର ଅଫିସ,୨୫।୮

ଅଗ୍ନିବୀରଙ୍କୁ ସ୍ଥାୟୀ ନିଯୁକ୍ତି, ଶାରୀରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରାର୍ଥୀଙ୍କୁ ନିଯୁକ୍ତି ଓ ସୈନ୍ୟବାହିନୀରେ ଖାଲିଥିବା ୨ ଲକ୍ଷରୁ ଊର୍ଦ୍ଧ୍ୱ ପଦବୀ ପୂରଣ ଦାବି ନେଇ ଗୁରୁବାର ଗଣତାନ୍ତ୍ରିକ ଯୁବ ଫେଡେରଶନ (ଡିୱାଇଏଫ୍‌ଆଇ) ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ସଂଘ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ଗୁରୁବାର ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସଂଘ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ଠାରୁ ଏକ ଯୁବ ପଟୁଆର ବାହାରି ଆରଡିସିଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ଡିୱାଇଏଫ୍‌ଆଇର ପୂର୍ବତନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ବେହେରା ଅଗ୍ନିପଥ ଯୋଜନା ଦେଶର ନିରାପତ୍ତା ଓ ଯୁବ ସମାଜ ପାଇଁ ବିପର୍ଯ୍ୟୟ ସୃଷ୍ଟି କରିବ ବୋଲି ଅଭିଯୋଗ କରିଥିଲେ। କେନ୍ଦ୍ର ଭାଜପା ସରକାର ଦେଶର କମ୍ପାନୀଗୁଡିକୁ ଲକ୍ଷ ଲକ୍ଷ କୋଟି ଟଙ୍କା ଛାଡ଼ ଓ ରିହାତି ଭାବେ ଦେଉଛନ୍ତି। ଦେଶ ରକ୍ଷା ପାଇଁ ଜୀବନ ଦେଉଥିବା ସୈନିକମାନଙ୍କୁ ସାମାଜିକ ସୁରକ୍ଷା ଓ ସ୍ଥାୟୀ ନିଯୁକ୍ତି ନ ଦେବା ନୀତିକୁ ଯୁଧିଷ୍ଠିର ତୁ୨ ବହେରା ତୀବ୍ର ସମାଲୋଚନା କରିଥିଲେ। ଏଥିରେ ସଂଘ ଜିଲା ସମ୍ପାଦକ ଅଜିତ ପାଣିଗ୍ରାହୀ, ଯୁବନେତା ଦିଲ୍ଲୀପ ପଗଡ ଓ ଜିଲା ଉପସଭାପତି ଶ୍ରୀଧର ସ୍ୱାଇଁଙ୍କ ସମେତ ଗୋକୁଳ ତ୍ରିପାଠୀ, ରଞ୍ଜନ ପାତ୍ର, ଅଜୟ ଗୌଡ଼, ଅଜିତ ପାଣିଗ୍ରାହୀ, ଶ୍ରୀଧର ସ୍ୱାଇଁ, କୃଷ୍ଣ ତରାଇ ଓ ପ୍ରଶାନ୍ତ ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ଇ-ଲାଇବ୍ରେରିରେ ଆଲୋଚନା ଚକ୍ର

ବ୍ରହ୍ମପୁର ଅଫିସ,୨୫।୮

ଷ୍ଟେଟ ବ୍ୟାଙ୍କ ରୋଡରେ ଥିବା ଇ.ଲାଇବ୍ରେରିରେ ଗୁରୁବାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଡ.ନାଗେଶ୍ୱର ରାଓ ସୁବୁଦ୍ଧି ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ଏସ୍‌ପି ଡ.ଶ୍ରବଣା ବିବେକ ଏମ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ନିଜର ଭବିଷ୍ୟତ ଗଠନ ପାଇଁ ଦୃଢ ଆତ୍ମ ବିଶ୍ୱାସ, କଠିନ ପରିଶ୍ରମ, ଏକାଗ୍ରତା ସହ ଅଭିଭାବକ ପ୍ରୋତ୍ସାହନ ଆବଶ୍ୟକ ବୋଲି ଏସ୍‌ପି କହିଥିଲେ। ଏଥିସହ ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରି କିପରି ସଫଳତା ହାସଲ କରାଯାଇଥାଏ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗା ପ୍ରସାଦ ଅଧିକାରୀ, ଶ୍ୟାମ ସୁନ୍ଦର ଖାଡଙ୍ଗା, ମାୟାଧର ବିଶୋୟୀ ଓ ରାମକୃଷ୍ଣ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ମୁଖ୍ୟ ବକ୍ତା ଓ ଇ.ଲାଇବ୍ରେରୀ କର୍ମକର୍ତ୍ତା।

# ପୋଖରୀରେ ବୁଡ଼ି ଯୁବକ ମୃତ

ଆର.ଉଦୟଗିରି,୨୫।୮ (ଡି.ଏନ.ଏ.)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ବନ୍ଧାଗୁଡା ଗ୍ରାମର କୃଷ୍ଣଚନ୍ଦ୍ର ନାୟକଙ୍କର ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ବୁଧବାର ସନ୍ଧ୍ୟାରେ କୃଷ୍ଣ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତା ବଶତଃ ବୁଡ଼ିଯାଇଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପାଣି ଭିତରୁ ଉଦ୍ଧାର କରି ମୋହନା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ମୋହନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଥିବା ଏସ୍‌ଆଇ କୃଷ୍ଣଚନ୍ଦ୍ର ମଲ୍ଲିକ କହିଛନ୍ତି।

# ଅତିରିକ୍ତ ମହଙ୍ଗା ଭତ୍ତା, ବିଜୁ କଲ୍ୟାଣ ଯୋଜନାରେ ସାମିଲ କର

## ପେନସନଧାରୀଙ୍କ ଦାବି

ବ୍ରହ୍ମପୁର ଅଫିସ,୨୫।୮

ଓଡିଶା ଇପିଏଫ ପେନସନରର୍ସ ଆସୋସିଏଶନ ପକ୍ଷରୁ ଗୁରୁବାର ବିଭିନ୍ନ ଦାବି ନେଇ ବ୍ରହ୍ମପୁର ଇପିଏଫ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପଥପ୍ରାନ୍ତ ସଭା କରାଯାଇଛି। ଏଥିସହ ଆସୋସିଏଶନ ପକ୍ଷରୁ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଇପିଏଫ କମିଶନରଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଇପିଏଫ ପେନସନଧାରୀଙ୍କୁ ସର୍ବନିମ୍ନ ମାସିକ ୯ ହଜାର ଟଙ୍କା ସହିତ ଅତିରିକ୍ତ ମହଙ୍ଗା ଭତ୍ତା ଓ ବିଜୁ କଲ୍ୟାଣ ଯୋଜନାରେ ସାମିଲ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ସଂଘ ଗଞ୍ଜାମ ଜିଲା ସଭାପତି ପ୍ରତାପ ଚନ୍ଦ୍ର ଶତପଥୀ ଓ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଶତପଥୀଙ୍କ ନେତୃତ୍ୱରେ ଶତାଧିକ ଇପିଏଫ ପେନସନଧାରୀ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଇପିଏଫ ପେନସନଧାରୀଙ୍କ ଆଭ୍ୟନ୍ତରୀଣ ଦୂରବସ୍ଥା ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ଆଗାମୀ ଦିନରେ ଜିଲାର ଇପିଏଫ ପେନସନଧାରୀଙ୍କ ସଂଗଠନ ଅଧିକରୁ ଅଧିକ ସୁଦୃଢ ହେବା ନିମନ୍ତେ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ସିଆଇଟିୟୁର ଶ୍ରମିକ ନେତା ଅଳି କିଶୋର ପଟ୍ଟନାୟକ, ଯୁଧିଷ୍ଠର ବେହେରା, ଏଆଇଟିୟୁସିର ଅଳକା ନାଥ ମିଶ୍ର, ସଂଘ ଉପସଭାପତି ବିପ୍ରଚରଣ ଜେନାଙ୍କ ସମେତ ସୀମାଞ୍ଚଳ ନାୟକ, ସୀମାଞ୍ଚଳ ମହାନ୍ତି, ବାଳକୃଷ୍ଣ ଦାଶ, ରମେଶ ଚନ୍ଦ୍ର ସାହୁ, ରବି ନାରାୟଣ ସାବତ, ଏ.ଗୋପୀ, ଗଜପତି ମହାନ୍ତି ଓ ପ୍ରଶାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଶହୀଦ ଲକ୍ଷ୍ମଣ ନାୟକ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୋଷାକ ବିତରଣ




ପୋଷାକ ବିତରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର ଅଫିସ,୨୫।୮

ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଛାତ୍ରୀଛାତ୍ରଙ୍କ ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ଡ଼.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମେୟର ସଂଘମିତ୍ରା ଦଳାଇ ଓ ୨୯ ନମ୍ବର ୱାର୍ଡ଼ କର୍ପୋରେଟର ସଂଜିତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୧୧୬ ଛାତ୍ରୀଛାତ୍ରଙ୍କୁ ପୋଷାକ, ମୋଜା ଓ ଜୋତା ବଣ୍ଟନ କରାଯାଇଥିଲା। ଉପସ୍ଥିତ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସରକାରଙ୍କ ପକ୍ଷରୁ ପାଠପଢ଼ା ନିମନ୍ତେ ପ୍ରଦାନ କରାଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ସେମାନଙ୍କୁ ପାଠପଢ଼ି ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷୟିତ୍ରୀ ସବିତା ପଣ୍ଡା, ରାଧାନାଥ ପାଢ଼ୀ ଓ ସୂର୍ଯ୍ୟ ନାରାୟଣ ଶତପଥୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

# କର୍ପୋରେଟ-୧୧ କୁ ୯ ଉଇକେଟରେ ହରାଇ ମିଡ଼ିଆ-୧୧ ବିଜୟୀ

## ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ

ବ୍ରହ୍ମପୁର ଅଫିସ,୨୫।୮

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆଗାମୀ ସ୍ୱାୟତ୍ତ ଦିବସ ଉପଲକ୍ଷେ ଗୁରୁବାର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ମିଡ଼ିଆ-୧୧ ଓ କର୍ପୋରେଟର-୧୧ ମଧ୍ୟରେ ଏକ ଦିବସୀୟ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳାଇ, ଡ଼େପୁଟି ମେୟର ଇ. ବିବେକ ରେଡ୍ଡୀ, ବିଏମ୍‌ସି ଅତିରିକ୍ତ କମିଶନର ନୀଳମାଧବ ଭୋଇ ଯୋଗଦେଇ ମ୍ୟାଚ ଉଦ୍‌ଘାଟନ କରିଥିଲେ। ଏଥିରେ ଟସ୍ ଜିତି ମିଡ଼ିଆ-୧୧ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। କର୍ପୋରେଟର-୧୧ ୧୩ ଓଭରରେ ସମସ୍ତ ଉଇକେଟ ହରାଇ ୭୯ ରନ ସଂଗ୍ରହ କରିଥିଲେ। କର୍ପୋରେଟର-୧୧ ପକ୍ଷରୁ ତିରୁପତି ପାତ୍ର ସର୍ବଧିକ ୨୪ ରନ କରିଥିଲେ। ଦ୍ୱିତୀୟ ଇଂନିସରେ ମିଡ଼ିଆ-୧୧ ମାତ୍ର ୯ ଓଭରରେ ୧ ଉଇକେଟ ହରାଇ ୮୦ ରନ କରି ବିଜୟୀ ହୋଇଥିଲେ। ମିଡ଼ିଆ-୧୧ ପକ୍ଷରୁ ସର୍ବାଧିକ ୫୦ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା କ୍ରିକେଟରଙ୍କୁ ବିଜୁ ଜନତା ଦଳ ନେତା ଭୀମସେନ ଦଳାଇ ପୁରସ୍କୃତ କରିଥିଲେ। ଆଗାମୀ ସ୍ୱାୟତ୍ତ ଶାସନ ଦିବସ ଅବସରରେ ମିଡ଼ିଆ-୧୧ ଟିମକୁ ଚାମ୍ପିୟନ ପୁରସ୍କାର ପ୍ରଦାନ କରାଯିବ।



ଖେଳାଳୀଙ୍କ ସହ ବିଧାୟକ ପରିଚିତ ହେଉଛନ୍ତି।